ଧରିତ୍ରୀ
51 Years
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୧/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, July 11/2025 | Page 16 | ₹ 7.00
୫୧ଶ ଭାଗ ୨୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 226 | ମୂଲ୍ୟ ₹୭/-



## ଫାଇନାଲରେ ଆନିସିମୋଭା

ୱିମ୍ବଲଡନ ଟେନିସ ଚାମ୍ପିୟନଶିପ୍ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଆମେରିକାର ଆମାଣ୍ଡା ଆନିସିମୋଭା।

୧୬

୦୨

## ଅକ୍ଟୋବର ୩୧ରେ 'ବାହୁବଳୀ ଦି ଏପିକ୍'

ଆସନ୍ତା ଅକ୍ଟୋବର ୩୧ରେ ଅଭିନେତା ପ୍ରଭାସଙ୍କ 'ବାହୁବଳୀ ଦି ଏପିକ୍' ରିଲିଜ୍ ହେବା ଏନେଇ ନିର୍ଦ୍ଦେଶକ ଏସ୍. ଏସ୍. ରାଜମୌଳୀ ସୂଚନା ଦେଇଛନ୍ତି।



# ଗଡୁନି ଗାଡ଼ି, ବଢୁଛି ଦୁର୍ଦ୍ଦଶା

## ଡ୍ରାଇଭର ମହାସଂଘ ଆନ୍ଦୋଳନ: ତୈଳ ସଙ୍କଟ, ତେଜିଲା ରାଜନୀତି

ଡ୍ରାଇଭର ମହାସଂଘର ଆନ୍ଦୋଳନ ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ରିପୋର୍ଟ ଲେଖାହେବା ସୁଦ୍ଧା ଆନ୍ଦୋଳନ ଜାରି ରହିଥିଲା। ଏଥିଯୋଗୁ ରାଜ୍ୟରେ ଯାତ୍ରୀ ଓ ମାଲ୍ ପରିବହନ ସମେତ ଅନେକ ଜରୁରୀ ସେବା ଗୁରୁତର ପ୍ରଭାବିତ ହୋଇ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ବସ୍‌ଷ୍ଟାଣ୍ଡଗୁଡ଼ିକରୁ ଘରୋଇ ବସ୍ ଚଳାଚଳ କରୁ ନ ଥିବାରୁ ଲୋକେ ଯାତାୟାତ କରି ନ ପାରି ଯନ୍ତ୍ରଣା ଭୋଗୁଛନ୍ତି। ମେଡିକାଲ ଭଳି ଜରୁରୀ କାର୍ଯ୍ୟରେ ଅନ୍ୟତ୍ର ଯାଉଥିବା ଲୋକମାନେ ବିଶେଷ ଭାବେ ହଇରାଣ ହେଉଛନ୍ତି। ବର୍ତ୍ତମାନ ବିଭିନ୍ନ ଶିକ୍ଷାନୁଷ୍ଠାନ ପାଇଁ ପ୍ରବେଶିକା ପରୀକ୍ଷା, ନାମଲେଖା ଆଦି କାର୍ଯ୍ୟ ଚାଲିଥିବାବେଳେ ଆନ୍ଦୋଳନ ଯୋଗୁ ତାହା ବାଧାପ୍ରାପ୍ତ ହୋଇ ଛାତ୍ରୀଛାତ୍ରଙ୍କ ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି। ସେହିପରି ପେଟ୍ରୋଲ, ଡିଜେଲ ଫିଲିଂ ଷ୍ଟେଶନଗୁଡ଼ିକୁ ପ୍ରାୟତଃ ତୈଳ ପରିବହନ ହୋଇପାରୁ ନ ଥିବା କୁହାଯାଉଛି। ଏଥିଯୋଗୁ ଅନେକ ଫିଲିଂ ଷ୍ଟେଶନରେ ପେଟ୍ରୋଲ, ଡିଜେଲ ମିଳୁନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଯେଉଁଠି ମିଳୁଛି, ସେଠି ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। କେବଳ ତୈଳ ନୁହେଁ, ଅନ୍ୟାନ୍ୟ ମାଲ୍ ମଧ ପହଞ୍ଚିପାରୁ ନ ଥିବାରୁ ବଜାରଗୁଡ଼ିକରେ ଖାଦ୍ୟ ସାମଗ୍ରୀର ଅଭାବ ଦେଖାଦେଲାଣି। ଫଳରେ କଳାବଜାର, ଦରବୃଦ୍ଧି ସ୍ଥିତି ଉପୁଜିଥିବା ଲୋକଙ୍କ ଅଭିଯୋଗରୁ ଜଣାପଡ଼ୁଛି। ଅନ୍ୟପକ୍ଷରେ ଡ୍ରାଇଭର ଆନ୍ଦୋଳନକୁ ନେଇ ରାଜନୀତି ମଧ ସରଗରମ ହୋଇଛି। ୧୧ ତାରିଖ ଶୁକ୍ରବାର ରାହୁଲ ଗାନ୍ଧୀଙ୍କ ଭୁବନେଶ୍ୱର ଗସ୍ତ ଓ ସମ୍ବିଧାନ ବଞ୍ଚାଅ ସମାବେଶ ଥିବାରୁ ଏହାକୁ ଭଣ୍ଡୁର କରିବା ପାଇଁ ସରକାର ଜାଣିଶୁଣି ଡ୍ରାଇଭର ଆନ୍ଦୋଳନର ସମାଧାନ ଦିଗରେ ବିଳମ୍ବ କରୁଥିବା ପିସିସି ସଭାପତି ଭକ୍ତଚରଣ ଦାସ ଅଭିଯୋଗ କରିଛନ୍ତି। ଏହାକୁ ଭାଜପା ପକ୍ଷରୁ ଖଣ୍ଡନ କରାଯିବା ସହ ବିରୋଧୀଙ୍କ ଚାଲ୍ ବୋଲି କୁହାଯାଉଛି। ରାଜ୍ୟରେ ପେଟ୍ରୋଲ, ଡିଜେଲ ସଙ୍କଟ ନ ଥିବା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସରକାର ମଧ ତୈଳ ସଙ୍କଟ ଆଶଙ୍କାକୁ ଦୃଷ୍ଟିରେ ରଖି ଏକ ଟାସ୍କଫୋର୍ସ ଗଠନ କରିଛନ୍ତି।




ଭୁବନେଶ୍ୱରସ୍ଥିତ ଏକ ପେଟ୍ରୋଲ ପମ୍ପରେ ଗୁରୁବାର ଲୋକଙ୍କ ଭିଡ଼। (ଫଟୋ: ବିକାଶ ନାୟକ)

### ଭକ୍ତ କହିଲେ ସରକାରୀ ଷଡ଼ଯନ୍ତ୍ର, ଜବାବ ଦେଲା ଭାଜପା

ଭୁବନେଶ୍ୱର,୧୦।୭(ରବିନାରାୟଣ ଜେନା)

ତିନିଦିନ ଧରି ୬ଦଫା ଦାବିରେ ଡ୍ରାଇଭର ମହାସଂଘ ଆନ୍ଦୋଳନ ଚଳାଇଛି। ମହାସଂଘର ପ୍ରାୟ ୫ଲକ୍ଷ ସଦସ୍ୟ ଗାଡ଼ି ଷ୍ଟିଅରିଂ ଛାଡ଼ିବା ଯୋଗୁ ଯାତାୟାତ ଓ ପରିବହନ କ୍ଷେତ୍ରରେ ସଙ୍କଟ ସୃଷ୍ଟି ହୋଇଛି। ପେଟ୍ରୋଲ ସଙ୍କଟ ଅନୁଭବ କରି ପ୍ରାୟ ସବୁ ଟାଙ୍କିରେ ଗାଡ଼ିଗୁଡ଼ିକର ଲମ୍ବା ଧାଡ଼ି ରହୁଛି। ଅନ୍ୟପକ୍ଷରେ ଭୁବନେଶ୍ୱର ବରମୁଣ୍ଡା ସମେତ ରାଜ୍ୟ ପ୍ରାୟ ସମସ୍ତ ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡ଼ିକ ଅଟକି ରହିଥିବାବେଳେ ଲୋକେ ନିଜ ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ଦୁର୍ଦ୍ଦଶା ଭୋଗୁଛନ୍ତି। ପରିବହନ ବ୍ୟବସ୍ଥାରେ ସୁଧାର ଆସୁ ନ ଥିବାରୁ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ିବାରେ ଲାଗିଛି। ତେବେ ଖୁବ୍‌ଶୀଘ୍ର ଡ୍ରାଇଭରମାନଙ୍କ ଦାବି ପୂରଣ ହେବ ଏବଂ ଆନ୍ଦୋଳନ ସ୍ଥଗିତ ହେବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି। ☞ପୃଷ୍ଠା–୪

### 'କଂଗ୍ରେସ ଗାଡ଼ିକୁ ଅଟକାଇବୁ ନାହିଁ'

**ସରକାର ଲିଖିତ ପ୍ରତିଶ୍ରୁତି ଦେଲେ ଆନ୍ଦୋଳନରୁ ହଟିବୁ: ମହାସଂଘ ସଭାପତି**

ସରକାର ମହାସଂଘର ଦାବିକୁ ଏକପ୍ରକାର ମାନି ନେଉଥିଲେ ହେଁ ଏପର୍ଯ୍ୟନ୍ତ ପୂରଣ କରିନାହାନ୍ତି। ତେଣୁ ଆନ୍ଦୋଳନ ଜାରି ରହିଛି। ସରକାର ଲିଖିତ ପ୍ରତିଶ୍ରୁତି ଦେବାପରେ ଆମେ ଆନ୍ଦୋଳନରୁ ହଟିବୁ। ତେବେ ଶୁକ୍ରବାର କଂଗ୍ରେସ ଗାଡ଼ିକୁ ଅଟକାଇବୁ ନାହିଁ। କଂଗ୍ରେସ ଆମକୁ ଅନୁରୋଧ କରିଛି। ତେଣୁ ଭୁବନେଶ୍ୱରରେ ହେଉଥିବା କଂଗ୍ରେସ ରାଲି ପାଇଁ ଯାଉଥିବା ଗାଡ଼ିଗୁଡ଼ିକୁ ଅଟକାଯିବ ନାହିଁ ବୋଲି ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ (ଅଜୁ) ମେଣ୍ଡୁଲି କହିଛନ୍ତି।

# ଆଜି ଆସିବେ ରାହୁଲ, ଖାର୍ଗେ



ରାହୁଲ ଗାନ୍ଧୀ



ମଲ୍ଲିକାର୍ଜୁନ ଖାର୍ଗେ

### 'ସମ୍ବିଧାନ ବଞ୍ଚାଅ ସମାବେଶ'ରେ ଯୋଗଦେବେ

ଭୁବନେଶ୍ୱର,୧୦।୭(ରବିନାରାୟଣ ଜେନା)

ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଶୁକ୍ରବାର ଆୟୋଜିତ ହେବ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ। ଏଥିରେ ଯୋଗଦେବେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହିତ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ। ସମାବେଶକୁ ସଫଳ କରିବାପାଇଁ କଂଗ୍ରେସ ନେତୃବୃନ୍ଦ ଦିନରାତି ଏକାଠି କରିଦେଇଛନ୍ତି। ତୃଣମୂଳସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସବୁଆଡ଼େ ପୋଷ୍ଟର ବ୍ୟାନର ଛାଇଗଲାଣି। ହେଲେ ଏତିକି ବେଳେ ଡ୍ରାଇଭର ମହାସଂଘର ଆନ୍ଦୋଳନ ସମାବେଶରେ କେଁ କରିବ ବୋଲି ଆଶଙ୍କା କରାଯାଉଛି। ଏହାକୁ ନେଇ ରାଜନୈତିକ ବାଦ ବିବାଦ ଲାଗି ରହିଛି। ଅନ୍ୟପକ୍ଷରେ କଂଗ୍ରେସ ରାଜ୍ୟରେ ବଢ଼ିଚାଲିଥିବା ନାରୀ ନିର୍ଯାତନା, କୃଷକ ଅବହେଳାଠାରୁ ଆରମ୍ଭ କରି ଆଦିବାସୀ ଓ ପଛୁଆବର୍ଗଙ୍କୁ ସରକାରଙ୍କ ପକ୍ଷପାତିତା ସହିତ ହଇଜା ଓ ଅପପୁଷ୍ଟି ଭଳି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରୁଛି। ଏତିକିବେଳେ ରାହୁଲଙ୍କ ଗସ୍ତ ରାଜ୍ୟ କଂଗ୍ରେସକୁ କିଭଳି ବରଦାନ ହେଉଛି ତାକୁ ନେଇ ରାଜନୈତିକ ମହଲରେ ଉତ୍ସୁକତାର ସହ ଅପେକ୍ଷା ରହିଛି।

# ଓଡ଼ିଶା ସରକାରଙ୍କୁ ଜବାବ ମାଗିଲେ କଲିକତା ହାଇକୋର୍ଟ

### ବଙ୍ଗାଳୀ ଶ୍ରମିକ ଅଟକ ପ୍ରସଙ୍ଗ

କୋଲକାତା,୧୦।୭

ଓଡ଼ିଶାରେ ବଙ୍ଗାଳୀ ଶ୍ରମିକଙ୍କୁ ଅଟକ ରଖାଯିବା ପ୍ରସଙ୍ଗରେ କଲିକତା ହାଇକୋର୍ଟ ଗୁରୁବାର ଓଡ଼ିଶା ସରକାରଙ୍କୁ ଜବାବ ମାଗିଛନ୍ତି। ଶ୍ରମିକମାନଙ୍କ ମୁକ୍ତି ସୁନିଶ୍ଚିତ କରିବା ପାଇଁ ଓଡ଼ିଶାର ଅଧିକାରୀମାନଙ୍କୁ ଯୋଗାଯୋଗ କରିବା ଲାଗି ଜଣେ ନୋଡାଲ ଅଫିସରଙ୍କୁ ନିଯୁକ୍ତ କରିବାକୁ ହାଇକୋର୍ଟ ପଶ୍ଚିମବଙ୍ଗ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଝାରସୁଗୁଡ଼ା ଜିଲାର ବିଭିନ୍ନ ଥାନା ଅଧୀନ ଅଞ୍ଚଳର ନିର୍ମାଣ ଓ ଖଣି ଖନନ କାର୍ଯ୍ୟରେ ନିୟୋଜିତ ଥିବା ୪୪୪ ଜଣଙ୍କୁ ବାଂଲାଦେଶୀ ନାଗରିକ ହୋଇଥିବା ସନ୍ଦେହକରି ଅଟକ ରଖାଯାଇ ସେମାନଙ୍କ ପ୍ରମାଣପତ୍ର ଯାଞ୍ଚ ଚାଲିଥିବା ନେଇ ମଙ୍ଗଳବାର ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଦେଶରେ ବେଆଇନ ଭାବେ ବସବାସ କରୁଥିବା ବିଦେଶୀ ନାଗରିକଙ୍କୁ ଚିହ୍ନଟକରି ବାହାର କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାର ଏହି ଅପରେଶନ୍ ଚଳାଇଥିବା ଜଣାପଡ଼ିଛି। ଏହାର ଦିନକ ପରେ ଅର୍ଥାତ୍ ବୁଧବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ସମ୍ପୃକ୍ତ ଶ୍ରମିକଙ୍କ ମଧ୍ୟରୁ ୨୩ ଜଣ ତାଙ୍କ କ୍ରିଷ୍ଣାନଗର ସଂସଦୀୟ ନିର୍ବାଚନମଣ୍ଡଳୀର ବାସିନ୍ଦା ଦର୍ଶାଇ ସେମାନଙ୍କ ମୁକ୍ତି ପାଇଁ ଓଡ଼ିଶା ସରକାରଙ୍କୁ ଚେତାବନୀ ଦେଇଥିଲେ। ଇତିମଧ୍ୟରେ ଉକ୍ତ ମାମଲା କଲିକତା ହାଇକୋର୍ଟରେ ପହଞ୍ଚିଛି। ଜଷ୍ଟିସ୍ ତପବ୍ରତ ଚକ୍ରବର୍ତ୍ତୀ ଏବଂ ରୀତୋବ୍ରତ ମିତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ସୋମବାର ସୁଦ୍ଧା ଅଦାଲତରେ ରିପୋର୍ଟ ଦାଖଲକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ବଙ୍ଗଳା ଭାଷୀ ଶ୍ରମିକମାନଙ୍କୁ କାହିଁକି ଅଟକ ରଖାଯାଇଛି? ସେମାନଙ୍କୁ କେଉଁ ଆଧାରରେ ଅଟକ ରଖାଯାଇଛି? ଶ୍ରମିକଙ୍କ ବିରୋଧରେ କୌଣସି ମାମଲା ରୁଜୁ ହୋଇଛି କି? ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇଛି କି? ଏବେ ସେହି ଶ୍ରମିକମାନେ କେଉଁଠି ଅଛନ୍ତି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଏଥିସହ ଖଣ୍ଡପୀଠ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ମନୋଜ ପନ୍ଥଙ୍କୁ ଓଡ଼ିଶା ପ୍ରତିପକ୍ଷ ମନୋଜ ଆହୁଜାଙ୍କଠାରୁ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ମାଗିବାକୁ କହିଛନ୍ତି।

ଆଜିର ସମ୍ପାଦକୀୟ | ବାହ୍ୟ ଆକ୍ରମଣ ଓ ବିଦ୍ରୋହ

# ଗଞ୍ଜେଇ ଯାଞ୍ଚ ବେଳେ ୧୧୦ କେଜି ରୁପା ଜବତ

ସମ୍ବଲପୁର,୧୦।୭(ପ୍ରମୋଦ ବହିଦାର)

ଚୋରା ଚାଲାଣ ହେଉଥିବା ଗଞ୍ଜେଇ ଧରିବାକୁ ଯାଇ ସମ୍ବଲପୁର ଅବକାରୀ ବିଭାଗ ଗୁରୁବାର ଏକ ବଡ଼ଧରଣର ରୁପା ଚୋରାଚାଲାଣକୁ ଧରିଛି। ବିଜୁ ଏକ୍ସପ୍ରେସ୍ ୱେର ରେଙ୍ଗାଲି ତହସିଲ୍ ଛକ ନିକଟରେ ଅପରାହ୍ନରେ ବିଭାଗ ଏକ ସ୍କର୍ପିଓରୁ ବିପୁଳ ରୁପା ଜବତ କରିଛି। ଜବତ ସାମଗ୍ରୀ ମଧ୍ୟରେ ରହିଛି ୭୦ କେଜିର ୧୦୦ ଗ୍ରାମ ଓଜନର ୭୦୦ଟି ରୁପା ବିସ୍କୁଟ, ୨୦କିଲୋଗ୍ରାମ ଲେଖାଏ ୫ ଗ୍ରାମ ଓଜନ ବିଶିଷ୍ଟ ୪୦୦ଟି ଓ ୨୦ ଗ୍ରାମ ଓଜନ ବିଶିଷ୍ଟ ୧୦୦୦ଟି ରୁପା କଏନ। ଅବକାରୀ ବିଭାଗ ଜବତ ରୁପାକୁ ସମ୍ବଲପୁର ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରିଛନ୍ତି। ଜବତ ମୋଟ ରୁପାର ଓଜନ ୧ କୁଇଣ୍ଟାଲ ୧୦ କେଜି ଓ ଏହାର ଆନୁମାନିକ ମୂଲ୍ୟ ୧ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଇଛି। ଏହାସହ ଗାଡ଼ିରେ ଥିବା ୨ ଆରୋହୀଙ୍କୁ ସମ୍ବଲପୁରରେ ଅଟକ ରଖି ଜିଏସ୍‌ଟି ଅଧିକାରୀମାନେ ପଚାରଉଚରା କରିଛନ୍ତି। ସେମାନେ ହେଲେ ଗୁଜୁରାଟ ରାଜ୍ୟ ସୁରାଟ ଜିଲାର ଚନ୍ଦ୍ରକାନ୍ତ ସୋମାଭାଇ ପଟେଲ(୫୩) ଓ ମେହେଶାନ ଜିଲା ବିଷନଗର ଗ୍ରାମର ସଞ୍ଜୟ ପଟେଲ(୫୧)। ସେମାନଙ୍କୁ ନୋଟିସ୍ ଦେଇ ଛାଡ଼ି ଦିଆଯାଇଥିବା ସମ୍ବଲପୁର ଜିଏସ୍‌ଟି ଡେପୁଟି କମିଶନର ଟେକଚାନ୍ଦ ମେହେର ସୂଚନା ଦେଇଛନ୍ତି।।

ଗଞ୍ଜେଇ ଚୋରାଚାଲାଣ ହେଉଥିବା ସନ୍ଦେହରେ ରେଙ୍ଗାଲି ତହସିଲ କାର୍ଯ୍ୟାଳୟ ନିକଟରେ ଅପରାହ୍ନ ☞ପୃଷ୍ଠା–୪



ଜବତ ରୁପା

# ଗୁରୁପୂର୍ଣ୍ଣିମାରେ ଗୁରୁଙ୍କୁ ହତ୍ୟା

### କେଶ କାଟିବାକୁ କହିବାରୁ ପ୍ରିନ୍ସିପାଲଙ୍କୁ ଛୁରି ଭୁସିଲେ

ହିସାର,୧୦।୭

ଦେଶବ୍ୟାପୀ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁବାର ଧୁମଧାମ୍‌ର ସହ ଗୁରୁପୂର୍ଣ୍ଣିମା ପାଳନ ହୋଇଥିବା ବେଳେ ହରିୟାଣାର ହିସାରରୁ ଏକ ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି। ଦ୍ୱାଦଶ ଶ୍ରେଣୀର ୨ ଛାତ୍ର ନିଜ ସ୍କୁଲ ପ୍ରିନ୍ସିପାଲଙ୍କୁ ଛୁରିରେ ଭୁସି ହତ୍ୟା କରିଛନ୍ତି। ଗୁରୁ ପୂର୍ଣ୍ଣିମାରେ ଗୁରୁ-ଶିଷ୍ୟ ସମ୍ପର୍କକୁ କଳଙ୍କିତ କରିଥିବା ଏହି ଘଟଣା ହିସାର ଜିଲା ବଶ୍ ବାଦଶାହପୁର ଗ୍ରାମର କର୍ତ୍ତାର ମେମୋରିଆଲ ସିନିୟର ସେକେଣ୍ଡାରି ସ୍କୁଲରେ ଘଟିଛି।

ପୋଲିସ ସୂଚନା ମୁତାବକ, କର୍ତ୍ତାର ମେମୋରିଆଲ ସ୍କୁଲ୍‌ର ଦ୍ୱାଦଶ ଶ୍ରେଣୀରେ ପଢୁଥିବା ୨ ଛାତ୍ରଙ୍କୁ ବିଦ୍ୟାଳୟର ପ୍ରିନ୍ସିପାଲ ଜଗବୀର ସିଂ ପନ୍ନୁ (୫୦) କେଶ କାଟିବାକୁ କହିବା ସହ ଉଭୟଙ୍କୁ ଶୃଙ୍ଖଳା ମଧ୍ୟରେ ରହିବାକୁ ତାଗିଦ୍ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉଭୟ ଛାତ୍ର ସ୍କୁଲ ପରିସରରେ ଜଗବୀରଙ୍କୁ ଏକ ଛୁରିରେ ବହୁବାର ଭୁସିଥିଲେ। ଏହାପରେ ସେମାନେ ଖସି ପଳାଇଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ପ୍ରିନ୍ସିପାଲଙ୍କୁ ସ୍କୁଲ କର୍ମଚାରୀ ହିସାରସ୍ଥିତ ପ୍ରାଇଭେଟ୍ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ପାଇ ପୋଲିସ ସ୍କୁଲରେ ପହଞ୍ଚି ତଦନ୍ତ କରିବା ସହ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ କରିଛି।



ଜଗବୀର ସିଂ ପନ୍ନୁ

# ୨୯ ସେଲିବ୍ରିଟିଙ୍କୁ ଘେରିଲା ଇଡି

### ବେଟିଂ ଆପ୍‌କୁ ପ୍ରୋତ୍ସାହନ ଅଭିଯୋଗ

ହାଇଦ୍ରାବାଦ,୧୦।୭

ଅନ୍‌ଲାଇନ୍ ବେଟିଂ ଆପ୍‌କୁ ପ୍ରୋତ୍ସାହନ ଦେବା ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୨ ଡଜନରୁ ଊର୍ଦ୍ଧ୍ୱ ଅଭିନେତାଙ୍କ ସମେତ ୨୯ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଇଡି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିବା ସେଲିବ୍ରିଟିଙ୍କ ମଧ୍ୟରେ ରହିଛନ୍ତି କେନ୍ଦ୍ର ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ବିରୋଧ କରିଥିବା ପ୍ରକାଶ ରାଜଙ୍କ ସମେତ ଦକ୍ଷିଣ ଭାରତୀୟ ଷ୍ଟାର ବିଜୟ ଦେବେରାକୋଣ୍ଡା ଓ ରାଣା ଦୁଗୁବତୀ। ଏମାନଙ୍କ ବ୍ୟତୀତ ତେଲଙ୍ଗାନାର କେତେଜଣ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଓ ୟୁଟ୍ୟୁବର୍ ମଧ ଏଜେନ୍ସି ତଦନ୍ତ ପରିସରଭୁକ୍ତ ହୋଇଥିବା ଗୁରୁବାର ଇଡି ସୂତ୍ରରୁ ଜଣାପଡ଼ିଛି।



ପ୍ରକାଶ ରାଜ



ନିଧି ଅଗ୍ରୱାଲ

ଜଣେ ବରିଷ୍ଠ ଇଡି ଅଧିକାରୀ କହିଛନ୍ତି, ଅଭିଯୁକ୍ତମାନେ ଅନ୍‌ଲାଇନ୍ ବେଟିଂ ଆପ୍‌କୁ ପ୍ରୋତ୍ସାହନ ଦେବା ପବ୍ଲିକ୍ ଗ୍ୟାମ୍ବ୍ଲିଂ ଆକ୍ଟ, ୧୮୬୭ର ଉଲ୍ଲଂଘନ। ତେଲଙ୍ଗାନା ଓ ଆନ୍ଧ୍ର ପ୍ରଦେଶରେ ଏନେଇ ୫ଟି ଏଫ୍‌ଆଇଆର୍ ହୋଇଛି। ଏହାକୁ ଭିତ୍ତିକରି ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ) ଆଇନ ବଳରେ ଏମାନଙ୍କ ବିରୋଧରେ ଇଡି ତଦନ୍ତ ଚଳାଇଛି। ଅନ୍ୟ ଅଭିଯୁକ୍ତମାନଙ୍କ ମଧ୍ୟରେ ମାଞ୍ଚୁ ଲକ୍ଷ୍ମୀ, ନିଧି ଅଗ୍ରୱାଲ, ପ୍ରଣୀତା ସୁଭାଷ, ଅନନ୍ୟା ନଗେଲ୍ଲାଙ୍କ ଭଳି ତେଲୁଗୁ ସିନେ କଳାକାର ଏବଂ ଶ୍ରୀମୁଖୀ, ଶ୍ୟାମଳା, ବର୍ଷିନୀ ସୌନ୍ଦରାଜନ, ହର୍ଷ ସାଇ, ବେୟା ସନ୍ନି ଯାଦବଙ୍କ ଭଳି ଡିଜିଟାଲ କ୍ରିଏଟର ରହିଛନ୍ତି। ଏହି ସେଲିବ୍ରିଟିମାନେ ବିଭିନ୍ନ ପ୍ଲାଟ୍‌ଫର୍ମରେ ବେଟିଂ ଆପ୍ ସପକ୍ଷରେ ପ୍ରଚାରଧର୍ମୀ ଅଭିଯାନ ଚଳାଇବା ଫଳରେ ୟୁଜର୍ସ ବିଭ୍ରାନ୍ତ ହୋଇଛନ୍ତି। ଜଙ୍ଗଲୀ ରମି, ଜିତ୍‌ୱିନ୍, ଲୋଟସ୍ ୩୬୫ ଆଦି ଆପ୍‌ର ପରିଚାଳନାକାରୀ ସଂସ୍ଥାଗୁଡ଼ିକ ବେଆଇନ ଭାବେ ପାଣ୍ଠି ସଂଗ୍ରହ କରିବାରେ ସକ୍ଷମ ହୋଇଥିବା ଇଡି ସନ୍ଦେହ କରୁଛି। ଇଡି ଏହି ସେଲିବ୍ରିଟିମାନଙ୍କ ବୟାନ ରେକର୍ଡ କରିପାରେ।

**ବନ୍ୟା, ଭୂସ୍ଖଳନ ପ୍ରଭାବିତ ୬ ରାଜ୍ୟକୁ ୧,୦୬୬ କୋଟିର ସହାୟତା**

ବନ୍ୟା ଓ ଭୂସ୍ଖଳନ ପ୍ରଭାବିତ ୬ ରାଜ୍ୟ ପାଇଁ କେନ୍ଦ୍ର ୧,୦୬୬ କୋଟିର ସହାୟତା ରାଶି ମଞ୍ଜୁର କରିଛି। ଉତ୍ତରାଖଣ୍ଡକୁ ସବୁଠାରୁ ଅଧିକ ୪୫୫.୬ କୋଟି, ଆସାମକୁ ୩୭୫.୬ କୋଟି, କେରଳକୁ ୧୫୩.୨ କୋଟି, ମଣିପୁରକୁ ୨୯.୨ କୋଟି, ମିଜୋରାମକୁ ୨୨.୮ କୋଟି, ମେଘାଳୟକୁ ୩୦.୪ କୋଟି ଟଙ୍କାର ସହାୟତା ରାଶି ମିଳିଛି। ବିପର୍ଯ୍ୟୟ ସମୟରେ ରାଜ୍ୟଗୁଡ଼ିକର ସହାୟତା ପାଇଁ କେନ୍ଦ୍ର ସରକାର ପ୍ରତିବଦ୍ଧ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି।



ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ଗୁରୁବାର ରୁଷୀୟ ସେନା ପକ୍ଷରୁ ବଡ଼ଧରଣର ମିଶାଇଲ୍ ଓ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏହି ଏୟାର ଷ୍ଟ୍ରାଇକ୍‌ରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଛନ୍ତି। ଲୋକେ ସୁରକ୍ଷିତ ସ୍ଥାନକୁ ପଳାୟନ କରୁଥିବାବେଳେ କିଭ୍‌ର ମେଟ୍ରୋ ଷ୍ଟେଶନ୍‌ରେ ନିଜ ବିଲେଇକୁ ଧରି ଛିଡ଼ା ହୋଇଛନ୍ତି ଜଣେ ମହିଳା।

# ଆଇଏସ୍‌ଏସ୍‌ରୁ ୧୪ରେ ଫେରିବେ ଶୁଭାଂଶୁ

## ୨୩୦ ଥର ସୂର୍ଯ୍ୟୋଦୟ ଦେଖିଲେଣି

**ୱାଶିଂଟନ୍, ୧୦।୭**

ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ଏବଂ ଆକ୍ସିଓମ୍ ୪ ମିଶନର ଅନ୍ୟ ୩ କ୍ରିଉ ସଦସ୍ୟ ଆସନ୍ତା ୧୪ ତାରିଖରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରୁ ପୃଥିବୀ ଫେରିବେ ବୋଲି ଗୁରୁବାର ଆମେରିକୀୟ ମହାକାଶ ସଂସ୍ଥା ନାସା ସୂଚନା ଦେଉଛି। ନାସା କମର୍ସିଆଲ କ୍ରିଉ ପ୍ରୋଗ୍ରାମର ମ୍ୟାନେଜର ଷ୍ଟିଭ୍ ଷ୍ଟିଚ୍ କହିଛନ୍ତି, ଆକ୍ସିଓମ ୪ର ମିଶନକୁ ନାସା ସତର୍କତାର ସହ ଅନୁଧ୍ୟାନ କରିବା ସହ ଷ୍ଟେଶନ ପ୍ରୋଗ୍ରାମ ସହ ମିଶି କାର୍ଯ୍ୟ କରୁଛି। ଜୁଲାଇ ୧୪ରେ ମିଶନର ୪ କ୍ରିଉ ସଦସ୍ୟଙ୍କୁ ପୃଥିବୀ ଫେରାଇ ଆଣିବାକୁ ଲକ୍ଷ୍ୟ ରଖାଯାଇଛି।

ଆକ୍ସିଓମ୍ ସ୍ପେସ୍ ପକ୍ଷରୁ ଗୁରୁବାର କୁହାଯାଇଛି, ଏହି ମିଶନରେ ଶୁଭାଂଶୁଙ୍କ ସହ ମିଶନର ୪ କ୍ରିଉ ସଦସ୍ୟ ଆଇଏସ୍‌ଏସ୍‌ରୁ ୨୩୦ ଥର ସୂର୍ଯ୍ୟୋଦୟ ଦେଖିଛନ୍ତି। ଏହି ଅବଧି ମଧ୍ୟରେ ସେମାନେ ପୃଥିବୀ ଚାରିପାଖରେ ପ୍ରାୟ ୨୩୦ ଥର ପରିକ୍ରମା କରିଛନ୍ତି ଏବଂ ମହାକାଶରେ ପ୍ରାୟ ୯୬.୫ ଲକ୍ଷ କିଲୋମିଟରରୁ ଅଧିକ ଯାତ୍ରା କରିଛନ୍ତି। ପୃଥିବୀଠାରୁ ପ୍ରାୟ ୨୫୦ ମାଇଲ ଉଚ୍ଚତାରେ ଥିବା ଆଇଏସ୍‌ଏସ୍‌ରେ ଏହି ୪ ମହାକାଶଚାରୀ ନିଜ ଅବସର ସମୟରେ ଫଟୋ ଏବଂ ଭିଡିଓ ଉଠାଇବା ସହ ପୃଥିବୀକୁ ପର୍ଯ୍ୟବେକ୍ଷଣ କରିବା ଏବଂ ପ୍ରିୟଜନଙ୍କ ସହ କଥା ହୋଇଥିଲେ ବୋଲି ଆକ୍ସିଓମ୍ ସ୍ପେସ୍ କହିଛି। ଏହି ମିଶନରେ ଶୁଭାଂଶୁ ଏବଂ ଅନ୍ୟ ମହାକାଶଚାରୀମାନେ ଜୈବ ଚିକିତ୍ସା ବିଜ୍ଞାନ, ଆଡ୍‌ଭାନ୍ସଡ୍ ମ୍ୟାଟେରିଆଲ୍ସ, ନ୍ୟୁରୋ ସାଇନ୍ସ, କୃଷି ଏବଂ ମହାକାଶ ପ୍ରଯୁକ୍ତିବିଦ୍ୟା ଆଦି କ୍ଷେତ୍ରରେ ୬୦ରୁ ଅଧିକ ପରୀକ୍ଷଣ କରିଛନ୍ତି। ପ୍ରକାଶ ଯେ, ଗତ ୨୫ରେ ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ଫାଲ୍‌କନ୍-୯ ରକେଟ ଯୋଗେ ଏହି ମିଶନର ଲଞ୍ଚିଂ ହୋଇଥିଲା। ଡ୍ରାଗନ ମହାକାଶ ଯାନରେ ୨୮ ଘଣ୍ଟାର ଯାତ୍ରା ପରେ ଶୁଭାଂଶୁଙ୍କୁ ମିଶାଇ ମିଶନର ୪ କ୍ରିଉ ସଦସ୍ୟ ଆଇଏସ୍‌ଏସ୍‌ରେ ପହଞ୍ଚିଥିଲେ। ଶୁଭାଂଶୁ ପ୍ରଥମ ଭାରତୀୟ ଭାବେ ଆଇଏସ୍‌ଏସ୍‌ରେ ପହଞ୍ଚିଥିଲେ।



## ନିମିଷା ପ୍ରିୟାଙ୍କୁ ବଞ୍ଚାଇବା ପାଇଁ କୂଟନୈତିକ ହସ୍ତକ୍ଷେପ: ୧୪ରେ ସୁପ୍ରିମକୋର୍ଟ ଶୁଣାଣି

**ନୂଆଦିଲ୍ଲୀ,୧୦।୭:** ୟେମେନ୍‌ରେ ହତ୍ୟା ଅଭିଯୋଗରେ ଫାଶୀ ଦଣ୍ଡାଦେଶ ପାଇଥିବା କେରଳ ନର୍ସ ନିମିଷା ପ୍ରିୟାଙ୍କ ମାମଲାରେ କୂଟନୈତିକ ହସ୍ତକ୍ଷେପ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦିଆଯିବା ନେଇ ଦାଖଲ ଏକ ଆବେଦନର ଶୁଣାଣି ପାଇଁ ଗୁରୁବାର ସୁପ୍ରିମକୋର୍ଟ ରାଜି ହୋଇଛନ୍ତି।



ନର୍ସ ପ୍ରିୟାଙ୍କୁ ଜୁଲାଇ ୧୬ରେ ମୃତ୍ୟୁଦଣ୍ଡ ଦିଆଯିବାକୁ ଥିବାବେଳେ ଜଷ୍ଟିସ୍ ସୁଧାଂଶୁ ଧୂଳିଆ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଆସନ୍ତା ୧୪ରେ ଏହାର ଶୁଣାଣି କରିବେ। ପାଲାକ୍କାଡ୍ ଜିଲା ନିବାସୀ ନିମିଷା (୩୮) ୨୦୧୭ରେ ନିଜ ୟେମେନୀ ବିଜ୍‌ନେସ୍ ପାର୍ଟନରଙ୍କୁ ହତ୍ୟା କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ବର୍ତ୍ତମାନ ୟେମେନ୍ ରାଜଧାନୀ ସାନାସ୍ଥିତ ଏକ ଜେଲରେ ବନ୍ଦୀ ଜୀବନ ବିତାଉଛନ୍ତି। ନିମିଷାଙ୍କୁ ଆଇନଗତ ସହାୟତା ପ୍ରଦାନ ପାଇଁ ଆଗେଇ ଆସିଥିବା ସଙ୍ଗଠନ 'ସେଭ୍ ନିମିଷା ପ୍ରିୟା-ଇଣ୍ଟରନ୍ୟାଶନାଲ ଆକ୍ସନ କାଉନ୍‌ସିଲ'ପକ୍ଷରୁ ଆବେଦନ କରାଯାଇଛି। ଇତିମଧ୍ୟରେ ପିଡିପି ମୁଖ୍ୟ ମେହବୁବା ମୁଫ୍‌ତି ନିମିଷାଙ୍କୁ ମୃତ୍ୟୁଦଣ୍ଡରୁ ମୁକ୍ତି ଲାଗି ଏହି ମାମଲାରେ ହସ୍ତକ୍ଷେପ କରିବାକୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଅନୁରୋଧ କରିଛନ୍ତି।

# ଏସ୍‌ଆଇଆର୍ ସମୟକୁ ନେଇ ପ୍ରଶ୍ନ

■ ବିହାର ଭୋଟର ତାଲିକା ସଂଶୋଧନ ଜାରି ରହିବ

■ ପଞ୍ଜୀକରଣ ପାଇଁ ଆଧାର, ଭୋଟର ଆଇଡି, ରାଶନ କାର୍ଡ ଗ୍ରହଣ ପାଇଁ ଇସିଙ୍କୁ ପରାମର୍ଶ

**ନୂଆଦିଲ୍ଲୀ,୧୦।୭**

ବିହାରରେ ଭୋଟର ତାଲିକା ସଂଶୋଧନ ପାଇଁ ନିର୍ବାଚନ କମିଶନ(ଇସି)ଙ୍କ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ଜାରି ରହିବ। ଏସ୍‌ଆଇଆର୍ ନିଷ୍ପତ୍ତିକୁ ଚ୍ୟାଲେଞ୍ଜକରି ଦାଖଲ ୧୦ରୁ ଉର୍ଦ୍ଧ୍ୱ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଭୋଟର ପଞ୍ଜୀକରଣ ପାଇଁ ଆଧାର କାର୍ଡ, ଭୋଟର ପରିଚୟପତ୍ର ଓ ରାଶନ୍ କାର୍ଡକୁ ଗ୍ରହଣ କରିବା ଲାଗି ବିଚାର କରିବାକୁ ସର୍ବୋଚ୍ଚ ଅଦାଲତ ଇସିଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷେ ନଭେମ୍ବର ଆଡ଼କୁ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏବେ କାହିଁକି ରିଭିଜନ୍ କରାଯାଉଛି ବୋଲି ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ଜୁଲାଇ ୨୮ରେ ଏହାର ପରବର୍ତ୍ତୀ ଶୁଣାଣି ହେବ।

ବିହାର ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଜୁଲାଇ ୧ରୁ ଇସିଙ୍କ ପକ୍ଷରୁ ଭୋଟର ତାଲିକା ସଂଶୋଧନ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏଥିରେ ରାଜ୍ୟର ୭.୯ କୋଟି ଭୋଟର ସାମିଲ ହେବେ। ତେବେ ଏସ୍‌ଆଇଆର୍‌ରେ ଭୋଟର ଆଇଡି ଏବଂ ଆଧାର କାର୍ଡକୁ ଗ୍ରହଣ କରାଯାଉନାହିଁ। ଏଥିଯୋଗୁ ବିହାରର ପ୍ରାୟ ୧.୫ କୋଟି ମତଦାତା ଭୋଟର ତାଲିକାରୁ ବାଦ୍ ପଡ଼ିବା ଆଶଙ୍କା କରି ଇଣ୍ଡିଆ ବ୍ଲକ୍‌ର ନେତାମାନେ ଇସିଙ୍କୁ ଭେଟିଥିଲେ। ଏଥିରୁ କୌଣସି ସୁଫଳ ନ ମିଳିବାରୁ ସୁପ୍ରିମକୋର୍ଟରେ ୧୦ରୁ ଅଧିକ ପିଟିଶନ ଦାଖଲ କରାଯାଇଛି। ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ମୁଖ୍ୟ ଆବେଦନକାରୀ ହୋଇଥିବାବେଳେ ଅନ୍ୟ ପିଟିଶନରମାନେ ହେଲେ ଆର୍‌ଜେଡି ଏମ୍‌ପି ମନୋଜ ଝା, ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର, କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ଏନ୍‌ସିପି-ଏସ୍‌ପି ନେତ୍ରୀ ସୁପ୍ରିୟା ସୁଲେ, ସିପିଆଇ ନେତା ଡି. ରାଜା, ସମାଜବାଦୀ ପାର୍ଟିର ହରିନ୍ଦର ସିଂ ମଲିକ, ଶିବସେନା ୟୁବିଟି ନେତା ଅରବିନ୍ଦ ସାୱନ୍ତ, ଜେଏମ୍‌ଏମ୍‌ର ସରଫରାଜ ଅହମଦ ଏବଂ ସିପିଆଇଏମ୍‌ଏଲ୍‌ର ଦୀପଙ୍କର ଭଟ୍ଟାଚାର୍ଯ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଇସିଙ୍କ ଅର୍ଡର ଖାରଜ କରିବାକୁ ଏହି ନେତାମାନେ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି। ଗୁରୁବାର ଆଂଶିକ କାର୍ଯ୍ୟଦିବସ ଥିବାବେଳେ ଜଷ୍ଟିସ୍ ସୁଧାଂଶୁ ଧୂଳିଆ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଏହାର ଶୁଣାଣି ଆରମ୍ଭ କରିଛନ୍ତି। ଖଣ୍ଡପୀଠ ଇସିଙ୍କୁ ପ୍ରଶ୍ନ କରିଛନ୍ତି, ଭୋଟର ତାଲିକା ସମୀକ୍ଷା ପାଇଁ ଆୟୋଗଙ୍କ କ୍ଷମତା ରହିଛି କି? ଏସ୍‌ଆଇଆର୍ ପାଇଁ ଯେଉଁ ପ୍ରକ୍ରିୟା ଆପଣାଯାଇଛି, ତା'ର ଯଥାର୍ଥତା କ'ଣ? ଏଭଳି ସମୟରେ କାହିଁକି ତାଲିକା ସଂଶୋଧନ କରୁଛନ୍ତି? ତେବେ ଏହି ପ୍ରକ୍ରିୟାକୁ 'କୃତ୍ରିମ' କିମ୍ବା 'କାଳ୍ପନିକ' ବୋଲି କହିବାରୁ ଆବେଦନକାରୀମାନେ ନିବୃତ୍ତ ରୁହନ୍ତୁ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ଜୁଲାଇ ୨୮ରେ ଉକ୍ତ ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି କରିବାକୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ଇସିଙ୍କୁ ସପ୍ତାହେ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



**❝ ଗଣତନ୍ତ୍ର ପାଇଁ ଆଶ୍ୱସ୍ତି: କଂଗ୍ରେସ**

ବିହାରରେ ଇସିଙ୍କ ପକ୍ଷରୁ ଚାଲିଥିବା ଏସ୍‌ଆଇଆର୍ ପ୍ରକ୍ରିୟାରେ ଆଧାର, ଭୋଟର ଏବଂ ରାଶନ କାର୍ଡକୁ ପ୍ରମାଣ ରୂପେ ଗ୍ରହଣ କରିବାକୁ ସୁପ୍ରିମକୋର୍ଟଙ୍କ ପରାମର୍ଶ ଗଣତନ୍ତ୍ର ପାଇଁ ଆଶ୍ୱସ୍ତି ଓ ମାମଲାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି। ଇସି ଅଦାଲତଙ୍କ ପ୍ରସ୍ତାବର ଉଚିତ ଅନୁପାଳନ କରିବେ ବୋଲି ଆଶା।

-କେ.ସି. ବେଣୁଗୋପାଳ, କଂଗ୍ରେସ ସାଧାରଣ ସମ୍ପାଦକ

**❝ ବିରୋଧୀଙ୍କୁ ସୁପ୍ରିମକୋର୍ଟ ଝଟକା: ଭାଜପା**

ଭୋଟରଙ୍କୁ ନିଜ ଆଡ଼କୁ ଟାଣିବା ପାଇଁ ଇସିଆର୍ ବିପକ୍ଷରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବିରୋଧୀ ଦଳଗୁଡ଼ିକ ପାଇଁ ସୁପ୍ରିମକୋର୍ଟଙ୍କ ପରାମର୍ଶ ଏକ ଝଟକା। ବିରୋଧୀ ଏହାକୁ ନେଇ ଚିତ୍କାର ପରିବର୍ତ୍ତେ କଠିନ ପରିଶ୍ରମ କରନ୍ତୁ।

-ରାଜୀବ ପ୍ରତାପ ରୁଡ଼ି, ଭାଜପା ମୁଖପାତ୍ର

## ୬୬.୧୬% ପଞ୍ଜୀକରଣ ଫର୍ମ ସଂଗୃହୀତ: ଇସି

**ନୂଆଦିଲ୍ଲୀ,୧୦।୭(ପି.ଟି.)**

ବିହାର ଭୋଟର ତାଲିକା ସଂଶୋଧନ ପାଇଁ ଚାଲିଥିବା ଏସ୍‌ଆଇଆର୍ ଅଭିଯାନରେ ୬୬.୧୬% ମତଦାତାଙ୍କଠାରୁ ପଞ୍ଜୀକରଣ ଫର୍ମ ସଂଗ୍ରହ ଶେଷ ହେଲାଣି ବୋଲି ଗୁରୁବାର ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଇସି ଜାରି କରିଥିବା ଏକ ବିବୃତି ଅନୁସାରେ ଭୋଟରଙ୍କ ହାତରେ ଏବେ ମଧ୍ୟ ୧୫ ଦିନ ସମୟ ରହିଛି। ଏହା ଭିତରେ ସେମାନେ ପୂରଣ କରିଥିବା ଫର୍ମଗୁଡ଼ିକୁ ନିର୍ବାଚନ ଅଧିକାରୀମାନଙ୍କ ନିକଟରେ ଦାଖଲ କରିପାରିବେ। ଏହି ଧାରାରେ କାର୍ଯ୍ୟ ଜାରି ରହିଲେ ଫର୍ମ ସଂଗ୍ରହ ନିର୍ଦ୍ଧାରିତ ତାରିଖ ଜୁଲାଇ ୨୫ ପୂର୍ବରୁ ଶେଷ ହୋଇଯିବ ବୋଲି ଇସି ସୂଚନା ଦେଇଛନ୍ତି।

## ଉଦ୍‌ବେଗ ପ୍ରକାଶକଲେ ସୁପ୍ରିମକୋର୍ଟ

➤ବିହାର ଭୋଟର ତାଲିକାର ଏସ୍‌ଆଇଆର୍ ପାଇଁ ଲୋକଙ୍କ ଆଧାର କାର୍ଡ, ଭୋଟର ପରିଚୟପତ୍ର ଓ ରାଶନ କାର୍ଡ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ଇସିଙ୍କୁ ପରାମର୍ଶ ଦେଇଛନ୍ତି।

➤ଏସ୍‌ଆଇଆର୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଯାହାକି ଗଣତନ୍ତ୍ରର ମୂଳ ଏବଂ ମତଦାନ ଅଧିକାର ସହ ଜଡ଼ିତ।

➤ଭୋଟର ତାଲିକା ସଂଶୋଧନ କ୍ଷମତା, ଏଥିପାଇଁ ଆପଣାଯାଇଥିବା ପଦ୍ଧତି ଓ ପ୍ରକ୍ରିୟାର ସମୟକୁ ନେଇ ସୁପ୍ରିମକୋର୍ଟ ଇସିଙ୍କୁ ପ୍ରଶ୍ନ କରିଛନ୍ତି।



➤ବିହାରରେ ନାଗରିକତ୍ୱ ପ୍ରମାଣ ପାଇଁ ଉଦ୍ଦିଷ୍ଟ ସୂଚୀବଦ୍ଧ ତାଲିକା ଦସ୍ତାବିଜରୁ ଆଧାର କାର୍ଡକୁ ବାଦ୍ ଦିଆଯିବା ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି।

➤ନାଗରିକତ୍ୱ ପ୍ରସଙ୍ଗ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପରିସରଭୁକ୍ତ ବିଷୟ ବୋଲି ସୁପ୍ରିମକୋର୍ଟ କହିବା ସହ ଏଥିରେ ଇସି କାହିଁକି ମୁଣ୍ଡ ପୂରାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି।

# ୨୦୨୧ରୁ ବିପଦସଙ୍କୁଳ ଥିଲା ଗୁଜରାଟ ବ୍ରିଜ୍

■ ମୃତ୍ୟୁସଂଖ୍ୟା ୧୭କୁ ବୃଦ୍ଧି

■ ରାଜ୍ୟରେ ୪ ବର୍ଷରେ ଭୁଶୁଡ଼ିଲାଣି ୧୬ ସେତୁ

**ଭଦୋଦରା,୧୦।୭**

ଗୁଜରାଟର ଭଦୋଦରା ଜିଲା ମହିସାଗର ନଦୀ ଉପରେ ନିର୍ମିତ ଗମ୍ଭୀରା ବ୍ରିଜ୍ ଭୁଶୁଡ଼ିବା ଘଟଣାରେ ଗୁରୁବାର ମୃତ୍ୟୁସଂଖ୍ୟା ୧୭ରେ ପହଞ୍ଚିଛି। ମଙ୍ଗଳବାର ସକାଳ ୭ଟାରେ ଏହି ଅଘଟଣ ଘଟିବା ପରେ ନଦୀରେ ଭାସିଯାଇଥିବା ୩ ଜଣଙ୍କୁ ଠାବ କରାଯାଇପାରି ନାହିଁ। ସେମାନଙ୍କ ସନ୍ଧାନରେ ୧୦ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ ରହିଛନ୍ତି।

୧୯୮୬ରେ ନିର୍ମିତ ଗମ୍ଭୀରା ବ୍ରିଜ୍ ୨୦୨୧ରୁ ବିପଦସଙ୍କୁଳ ଅବସ୍ଥାରେ ଥିଲା। ସେହି ସମୟରେ ଏହା ବ୍ୟବହାର ଅନୁପଯୋଗୀ ହୋଇଯାଇଥିଲା। ୨୦୨୨ ଅଗଷ୍ଟରେ ଭଦୋଦରା ଜିଲା ପଞ୍ଚାୟତର ସଦସ୍ୟ ହର୍ଷଦସିଂ ପରମାର ସଡ଼କ ଓ ଗୃହନିର୍ମାଣ ବିଭାଗକୁ ଏନେଇ ଅବଗତ କରାଇଥିଲେ। କିନ୍ତୁ ରାଜ୍ୟ ସରକାର ଏ ସମ୍ପର୍କିତ ରିପୋର୍ଟକୁ ଅଣଦେଖା କରିଥିଲେ ବୋଲି ପରମାର ଅଭିଯୋଗ ଆଣିଛନ୍ତି। ଇତିମଧ୍ୟରେ ସରକାରଙ୍କ ବେପରୁଆ ମନୋଭାବକୁ କଂଗ୍ରେସ ସମାଲୋଚନାକରି ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ଇସ୍ତଫା ଦାବି କରିଛି। ଗତ ୪ ବର୍ଷ ମଧ୍ୟରେ ଏପରି ୧୬ଟି ବ୍ରିଜ୍ ଭୁଶୁଡ଼ିଥିବା ବିରୋଧୀ ଦଳ ଅଭିଯୋଗ ଆଣିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ରାଜ୍ୟରେ ନେତୃତ୍ୱ ସଙ୍କଟ ରହିଛି। ଭାଜପା ଶାସନରେ ସବୁ କ୍ଷେତ୍ରରେ ଦୁର୍ନୀତି ଚାଲିଛି। ସମୟ ଆସିଲେ ଲୋକେ ଏହାର ଜବାବ ଦେବେ।

# ଏମରଜେନ୍ସି କଳା ଅଧ୍ୟାୟ: ଥରୁର

**ଥିରୁଭାନନ୍ତପୁରମ, ୧୦।୭**

ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ମାଲୟାଲମ ଖବରକାଗଜ ଦୀପିକାରେ ଏମର୍ଜେନ୍ସିକୁ ନେଇ ଏକ ଆଲେଖ୍ୟ ଲେଖି କହିଛନ୍ତି, ଏମର୍ଜେନ୍ସି କାଳ (୧୯୭୫ରୁ ୧୯୭୭ ମସିହା)କୁ କେବଳ ଏକ କଳା ଅଧ୍ୟାୟ ଭାବେ ମନେରଖିବା ଉଚିତ ନୁହେଁ ବରଂ ଏଥିରୁ ଶିକ୍ଷା ନେବା ଉଚିତ। ଶୃଙ୍ଖଳା ଏବଂ ବ୍ୟବସ୍ଥା ନାମରେ ସେତେବେଳେ କରାଯାଇଥିବା କାର୍ଯ୍ୟଗୁଡ଼ିକୁ ଯଥାର୍ଥ ବୋଲି ଦର୍ଶାଯାଇପାରିବ ନାହିଁ। ଏମର୍ଜେନ୍ସି ଲାଗିବାରେ ସଞ୍ଜୟ ଗାନ୍ଧୀଙ୍କର ଭୂମିକାକୁ ନେଇ ଏହି ଆଲେଖ୍ୟରେ ସେ ପ୍ରଶ୍ନ ଉଠାଇଥିଲେ। ଏହି ଆଲେଖ୍ୟକୁ ନେଇ ତାମିଲନାଡୁର ବିରୁଧନଗରରୁ କଂଗ୍ରେସ ଏମ୍‌ପି ମଣିକମ୍ ଟାଗୋର ଥରୁରଙ୍କୁ କଟାକ୍ଷ କରି କହିଛନ୍ତି, ଯେତେବେଳେ କେହି ଭାଜପାର ମତକୁ ଦୋହରାଇଥାନ୍ତି, ତେବେ ମାନିନେବା ଉଚିତ ପକ୍ଷୀ ଶୁଆ ହେବାକୁ ଲାଗିଲାଣି। ପକ୍ଷୀମାନଙ୍କ ଦ୍ୱାରା ଅନୁକରଣ କରାଯିବା ସୁନ୍ଦର ଲାଗିଥାଏ। କିନ୍ତୁ ରାଜନୀତି କ୍ଷେତ୍ରରେ ଏହାର ଠିକ୍ ବିପରୀତ ହୋଇଥାଏ।

**ପକ୍ଷୀ ଶୁଆ ହେବାକୁ ଲାଗିଲାଣି: କଂଗ୍ରେସ**



**ଫୁର୍‌ସତ୍**



ପ୍ରଭାସ

## ଅକ୍ଟୋବର ୩୧ରେ 'ବାହୁବଳୀ ଦି ଏପିକ୍'

**ହାଇଦ୍ରାବାଦ**

୨୦୧୫ରେ ରିଲିଜ୍ ହୋଇଥିବା 'ବାହୁବଳୀ ଦି ବିଗ୍‌ନିଂ' ଭାରତୀୟ ସିନେମାର ଚିନ୍ତାଧାରାକୁ ବଦଳାଇଥିଲା। ବୁଧବାର ଏହି ଫିଲ୍ମର ରିଲିଜ୍‌କୁ ୧୦ ବର୍ଷ ପୂରଣ ହୋଇଛି। ଏହି ବିଶେଷ ଅବସରକୁ ସ୍ମରଣୀୟ କରିବା ପାଇଁ ନିର୍ଦ୍ଦେଶକ ରାଜମୌଲୀ ଏକ ବଡ଼ ଘୋଷଣା କରିଛନ୍ତି। ଆସନ୍ତା ଅକ୍ଟୋବର ୩୧ରେ 'ବାହୁବଳୀ ଦି ଏପିକ୍' ରିଲିଜ୍ ହେବାକୁଯାଉଛି। ଏଥିରେ ବାହୁବଳୀର ଉଭୟ ଭାଗକୁ ମିଶ୍ରଣ କରାଯାଇଥିବା ସେ କହିଛନ୍ତି। ବୁଧବାର ସେ ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି, ୧୦ ବର୍ଷ ତଳେ 'ବାହୁବଳୀ'ର ଯାତ୍ରା ଆରମ୍ଭ ହୋଇଥିଲା। ଆସନ୍ତା ଅକ୍ଟୋବର ୩୧ରେ 'ବାହୁବଳୀ ଦି ଏପିକ୍' ଦର୍ଶକଙ୍କ ପାଇଁ ରିଲିଜ୍ ହେବ, ଯେଉଁଥିରେ ଫିଲ୍ମର ଉଭୟ ଭାଗକୁ ମିଶ୍ରଣ କରାଯାଇଛି। ବାହୁବଳୀର ଦ୍ୱିତୀୟ ଭାଗ 'ବାହୁବଳୀ ୨: ଦି କନ୍‌କ୍ଲୁଜନ୍' ୨୦୧୭ରେ ରିଲିଜ୍ ହୋଇଥିଲା। ଉଭୟ ଫିଲ୍ମରେ ଅଭିନେତା ପ୍ରଭାସ, ରାଣା ଦଗ୍ଗୁବତି, ସତ୍ୟରାଜ୍, ନାସର ଏବଂ ଅଭିନେତ୍ରୀ ଅନୁଷ୍କା ଶେଟ୍ଟୀ, ତମନ୍ନା ଭାଟିଆ, ରମ୍ୟା କ୍ରିଷ୍ଣନ୍ ପ୍ରମୁଖଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। 'ବାହୁବଳୀ ଦି ବିଗ୍‌ନିଂ' ବିଶ୍ୱବ୍ୟାପୀ ୬୫୦ କୋଟି ଟଙ୍କାର ବ୍ୟବସାୟ କରିଥିବାବେଳେ 'ବାହୁବଳୀ ୨: ଦି କନ୍‌କ୍ଲୁଜନ୍' ୧୭୮୮.୦୬ କୋଟି ଟଙ୍କାର ବ୍ୟବସାୟ କରିଥିଲା।

## ସବୁଠୁ ଛୋଟ ପକ୍ଷୀ

**ହଭାନା**

ବିଶ୍ୱର ସବୁଠାରୁ ଛୋଟ ପକ୍ଷୀର ନାମ ହେଉଛି ବି ହମିଂବାର୍ଡ। କାରବିଆନ୍ ଦେଶ କ୍ୟୁବାର ଘନ ଜଙ୍ଗଲରେ ମାତ୍ର ୫ରୁ ୬ ସେଣ୍ଟିମିଟର ଲମ୍ବ ବିଶିଷ୍ଟ ଏହି ପକ୍ଷୀକୁ ଦେଖିବାକୁ ମିଳିଥାଏ। ଏହି ପକ୍ଷୀଟି ଆକାରରେ ଏତେ କ୍ଷୁଦ୍ର ଯେ ଏହା କୌଣସି ମଣିଷର କାଣି ଆଙ୍ଗୁଠିଠାରୁ ମଧ୍ୟ ଛୋଟ ହେବ। ବି ହମିଂବାର୍ଡର ଓଜନ ମାତ୍ର ୧.୫ରୁ ୨ ଗ୍ରାମ୍ ମଧ୍ୟରେ ହେବ। ଏହି କାରଣରୁ ଅନେକେ ଏହି ପକ୍ଷୀକୁ ମହୁମାଛି ବୋଲି ଭାବି ଦେଇଥାନ୍ତି। ଉଡ଼ିବା ସମୟରେ ବି ହମିଂବାର୍ଡ ମହୁମାଛି ପରି ଶବ୍ଦ କରିଥାଏ ଏବଂ ଏହାର ଆକାର ମଧ୍ୟ ମହୁମାଛି ପରି ହୋଇଥିବାରୁ ଏହି ପକ୍ଷୀକୁ ମହୁମାଛି ବୋଲି ଭାବି ଅନେକେ ଭ୍ରମରେ ପଡ଼ିଥାନ୍ତି।

ଏହି କ୍ଷୁଦ୍ର ପକ୍ଷୀର ଅନେକ ଆଶ୍ଚର୍ଯ୍ୟଜନକ ବିଶେଷତ୍ୱ ରହିଛି। ସାଧାରଣତଃ ଅଧିକାଂଶ ପକ୍ଷୀ କେବଳ ଆଗକୁ ଉଡ଼ିପାରନ୍ତି, କିନ୍ତୁ ବି ହମିଂବାର୍ଡ ପକ୍ଷୀ ଆଗ ସହ ପଛକୁ ମଧ୍ୟ ଉଡ଼ିପାରିଥାଏ। ଏହି ପକ୍ଷୀ ଫୁଲ ଭିତରେ ନିଜ ଥଣ୍ଟ ଭର୍ତ୍ତି କରି ଶୋଷିବା ପରେ ତୁରନ୍ତ ପଛକୁ ଫେରିଯାଇ ପରବର୍ତ୍ତୀ ଫୁଲ ପାଖକୁ ଯାଇପାରିଥାଏ। ଏହି ପକ୍ଷୀର ଡେଣା ଫଡ଼ଫଡ଼ ଏତେ ଦ୍ରୁତ ଯେ, ଏହାକୁ ଖାଲି ଆଖିରେ ଦେଖି ହୋଇ ନ ଥାଏ। ପ୍ରତି ସେକେଣ୍ଡରେ ଏହି ପକ୍ଷୀ ୮୦ରୁ ଅଧିକ ଥର ନିଜ ଡେଣାକୁ ଫଡ଼ଫଡ଼ କରିପାରିଥାଏ। ତେବେ କେବେ କେବେ ଉଡ଼ିବା ସମୟରେ ବି ହମିଂବାର୍ଡର ଡେଣା ଫଡ଼ଫଡ଼ କରିବାର ଗତି ସେକେଣ୍ଡ ପ୍ରତି ୨୦୦ରୁ ଅଧିକ ଥର ହୋଇଯାଇଥାଏ, ଫଳରେ ଏହି ଶବ୍ଦ ଠିକ୍ ମହୁମାଛିର ଗୁଞ୍ଜରଣ ପରି ଶୁଭିଥାଏ।



## କବର ପୂର୍ବରୁ ନବଜାତକ ଜୀବିତ

**ବିଡ୍:** ମହାରାଷ୍ଟ୍ରର ବିଡ୍ ଜିଲା ଅମ୍ବାଯୋଗାଇରେ ଥିବା ସ୍ୱାମୀ ରାମାନନ୍ଦ ତୀର୍ଥ ସରକାରୀ ହସ୍ପିଟାଲରେ ଜନ୍ମିତ ଏକ ନବଜାତକକୁ ଡାକ୍ତର ମୃତ ଘୋଷଣା କରିଥିଲେ। କବର ଦେବା ପୂର୍ବରୁ ନବଜାତକ ଜୀବିତ ଥିବା ଜଣାପଡ଼ିଥିଲା।

ଗତ ୭ ତାରିଖ ରାତିରେ ରାମାନନ୍ଦ ତୀର୍ଥ ହସ୍ପିଟାଲରେ ଜଣେ ମହିଳା ଏକ ନବଜାତକକୁ ଜନ୍ମ ଦେଇଥିଲେ। କିଛି ସମୟ ପରେ ଡାକ୍ତର ଉକ୍ତ ଶିଶୁକୁ ମୃତ ଘୋଷଣା କରିଥିଲେ। ୧୨ ଘଣ୍ଟା ପର୍ଯ୍ୟନ୍ତ ଶିଶୁଟିକୁ ହସ୍ପିଟାଲରେ ରଖାଯାଇଥିଲା। ପରିବାର ଲୋକେ କବର ଦେବାକୁ ଯାଉଥିବା ବେଳେ ଜେଜେମା' ଶିଶୁଟିର ଚେହେରା ଦେଖିବାକୁ ଜିଦ୍ କରିଥିଲେ। ବ୍ୟାଗ୍‌ରୁ ଶିଶୁକୁ ବାହାର କରିବା ପରେ ସେ ହଲୁଥିବାର ଦେଖିବାକୁ ମିଳିଥିଲା। ତୁରନ୍ତ ଶିଶୁଟିକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବେ ଶିଶୁଟିର ଅବସ୍ଥା ସ୍ଥିର ରହିଛି। ଡାକ୍ତରଙ୍କ ଅବହେଳାରୁ ଏହି ସ୍ଥିତି ଉପୁଜିଥିବା ନେଇ ଶିଶୁର ପରିବାର ଅଭିଯୋଗ ଆଣିଛନ୍ତି। ଘଟଣାକୁ ନେଇ ଏକ ତଦନ୍ତ କମିଟି ଗଠନ ହୋଇଛି ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାମାନନ୍ଦ ତୀର୍ଥ ହସ୍ପିଟାଲର ଡିନ୍ ଡାକ୍ତର ରାଜେଶ କଚ୍‌ରେ କହିଛନ୍ତି।




# ନବୀନ ବିକିବେ ନା ନେତା ଚେତିବେ

ଭୁବନେଶ୍ୱର,୧୦।୭(ସୁନିତ୍ ମିଶ୍ର)

୨୦୨୬ ଏପ୍ରିଲରେ ଓଡ଼ିଶାରେ ୪ଟି ରାଜ୍ୟ ସଭା ଆସନ ଖାଲି ହୋଇଯିବ। ଖାଲି ହେବାକୁ ଥିବା ଏହି ରାଜ୍ୟ ସଭା ଆସନଗୁଡ଼ିକୁ ନେଇ ଏବେଠାରୁ ୩ ମୁଖ୍ୟ ଦଳ ଗଣିତ କଷିବା ଆରମ୍ଭ କରିଦେଲେଣି। ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ୍(ମୁନା), ନିରଞ୍ଜନ ବିଶି, ସୁଜିତ୍ କୁମାର ଏବଂ ମମତା ମହାନ୍ତଙ୍କ କାର୍ଯ୍ୟକାଳ ଏକାସଙ୍ଗେ ଶେଷହେବ। ଏହି ୪ ଆସନ ଲାଗି ହେବାକୁ ଥିବା ନିର୍ବାଚନ ବହୁ ରୋଚକପୂର୍ଣ୍ଣ ହେବ ବୋଲି ଏବେଠାରୁ ଚର୍ଚ୍ଚା ହେଲାଣି। ଉକ୍ତ ରାଜ୍ୟ ସଭା ନିର୍ବାଚନର ଗଣିତ ଯାହା କହୁଛି, ବିଜେଡିର ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିବ। ପୂର୍ବରୁ ବିଜେଡି ଏହି ୪ ଆସନ ଲାଗି ନିର୍ବାଚନ ହେବା ସମୟରେ ପୁଣି ଥରେ ଭାଜପା ଆଡ଼କୁ ଢଳିଯିବ ନା ବିରୋଧୀ ଦଳ ଭୂମିକାକୁ ନିଷ୍ପାପର ଭାବେ ତୁଲାଇବ, ତାହାକୁ ନେଇ ମୁଖ୍ୟତଃ ଆଲୋଚନା ହେଉଛି। ହେଲେ ଗୋଟିଏ ରାଜ୍ୟ ସଭା ଆସନ ନିଶ୍ଚିତ ଜିତିବାକୁ ଥିବା ବିଜେଡିର ଏକାଧିକ ନେତା ଏବେଠାରୁ ସେହି ବିଚାର ଚଳାଇଲେଣି। ଗତ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିବା ଅନେକ ନେତା କେମିତି ବିକେ ସେହି ଗୋଟେ ରାଜ୍ୟ ସଭା ଆସନ ଜରିଆରେ ନିଜ ରାଜନୈତିକ ଜୀବନକୁ ସୁରକ୍ଷିତ କରିବେ ସେଥିପାଇଁ ବହୁ ବିକଳ ହେଲେଣି। ହେଲେ ଖାଲି ହେବାକୁ ଥିବା ୪ର୍ଥ ରାଜ୍ୟ ସଭା ଆସନଟି ବିଶେଷ ଚର୍ଚ୍ଚାର କାରଣ ହେବ। କାରଣ କଂଗ୍ରେସ ଭୋଟ୍ ରାଜ୍ୟ ସଭା ନିର୍ବାଚନରେ ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ସୃଷ୍ଟି କରିବ। ରାଜ୍ୟ ସଭା ନିର୍ବାଚନ ପାଇଁ ବିଧାନସଭାରେ ଯେଉଁ ଅଙ୍କ ରହିଛି ତାହା ରୋଚକ ସ୍ଥିତି ସୃଷ୍ଟି କରିବା ସମ୍ଭାବନା ଅଧିକ। ଏଥର ଭୋଟିଂର ଗଣିତ ହିଁ ସେହିପରି ରହିଛି। କେତେ ବର୍ଷ ହେଲା ରାଜ୍ୟ ସଭା ଆସନ ଲାଗି ଭୋଟିଂ କରିବାକୁ ପଡୁ ନ ଥିଲା। ଏଥର କିନ୍ତୁ କୌଣସି ଦୁଇଟି ଦଳ ଯଦି ଏକାଠି ନ ହୁଅନ୍ତି ତେବେ ରାଜ୍ୟ ସଭାର ଗୋଟିଏ ଆସନ ଲାଗି ନିର୍ବାଚନ ହେବା ଏକ ପ୍ରକାର ନିଶ୍ଚିତ।

ରାଜ୍ୟ ସଭାରେ ବିଜେଡିର ବର୍ତ୍ତମାନ ୭ ଜଣ ସଦସ୍ୟ ଥିବାବେଳେ ଭାଜପାର ସଂଖ୍ୟା ୩ ରହିଛି। ଓଡ଼ିଶା କଂଗ୍ରେସରୁ ଏବେ ରାଜ୍ୟ ସଭାରେ କେହି ନାହାନ୍ତି। ପୂର୍ବରୁ ବିଜେଡି ସହଯୋଗରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୨ ଥର ରାଜ୍ୟ ସଭା ଯାଇଥିଲେ। ୨୦୨୪ ସାଧାରଣ ନିର୍ବାଚନ ପରେ ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର ଏବଂ ମମତା ମହାନ୍ତ ବିଜେଡି ଛାଡ଼ିବା ସହ ରାଜ୍ୟ ସଭାରୁ ଇସ୍ତଫା ଦେଇଥିଲେ। ଏହାପରେ ସେହି ଦୁଇ ନେତା ଭାଜପାରେ ଯୋଗଦେଲେ। ଭାଜପା ମଧ୍ୟ ଉଭୟଙ୍କୁ ନିଜ ଦଳରୁ ରାଜ୍ୟ ସଭା ପାଇଁ ପ୍ରାର୍ଥୀ କରିଥିଲା। ଉଭୟ ମମତା ଏବଂ ସୁଜିତ୍ କୁମାର ସଂଖ୍ୟାବଳରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ସହ ବର୍ତ୍ତମାନ ବଳକା ସମୟ ପାଇଁ ଭାଜପାର ରାଜ୍ୟ ସଭା ସଦସ୍ୟ ହୋଇଛନ୍ତି। ବିଧାନସଭା ସଂଖ୍ୟା ଅନୁଯାୟୀ ଭାଜପାର ୭୮ ଜଣ ସଦସ୍ୟ ଥିବାବେଳେ ସେମାନଙ୍କ ସହ ୩ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ରହିବା ଯୋଗୁ ଏହି ସଂଖ୍ୟା ୮୧ରେ ପହଞ୍ଚିଛି। ସେହିପରି ବିଜେଡିର ୫୧, କଂଗ୍ରେସର ୧୪, ଜଣେ ସିପିଆଇ(ଏମ୍) ବିଧାୟକ ଏବେ ବିଧାନସଭାରେ ଅଛନ୍ତି। ଅର୍ଥାତ୍ ଏଠାରେ ଶାସକ ଦଳ ବିରୋଧରେ ଯଦି ସବୁ ବିରୋଧୀ ଯଥା ବିଜେଡି, କଂଗ୍ରେସ ଏବଂ ସିପିଆଇ(ଏମ୍) ଏକାଠି ହୁଅନ୍ତି ତେବେ ସେହି ସଂଖ୍ୟା ୬୬ରେ ପହଞ୍ଚିବ। ୪ଟି ଆସନ ବିଶିଷ୍ଟ ରାଜ୍ୟ ସଭା ଭୋଟିଂର ଗଣିତ ଦେଖିଲେ ଜଣେ ପ୍ରାର୍ଥୀଙ୍କୁ ଜିତିବା ଲାଗି ( ଫାଷ୍ଟ ପ୍ରିଫରେନ୍ସ)

## ୨୦୨୬ ରାଜ୍ୟ ସଭା

୩୦ ଖଣ୍ଡ ଭୋଟ୍‌ର ଆବଶ୍ୟକତା ପଡ଼ିବ।

ତେଣୁ ଖାଲି ହେବାକୁ ଥିବା ୪ ଆସନ ମଧ୍ୟରୁ ୨ଟି ଭାଜପା ନିର୍ଦ୍ୱନ୍ଦ୍ୱରେ ଦଖଲ କରିପାରିବ। ଆଉ ୨ ଖାଲି ଆସନ ମଧ୍ୟରୁ ବିଜେଡି ଖାତାକୁ ମଧ୍ୟ ନିଶ୍ଚିତ ଗୋଟିଏ ଯିବ। ଶେଷ ଗୋଟିଏ ଆସନ ଲାଗି ଗଣିତ ଖେଳ ବହୁ ରୋଚକ ରହିବ। ଏଠାରେ ଯଦି କଂଗ୍ରେସ, ସିପିଆଇ(ଏମ୍) ଏବଂ ବିଜେଡି ଏକାଠି ହୋଇଯାଆନ୍ତି ତେବେ ୪ର୍ଥ ଆସନ ବିରୋଧୀ ସହଜରେ ରଖିଦେଇପାରିବେ। ଏହି ପରିସ୍ଥିତିରେ ରାଜନୈତିକ ଦୃଷ୍ଟିକୋଣରୁ କଂଗ୍ରେସ ନିଶ୍ଚିତ ସେହି ଗୋଟିଏ ଆସନରେ ନିଜର ପ୍ରାର୍ଥୀ ଦେବା ପାଇଁ ଚାହିଁପାରେ। କିନ୍ତୁ ୨୦୧୪ ପରଠାରୁ ବିଜେଡିର ଆଭିମୁଖ୍ୟ ଦେଖିଲେ ରାଜ୍ୟ ସଭାଠାରୁ ଲୋକ ସଭା ପର୍ଯ୍ୟନ୍ତ ସବୁଥିରେ ସେମାନେ ଭାଜପା ସମର୍ଥିତ ଏନ୍‌ଡିଏ ସହ ରହି ଆସିଛନ୍ତି। ଅନେକ ସମୟରେ କେନ୍ଦ୍ରର ଭାଜପା ନେତୃତ୍ୱ କୌଣସି ବିଷୟରେ ସମର୍ଥନ ଲୋଡ଼ିବା ପୂର୍ବରୁ ବିଜେଡି ନିଜର ସମର୍ପଣ ଭାବ ଦେଖାଇବାର ଅନେକ ନଜିର ରହିଛି। ବିଜେଡି ସରକାର ସମୟରେ ଅତ୍ୟଧିକ କ୍ଷମତାଶାଳୀ ଥିବା କେତେଜଣ ଆଇଏଏସ୍ ଏବଂ ଆଇପିଏସ୍ ଅଫିସରଙ୍କ ବଦଳି ଯେଭଳି ଢଙ୍ଗରେ ଭାଜପା ସରକାର କିଛିଦିନ ତଳେ କରି ସେମାନଙ୍କୁ ସୁରକ୍ଷା ଦେଇଛନ୍ତି, ସେଥିରୁ ଭାଜପା କେନ୍ଦ୍ରୀୟ ନେତାଙ୍କ ସହ ରାଜ୍ୟ ବିରୋଧୀ ଦଳର ସମ୍ପର୍କ କେତେ ନିବିଡ଼ ସେକଥା ଏକ ପ୍ରକାର ସ୍ପଷ୍ଟ। ଅନ୍ୟପଟେ ରାଜ୍ୟ ସଭାରେ ମଧ୍ୟ ଭାଜପା ତା'ର ଗୋଟିଏ ହେଲେ ଆସନ କମିଯାଉ ସେକଥା କେବେଦେଲେ ଚାହିଁ ନ ପାରେ। ଏହି ବିଷୟକୁ ଲକ୍ଷ୍ୟକରି ବୋଧହୁଏ, ବିଜେଡି ସରକାରରେ ଦୁର୍ନୀତି କରିଥିବା ବଡ଼ ବଡ଼ିଆଙ୍କ ଉପରେ ଭାଜପା ଯେଉଁ କାର୍ଯ୍ୟାନୁଷ୍ଠାନ ନେବ ବୋଲି ନିର୍ବାଚନ ପୂର୍ବରୁ କହୁଥିଲା ତାହା ଏଯାଏଁ ଦେଖିବାକୁ ମିଳୁନାହିଁ। ଅନେକଙ୍କ କହିବାନୁଯାୟୀ, କେନ୍ଦ୍ର ଭାଜପା ସହ ବିଜେଡିର ଅତ୍ୟଧିକ ମଧୁର ସମ୍ପର୍କ ରାଜ୍ୟରେ ସରକାର ପରିବର୍ତ୍ତନର ଏକ ବଡ଼ କାରଣ ପାଲଟିଲା। ଏହି ଆଭିମୁଖ୍ୟ କିପରି ବଦଳିବ ସେନେଇ ଏଯାଏ ବିଜେଡି ଶୀର୍ଷ ନେତା ଚିନ୍ତାକରିବା ଭଳି ମନେହେଉନାହିଁ।

ରାଜ୍ୟ ସଭା ଗଣିତ ଏତେ ଜଟିଳ ଥିଲେ ସୁଦ୍ଧା ବିଜେଡିର ବହୁ ବରିଷ୍ଠ ନେତା ଏକାଠି ହୋଇ ଆସନ୍ତା ରାଜ୍ୟ ସଭା ନିର୍ବାଚନରେ କିପରି ସେମାନେ ୨ଟି ଯାକ ଆସନ ରଖିପାରିବେ ସେକଥା ଚିନ୍ତା କରୁନାହାନ୍ତି। ସେମାନଙ୍କ ମଧ୍ୟରୁ ପରାଜିତ ହୋଇଥିବା ବହୁ ନେତା କିନ୍ତୁ ନିଜକୁ ସୁରକ୍ଷିତ ରଖିବା ଲାଗି କିପରି ଏହି ଆସନରେ ବସିଯିବେ ସେଥିଲାଗି ମସୁଧା ଆରମ୍ଭ କଲେଣି। ଗତ କେତେବର୍ଷ ହେଲା ନବୀନଙ୍କ ଅତି ଆପଣାର ଭି.କେ. ପାଣ୍ଡିଆନ୍ ଭାଜପା କେନ୍ଦ୍ରୀୟ ନେତାଙ୍କ ସହ ରାଜ୍ୟ ସଭା ଆସନକୁ ନେଇ କିଭଳି ଚୁକ୍ତି କରିଛନ୍ତି ସେ ଆଡ଼କୁ ଆଉ କେହି ଭାବୁନାହାନ୍ତି। ୱକଫ୍ ବିଲ୍ ସମୟରେ ଭି.କେ.ଙ୍କ ଖେଳ ଦେଖିବା ପରେ ରାଜ୍ୟ ସଭା ନିର୍ବାଚନରେ ବିଜେଡିର ଗୋଟିଏ ଆସନ ଯେ ଭାଜପା ହାତକୁ ସେ ଟେକି ନ ଦେବେ ସେକଥାକୁ ଏଡ଼ାଇ ଦିଆଯାଇ ନ ପାରେ।

## ରାଜ୍ୟ ସଭା ଭୋଟିଂର ଫର୍ମୁଲା

ରାଜ୍ୟ ସଭା ନିର୍ବାଚନ ପ୍ରିଫରେନ୍ସିଆଲ ଭୋଟିଂ ଆଧାରରେ କରାଯାଇଥାଏ। ରାଜ୍ୟ ସଭା ନିର୍ବାଚନରେ କେବଳ ବିଧାନସଭାର ସଦସ୍ୟମାନେ ଭୋଟ ଦେଇଥାଆନ୍ତି। ଓଡ଼ିଶା ବିଧାନସଭାର ସଦସ୍ୟ ସଂଖ୍ୟା ୧୪୭। ନିୟମାନୁଯାୟୀ ଗୋଟିଏ ଭୋଟ ପରିମାଣ ୧୦୦ ଧରାଯାଇଥାଏ। ଏହାର ଫର୍ମୁଲା ହେଉଛି, ବିଧାନସଭାର ଭ୍ୟାଲିଡ୍ ଆସନ ସଂଖ୍ୟା(୧୪୭) ଗୁଣନ(x) ୧୦୦ ବିଭକ୍ତ(/) ରାଜ୍ୟ ସଭା ପାଇଁ ଖାଲିଥିବା ଆସନ ସଂଖ୍ୟା(୪) ଯୁକ୍ତ(+) ୧ ଯାହା ଫଳ ବାହାରିବ ତାହା ସହ ଯୁକ୍ତ(+) ୧। ଅର୍ଥାତ୍ (୧୪୭ x୧୦୦/୪+୧)+୧ ହିସାବରେ ଯାହା ବାହାରିବ ସେତିକି ଭୋଟ୍‌ଜଣେ ପ୍ରାର୍ଥୀଙ୍କୁ ଆବଶ୍ୟକ ପଡ଼ିବ। ଏହାକୁ ହିସାବ କଲେ ଫଳ ୨୯୪୧ ବାହାରୁଛି। ତେଣୁ ଜଣେ ପ୍ରାର୍ଥୀଙ୍କୁ ଜିତିବା ଲାଗି ୩୦ ଖଣ୍ଡ ଭୋଟର ଆବଶ୍ୟକତା ପଡ଼ିବ। ଆସନ୍ତା ଏପ୍ରିଲରେ ଖାଲି ହେବାକୁ ଥିବା ୪ ଆସନକୁ ନେଇ ଏହି ହିସାବ କରାଯାଇଛି। ପ୍ରତି ଭୋଟରଙ୍କ ପ୍ରଥମ ଭୋଟ୍ ଯାହାକୁ ଯାଉଥିବ ସେ ହିଁ ନିର୍ଦ୍ଦିଷ୍ଟରେ ନିର୍ବାଚିତ ହେବେ। ସେହି ଅନୁଯାୟୀ ଯଦି ୪ ଖାଲି ଆସନକୁ ନେଇ ଦେଖିବା ତେବେ ଭାଜପାର ୬୦ ଜଣ ସଦସ୍ୟ ସେମାନଙ୍କ ପ୍ରଥମ ଭୋଟ୍‌ରେ ୨ ଜଣଙ୍କୁ ସରଳ ଭାବେ ଜିତାଇ ଦେଇପାରିବେ। ସେହିପରି ସଂଖ୍ୟା ଦୃଷ୍ଟିରୁ ଗୋଟିଏ ଆସନରେ ବିଜେଡି ମଧ୍ୟ ସହଜରେ ଜିତିପାରିବ। ହେଲେ ୪ର୍ଥ ଆସନ ଲାଗି ଦୁଇଟି ଦଳର ସଂଖ୍ୟା ଭାଜପା ସପକ୍ଷରେ ୨୧ ଏବଂ ବିଜେଡି ସପକ୍ଷରେ ୨୧ ଖଣ୍ଡ ଭୋଟ ରହିବ। ଯଦି ଉଭୟ ଦଳର ସମସ୍ତ ସଦସ୍ୟ ଭୋଟ ଦେବା ଲାଗି ଆସନ୍ତି, ଏହି କ୍ଷେତ୍ରରେ କଂଗ୍ରେସ ପାଖରେ ୧୪ ଏବଂ ଗୋଟିଏ ସିପିଆଇ(ଏମ୍) ସଦସ୍ୟଙ୍କ ଭୋଟ୍ ବହୁ ଗୁରୁତ୍ୱ ବହନ କରିବ। ବିଜେଡି ଯଦି ଏମାନଙ୍କ ସହ ଏକାଠି ହୁଏ ତେବେ ୪ର୍ଥ ଆସନ ବିରୋଧୀଙ୍କ ଦଖଲରେ ରହିପାରିବ। ଯଦି ବିଜେଡି ଏହି ସମୟରେ କଂଗ୍ରେସ ସହ ଏକାଠି ନ ହୁଏ କିମ୍ବା କୌଣସି କାରଣରୁ ବିରୋଧୀ ଏକାଠି ନ ହୁଅନ୍ତି, ତେବେ ଭୋଟ୍ ଦେଉଥିବା ସଦସ୍ୟମାନଙ୍କ ଦ୍ୱିତୀୟ ଭୋଟ (ସେକେଣ୍ଡ ପ୍ରିଫରେନ୍ସ) କାଉଣ୍ଟ କରାଯିବ। ଏପରି ଭାବେ ଯଦି ସମସ୍ତେ ଅଲଗା ଅଲଗା ହୋଇ ଭୋଟ୍ ଦିଅନ୍ତି ସଂଖ୍ୟା ଦୃଷ୍ଟିରୁ ଭାଜପା ଉକ୍ତ ଆସନରେ ବାଜିମାତ୍ କରିଯିବ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେତେବେଳେ ରାଜ୍ୟ ସଭା ଭୋଟିଂ ହେବ ସେତେବେଳେ ଯଦି କୌଣସି ସଦସ୍ୟଙ୍କ ଭୋଟ ନାକଚ ହୋଇଯାଏ ସେ କ୍ଷେତ୍ରରେ ମଧ୍ୟ ଗଣିତ ଅଲଗା ହେବ। କାରଣ ପ୍ରଥମରୁ ଆମେ ଉଲ୍ଲେଖ କରିଛୁ ଭ୍ୟାଲିଡ୍ ଭୋଟକୁ ହିଁ ଗଣତିରେ ନିଆଯିବ। ଯେଉଁ ଭୋଟ ନାକଚ ହେବ ବିଧାନସଭା ସଦସ୍ୟଙ୍କ ମୋଟ୍ ସଂଖ୍ୟାରୁ ସେହି ଆସନ କାଟିଦେଇ ଗଣିତ କରାଯିବ। ଉଦାହରଣ ଭାବେ ୨ ଜଣଙ୍କ ଭୋଟ ନାକଚ ଯଦି ହୋଇଯାଏ ସେଠାରେ ଫର୍ମୁଲା ହେବ, (୧୪୭-୨=୧୪୫। (୧୪୫x୧୦୦/୪+୧)+୧। ଏହି କ୍ଷେତ୍ରରେ ଗୋଟିଏ ଭୋଟ୍ ଲାଗି ୨୯ ଖଣ୍ଡ ଭୋଟର ଆବଶ୍ୟକତା ପଡ଼ିବ। ଏହିଭଳି ହୋଇଥାଏ ରାଜ୍ୟ ସଭା ଭୋଟିଂର ହିସାବ।

## ୧୨ରେ ଓଡ଼ିଶା ଫେରିବେ ନବୀନ, ସ୍ୱାଗତ କରିବାକୁ ବିଜେଡିର ପ୍ରସ୍ତୁତି

ଭୁବନେଶ୍ୱର,୧୦।୭(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୧୨ ତାରିଖ ମୁମ୍ବାଇରୁ ଫେରିବେ। ଗତ ୨୨ ତାରିଖରେ ଅସ୍ତ୍ରୋପଚାର ଲାଗି ସେ ଗତ ୨୦ରୁ ମୁମ୍ବାଇ ଯାଇରେ ଅଛନ୍ତି। ତାଙ୍କ ଅସ୍ତ୍ରୋପଚାର ସଫଳ ହୋଇଥିବା ବେଳେ ସେ ହସ୍ପିଟାଲରୁ ଗତ ସପ୍ତାହରେ ଡିସ୍‌ଚାର୍ଜ ହୋଇଥିଲେ। ଡିସ୍‌ଚାର୍ଜ ସମୟରେ ସେ ଡାକ୍ତରମାନଙ୍କ ସହ ଭେଟୁଥିବାର ଏକ ଭିଡିଓ ଜାରି କରିଥିଲେ। ଏହାପରେ ସେ ଫିଜିଓଥେରାପି ନେବା ଲାଗି କିଛିଦିନ ମୁମ୍ବାଇରେ ରହିବେ ବୋଲି ତାଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର ସୂଚନା ଦେଇଥିଲେ। ଶନିବାର ନବୀନ ଫେରିବେ ବୋଲି ଗୁରୁବାର ସନ୍ତୃପ୍ତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନବୀନଙ୍କୁ ସ୍ୱାଗତ ଲାଗି ବିଜେଡି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଦଳ ପକ୍ଷରୁ ୧୦ ହଜାର ଲୋକଙ୍କୁ ନେଇ ବିମାନବନ୍ଦରଠାରୁ ନବୀନ ନିବାସ ପର୍ଯ୍ୟନ୍ତ ସମ୍ବର୍ଦ୍ଧନା ଦେବା ଲାଗି ଯୋଜନା ହୋଇଥିବା ଜଣାପଡ଼ିଛି।

## ବଳକା ଚାଉଳ ନେବ ଏଫ୍‌ସିଆଇ: ଯୋଗାଣମନ୍ତ୍ରୀ

ଭୁବନେଶ୍ୱର,୧୦।୭
(ରବିନାରାୟଣ ଜେନା)

ରାଜ୍ୟରେ ଚଳିତବର୍ଷ ୧୫ଲକ୍ଷ ମେଟ୍ରିକ ଟନ୍ ବଳକା ଚାଉଳ ଭାରତ ସରକାରଙ୍କ ଖାଦ୍ୟ ନିଗମ(ଏଫସିଆଇ) ଉଠାଇବ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଗୁରୁବାର ଲୋକସେବା ଭବନରେ ବୈଠକ ଅବସରରେ ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ପ୍ରତିବର୍ଷ ରାଜ୍ୟରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ମେଟ୍ରିକ୍ ଟନ୍ ଚାଉଳ ବଳକା ରହୁଥିଲା। ମାତ୍ର ଚଳିତବର୍ଷ ୧୫ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଯାଇଛି। ତାହାକୁ ଏଫ୍‌ସିଆଇ ନ ଉଠାଇଲେ ସମସ୍ୟା ଉପୁଜିବ। ମାତ୍ର କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ସହ ଆଲୋଚନା ପରେ ଚଳିତବର୍ଷ ବଳକା ପ୍ରାୟ ୧୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ନେବାକୁ ଏଫ୍‌ସିଆଇ ସହମତି ପ୍ରକାଶ କରିଛି। ଏନେଇ କେନ୍ଦ୍ରମନ୍ତ୍ରୀ ଏଫ୍‌ସିଆଇକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଥିଲେ, ଚଳିତବର୍ଷ ରାଜ୍ୟ ସରକାର ୯୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ଚାଷୀମାନଙ୍କଠାରୁ ସଂଗ୍ରହ କରିଛନ୍ତି, ଯାହାକି ପୂର୍ବବର୍ଷ ତୁଳନାରେ ଢେର ଅଧିକ। ଏଥିରୁ ୬୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ବାହାରିବ। ରାଜ୍ୟରେ ୨୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଆବଶ୍ୟକତା ରହିଛି, ବାକି ୨୪ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏଫ୍‌ସିଆଇ ନେଇଥାଏ। ବଳକା ୧୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏଫ୍‌ସିଆଇ ଉଠାଇବ କି ନାହିଁ ସେନେଇ ପ୍ରଶ୍ନ ଉଠିଥିଲା। ମନ୍ତ୍ରୀ କହିଥିଲେ, ଚଳିତ ମାସରେ ଖାଉଟିଙ୍କୁ ଗହମ ମିଳିବ। ଯେତିକି ଗହମ ଆସିଥିଲା ହିତାଧିକାରୀଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ପରବର୍ତ୍ତୀ ସମୟରେ ପୁଣି କେନ୍ଦ୍ରରୁ ଗହମ ଆସିଲେ ବଣ୍ଟନ କରାଯିବ।

## ୨ ମହିଳା ମାଓବାଦୀ ଗିରଫ

ମାଲକାନଗିରି, ୧୦।୭ (ଦୁର୍ଯ୍ୟୋଧନ ପାତ୍ର)



ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ ଅପ୍ରେସନ୍ ସହ ୨ ମହିଳା ମାଓବାଦୀଙ୍କୁ ଗୁରୁବାର ଗିରଫ କରିଛି କୋହକାମେଟା ଥାନା ଅଞ୍ଚଳରେ କୋମ୍ବିଂ ସମୟରେ ୨ ମହିଳାଙ୍କ ଉପରେ ସନ୍ଦେହକରି ତାଙ୍କୁ ଗିରଫ କରିଥିଲା। ସେମାନେ ହେଲେ ପାରୋ ହପକା ଓ ସୁନିତା ଓରଫ ସଙ୍ଗୀତା ମାଡବି। ଏମାନଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ କରାଯାଇଛି। ପଚରାଉଚୁରା ପରେ ଏହି ୨ଜଣ ମାଓବାଦୀ ବୋଲି ଜଣାପଡ଼ିଥିଲା। ଏମାନେ ବହୁବର୍ଷ ଧରି ଜନତାନା ସରକାର ସଂଗଠନରେ ପ୍ରଚାର ଓ ପୋଲିସ ଉପରେ ଆକ୍ରମଣ ଘଟଣାରେ ସାମିଲ ଥିବା ଜଣାପଡ଼ିଛି। ଏମାନଙ୍କ ନିକଟରୁ ୧୨ ବିଜିଏଲ୍ ଲଞ୍ଚର ବନ୍ଧୁକ, ୨ ବିଜିଏଲ୍ ବୋମା, ଗୋଟିଏ ଟିଫିନ ବୋମା, ଗୋଟିଏ ଡେଟୋନେଟର, ୨୪ ପେନ୍‌ସିଲ ସେଲ୍ ସହ ଅନ୍ୟାନ୍ୟ ବିଦ୍ୟୁତ୍ ଉପକରଣ ଜବତ କରିଛନ୍ତି।

# ବ୍ୟାଙ୍କ ଶାଖା ବଢ଼ାଇବାକୁ ସହଯୋଗ ଲୋଡ଼ିଲା ଓଡ଼ିଶା

### ୨୭ତମ ପୂର୍ବାଞ୍ଚଳ ଜୋନାଲ କାଉନ୍‌ସିଲ ବୈଠକ

- ୪,୩୭୩ ପଞ୍ଚାୟତରେ ନାହିଁ ବ୍ୟାଙ୍କିଙ୍ଗ୍ ସେବା: ମୁଖ୍ୟମନ୍ତ୍ରୀ ମାଝୀ
- ପୁରୀରେ ୨୮ତମ ବୈଠକ ପାଇଁ ପ୍ରସ୍ତାବ



ଝାଡ଼ଖଣ୍ଡର ରାଞ୍ଚିଠାରେ ଅନୁଷ୍ଠିତ ଇଷ୍ଟର୍ନ ଜୋନାଲ କାଉନସିଲ୍ ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏବଂ ଅନ୍ୟମାନେ।

ଭୁବନେଶ୍ୱର,୧୦।୭(ରବିନାରାୟଣ ଜେନା)

ଓଡ଼ିଶାରେ ୪,୩୭୩ ଗ୍ରାମପଞ୍ଚାୟତରେ ବ୍ୟାଙ୍କ ସେବା ପହଞ୍ଚ ପାରି ନ ଥିବାରୁ ଶୀର୍ଷ ସ୍ତରରେ ଥିବା ବ୍ୟାଙ୍କଗୁଡ଼ିକୁ ପ୍ରୋତ୍ସାହନ ଦିଆଯାଇ ଏଠାରେ ଶାଖା ଖୋଲିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ରର ସହାୟତା ଲୋଡ଼ିଛନ୍ତି। ଝାଡ଼ଖଣ୍ଡର ରାଞ୍ଚିଠାରେ ଗୁରୁବାର ଅନୁଷ୍ଠିତ ଇଷ୍ଟର୍ନ ଜୋନାଲ କାଉନସିଲ୍‌ର ୨୭ତମ ବୈଠକରେ ଯୋଗ ଦେଇ ଫେରିବା ପରେ ଭୁବନେଶ୍ୱର ବିମାନ ବନ୍ଦରଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ ଏହା କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ରାଞ୍ଚିରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୬,୭୯୪ ଗ୍ରାମପଞ୍ଚାୟତ ରହିଥିଲେ ହେଁ ୨,୪୨୧ଟି ପଞ୍ଚାୟତରେ ବ୍ରିକ୍ ଆଣ୍ଡ ମୋର୍ଟାର ବ୍ୟାଙ୍କ ଶାଖା ରହିଛି। ଅବଶିଷ୍ଟ ୪,୩୭୩ ପଞ୍ଚାୟତରେ ଏହି ସୁବିଧା ନାହିଁ। ଭୌଗୋଳିକ ଦୃଷ୍ଟିକୋଣରୁ ସେସବୁ ଅଞ୍ଚଳରେ ଠିକଣା ଭାବେ ବ୍ୟାଙ୍କ ସେବା ପହଞ୍ଚି ପାରୁନାହିଁ। ସେଥିପାଇଁ ୪୨ହଜାର ୩୭୫ଜଣ ବ୍ୟାଙ୍କ ମିତ୍ର ଲୋକଙ୍କୁ ବ୍ୟାଙ୍କ ସେବାରେ ସହାୟତା କରୁଛନ୍ତି, ଯାହାକି ପର୍ଯ୍ୟାପ୍ତ ହୋଇପାରୁ ନାହିଁ। ଅନେକ ସମୟରେ ଦୁର୍ଗମାଞ୍ଚଳରେ ଇଣ୍ଟରନେଟ୍ ବ୍ୟବସ୍ଥିତ ନ ଥିବାରୁ ନେଟ୍‌ୱର୍କ ସମସ୍ୟା ଦେଖାଦେଉଛି, ଫଳରେ ବ୍ୟାଙ୍କ ସେବା ଠପ୍ ହୋଇଯାଉଛି। ଏହାବ୍ୟତୀତ ବ୍ୟାଙ୍କଗୁଡ଼ିକର ବ୍ୟାଙ୍କ ମିତ୍ରଙ୍କୁ କମିଶନ ଦେବାରେ ଏକକ ମାର୍ଗଦର୍ଶିକା ନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ୬ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସହିତ ସହଭାଗ କରି ବ୍ୟାଙ୍କ ସେବାକୁ ତ୍ୱରାନ୍ୱିତ କରିବାକୁ ଉଦ୍ୟମ କରୁଛନ୍ତି। ସେ ପୁଣି କହିଛନ୍ତି, ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠାରେ ଗ୍ରାହକ ସେବା କେନ୍ଦ୍ର(ସିଏସ୍‌ପି) ସୁବିଧା ଯୋଗାଇ ଦିଆଯାଉଛି। ୨,୭୪୨ ଗ୍ରାମପଞ୍ଚାୟତରେ ମୋର୍ଟାର ବ୍ୟାଙ୍କିଙ୍ଗ ନ ଥିଲେ ହେଁ ସିଏସ୍‌ପି ପ୍ରସ୍ତ ବ୍ୟାଙ୍କିଙ୍ଗ ସେବା ଲୋକଙ୍କ ପାଖରେ ପହଞ୍ଚିପାରୁଛି। ଅବଶିଷ୍ଟ ୧,୬୩୧ ଗ୍ରାମପଞ୍ଚାୟତରେ ଯଥାଶୀଘ୍ର ସିଏସ୍‌ପି ପ୍ରସ୍ତ ବ୍ୟାଙ୍କିଙ୍ଗ ସେବା ପହଞ୍ଚାଇବା ପାଇଁ ସରକାର ପ୍ରକ୍ରିୟା ଜାରି ରଖିଛନ୍ତି। ଏହାସହିତ ଇଣ୍ଟରନେଟ୍ ସେବା ଓ ବିଦ୍ୟୁତ୍ ସେବାକୁ ତ୍ୱରାନ୍ୱିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ପୂର୍ବାଞ୍ଚଳ ଜୋନାଲ କାଉନସିଲ ବୈଠକର ମୌଳିକ ଉଦ୍ଦେଶ୍ୟ ହେଉଛି ରାଜ୍ୟ-ରାଜ୍ୟ ଓ କେନ୍ଦ୍ର-ରାଜ୍ୟ ମଧ୍ୟରେ ସମ୍ପର୍କକୁ ନିବିଡ଼ କରିବା। ପରସ୍ପରକୁ ସହଯୋଗର ହାତ ବଢ଼ାଇବା ଓ ସାଧାରଣ ଭାବେ ସେମାନଙ୍କ ଏବଂ କେନ୍ଦ୍ର ସରକାରଙ୍କ ସହିତ ଜଡ଼ିତ ଥିବା ବିଷୟଗୁଡ଼ିକୁ ଆଲୋଚନା କରି ରାଜ୍ୟ-ରାଜ୍ୟ ମଧ୍ୟରେ ଅର୍ଥନୈତିକ ସମସ୍ୟାର ସମାଧାନ କରିବା, ଯାହାଫଳରେ ରାଜ୍ୟଗୁଡ଼ିକର ସାମାଜିକ ଓ ଆର୍ଥିକ ବିକାଶକୁ ପ୍ରୋତ୍ସାହନ ଦେବ। ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡ ସହିତ ଓଡ଼ିଶା କେବଳ ଭୌଗୋଳିକ ସୀମାରେ ସମ୍ପର୍କ ରହିଛି ତାହା ନୁହେଁ, ବରଂ ଇତିହାସ, ସଂସ୍କୃତି, ଅର୍ଥନୀତି ଓ ଏପରିକି ସମସ୍ୟାଗୁଡ଼ିକ ମଧ୍ୟ ଜଡ଼ିତ ରହିଛି। ସେହିପରି ଆକ୍ରମଣ ଆମ ସାମୂହିକ ଉନ୍ନତି ଆମେ କେତେଦୂର ସହଯୋଗ କରିପାରୁଛୁ ଓ ପରସ୍ପରକୁ ସମର୍ଥନ ଦେଉଛୁ, ତାହା ଉପରେ ନିର୍ଭର କରୁଛି। ଏହି ବୈଠକ ରାଜ୍ୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଖୋଲା ଆଲୋଚନା ପାଇଁ ଏକ ଉପଯୁକ୍ତ ପ୍ଲାଟଫର୍ମ, ଯାହାକି କେନ୍ଦ୍ର-ରାଜ୍ୟ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ମହିଳା ଓ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତିବଦ୍ଧ। ୨୦୨୫-୨୬ ଆର୍ଥିକ ବର୍ଷରେ ଏହି କ୍ଷେତ୍ର ପାଇଁ ୧୫,୨୨୨.୮୪ କୋଟି ଟଙ୍କାର ବଜେଟ ବ୍ୟୟ ପ୍ରସ୍ତାବ କରାଯାଇଛି। ଚଳିତ ବର୍ଷରୁ ନୂତନ ଯୋଜନା ମଧ୍ୟରେ ଓଡ଼ିଶା ପୁଷ୍ଟି ମିଶନ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ସୁଭଦ୍ରା ଯୋଜନା ଓ ଆମେ ପଢ଼ିବା ଆମ ଭାଷାରେ ଯୋଜନା ଉଲ୍ଲେଖଯୋଗ୍ୟ। ଗତ ବର୍ଷର ସଫଳତା ମଧ୍ୟରେ ସୁଭଦ୍ରା ଯୋଜନା ଅଧୀନରେ ୧ କୋଟିରୁ ଅଧିକ ମହିଳାଙ୍କୁ ବାର୍ଷିକ ୧୦,୦୦୦ ଟଙ୍କା ସହାୟତା, ଶକ୍ତି ମୋବାଇଲ ଆପ୍ ମାଧ୍ୟମରେ ମହିଳାଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯାଉଛି। ସେହିପରି ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟସେବାକୁ ନିଶ୍ଚିତ କରିବା ଲାଗି ଏବିପିଏମ୍‌ଜେଏୱାଇ, ଆୟୁଷ୍ମାନ ବୟୋବନ୍ଦନା ଯୋଜନା ପ୍ରଭୃତି କାର୍ଯ୍ୟକାରୀ କରାଯାଉଛି। ନାରୀ ନିର୍ଯ୍ୟାତନା ହ୍ରାସ ପାଇଁ ଫାଷ୍ଟ୍ରାକ୍ କୋର୍ଟ ସ୍ଥାପନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି।

ବୈଠକରେ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶରେ ସଂପୂର୍ଣ୍ଣ ମାଓବାଦୀ ସମାପ୍ତ ଉପରେ ଗୁରୁତ୍ୱ ଦିଆଯିବା ସହିତ ସାମାଜିକ ଓ ଆର୍ଥିକ ବିକାଶ କିଭଳି ତ୍ୱରାନ୍ୱିତ ହୋଇପାରିବ ତା' ଉପରେ ବିସ୍ତୃତ ଆଲୋଚନା ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୬ର ପୂର୍ବାଞ୍ଚଳ ଜୋନାଲ ପରିଷଦ ବୈଠକ ପୁରୀରେ କରିବା ପାଇଁ ସେ କେନ୍ଦ୍ରକୁ ପ୍ରସ୍ତାବ ଦେଇଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ଏନେଇ ସମ୍ମତି ପ୍ରକାଶ କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

### କ୍ଷେତ୍ରୀୟ ପରିଷଦଗୁଡ଼ିକ ଏବେ ସହଯୋଗର ଇଞ୍ଜିନ: ଶାହା

ରାଞ୍ଚି, ୧୦।୭

ରାଞ୍ଚିଠାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ପୂର୍ବାଞ୍ଚଳ ଜୋନାଲ ପରିଷଦ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶାହା କହିଛନ୍ତି, ସମ୍ପ୍ରତି ଜୋନାଲ ପରିଷଦଗୁଡ଼ିକ କେବଳ ଆଲୋଚନାର ମଞ୍ଚ ଭାବେ ସୀମିତ ନୁହନ୍ତି, ବରଂ ଏହା ସହଯୋଗର ଇଞ୍ଜିନ ପାଲଟିଛି। ଏହି ବୈଠକଗୁଡ଼ିକରେ ଉଠାଯାଇଥିବା ୮୩% ପ୍ରସଙ୍ଗର ପ୍ରଭାବଶାଳୀ ଢଙ୍ଗରେ ସମାଧାନ ହୋଇପାରିଛି ବୋଲି ଶାହା କହିଛନ୍ତି। ଏହି ବୈଠକରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିହାର ଏବଂ ପଶ୍ଚିମବଙ୍ଗର ପ୍ରତିନିଧି ସାମିଲ ହୋଇଥିଲେ। ଏହି କ୍ଷେତ୍ରୀୟ ପରିଷଦ ବୈଠକରେ ଝାଡ଼ଖଣ୍ଡର ମସାନ୍‌ଜୋର ଡ୍ୟାମ, ବିହାରର ତୈୟବପୁର ବ୍ୟାରେଜ୍ ଏବଂ ଇନ୍ଦ୍ରପୁରୀ ଜଳଭଣ୍ଡାର ପରି ଅନେକ ଦୀର୍ଘକାଳୀନ ଓ ଜଟିଳ ଆନ୍ତଃରାଜ୍ୟ ଜଳ ବିବାଦ ପ୍ରସଙ୍ଗକୁ ନେଇ ବିସ୍ତୃତ ଆଲୋଚନା ହୋଇଥିବା ଖବର ମିଳିଛି।

## ମନୋଜ କୁମାର ମହାନ୍ତି ଓପିଏସ୍‌ସି ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର,୧୦।୭(ସୁନିତ୍ ମିଶ୍ର)

**ପୂର୍ବରୁ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ସଚିବ ଦାୟିତ୍ୱ ତୁଲାଉଥିଲେ**

ଅବସରପ୍ରାପ୍ତ ଆଇଏଏସ୍ ଅଫିସର ମନୋଜ କୁମାର ମହାନ୍ତିଙ୍କୁ ରାଜ୍ୟ ସରକାର ଗୁରୁବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ସଦସ୍ୟ ଭାବେ ନିଯୁକ୍ତ କରିଛନ୍ତି। ତାଙ୍କୁ ୬ ବର୍ଷ ପାଇଁ ଏହି ଦାୟିତ୍ୱ ଦିଆଯାଇଛି। ତେବେ ତାଙ୍କୁ ୬୨ ବର୍ଷ ବୟସ ହେବା ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିପାରିବେ। ଏଥିମଧ୍ୟରୁ ଯେଉଁଟି ପ୍ରଥମେ ଆସିବ ତାହାକୁ ଗ୍ରହଣ କରାଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ରାଜ୍ୟପାଳ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ପୂର୍ବରୁ ମନୋଜ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ତୁଲାଉଥିଲେ।

## ବାପପୁଅଙ୍କ ସମେତ ୩ ମୃତ

### ବାଇକ୍-ବୁଲେଟ ମୁହାଁମୁହିଁ ଧକ୍କା

ପାତ୍ରପୁର,୧୦।୭ (ଉମା ଚରଣ ନେପାକ)

ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ଓଣାଗାଁ ରାସ୍ତା ନିକଟରେ ଗୁରୁବାର ଅପରାହ୍ନରେ ବାଇକ୍-ବୁଲେଟ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଜରଡ଼ା ଥାନା ଅଧୀନ ସାମନ୍ତରାପୁର ଗ୍ରାମର ଦଉ ଗୌଡ଼(୫୫), ତାଙ୍କ ପୁଅ ସୁନୀଲ ଗୌଡ଼(୨୫) ଓ ବି. ଏନ୍.ପୁର ଥାନା ଅଧୀନ ଗୁଲୁଣ୍ଡିର ରାଜେଶ ପାଣିଗ୍ରାହୀ। ପୋଲିସ ୩ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

ସୂଚନା ଅନୁଯାୟୀ, ଗୁଲୁଣ୍ଡିର ରାଜେଶ ଓ ତାଙ୍କ ସାଙ୍ଗମାନେ ବାରିଆ ପଥରକୁ ବଣଭୋଜି କରିବାକୁ ଯାଉଥିଲେ। ଭୋଜି ସାରି ରାଜେଶ ବାଇକରେ ଫେରୁଥିବା ବେଳେ ଓଣାଗାଁ ରାସ୍ତାରେ ବୁଲେଟରେ ଜରଡ଼ାରୁ ଫେରୁଥିବା ଦଉ ଓ ସୁନୀଲଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଗାଡ଼ିରୁ ଛିଟିକି ପଡ଼ି ଆରୋହୀମାନେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ସେତେବେଳେକୁ ସୁନୀଲ ଏବଂ ରାଜେଶଙ୍କ ମୃତ୍ୟୁ ଘଟି ସାରିଥିଲା। ସୁନୀଲଙ୍କ ବାପା ଦଉଙ୍କୁ ଚିକିତ୍ସା ଚାଲିଥିବା ବେଳେ ମୃତ୍ୟୁ ଘଟିଛି।



ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ବୁଲେଟ

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ 'ସମ୍ବିଧାନ ବଞ୍ଚାଅ ସମାବେଶ'ରେ ଯୋଗଦାନ, ସ୍ଥାନ: ବରମୁଣ୍ଡା ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ବାଞ୍ଛାର ବଗିଚା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

### ବାଲେଶ୍ୱର
- ବିଜେଡି ପକ୍ଷରୁ ଗଣବିକ୍ଷୋଭ,ସ୍ଥାନ:ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ନୀଳଗିରି,ସମୟ:ସକାଳ୯ଟା।
- ଏଫ୍‌ଏମ୍‌ୟୁର ୨୭ତମ ପ୍ରତିଷ୍ଠା ଦିବସ, ସ୍ଥାନ:ନୂତନ କ୍ୟାମ୍ପସ୍, ନୂଆପାଢ଼ୀ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।

### ଭଦ୍ରକ
- ଡ୍ରାଇଭର ସଂଘ ଆନ୍ଦୋଳନର ୪ର୍ଥ ଦିବସ, ସ୍ଥାନ: ଜାତୀୟ ରାଜପଥର ମାଛ ମାର୍କେଟ୍ ଛକ ନିକଟ, ଭଦ୍ରକ, ସମୟ: ସକାଳ ୮ଟା।

### ମୟୂରଭଞ୍ଜ
- ଏକ୍ସପୋ ଆଣ୍ଡ ଫନ୍ ଫେୟାର,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

### ବ୍ରହ୍ମପୁର
- ରାଜ୍ୟସ୍ତରୀୟ ତ୍ରିଦିବସୀୟ ଯୋଗ ଶିକ୍ଷା ଶିବିର, ସ୍ଥାନ: ବୈକୁଣ୍ଠ ନଗର ଦ୍ୱିତୀୟ ଗଳି, ସମୟ: ଅପରାହ୍ନ ୪.୩୦।

### କନ୍ଧମାଳ
- ପୋଲିସ ବିଭାଗ ଦ୍ୱାରା ନିଶା ବିରୋଧୀ ସଚେତନତା ଅଭିଯାନ, ସ୍ଥାନ: ଆଦିବାସୀ କଲେଜ ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ପଲେଇ, ଡେରାବିଶ, ସମୟ: ସକାଳ ୭ଟା।

### ନୟାଗଡ଼
- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ରଘୁନାଥ ଆଥ୍‌ଲେଟିକ୍ ଆସୋସିଏଶନ ଓଡ଼ଗାଁ, ସମୟ: ପୂର୍ବାହ୍ନ ୧୦ଟା।

- ବିକାଶ ପରିଷଦର ଧାରଣା, ସ୍ଥାନ: ଖଣ୍ଡପଡ଼ା ତହସିଲ ଅଫିସ ସମ୍ମୁଖ, ସମୟ:ପୂର୍ବାହ୍ନ ୧୧ଟା।

### ରାୟଗଡ଼ା
- ଓଡିଶା ବିଭାଗର ୨୬ତମ ଆଇଏସ୍‌ଟିଇ ଛାତ୍ର ସମାବେଶ ଏବଂ ଜାତୀୟ ପାଠଚକ୍ର, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୯ଟା ୩୦ ।

### ନବରଙ୍ଗପୁର
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତ ସାଧନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ଅଗ୍ରଗତି ସୂଚୀ ତାଲିମ ଶିବିର, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ ପୂର୍ବାହ୍ନ ୧୦ଟା।
- ଗଣଶିକ୍ଷା ମନ୍ତ୍ରୀଙ୍କୁ ଆଶା କର୍ମୀଙ୍କ ଦାବିପତ୍ର, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୯ଟା।

- ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ସାଓଲିନ କୁଙ୍ଗ୍‌ଫୁ ଉସୁ ଆସୋସିଏସନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦ ।

### ରାଉରକେଲା
- ରାସ୍ତା ସମସ୍ୟା ନେଇ ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ବର୍ଷା କବିତା ଆସର, ସ୍ଥାନ: ବ୍ୟାସଦେବ ସାହିତ୍ୟ କେନ୍ଦ୍ର, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୭ଟା ୩୦ ।

### ବୌଦ୍ଧ
- ଜିଲାସ୍ତରୀୟ ରାଜସ୍ୱ ବୈଠକ,ସ୍ଥାନ: ଜିଲାପାଳଙ୍କ ସଦଭାବନା ସଭାଗୃହ , ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦

### ସୁବର୍ଣ୍ଣପୁର
- ଡ୍ରାଇଭର ମହାସଂଘର ଆନ୍ଦୋଳନ ତୃତୀୟ ଦିନରେ, ସ୍ଥାନ: ସୋନପୁର ତେଲନଦୀ ବ୍ରିଜ୍ ଛକ, ସମୟ: ସକାଳ ୮ଟା।
- ପବିତ୍ର ଶ୍ରାବଣ ଅବସରରେ ତରଭା ନୀଳକଣ୍ଠେଶ୍ୱର ମନ୍ଦିରରେ ଜଳଶାୟୀ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା।
- ନୂତନ ଚର୍ଚ୍ଚ ଗୃହ ଉଦ୍‌ଘାଟନ, ସ୍ଥାନ: ଡୁଙ୍ଗୁରିପାଲି କଲେଜ ରାସ୍ତାପାର୍ଶ୍ୱ, ସମୟ: ପୂର୍ବାହ୍ନ ୧୦ଟା।
- ବିଏଲ୍‌ଓ ସୁପରଭାଇ କର୍ମଶାଳା ଉଦ୍‌ଯାପନୀ, ସ୍ଥାନ: ଉଲୁଣ୍ଡା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।

### ନୂଆପଡ଼ା
- ନୂଆପଡ଼ା ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ ଚତୁର୍ଥ ଦିବସ, ସ୍ଥାନ: କୋମନା ବ୍ଲକ କ୍ରିଷ୍ଣା ଛକ, ସମୟ: ସକାଳ ୭ଟା।
- ବିଶ୍ୱ ଜନସଂଖ୍ୟା ଦିବସ ପାଳନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିକୁ ସଜାଡି ନେବାରେ ସହକର୍ମୀ ସାହାଯ୍ୟ କରିବେ। ବନ୍ଧୁ ଓ ପରିବାର ସହ ସୁସମ୍ପର୍କ ସ୍ଥାପନ କ୍ଷେତ୍ରରେ ସମୟଟି ଅନୁକୂଳ ରହିବ। ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବା ଶୁଣିବାକୁ ପାଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଅନୁତାପ କରିବେ।

**ବୃଷ** — ପଡ଼ୋଶୀ ସହଯୋଗର ହାତ ବଢ଼ାଇବା କାରଣରୁ କୌଣସି କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଅନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ** — ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ କଟୁସତ୍ୟ କହିବାରୁ ତିକ୍ତତା ସୃଷ୍ଟି ହେବ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କଳା, ସାହିତ୍ୟ, ରାଜନୀତି , ସଂଗଠନ, ସଭାସମିତି କ୍ଷେତ୍ରରେ ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ** — ମନ କଥା ମନରେ ରଖି ସବୁ କଥାକୁ ଚିନ୍ତା କରି କାମ କଲେ ଉପକୃତ ହେବେ। ଭାଇ, ବନ୍ଧୁ ଓ କୁଟୁମ୍ବଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହେବ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** — ପରିବାରର ଋଣ ଭାରରେ ଅତିଷ୍ଠ ହେବେ,କିନ୍ତୁ ପରିଶୋଧ କରିବାର ରାସ୍ତା ଖୋଜି ପାଇପାରିବେ ନାହିଁ। କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବାରେ ସମର୍ଥ ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହେବ। ବିବାଦୀୟ ପରିସ୍ଥିତିକୁ ସୁଧାରିବାରେ ପଦାଧିକାରୀଙ୍କ ସହାୟତା ପାଇବେ।

**କନ୍ୟା** — ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ ଓ କଳହର ସମ୍ଭାବନା ରହିଛି। ସଭାସମିତିରେ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଅତିପ୍ରିୟ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ।

**ତୁଳା** — ଉତ୍ତମ ବୁଝାମଣା ହେତୁ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରିପାରିବେନି। ଫେରି ଯାଉଥିବା ବସ୍ତୁଟି ବାଟରୁ ଲେଉଟି ଆସିବ,ଫଳତଃ ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯିବ। ସହକର୍ମୀଙ୍କ ସହ ବିବାଦ ହେବ, ମାତ୍ର ଅନ୍ୟମାନେ ସାହାଯ୍ୟ କରିପାରନ୍ତି।

**ବିଛା** — ଅର୍ଥ ସମ୍ପର୍କ ଓ ସନ୍ତାନ ହେତୁକ ଦ୍ୱନ୍ଦ୍ୱଜନିତ ମାନସିକ ଅସ୍ଥିରତା ସୃଷ୍ଟି ହେବ। ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ତାହା ହୋଇଯିବ। ଦୋକାନ, ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳ ହେବେ। କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେଇଥିଲେ ସୁଦ୍ଧା ବିଶେଷ କିଛି ଅସୁବିଧା ହେବନାହିଁ।

**ଧନୁ** — ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଅଫିସରେ ସହକର୍ମୀମାନଙ୍କ ସହ ମିଷ୍ଟାଳାପରେ ମାତିରହିପାରନ୍ତି। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ । ଏଣୁ ଗାଡ଼ିକୁ ପରଖି ନେବା ଭଲ ହେବ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ମକର** — କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି,ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**କୁମ୍ଭ** — ମନ ବିକ୍ଷିପ୍ତ ରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାଦି କ୍ଷେତ୍ରରେ ବିଜୟ ଲାଭ କରିବେ। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** — ଆଜିର ଗ୍ରହ ସ୍ଥିତି ଅନୁକୂଳ ରହିଥିବାରୁ ଯାହା ଚିନ୍ତା କରୁଛନ୍ତି ତାହା ସହଜରେ ହାସଲ କରିବେ। ପିଲାଙ୍କ ସମସ୍ୟା ସମାଧାନ ପାଇଁ ସମ୍ପର୍କୀୟଙ୍କ ସହ ଆଲୋଚନା କରିବା ଭଲ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେ ଜଟିଳ ମନେକରୁଛନ୍ତି ସେପରି କିଛି ହେବନି। ପରିସ୍ଥିତିବଶତଃ କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହେବେ ।

ଆଜି ଜୁଲାଇ ୧୧ ତାରିଖ, ବିଶ୍ୱ ଜନସଂଖ୍ୟା ଦିବସ, ଶ୍ରାବଣ କୃଷ୍ଣ ପ୍ରତିପଦା ଶୁକ୍ରବାର। ରାଶି ନକ୍ଷତ୍ର- ଉତ୍ତରାଷାଢ଼ା/ଧନୁ, ଦିବା ଘ.୧୨।୦୭ ମି. ଗତେ, ମକରଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୮।୩୫ ଗତେ, ଘ.୧୦।୧୩ ମଧ୍ୟେ, ଘ.୧୧।୫୧ ଗତେ, ଘ. ୦୧।୨୮ ମଧ୍ୟେ ଅମୃତ ବେଳା। ଦିବା ଘ.୧୦।୧୩ ଗତେ, ଘ.୦୧।୫୧ ମଧ୍ୟେ, ଘ. ୦୩।୧୦ ଗତେ, ଘ.୦୪।୪୮ ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୦୩।୦୯ ମି. ଗତେ, ଘ. ୦୪।୪୮ ମଧ୍ୟେ ରାହୁକାଳ।

# ଭାଜପା ବିଧାୟକଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଲା ବିଜୁ ମହିଳା ଜନତା ଦଳ

## ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ନ ନେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ: ପ୍ରମିଳା

**ଭୁବନେଶ୍ୱର,୧୦ା୭(ସୁନିତ୍ ମିଶ୍ର)**

ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଭାଜପା ବିଧାୟକ ସନ୍ତୋଷ ଖଟୁଆ ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୋଗ ନେଇ ଗୁରୁବାର ବିଜୁ ମହିଳା ଜନତା ଦଳ ରାଜରାସ୍ତାକୁ ଓହ୍ଲାଇଛି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ମହିଳା ବିଜେଡିର ସ୍ୱାଭିମାନ ରାଲି କରାଯିବା ସହ ବିଧାୟକ ସନ୍ତୋଷ ଖଟୁଆଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ଅବସରରେ ପ୍ରମିଳା କହିଛନ୍ତି, ଜଣେ ମହିଳାଙ୍କ ପ୍ରତି ଭାଜପା ବିଧାୟକଙ୍କ କୁତ୍ସିତ ମନ୍ତବ୍ୟ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। କ୍ଷମତା ନିଶାରେ ଅନ୍ଧହୋଇ ଭାଜପା ବିଧାୟକମାନେ ନିଜର ନୀତିନୈତିକତା ଭୁଲିଯାଉଛନ୍ତି। ଭାଜପା ସରକାରରେ ମହିଳା କେତେ ଅସୁରକ୍ଷିତ ତାହା ଖଟୁଆଙ୍କ ମନ୍ତବ୍ୟରୁ ସ୍ପଷ୍ଟ ଅନୁମେୟ। ଭାଜପା ସରକାରକୁ ଆସିବା ଦିନଠାରୁ ରାଜ୍ୟରେ ମହିଳା ପ୍ରତିଦିନ ନିର୍ଯାତିତ ହେଉଛନ୍ତି। ଗତ ବର୍ଷକ ମଧ୍ୟରେ ରାଜ୍ୟରେ ବଳାତ୍କାର ହାର ଉଦ୍‌ବେଗଜନକ ଭାବେ ବୃଦ୍ଧିପାଇଛି। ଉତ୍ସବରେ ମାତି ଭାଜପା ସରକାର ମହିଳାଙ୍କ ସମ୍ମାନ ଭୁଲିଯାଇଛନ୍ତି। ଲେଖାଶ୍ରୀଙ୍କ ପ୍ରତି ବିଧାୟକ ଦେଇଥିବା ମନ୍ତବ୍ୟ ମାମଲାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ନ ହେଲେ ଆଗାମୀ ଦିନରେ ପ୍ରତି ଜିଲାରେ ବିଜୁ ମହିଳା ଜନତା ଦଳ ଆନ୍ଦୋଳନ କରିବ ବୋଲି ପ୍ରମିଳା କହିଛନ୍ତି। ଏହି ରାଲିରେ ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ମନୋରମା ମହାନ୍ତି, ସୁବାସିନୀ ଜେନା, ସୁଜାତା ସାହୁ, ମେୟର ସୁଲୋଚନା ଦାସ ପ୍ରମୁଖ ସାମିଲ ହୋଇଥିଲେ। ଅପରାହ୍ନରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ପୋଲିସ ଡିଜି ୱାଇ.ବି.ଖୁରାନିଆଙ୍କୁ ଭୁବନେଶ୍ୱର କ୍ୟାମ୍ପ ଅଫିସ୍‌ରେ ଭେଟି ସ୍ମାରକପତ୍ର ପ୍ରଦାନ କରିବା ସହ ବିଧାୟକଙ୍କ ଗିରଫ ଦାବି କରିଛନ୍ତି।



ବିଜୁ ମହିଳା ଜନତା ଦଳ ପକ୍ଷରୁ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ବିଧାୟକ ସନ୍ତୋଷ ଖଟୁଆଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

# କପିଳ ଶର୍ମାଙ୍କ କାଫେକୁ ଖଲିସ୍ତାନୀଙ୍କ ଗୁଳି

**ସରେ,୧୦ା୭(ପି.ଟି.)**




କାନାଡାର ବ୍ରିଟିଶ୍ କଲମ୍ବିଆସ୍ଥିତ ସରେରେ ନୂଆକରି ଖୋଲାଯାଇଥିବା ଭାରତୀୟ କମେଡିଆନ୍ କପିଳ ଶର୍ମାଙ୍କ ଏକ ରେଷ୍ଟୁରାଣ୍ଟ ଉପରକୁ ଗୁରୁବାର ଗୁଳିମାଡ଼ ହୋଇଛି। ଅଜ୍ଞାତ ବନ୍ଧୁକଧାରୀମାନେ କପିଲ୍ସ କାଫେକୁ ୯ ରାଉଣ୍ଡ ଗୁଳି ଚଳାଇବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ସରେ ପୋଲିସ ସର୍ଭିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଆକ୍ରମଣ ପାଇଁ ଖଲିସ୍ତାନୀ ଆତଙ୍କବାଦୀ ହରଜିତ୍ ସିଂ ଲଡ୍ଡି ନିଜକୁ ଦାୟୀ କରିଛନ୍ତି।

ସ୍ଥାନୀୟ ସମୟ ରାତି ପ୍ରାୟ ୨ଟାରେ ସରେ ପୋଲିସ ନିକଟକୁ ଏନେଇ ଫୋନ୍ କଲ୍ ଯାଇଥିଲା। କୁହାଯାଇଥିଲା, ୧୨୦ ଷ୍ଟ୍ରିଟ୍‌ସ୍ଥିତ ୮୪୦୦ ବ୍ଲକ୍‌ରେ ଥିବା ଏକ ବ୍ୟବସାୟିକ ପ୍ରତିଷ୍ଠାନ ଉପରକୁ ଗୁଳିମାଡ଼ ହୋଇଛି। ପୋଲିସ ସେଠାରେ ପହଞ୍ଚି ଦେଖିଲାବେଳକୁ କପିଲ୍ସ କାଫେ ଉପରକୁ ଗୁଳିମାଡ଼ ହୋଇଥିଲା। ଏଥିରେ ରେଷ୍ଟୁରାଣ୍ଟର କିଛି ଅଂଶ ଭାଙ୍ଗିରୁଜି ଯାଇଥିଲା। ତା' ଭିତରେ କାଫେ କର୍ମଚାରୀମାନେ ଆତଙ୍କିତ ଅବସ୍ଥାରେ ରହିଥିଲେ। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଥିବାବେଳେ ଏକ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ସେଥିରେ କାଫେ ବାହାରେ ଥିବା ଏକ କାର୍‌ରୁ ଜଣେ ବ୍ୟକ୍ତି ଗୁଳି କରୁଥିବା ଦେଖିବାକୁ ମିଳିଛି। ସେପଟେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ ଥିବା ଖଲିସ୍ତାନୀ ଆତଙ୍କବାଦୀ ହରଜିତ୍ ସିଂ ଲଡ୍ଡି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛନ୍ତି। ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ ଗ୍ୟାଙ୍ଗ୍ ସହ ଜଡ଼ିତ ହରଜିତ୍ ଭାରତ ବିରୋଧୀ ଅନେକ ଆତଙ୍କବାଦୀ କାର୍ଯ୍ୟକଳାପ ସହ ସମ୍ପୃକ୍ତ। ପଞ୍ଜାବ ସମେତ ଦେଶର ଅନେକ ସ୍ଥାନରେ ହୋଇଥିବା ଆକ୍ରମଣର ସେ ମାଷ୍ଟରମାଇଣ୍ଡ। ଏପରିକି ୨୦୨୪ ଏପ୍ରିଲରେ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ନେତା ବିକାଶ ପ୍ରଭାକରଙ୍କ ହତ୍ୟା ଷଡ଼ଯନ୍ତ୍ର ମଧ୍ୟ ହରଜିତ୍ ରଚିଥିବା ଅଭିଯୋଗ ରହିଛି। ତାଙ୍କୁ ଧରାଇଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ ପାଇଁ ପୂର୍ବରୁ ଏନ୍‌ଆଇଏ ଘୋଷଣା କରିଛି।

# ଦିଲ୍ଲୀ-ଏନ୍‌ସିଆର୍‌ରେ ଭୂକମ୍ପ

**ନୂଆଦିଲ୍ଲୀ, ୧୦ା୭**

ଦିଲ୍ଲୀ-ଏନ୍‌ସିଆର୍ ଏବଂ ଏହାର ଆଖପାଖ ଅଞ୍ଚଳରେ ଗୁରୁବାର ସକାଳେ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ୪.୪ ତୀବ୍ରତାର ଏହି ଭୂକମ୍ପର କେନ୍ଦ୍ରସ୍ଥଳ ହରିୟାଣାର ଝାଜ୍ଜରଠାରେ ହୋଇଥିବା ନେଇ ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ପୃଥିବୀ ପୃଷ୍ଠରୁ ପ୍ରାୟ ୧୦ କି.ମି. ଗଭୀରରେ ଏହାର ଉତ୍ପତ୍ତି ହୋଇଥିଲା। ତେବେ ଏହି ଭୂକମ୍ପ ପ୍ରଭାବରେ କୌଣସି କ୍ଷୟକ୍ଷତିର ରିପୋର୍ଟ ହୋଇନାହିଁ।

# ମୋଦିଙ୍କ ବିଦେଶ ଗସ୍ତକୁ ନେଇ ଭଗଓ୍ୱନ୍ତଙ୍କ ଟିପ୍ପଣୀ: ନିନ୍ଦାକଲା କେନ୍ଦ୍ର

**ନୂଆଦିଲ୍ଲୀ, ୧୦ା୭**



ଭଗଓ୍ୱନ୍ତ ମାନ୍

ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଦେଶ ଗସ୍ତକୁ ନେଇ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ କଟାକ୍ଷ କରି କହିଥିଲେ, ପ୍ରଧାନମନ୍ତ୍ରୀ ବାରମ୍ବାର ବିଦେଶ ଗସ୍ତ କରୁଛନ୍ତି। ଏବେ ପୁଣି ସେ କେଉଁ ଏକ ଦେଶକୁ ଯାଇଛନ୍ତି। ବୋଧହୁଏ ସେ ଘାନାକୁ ଯାଇଛନ୍ତି। ମାଗ୍ନେସିଆ, ଗାଲ୍‌ଭେସିଆ, ଟାର୍ଭେସିଆ ପରି ସେ ଅନେକ ସ୍ଥାନକୁ ଯାଉଛନ୍ତି ଯାହାର ନାମକୁ ମନେରଖିବା କଷ୍ଟକର। ଭଗଓ୍ୱନ୍ତଙ୍କ ଏହି ଟିପ୍ପଣୀକୁ ଗୁରୁବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ନିନ୍ଦା କରାଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ସମ୍ପୂର୍ଣ୍ଣ ଦାୟିତ୍ୱହୀନ ହୋଇଥିବା ବେଳେ ଏହା ବନ୍ଧୁ ରାଷ୍ଟ୍ରଗୁଡ଼ିକ ସହ ଭାରତର ସମ୍ପର୍କକୁ କ୍ଷତି ପହଞ୍ଚାଇପାରେ। କୌଣସି ମୁଖ୍ୟମନ୍ତ୍ରୀଙ୍କଠାରୁ ଏପରି ଟିପ୍ପଣୀ ଶୋଭନୀୟ ନୁହେଁ ବୋଲି ସେ କହିଛନ୍ତି।

# ସଡ଼କରୁ ସଂସଦ ଯାଏ ଲଢ଼େଇ ହେବ: ଭକ୍ତ

**ଭୁବନେଶ୍ୱର,୧୦ା୭(ରବିନାରାୟଣ ଜେନା)**

କଂଗ୍ରେସ ସମ୍ବିଧାନ ବଞ୍ଚାଇବା ପାଇଁ ଯେଉଁ ଅଭିଯାନ କଂଗ୍ରେସର ବରିଷ୍ଠ ନେତା ତଥା ଏଆଇସିସିର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ତାହା ଆଗାମୀ ଦିନରେ ଜୋରଦାର କରାଯିବ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି।। ସଡ଼କରୁ ସଂସଦ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି।

ଗୁରୁବାର କଂଗ୍ରେସଭବନରେ ଅନୁଷ୍ଠିତ ମିଶ୍ରଣପର୍ବରେ ଭକ୍ତ କହିଛନ୍ତି, କଂଗ୍ରେସ ପକ୍ଷରୁ ଶୁକ୍ରବାର ସମ୍ବିଧାନ ବଞ୍ଚାଅ ଓ ଦେଶ ବଞ୍ଚାଅ ମହାସମାବେଶ ଆୟୋଜନ କରାଯାଇଛି। ଏଥିପାଇଁ ତୃଣମୂଳସ୍ତରରେ ଲୋକେ କଂଗ୍ରେସ ସହିତ ଯୋଡି ହେବାପାଇଁ ଆଗେଇ ଆସୁଛନ୍ତି। ଏହାକୁ ଭାଜପା ସରକାର ସହ୍ୟ କରିପାରୁ ନାହିଁ। ବିଗାଡ଼ିବାପାଇଁ ଷଡଯନ୍ତ୍ର ଚଳାଇଛି। ଗଣତାନ୍ତ୍ରିକ ଅଧିକାର କ୍ଷୁଣ୍ଣ କରିବାପାଇଁ ଭାଜପା ଯେଉଁ ପ୍ରୟାସ କରୁଛି ସେଥିରେ ସଫଳ ହେବ ନାହିଁ ବୋଲି ଭକ୍ତ କହିଛନ୍ତି।

ଏହି ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନିତା ବିଶ୍ୱାଳ ବିଜେଡ଼ି ଛାଡ଼ି ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗଦାନ କରିଥିଲେ। ତାଙ୍କ ପରିବାରର ସମସ୍ତେ କଂଗ୍ରେସରେ ଥିବାରୁ ସେ ନିଜ ପରିବାରକୁ ଫେରିଛନ୍ତି ବୋଲି କହିଥିଲେ। ସୁନିତା କହିଥିଲେ ଯେ, ୧ବର୍ଷ ଧରି ବିଜେଡିରେ ତାଙ୍କୁ ଗୁରୁତ୍ୱ ଦିଆଯାଉ ନ ଥିଲା। ତେଣୁ ସେ ବିଜେଡି ଛାଡି କଂଗ୍ରେସରେ ଯୋଗଦାନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ହାତ ଧରିଲେ ସୁନିତା**



## ଗଡ଼ୁନି ଗାଡ଼ି...

ପ୍ରଥମ ପୃଷ୍ଠାରୁ...

ଅନ୍ୟପକ୍ଷରେ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ଶୁକ୍ରବାର(୧୧ ତାରିଖ) ରହିଥିବା ବେଳେ ଡ୍ରାଇଭର ମହାସଂଘ ଚଳାଇଥିବା ଆନ୍ଦୋଳନକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। ଡ୍ରାଇଭର ମହାସଂଘକୁ ଗୋଟିଏ ଦିନ ପାଇଁ ଆନ୍ଦୋଳନ ସ୍ଥଗିତ ରଖିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ନିବେଦନ କରିଛନ୍ତି। ଏହାସହିତ ସେ କହିଛନ୍ତି, ଏହି ଆନ୍ଦୋଳନ ପଛରେ ସରକାରୀ ଷଡ଼ଯନ୍ତ୍ର ରହିଛି। ଗୁରୁବାର ଅପରାହ୍ନରେ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, କଂଗ୍ରେସର 'ସମ୍ବିଧାନ ବଞ୍ଚାଅ' ମହାସମାବେଶରେ ରାହୁଲ ଗାନ୍ଧୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ପୂର୍ବରୁ ଘୋଷଣା ହୋଇଛି। କଂଗ୍ରେସର ସମାବେଶକୁ ସଫଳ କରିବା ପାଇଁ ରାଜ୍ୟସାରା ଲୋକେ ରାଜଧାନୀକୁ ଆସିବାକୁ ଚାହୁଁଛନ୍ତି। ହେଲେ ଏଥିରେ ଡ୍ରାଇଭର ମହାସଂଘର ଆନ୍ଦୋଳନ ବାଧା ସୃଷ୍ଟି କରୁଛି। ଏହି ଆନ୍ଦୋଳନ ପଛରେ ସରକାରଙ୍କ ପ୍ରଚ୍ଛନ୍ନ ହାତ ରହିଛି। ପୂର୍ବରୁ ବିରୋଧୀ ଦଳରେ ଥିବାବେଳେ ଭାଜପା ପକ୍ଷରୁ ମହାସଂଘର ଆନ୍ଦୋଳନକୁ ସରକାର କାହିଁକି ପୂରଣ କରୁନାହାନ୍ତି ବୋଲି ଯୁକ୍ତି ବାଢୁଥିଲେ। ହେଲେ ଏବେ ଏହି ଆନ୍ଦୋଳନ ଏକ ପ୍ରକାର ପ୍ରାୟୋଜିତ। କଂଗ୍ରେସକୁ ଟାର୍ଗେଟ କରି ଓଡ଼ିଶା ଲୋକଙ୍କୁ ହଇରାଣ କରିବା ପାଇଁ ଏହା ସୁଚିନ୍ତିତ ଯୋଜନା। ହେଲେ ଲୋକେ ଏହାକୁ ବରଦାସ୍ତ କରିବେ ନାହିଁ। ରାଜ୍ୟରେ ଏବେ ଘଡ଼ିସନ୍ଧି ମୁହୂର୍ତ୍ତରେ ରାହୁଲ ଗାନ୍ଧୀ ଓଡ଼ିଶା ଆସୁଛନ୍ତି। ରାହୁଲ ଆସିଲେ ଓଡ଼ିଶାରେ ଏକ ନୂଆ ରାଜନୈତିକ ବାତାବରଣ ସୃଷ୍ଟି ହେବ। ହେଲେ ଏହାକୁ ଭଣ୍ଡୁର କରାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଭକ୍ତ କହିଛନ୍ତି। ସେହିପରି ବିଜେଡି ନେତ୍ରୀ ତଥା ବିରୋଧୀଦଳ ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପୂର୍ବରୁ ବିରୋଧୀ ଦଳରେ ଥିବାବେଳେ ଡ୍ରାଇଭର ସଂଘର ଦାବି ଯୁକ୍ତିଯୁକ୍ତ ବୋଲି କହୁଥିଲେ। ସଂଘର ଦାବି ପୂରଣ କରିବାକୁ ସରକାରଙ୍କଠାରେ ଦାବି ରଖିଥିଲେ। ସଂଘର ଦାବି ଯୁକ୍ତିଯୁକ୍ତ, ତେଣୁ ସରକାର ତୁରନ୍ତ ପୂରଣ କରନ୍ତୁ ବୋଲି ସେ କହିଛନ୍ତି।

ଭାଜପା ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି, କଂଗ୍ରେସ ଯେଉଁ ଅଭିଯୋଗ କରୁଛି ତାହା ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ। ଏହି ଆନ୍ଦୋଳନ ବିରୋଧୀଙ୍କ ଚାଲ୍। ସରକାରଙ୍କୁ ବଦ୍‌ନାମ କରିବାକୁ ଚାହୁଁଛନ୍ତି ବିରୋଧୀ। କଂଗ୍ରେସ ଏବେ ଯାଏ ଡ୍ରାଇଭର ମହାସଂଘକୁ ଆନ୍ଦୋଳନରୁ ଓହରିବାକୁ ଥରେ ହେଲେ କହିନାହିଁ। ବିରୋଧୀମାନେ ହିଁ ଡ୍ରାଇଭର ମହାସଂଘ ଆନ୍ଦୋଳନ ପଛରେ ଅଛନ୍ତି ବୋଲି ସେ କହିଛନ୍ତି।

ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଡ୍ରାଇଭର ସଂଘର ଦାବିକୁ ସରକାର ବିଚାର କରୁଛନ୍ତି। ସେମାନଙ୍କର ଦାବି ଖୁବ୍‌ଶୀଘ୍ର ପୂରଣ ହେବ। ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ଆଦୌ ସଙ୍କଟ ନାହିଁ। ଭୁବନେଶ୍ୱରକୁ ୧୫୦ ତେଲ ଟ୍ୟାଙ୍କର ଆସିଥିବାବେଳେ କଟକକୁ ୭୬ ଟ୍ୟାଙ୍କର ଆସିଛି। ସବୁ ସହରକୁ ତେଲ ପଠାଯାଇଛି। ତେଲର କଳାବଜାରକୁ ରୋକିବାପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି କଳାବଜାର ହେବା ନଜରକୁ ଆସିବ ସେଠାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଗଞ୍ଜେଇ ଯାଞ୍ଚ ବେଳେ...

ପ୍ରାୟ ୨ଟା ବେଳେ ମହାରାଷ୍ଟ୍ର ନମ୍ବର ଥିବା ଏକ ସ୍କର୍ପିଓ (ଏମ୍‌ଏଚ୍-୦୧-ଇଏଫ୍-୦୫୪୯)କୁ ଅଟକାଇ ଅବକାରୀ ବିଭାଗ କର୍ମଚାରୀ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଉକ୍ତ ଗାଡ଼ିର ସିକ୍ରେଟ୍ ଚାମ୍ବରରେ ବିପୁଳ ରୁପା ମିଳିଥିଲା। ରୁପା ଧରପଗଡ଼ ଅବକାରୀ ବିଭାଗ ପରିସରଭୁକ୍ତ ହୋଇ ନ ଥିବାରୁ ସମ୍ବଲପୁର ସିଟି ଜିଏସ୍‌ଟି ବିଭାଗକୁ ଖବର ଦିଆଯାଇଥିଲା। ଜିଏସ୍‌ଟି ଅଧିକାରୀମାନେ ରେଙ୍ଗାଲି ଯାଇ ତଦନ୍ତ କରିଥିଲେ। ଚାଲାଣ ହେଉଥିବା ରୁପାର କୌଣସି ବୈଧ କାଗଜପତ୍ର ଦେଖାଇ ନ ପାରିବାରୁ ଗାଡ଼ି ସହିତ ରୁପାକୁ ଜବତ କରାଯାଇଛି। ପଚରାଉଚରା ବେଳେ ଗାଡ଼ିରେ ଥିବା ୨ ବ୍ୟକ୍ତି ଚୋରି ଭୟରେ ଗାଡ଼ି ସିକ୍ରେଟ୍ ଚାମ୍ବରରେ ରୁପା ରଖି ଛତିଶଗଡ଼ ରାୟପୁରରୁ କୋଲକାତା ଅଭିମୁଖେ ଯାଉଥିଲେ ବୋଲି କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯମ ଘୋଷାରୁଛି ବାରେ
ଏଣେ ମାୟା ଡାକୁଛି ବାରେ ।**

ସାଧାରଣତଃ ସଂସାରର ମାୟାଜାଲରେ ପଡ଼ିଥିବା ବ୍ୟକ୍ତି ଅବସ୍ଥା ଚକ୍ରରେ ଘାଣ୍ଟି ହୋଇଥାନ୍ତି। ଜଞ୍ଜାଳରେ ଘାରି ହେଉଥିବା ବ୍ୟକ୍ତିଙ୍କ ମୃତ୍ୟୁକାଳୀନ ଅବସ୍ଥା ବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ରୂପ ମହଣ୍ଡାର ଗୋଠ
ତାକୁ ନାଇଥିଲା ମାଧିଆ ମାଆ
ତା' ଅଣ୍ଟା ଦିଶଇ ମୋଟ ।**

ଗହଣା ପିନ୍ଧି ସଜେଇ ହେବା ନାରୀଙ୍କର ଏକ ସଉକ। ବିଭିନ୍ନ ପ୍ରକାରର ଗହଣା ପିନ୍ଧି ଅନ୍ୟ ଆଗରେ ନିଜକୁ ଦେଖେଇ ହେବାରେ ସେମାନେ ଆନନ୍ଦ ପାଇଥାନ୍ତି। ଏହିପରି ଗହଣା ପିନ୍ଧି ଅନ୍ୟ ଆଗରେ ନିଜକୁ ଦେଖେଇ ହେଉଥିବା ନାରୀଟି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବିଗୁଡୁଛି ଯାତ୍ରୀ ପରିବହନ ସେବା

୬ ଦଫା ଦାବିରେ ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ଗତ ୩ଦିନ ଧରି ସାରା ରାଜ୍ୟରେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଜାରି ରହିଛି। ଘରୋଇ ବସ୍ ଚଳାଚଳ ବନ୍ଦ ଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକମାନେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ଠିକ୍ ସମୟରେ ପହଞ୍ଚି ପାରୁନାହାନ୍ତି। କେତେକ ସ୍ଥାନରେ ସରକାରୀ ବସ୍ ଚଳାଚଳ କରୁଥିଲେ ସୁଦ୍ଧା ଏହା ପର୍ଯ୍ୟାପ୍ତ ହେଉ ନ ଥିବାରୁ ଯାତ୍ରୀ ପରିବହନ ସେବା ବିଗିଡ଼ିବାରେ ଲାଗିଛି। ସରକାର ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରି ଡ୍ରାଇଭର ମହାମଞ୍ଚର ଦାବି ପୂରଣ ଦିଗରେ ନିଷ୍ପତ୍ତି ନେବା ଜରୁରୀ ବୋଲି ବିଭିନ୍ନ ସ୍ଥାନରେ ଫସି ରହିଥିବା ଲୋକମାନେ ମତ ପ୍ରକାଶ କରିଛନ୍ତି।



ବ୍ରହ୍ମପୁର ବସ୍ଷ୍ଟାଣ୍ଡରେ ଯାତ୍ରୀମାନେ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଅପେକ୍ଷା କରିଛନ୍ତି।

### ସରକାର ତୁରନ୍ତ ସମାଧାନ କରନ୍ତୁ



୩ ଦିନ ଧରି ବସ୍ ଚଳାଚଳ ବନ୍ଦ ଥିବାରୁ ଭଦ୍ରକରୁ ନିଜ ଘର ଭଣ୍ଡାରିପୋଖରୀ ବ୍ଲକ ପୁରୁଷୋତ୍ତମପୁର ଗ୍ରାମକୁ ଯିବାରେ ସମସ୍ୟା ସୃଷ୍ଟି ହେଉଛି। ୩୦ଟଙ୍କା ବସ୍ ଭଡ଼ାରେ ଯାତାୟାତ କରୁଥିବା ବେଳେ ଏବେ କାର୍ ଓ ଅଟୋରେ ୫ ଗୁଣା ଅଧିକ ଖର୍ଚ୍ଚାନ୍ତ ହେବା ସହ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ସରକାର ଏହାକୁ ଗୁରୁତ୍ୱର ସହ ନିଅନ୍ତୁ। ଆନ୍ଦୋଳନରତ ଡ୍ରାଇଭରମାନଙ୍କ ସହ ସରକାର ଆଲୋଚନା କରି ତୁରନ୍ତ ସମାଧାନ କଲେ ଆମ ଭଳି ଯାତ୍ରୀମାନଙ୍କୁ ଏହି ଅସୁବିଧାରୁ ମୁକ୍ତି ମିଳିପାରନ୍ତା।

- ମମତା ନାୟକ, ବିଏଡ୍ ଛାତ୍ରୀ, ଭଦ୍ରକ

### ଧର୍ମଘଟ ଯୋଗୁ ପାଠ ପଢ଼ିବାକୁ ଯାଇପାରିଲି ନାହିଁ



ଭୁବନେଶ୍ୱର ପଟିଆର ଏକ ବୈଷୟିକ ଶିକ୍ଷାନୁଷ୍ଠାନରେ ଇଣ୍ଟିଗ୍ରେଟେଡ୍ ଏମ୍ସିଏ ପାଠ ପଢୁଛି। ପ୍ରତିଦିନ ବସ୍‌ରେ ଯିବାଆସିବା କରେ। ମାତ୍ର ଧର୍ମଘଟ ଯୋଗୁ ଗୁରୁବାର ପାଠ ପଢ଼ିବାକୁ ଯାଇପାରିଲି ନାହିଁ। ମୋ ଭଳି ଅନେକ ପିଲା ଓ ଲୋକମାନେ ମଧ ହଇରାଣ ହୋଇଛନ୍ତି। ତୁରନ୍ତ ଏସବୁ ସମସ୍ୟାର ସମାଧାନ କରାଯିବା ଦରକାର।

- ପ୍ରିୟାଂଶୁ ଜେନା, ଛାତ୍ର, ଅରୁଣୋଦୟ ନଗର, କଟକ

### ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି



ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁ ଘରୋଇ ବସ୍ ଚଳାଚଳ ବନ୍ଦ ରହିଛି। ଜିଲା ଭିତରେ ଓ ଦୂରସ୍ଥାନକୁ ଯିବା ଆସିବା ପାଇଁ ଲୋକେ ହଇରାଣ ହେଉଛନ୍ତି। ଗୁରୁବାର ଭୁବନେଶ୍ୱରରେ ଜରୁରୀ କାମ ଥିଲା। ସରକାରୀ ବସ୍‌ରେ ଯିବା ପାଇଁ ଭାବିଥିଲି। କିନ୍ତୁ ଟିକେଟ ନ ମିଳିବାରୁ ଯାଇ ପାରିଲିନି। ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ ଆନ୍ଦୋଳନ ଯୋଗୁ ରାଜ୍ୟରେ ପରିବହନ ବ୍ୟବସ୍ଥା ଠପ୍ ହୋଇଗଲାଣି। ଯାତ୍ରୀ ଓ ସାମଗ୍ରୀ ପରିବହନ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ସରକାରୀ ବସ୍‌ରେ ଯାତ୍ରୀମାନେ ଯାତାୟାତ କରୁଥିଲେ ମଧ ତାହା ଯଥେଷ୍ଟ ହେଉନି। ସରକାର ଡ୍ରାଇଭର ସଂଘ ସହିତ ଆଲୋଚନା କରି ସମାଧାନର ବାଟ ବାହାର କରନ୍ତୁ।

- ସରୋଜ ପ୍ରକାଶ ପଧାନ, ଜାଲୋଏ, ସୁବର୍ଣ୍ଣପୁର

### ଘରକୁ ଫେରିବା ଚିନ୍ତା ଘାରୁଛି



ବସ୍ ଚଳାଚଳ ବନ୍ଦ ଯୋଗୁ ବହୁ ହଇରାଣ ହେବାକୁ ପଡୁଛି। ଟାଇଲ୍ ମିସ୍ତ୍ରି କାମ କରି ପରିବାର ଚଳାଏ। ବସ୍ ଯୋଗେ ବିଭିନ୍ନ ଅଞ୍ଚଳକୁ କାର୍ଯ୍ୟ ପାଇଁ ଯା'ଆସ କରୁଥିଲି। ଗୁରୁବାର ଉଦଳାକୁ କାମ କରିବାକୁ ଯିବାର ଥିଲା। ବାଲେଶ୍ୱର ବସ୍ଷ୍ଟାଣ୍ଡରେ ଦିନତମାମ୍ ଅପେକ୍ଷା କଲି। ମାତ୍ର ବସ୍ ନ ଯିବାରୁ କେମିତି ଘରକୁ ଫେରିବି ସେନେଇ ଚିନ୍ତାରେ ଅଛି। ବସ୍ ଚଳାଚଳ ସ୍ୱାଭାବିକ ଦିଗରେ ସରକାର ପଦକ୍ଷେପ ଗ୍ରହଣ କଲେ ସମସ୍ତ ଯାତ୍ରୀ ଉପକୃତ ହେବେ।

- ବିବେକାନନ୍ଦ ଅଧିକାରୀ, ପୂର୍ବ ମେଦିନୀପୁର, ପଶ୍ଚିମବଙ୍ଗ

### କର୍ମସ୍ଥଳକୁ ଆସିବାକୁ ବହୁ ହଇରାଣ ହେବାକୁ ପଡୁଛି



ମୁଁ ଏକ ଦୋକାନରେ କମ୍ପ୍ୟୁଟର କାମ କରିବାକୁ ପ୍ରତିଦିନ ସିଲଟିଗୁଡ଼ା ଗ୍ରାମରୁ ପ୍ରାୟ ୧୫ କି.ମି. ଦୂର ରାୟଗଡା ସହରକୁ ବସ୍ ଯୋଗେ ଆସେ। ଏବେ ଡ୍ରାଇଭରଙ୍କ ଧର୍ମଘଟ ଯୋଗୁ ବସ୍‌ସେବା ବନ୍ଦ ରହିଥିବାରୁ ପ୍ରତିଦିନ କର୍ମସ୍ଥଳକୁ ଆସିବାକୁ ବହୁତ ହଇରାଣ ହେବାକୁ ପଡୁଛି। ଆମ ଗାଁକୁ ମୋ ବସ୍ ସେବା ସୁବିଧା ନ ଥିବାରୁ ରାୟଗଡ଼ା ଯିବାଆସିବା ପାଇଁ ବାଇକ୍ ଚାଳକଙ୍କୁ ଲିଫ୍ଟ ମାଗିବାକୁ ପଡେ। ତେବେ ମୁଁ ଜଣେ ଝିଅ ହୋଇଥିବାରୁ ଅଜ୍ଞାତ ବ୍ୟକ୍ତିଙ୍କ ସହ ଯିବା ପାଇଁ ମନରେ ଭୟ ସୃଷ୍ଟି ହୋଇଥାଏ। ହେଲେ କାମକୁ ନ ଗଲେ ପରିବାର ଭରଣପୋଷଣ ଅସମ୍ଭବ। ତେଣୁ ରାଜ୍ୟ ସରକାର ଡ୍ରାଇଭରଙ୍କ ସମସ୍ୟାର ସମାଧାନ କରି ତୁରନ୍ତ ବସ୍‌ସେବା ଆରମ୍ଭ କରିବାକୁ ଅନୁରୋଧ।

- ଲକ୍ଷ୍ମୀ ପୁଲାକା, କର୍ମଜୀବୀ, ରାୟଗଡ଼ା ବ୍ଲକ୍

### ପିଲାଙ୍କୁ ଧରି ହଇରାଣ ହେଉଛି



ବେଙ୍ଗାଲୁରୁରେ କାମ କରୁଥିବାରୁ ସେଠାରେ ପରିବାର ସହ ରହୁଛି। ଜରୁରୀ କାମ ଥିବାରୁ ବୁଧବାର ସନ୍ଧ୍ୟାରେ ପ୍ରଶାନ୍ତି ଏକ୍ସପ୍ରେସ୍‌ରେ ସମସ୍ତେ ଆସି ବ୍ରହ୍ମପୁର ଷ୍ଟେଶନରେ ଓହ୍ଲାଇଲୁ। କନ୍ଧମାଳ ଜିଲାର ବାଲିଗୁଡା ଯିବାପାଇଁ ବ୍ରହ୍ମପୁର ବସ୍ଷ୍ଟାଣ୍ଡ ଆସିଲା ବେଳେ ଏଠାରେ ଡ୍ରାଇଭରଙ୍କ ଆନ୍ଦୋଳନ ଚାଲିଥିବା ଶୁଣିଲି। ୨୪ ଘଣ୍ଟା ହୋଇଗଲା, ଘରକୁ ଯିବା ପାଇଁ ପିଲାଙ୍କୁ ଧରି ଅପେକ୍ଷା କରିଛି। ଘରୋଇ ବସ୍ ବନ୍ଦ ଯୋଗୁ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛୁ। ପଚାରିଲେ କୁହାଯାଉଛି ଯେ, କେବେ ବସ୍ ଚାଲିବ କହି ହେବନି। ତେଣୁ ବସ୍ଷ୍ଟାଣ୍ଡରେ ପଡି ରହିଛୁ। ଖାଇବୁ କେମିତି, ରହିବୁ କେଉଁଠି ତାକୁ ନେଇ ଚିନ୍ତାରେ ରହିଛି।

- କୃପା ମଲ୍ଲିକ, ବସ୍‌ଯାତ୍ରୀ, ବାଲିଗୁଡା

### ଲିଫ୍ଟ ମାଗି ବଲାଙ୍ଗୀର ଆସିଲି



ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ଗାଡ଼ି ମୋଟର ଚଳାଚଳ ବନ୍ଦ ରହିଛି। ଏଥିଯୋଗୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୁରୁବାର ମେଡିସିନ୍ କିଣିବା ପାଇଁ ଆମ ଗାଁ ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକର ଘଣ୍ଟାରପାଲିରୁ ପ୍ରାୟ ୩୦ କିଲୋମିଟର ଦୂର ବଲାଙ୍ଗୀର ସହର ଆସିବାକୁ ମୋତେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ପୂର୍ବାହ୍ନ ୧୧ଟାରୁ ଘରୁ ବାହାରି ଜଣେ ମୋଟର ସାଇକେଲ ଆରୋହୀଙ୍କୁ ଲିଫ୍ଟ ମାଗି ବଲାଙ୍ଗୀର ଆସିଥିଲି। ଅପରାହ୍ନ ୨ଟାରୁ କାମ ସରିଯାଇଥିଲେ ମଧ ବସ୍ ଚଳାଚଳ କରୁ ନ ଥିବାରୁ ଘରକୁ ଫେରି ପାରୁନାହିଁ। ଏବେ ସନ୍ଧ୍ୟା ୬ଟା ହୋଇଗଲାଣି। ବଲାଙ୍ଗୀର ସରକାରୀ ବସଷ୍ଟାଣ୍ଡରେ ସରକାରୀ ବସ୍‌କୁ ଅପେକ୍ଷା କରିଛି। ବସ୍ ଆସିଲେ ଗାଁକୁ ଯିବି।

- ରାମଚନ୍ଦ୍ର ପଧାନ, ଯାତ୍ରୀ, ଘଣ୍ଟାରପାଲି, ସୁବର୍ଣ୍ଣପୁର

# ଆନ୍ଦୋଳନ ବେଳେ ଟ୍ରକ୍ ଡ୍ରାଇଭରଙ୍କୁ ମାଡ଼ ମାରିଲେ ଡ୍ରାଇଭର

## ଗୁରୁତର ଡ୍ରାଇଭର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି

ବଲାଙ୍ଗୀର,୧୦।୭ (ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶା ଡ୍ରାଇଭର ସଂଘ ପକ୍ଷରୁ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଚାଲିଥିବା ବେଳେ କାହିଁକି ଟ୍ରକ୍ ଚଳାଇଲ ବୋଲି ଆନ୍ଦୋଳନରତ କେତେଜଣ ଡ୍ରାଇଭର ସଂଘବଦ୍ଧ ଭାବେ ଜଣେ ଡ୍ରାଇଭରଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି। ମାଡ଼ରେ ଆହତ ହୋଇଥିବା ଡ୍ରାଇଭର ଜଣକ ହେଲେ ବଲାଙ୍ଗୀର ଜିଲା ପୁଇଁତଲା ଥାନା ଭାଲେର ଗାଁର ମନୋଜ ବରର୍ତ୍ତି (୨୭)। ତାଙ୍କ ମୁଣ୍ଡ ଓ ମୁହଁରେ ଆଘାତ ଲାଗିଛି। ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି।

ବଲାଙ୍ଗୀରର ଟ୍ରକ୍ ମାଲିକ ଶ୍ରୀଧର ପଟେଲଙ୍କ ଅଭିଯୋଗ ଅନୁସାରେ ତାଙ୍କର ଏକ ଟ୍ରକ୍ ସୁବର୍ଣ୍ଣପୁର ଜିଲା ଶରଧାପାଲିସ୍ଥିତ ଇଥାନଲ ପ୍ଲାଣ୍ଟରେ ରହିଥିଲା।



ଡ୍ରାଇଭରଙ୍କ ମାଡ଼ରେ ଆହତ ଡ୍ରାଇଭର ମନୋଜ ବରର୍ତ୍ତି।

ଓଡ଼ିଶା ଡ୍ରାଇଭର ସଂଘର ଷ୍ଟିଅରିଂ ଛାଡ ଆନ୍ଦୋଳନ ଯୋଗୁ ଗତ ୩ ଦିନ ହେଲା ଟ୍ରକ୍‌ଟି ଇଥାନଲ ପ୍ଲାଣ୍ଟ ନିକଟରେ ରହିଥିଲା। ତେବେ ଟ୍ରକ୍ ମାଲିକ ପଟେଲ ତାଙ୍କ ଡ୍ରାଇଭର ମନୋଜଙ୍କୁ ସେହି ଟ୍ରକକୁ ବଲାଙ୍ଗୀର ନେଇ ଆସିବା ପାଇଁ କହିଥିଲେ। ଫଳରେ ଖାଲି ଟ୍ରକ୍ ନେଇ ଶରଧାପାଲିରୁ ଡ୍ରାଇଭର ଜଣକ ବଲାଙ୍ଗୀର ଅଭିମୁଖେ ଆସୁଥିଲେ। କିନ୍ତୁ ଆସିବା ବାଟରେ ବଲାଙ୍ଗୀର–ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ଭଇଁଷାପାଲି ଟୋଲ ଗେଟ୍‌ଠାରେ ଟ୍ରକ୍‌କୁ ଅଟକାଇ ୫୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ମନୋଜଙ୍କୁ କାହିଁକି ଗାଡି ଚଳାଉଛୁ କହି ନିସ୍ତୁକ ମାଡ ମାରିଥିବା ଅଭିଯୋଗ ହୋଇଛି। ଡ୍ରାଇଭର ମନୋଜଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କର ସିଟି ସ୍କାନ୍ ପରୀକ୍ଷା ପାଇଁ ଡାକ୍ତର ପରାମର୍ଶ ଦେଇଥିବା ଟ୍ରକ୍ ମାଲିକ ପଟେଲ କହିଛନ୍ତି। ସୁବର୍ଣ୍ଣପୁର ଜିଲାର ତରଭା ଏବଂ ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକର ଆନ୍ଦୋଳନରତ ଡ୍ରାଇଭରମାନଙ୍କ ମଧ୍ୟରୁ କେତେଜଣ ଡ୍ରାଇଭର ମନୋଜଙ୍କୁ ମାଡ ମାରିଥିବା ପୁଇଁତଲା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ୨ କି.ମି. କାଦୁଅ ରାସ୍ତାରେ ଚାଲିଲେ ବରକନ୍ୟା



ଚାନ୍ଦବାଲି ବ୍ଲକ ଚରଦିଆ ପଞ୍ଚାୟତର ଧ୍ରୁବପଲ୍ଲୀପୁର ଗ୍ରାମରେ ବରକନ୍ୟା କାଦୁଅ ରାସ୍ତାରେ ଯାଉଛନ୍ତି।

ଚାନ୍ଦବାଲି,୧୦।୭ (କିଷାନ ପାତ୍ର)

ବିଲ ଭଳି କାଦୁଅ ପଚ ପଚ ହୋଇଛି ଗାଁ ରାସ୍ତା। ବର୍ଷାଋତୁରେ ଗାଁକୁ ଗାଡ଼ି ମୋଟର ତ ଦୂରର କଥା, ଚାଲି ଚାଲି ଯିବା କଷ୍ଟକର। ଆଣ୍ଠୁଏ କାଦୁଅରେ ଯାତାୟାତ ପାଇଁ ଗାଁ ଲୋକେ ହଇରାଣ ହେଉଛନ୍ତି। ଗାଁକୁ ଭଲ ରାସ୍ତା ନ ଥିବାରୁ ଏକ ବାହାଘରରେ ବରଙ୍କୁ କାନ୍ଧରେ ବୋହି ନେବାକୁ ପଡ଼ିଛି। ବିବାହ ସରିବା ପରେ ଉଭୟ ବରକନ୍ୟା ମଧ ସେହି କାଦୁଅ ରାସ୍ତାରେ ୨ କି.ମି. ଚାଲିଛନ୍ତି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଚରଦିଆ ପଞ୍ଚାୟତର ଧ୍ରୁବପଲ୍ଲୀପୁର ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଘଟଣାଟି ଗତ ସୋମବାରର ହୋଇଥିବା ବେଳେ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ସୂଚନା ଅନୁଯାୟୀ, ଏହି ଗ୍ରାମର ଶତ୍ରୁଘ୍ନ ମଣ୍ଡଳ ନାମକ ଜଣେ ଯୁବକ ବାହା ହେବା ପାଇଁ ଚାନ୍ଦବାଲିସ୍ଥିତ ଶ୍ରୀକୃଷ୍ଣ ମନ୍ଦିରକୁ ଆସିଥିଲେ। ହେଲେ ରାସ୍ତା କାଦୁଅ ଓ ଅଣଓସାରିଆ ଥିବାରୁ ଗାଁକୁ ଗାଡ଼ି ଆସିପାରି ନ ଥିଲା। ବାଧହୋଇ ବରଯାତ୍ରୀଙ୍କ କାନ୍ଧରେ ବର ବସି ଯିବାକୁ ପଡ଼ିଥିଲା। ପୁଣି ବାହାଘର ପରେ ସେହି କାଦୁଅ ରାସ୍ତାରେ କନିଆଙ୍କୁ ଧରି ବରଯାତ୍ରୀଙ୍କ ସହ ୨ କିଲୋମିଟର ଚାଲି ଚାଲି ଘରକୁ ଫେରିଥିଲେ। ଗାଁକୁ ଭଲ ରାସ୍ତା ନ ଥିବାରୁ ଏଭଳି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ସରକାରୀ ଜାଗା ନ ଥିବାରୁ ଏହି ଗାଁକୁ ରାସ୍ତା ହୋଇପାରୁନାହିଁ ବୋଲି ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ ମାଝୀ କହିଛନ୍ତି।


HDFC BANK We understand your world

## AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 18-Jul-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75282637 | IMRAN ALI KHAN | 181900 | HDFC BANK LTD, 1ST FLOOR, DALA CHHAK, NEAR SBI, JAJPUR ROAD, JAJPUR-755019 |
| 2 | 75646254 | CHANDRA MANDAL | 46600 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 3 | 4000016607 | JAYA KRUSHNA PRADHAN | 32900 | |
| 4 | 75687344 | ANKIT AGARWALLA | 266100 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 5 | 75863703 | SUNIL KUMAR LENKA | 225000 | |
| 6 | 75556808 | KUMUDA CHANDRA BEHERA | 183200 | |
| 7 | 75572813 | SUNIL KUMAR LENKA | 155900 | |
| 8 | 74258725 | LIPUN PRADHAN | 41800 | |
| 9 | 75673881 | RINA DALBEHERA | 40300 | |
| 10 | 75585475 | DIPTIDATTA SAHOO | 210000 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 11 | 75880404 | SAKTI DEHURY | 78900 | |
| 12 | 75573738 | DIPTIDATTA SAHOO | 61000 | |
| 13 | 75696727 | DIPTIDATTA SAHOO | 35000 | |
| 14 | 75154959 | SOUBHAGYA DEHURI | 31300 | |
| 15 | 75083883 | SOUBHAGYA DEHURI | 27000 | |
| 16 | 74266368 | RUDRA KHILAR | 24300 | |
| 17 | 4000015534 | N K TAPAN | 220700 | HDFC BANK LTD, BAJRAKABATI ROAD, CUTTACK-753001 |
| 18 | 75437760 | PRIYANKA SAMANTARAY | 156700 | |
| 19 | 75053460 | CHANDRA NARAYAN NANDI | 93800 | |
| 20 | 75599490 | PRIYANKA SAMANTARAY | 121000 | |
| 21 | 73550116 | AMRIK SINGH | 300500 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 22 | 75338299 | JHALAK AGARWAL | 127500 | |
| 23 | 73541796 | ARABINDA KUNDA | 73300 | |
| 24 | 75281173 | RISHAB OJHA | 65700 | |
| 25 | 75653283 | NILIMA SETHI | 28800 | HDFC BANK LTD, BESIDE TAHASIL OFFICE, CHANDINI CHOWK, CUTTACK-753002 |
| 26 | 74815291 | ARUN KUMAR BHUNYA | 174400 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |
| 27 | 75298121 | MANDA KUMARI | 80000 | |
| 28 | 75238160 | MANDA KUMARI | 70000 | |
| 29 | 75894138 | NIRANJAN DAS | 109600 | HDFC BANK LTD, BIBISARAM MARKET CHAK, JAJPUR TOWN, JAJPUR-755001 |
| 30 | 75450298 | SWAGATIKA ROUT | 91000 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 31 | 75282396 | RESHMA JAMUDA | 76800 | HDFC BANK LTD, BY PASS SQUARE, CHORDHA, JAJPUR MAIN ROAD, JAJPUR-755019 |
| 32 | 73495505 | KASINATH PRADHAN | 183500 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 33 | 74625159 | KALIM KHAN | 108000 | HDFC BANK LTD, CHANDVALI CHOWK, ATHGARH-754029 |
| 34 | 75948380 | CHINMAY KUMAR LENKA | 98900 | |
| 35 | 75168414 | DHIRA KUMAR BARIK | 49200 | |
| 36 | 75486450 | TUSHAR LENKA | 320400 | HDFC BANK LTD, DURGA BAZAR, JAGATSINGHAPUR, ORISSA-754103 |
| 37 | 75231173 | MANORANJAN MOHARANA | 305700 | |
| 38 | 75683434 | GYANA RANJAN BASTIA | 194100 | |
| 39 | 75521964 | TUSHAR LENKA | 188600 | |
| 40 | 75341827 | TUSHAR LENKA | 164500 | |
| 41 | 75453200 | SURYANARAYAN DASH | 122000 | |
| 42 | 75290920 | TUSHAR LENKA | 119700 | |
| 43 | 75377820 | PABITRA PANDA | 96300 | |
| 44 | 75347916 | SUJIT MOHNTY | 75800 | |
| 45 | 75517963 | GOPAKISAN DAS | 62100 | |
| 46 | 75964050 | PABITRA PANDA | 54900 | |
| 47 | 75453733 | DEBENDRANATH BEHERA | 18200 | |
| 48 | 75348029 | KEDAR SHARMA | 197100 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 49 | 463028699 | BIPIN KUMAR SINGH | 153300 | |
| 50 | 75167376 | BHOLANATH MAHANTA | 93300 | |
| 51 | 75647033 | RUBINA KHAN | 42000 | |
| 52 | 75206129 | BHARAT NAIK | 18600 | HDFC BANK LTD, GHASIPURA, ANANDPUR, KEONJHAR -758015 |
| 53 | 75314903 | SUSHANTA KUMAR SETHY | 38800 | HDFC BANK LTD, GROUND & 1ST FLOOR, PANCHAYAT SAMITI, DHARMASALA, JARAKA-755008 |
| 54 | 75591298 | TAPAN KUMAR PATRA | 167000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 55 | 75361960 | KALI CHARAN PANIGRAHY | 45000 | |
| 56 | 75174057 | SHRIKANT MALIK | 63946 | HDFC BANK LTD, GROUND FLOOR, KINGSTON BUSINESS PARK, SHOP NO-1, MANGULI CHOWK, NELIA, CUTTACK-754025 |
| 57 | 75623579 | MKIRAN KUMAR ACHARY | 51300 | HDFC BANK LTD, GROUND FLOOR, MAIN ROAD CHIKITI PENTHA, GANJAM-761010 |
| 58 | 75564710 | MSANATAN RAO | 36200 | |
| 59 | 75604262 | SUSANTA BISOYEE | 33000 | |
| 60 | 75606092 | JYOTISH HIRA | 80500 | HDFC BANK LTD, GROUND FLOOR, NUAGUDA, OPP. FCI-I,ARTS COLLEGE ROAD, MALKANAGIRI-764048 |
| 61 | 75604636 | KABITA BALA | 73400 | |
| 62 | 75157149 | URMILA NAG | 41000 | |
| 63 | 75648565 | NABIN BHATRA | 39909 | |
| 64 | 75184883 | RABIN PRADHANI | 87100 | HDFC BANK LTD, GROUND FLOOR, OPP. BLOCK OFFICE, DHARAMGARH, KALAHANDI-766015 |
| 65 | 75187516 | SUDHAKAR BEHERA | 39900 | HDFC BANK LTD, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 66 | 75632142 | PRABHAT CHANDRA PRADHAN | 52400 | HDFC BANK LTD, GROUND FLOOR, RAJENDRA VIHAR APARTMENT, BLOCK- D, FOREST PARK, BHUBANESWAR-751020 |
| 67 | 74596315 | ANANDA NAIK | 72000 | HDFC BANK LTD, HATATOTA, TALCHER, ANGUL-759100 |
| 68 | 75830725 | BIBHUTI BHUSHAN BEHERA | 57800 | |
| 69 | 74691527 | SURESH KHATUA | 39000 | |
| 70 | 75025646 | ANANDA NAIK | 37000 | |
| 71 | 75870515 | SK ABDUL SAHID | 87000 | HDFC BANK LTD, JABARA, JENAPUR, KUAKHIA, RASULPUR, JAJPUR-755023 |
| 72 | 75757039 | SOUMYARANJAN PRADHAN | 52000 | |
| 73 | 75950766 | PRASANT KUMAR MOHARANA | 99700 | HDFC BANK LTD, JAGAMARA, BHUBANESWAR, KHURDA-751030 |
| 74 | 75286987 | JAYASHREE PANDA | 88300 | |
| 75 | 75327845 | SANJUKTA SAHU | 540000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 76 | 75891479 | SABIT KUMAR DALIA | 201000 | |
| 77 | 74155434 | KRUSHNA CHANDRA NAYAK | 184000 | |
| 78 | 75159331 | MADHAB TALIA | 47000 | |
| 79 | 75452353 | SK MUJAHID | 135000 | HDFC BANK LTD, KALINGA NAGAR, DUBURI, JAJPUR-755019 |
| 80 | 75267293 | SUBHAM KUMAR BEHERA | 235400 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 81 | 75127364 | MD ZUNED IQUBAL | 41700 | HDFC BANK LTD, KIIT CAMPUS 5, NEAR KIMS, ADMINISTRATIVE BLOCK, PATIA, BHUBANESWAR-751024 |
| 82 | 75941627 | BANAMALI MAHARANA | 386000 | HDFC BANK LTD, KUNJURI, NEAR IOCL PETROL PUMP, CHANDESWAR, TANGI, KHORDHA-752023 |
| 83 | 75867154 | MOHAMMED RIZWAN | 152600 | HDFC BANK LTD, MAHIPAL, KENDRAPARA-754211 |
| 84 | 75454364 | BIBHU PRASAD SINGH | 103900 | |
| 85 | 4000254605 | RAJEEB DAS | 51000 | |
| 86 | 50200087893022 | SANTOSHINI NAYAK | 803499.27 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 87 | 75624856 | S RENUKA | 338000 | |
| 88 | 75404195 | KRUSHNA MAHANTY | 252000 | |
| 89 | 75380211 | KALIA SAHU | 196500 | |
| 90 | 75768227 | S RENUKA | 143200 | |
| 91 | 74212405 | RAMA KRUSHNA SAHU | 57000 | |
| 92 | 75529630 | RASMITA SAHU | 55500 | |
| 93 | 74362345 | BINAYAK TRIPATHY | 180000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 94 | 75203264 | BINAYAK TRIPATHY | 55500 | |
| 95 | 4000085963 | SATYABRAT MANGARAJ | 40800 | |
| 96 | 75206808 | RABIN PRADHANI | 168000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 97 | 75834665 | BABU UGRESAN NAIK | 89000 | |
| 98 | 75500652 | LAXMIKANTA MAJHI | 29000 | |
| 99 | 75674403 | AMARLAL SI | 22000 | |
| 100 | 73582467 | GITESWARI MUNDA | 19500 | |
| 101 | 75067937 | RAJ KISHOR KHARA | 262600 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 102 | 75569786 | SUPRIYA HIAL | 132800 | |
| 103 | 75344267 | ANDI FLOWER BAGH | 94500 | |
| 104 | 75314229 | MAHENDRA MAJHI | 56000 | |
| 105 | 75726521 | D RAMA KRISHNA | 105000 | HDFC BANK LTD, NEAR R.T.O OFFICE, NH-26, KORAPUT-764020 |
| 106 | 75474673 | PRASANT KUMAR BARIK | 71000 | HDFC BANK LTD, NUAPADA CHHAK, CUTTACK, ODISHA-753010 |
| 107 | 75188532 | PRASANT KUMAR BARIK | 70900 | |
| 108 | 75853054 | SABITA MOHAPATRA | 129000 | HDFC BANK LTD, OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 109 | 75439867 | PRATAP CHANDRA GHADEI | 49000 | |
| 110 | 75847194 | TIKINA BEHERA | 44000 | |
| 111 | 75175658 | AJIT KUMAR GOUDA | 139500 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 112 | 75655846 | MANOJ KUMAR SAHOO | 197500 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 113 | 75144330 | MANOJ KUMAR SAHOO | 75000 | |
| 114 | 75736294 | CHIDANANDA PRADHAN | 36000 | |
| 115 | 75760285 | CHIDANANDA PRADHAN | 26000 | |
| 116 | 75822242 | CHIDANANDA PRADHAN | 11900 | |
| 117 | 75446099 | SANJAY KUMAR MUDULI | 75600 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 118 | 75892764 | NIBEDITA SETHI | 75000 | |
| 119 | 75161892 | PRATIMA NAYAK | 38200 | |
| 120 | 75531859 | SUMIT RANJAN SAHOO | 79600 | HDFC BANK LTD, PLOT NO 344, CHANDI CHHAK, CUTTACK-753001 |
| 121 | 75278007 | ANADI CHARAN DALAI | 70400 | HDFC BANK LTD, PLOT NO- 447, BHAGWAN TRADE CENTER , NEAR IFFCO SQUARE, ATHARBANKI, PARADEEP-754142 |
| 122 | 75854082 | SASMITA BHUJABAL | 70000 | |
| 123 | 75186622 | DURGASI VENKATA RAO | 26300 | |
| 124 | 74577443 | SUSHANKAR SARKAR | 24900 | |
| 125 | 75485235 | SUSHRIJEET PRADHAN | 874700 | HDFC BANK LTD, PLOT NO 484/1908, MADHUSUDAN NAGAR, BHUBANESWAR-751012 |
| 126 | 75212149 | PRIYANKA PRIYADARSINI | 792000 | |
| 127 | 75184135 | SUNIL KUMAR NAYAK | 282700 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 128 | 75622123 | RASMITA MOHAPATRA | 240000 | |
| 129 | 75463817 | SHAHENAAAZ BEGUM | 175000 | |
| 130 | 74892601 | SANJAY PATRA | 114700 | |
| 131 | 75630532 | DEEPAK BHANJA | 36600 | |
| 132 | 75641040 | SANJUKTA SAHOO | 91700 | HDFC BANK LTD, PLOT NO-1078/1110, SHAMPUR, NUAGAON, BHUBANESWAR-751003 |
| 133 | 75167979 | CHANDRA MANI NATH | 34700 | HDFC BANK LTD, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 134 | 75337048 | NASIM AKTAR | 204000 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 135 | 75275468 | SANJUKTA MAHARANA | 61700 | |
| 136 | 75852195 | SURESH CHANDRA NAYAK | 58700 | |
| 137 | 75046794 | SANTOSH KUMAR SAHA | 299900 | HDFC BANK LTD, PLOT NO-381/5/A & 381/5/C, UNIT-3, JANPATH, KHARVEL NAGAR, BHUBNESWAR-751001 |
| 138 | 75633032 | AMIR KUMAR RAY | 120800 | |
| 139 | 75186564 | AJAYA KUMAR BEHERA | 117900 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 140 | 75536525 | GANESH CHANDRA PRADHAN | 83000 | |
| 141 | 75141790 | TARAKANTA ROUL | 34200 | |
| 142 | 75146752 | ROUPYARANJAN SAHANI | 20900 | |
| 143 | 75172984 | KISHORE CHANDRA SAHU | 249000 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 144 | 75184876 | BHOLANATH CHHATRIA | 81000 | |
| 145 | 75877615 | SATCHIDANANDA DWARI | 55900 | |
| 146 | 75655084 | DHABALESWAR MERLI | 25600 | |
| 147 | 75148553 | SUNIL DEEP | 69500 | HDFC BANK LTD, RAJIV GANDHI CHOWK, KESINGA, KALAHANDI-766012 |
| 148 | 75161296 | MEGHA GAHIR | 48200 | |
| 149 | 75619815 | RANJAN BEHERA | 68800 | HDFC BANK LTD, S. N. PLAZA, NH - 5, NEULPUR, CHANDIKHOL-755024 |
| 150 | 75332570 | SATYA PRAKASH MOHAPATRA | 28300 | |
| 151 | 75589588 | BRAHMANANDA DEHURI | 26500 | |
| 152 | 75724868 | DEBABRATA DAS | 48000 | HDFC BANK LTD, SAHU NIWAS, JAGANNATHPUR, KASHIPUR ROAD, KEONJHAR-758001 |
| 153 | 75857658 | ANITA SAHU | 168700 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 154 | 75277682 | AMAL MOHAMMAD | 110400 | |
| 155 | 75290734 | BISWAJIT PATI | 24000 | |
| 156 | 75695433 | PADMA CHARAN TANTI | 82000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 157 | 75857022 | PARINITA JENA | 92100 | HDFC BANK LTD, UNIT 11, BUXI BAZAR, CANTONMENT, CUTTACK-753001 |
| 158 | 75672013 | SANTOSH KUMAR SAHOO | 57500 | |
| 159 | 75583530 | AMITA KHADIRATNA | 79000 | HDFC BANK LTD, VIP PLAZA, VIP ROAD, PURI-752001 |
| 160 | 75426583 | RANAJIT SUNA | 100000 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |
| 161 | 75735824 | BABITA BISHOYI | 670800 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 162 | 75702968 | ARUN KUMAR SAHU | 314400 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 163 | 4000134689 | SHANKAR NAYAK | 138800 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 164 | 75539764 | RAJALAXMI MOHANTY | 1071000 | HDFC BANK LTD, VIP PLAZA, VIP ROAD, PURI-752001 |
| 165 | 75773274 | EPILI DROUPADI | 916430 | HDFC BANK LTD, GRD. FLOOR, MAIN ROAD, OLD CINEMA HALL CHAKA, NEAR UNION BANK-II, HINJILICUT, GANJAM-761102 |
| 166 | 75773323 | EPILI KESWARI | 611300 | |
| 167 | 74868454 | RAMRATAN SANGHAI | 570000 | HDFC BANK LTD, DURGA COMPLEX, JHARSUGUDA-768201 |
| 168 | 75282637 | IMRAN ALI KHAN | 181900 | HDFC BANK LTD, 1ST FLOOR, DALA CHHAK, NEAR SBI, VYASANAGAR, JAJPUR ROAD , ODISHA-755019 |
| 169 | 75662692 | SK SADRUL ORA | 137000 | |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 11/07/2025**
**Place : ODISHA**

**Sd/- Authorized Officer,**
**HDFC BANK LTD.**

ମନୁଷ୍ୟର ମହତ୍ତ୍ୱ ସେ ଯେଉଁ ଅବସ୍ଥାରେ ବର୍ତ୍ତମାନ ଅଛି– ସେଥିରେ ନାହିଁ। କିନ୍ତୁ ସେ ଯାହା ହୋଇ ଚାଲିଛି ସେଇଥିରେ ଅଛି। ତା'ର ମହତ୍ତ୍ୱ ହେଲା– ତାରି ରୁଦ୍ଧ ଗୋପନ କର୍ମଶାଳା ଭିତରେ ଚାଲିଛି ଏକ ଜୀବନ୍ତ ଶ୍ରମ। ତାରି ଭିତରେ ବିଶ୍ୱକର୍ମା ଅତିମାନବତ୍ୱକୁ ନିର୍ମାଣ କରିଚାଲିଛନ୍ତି। –ଶ୍ରୀଅରବିନ୍ଦ



# ବାହ୍ୟ ଆକ୍ରମଣ ଓ ବିଦ୍ରୋହ



ଇଆନ ବୁରୁମା

ଗତ ମାସରେ ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଆମେରିକା ଆକାଶମାର୍ଗରୁ ବୋମା ବର୍ଷଣ କରିଥିଲା ଏବଂ ଏଥିରେ କେତେ କ୍ଷତି ହୋଇଛି, ତାହା ଏବେ ସୁଦ୍ଧା ଆମେ ଜାଣିନୁ। ଜୁନ୍‌ରେ ଅନୁଷ୍ଠିତ ନାଟୋ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗର୍ବର ସହିତ କହିଥିଲେ, "ଏହା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ମୋର ବିଶ୍ୱାସ"। କିନ୍ତୁ ଏହା ପୂର୍ବରୁ ଆମେରିକାର ଏକ ଗୋଇନ୍ଦା ରିପୋର୍ଟ ପ୍ରକାଶ କରିଥିଲା ଯେ, ଇରାନ୍ ପୁଣି କିଛି ମାସ ମଧ୍ୟରେ ଉନ୍ନତ ମାନର ୟୁରାନିୟମ ପ୍ରସ୍ତୁତି ଆରମ୍ଭ କରିପାରେ। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ)ର ନିର୍ଦ୍ଦେଶକ ରାଫେଲ୍ ମାରିଆନୋ ଗ୍ରୋସି ମଧ୍ୟ ସମାନ କଥା କହିଥିଲେ। ତେବେ ଆମେ ଗୋଟିଏ କଥା କହିପାରିବା ଯେ, ଇସ୍ରାଏଲ୍-ୟୁଏସ୍‌ର ବମିଂ ଅଭିଯାନ ଇସ୍‌ଲାମିକ ରିପବ୍ଲିକ ଶାସନ ବିରୋଧରେ କୌଣସି ବିଦ୍ରୋହ ସୃଷ୍ଟି କରିପାରିଲା ନାହିଁ। କିନ୍ତୁ ଏଭଳି ଘଟିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆଶା କରିଥିଲେ। ଏପରିକି ଟ୍ରମ୍ପ୍ ମଧ୍ୟ ଭାବୁଥିଲେ ଯେ, ମେକ୍ ଇରାନ୍ ଗ୍ରେଟ୍ ଏଗେନ୍ (ଏମ୍‌ଆଇଜିଏ)ରେ ଅସମର୍ଥ ହୋଇଥିବା ଏକ ଶାସନର ବିକଳ୍ପ ହେଉଛି ତାହାକୁ ପରିବର୍ତ୍ତନ କରିବା। କିନ୍ତୁ ଏମ୍‌ଆଇଜିଏ ପାଇଁ ଚେଷ୍ଟା ଦେଶ ଭିତରୁ ନା ବାହାରୁ ହେବା ଉଚିତ ନା ନାହିଁ, ତାହା ସେ ସ୍ପଷ୍ଟ କରିନାହାନ୍ତି।

କୌଣସି ଏକ ଦେଶ ଉପରେ ଆକ୍ରମଣ କରି ସେହି ଦେଶର ନାଗରିକଙ୍କ ନୈତିକ ମନୋବଳ ଭାଙ୍ଗିଦେବା ସହ ସେମାନଙ୍କୁ ନିଜ ନେତାଙ୍କ ବିରୋଧରେ ସ୍ୱର ଉଠାଇବା ପାଇଁ ପ୍ରେରିତ କରିବା କଥା ଯାହା ଚିନ୍ତା କରାଯାଉଛି, ତାହା ଏକ ପୁରୁଣା ମାନସିକତା ଓ ପ୍ରାୟତଃ ଗ୍ରହଣୀୟ ନୁହେଁ। ଏହା ସ୍ପେନ ଗୃହଯୁଦ୍ଧ ସମୟରେ ଯେତେବେଳେ ଜର୍ମାନ ଓ ଇଟାଲୀ ଗୁଏର୍ନିକା ଉପରେ ୧୯୩୭ରେ ଆକ୍ରମଣ କରିଥିଲେ କିମ୍ବା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯେତେବେଳେ ହିଟ୍‌ଲର ବ୍ରିଟେନ୍ ଉପରେ ଆକ୍ରମଣ କରିଥିଲେ କିମ୍ବା ମିତ୍ର ଦେଶଗୁଡ଼ିକ ନାଜି ଜର୍ମାନୀର ସହରଗୁଡ଼ିକୁ ଧ୍ୱଂସ କରିଥିଲେ, ସେତେବେଳେ ଏହି ସିଦ୍ଧାନ୍ତ କାମ କରି ନ ଥିଲା। ୧୯୬୫–୬୮ ପର୍ଯ୍ୟନ୍ତ ଉତ୍ତର ଭିଏତ୍‌ନାମରେ ଚାଲିଥିବା ଅପରେଶନ ରୋଲିଂ ଥଣ୍ଡର ମଧ୍ୟ ଏହି ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଥିଲା। ଗାଜା ଉପରେ ଏବେ ଜାରି ରହିଥିବା ଇସ୍ରାଏଲ୍‌ର ଆକ୍ରମଣ କ୍ଷେତ୍ରରେ ମଧ୍ୟ ସେୟା ଘଟିଛି।

ଷ୍ଟ୍ରାଟେଜିକ୍ ବମିଂରେ ଆକାଶମାର୍ଗରୁ ସଂଖ୍ୟାଧିକ ବୋମା ପକାଯାଇ କୌଣସି ଦେଶର ଭିତ୍ତିଭୂମି ଓ ସମ୍ବଳକୁ ଦୁର୍ବଳ କରାଯାଇଥାଏ। ଦୁଇଟି ବିଶ୍ୱଯୁଦ୍ଧରେ ଇଟାଲୀୟ ଜେନେରାଲ ଗିଉଲିଓ ଡୋଉହେଟ ଏହି କୌଶଳ ପ୍ରସ୍ତୁତ କରିଥିଲେ। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆକାଶମାର୍ଗରୁ କରାଯାଇଥିବା ଘାତକ ବମିଂରେ ବ୍ରିଟେନ୍‌ର କମାଣ୍ଡର ଇନ୍ ଚିଫ୍, ଆର୍‌ଏଏଫ୍ ବମ୍ବର



କମାଣ୍ଡ, ଅର୍ଥୁର ହାରିସ୍ (ବମ୍ବର ହାରିସ୍ ଭାବେ ଜଣାଶୁଣା) ଏବଂ ଆମେରିକା ଏୟାର ଫୋର୍ସ ଜେନେରାଲ କୁରଟିସ୍ ଏମରଶନ୍ ଲିମେ ଜଡ଼ିତ ଥିଲେ। ପରେ ୧୯୪୪–୪୫ରେ ଜାପାନର ସହରଗୁଡ଼ିକୁ ଧ୍ୱଂସ କରି ଅନେକ ହଜାର ନାଗରିକଙ୍କୁ ହତ୍ୟା କରାଯାଇଥିଲା। ସେତେବେଳେ କୁହାଯାଉଥିଲା ଯେ, ଯଦି ଆମେରିକା ହାରିଥାଆନ୍ତା, ତେବେ ଲିମେଙ୍କୁ ଯୁଦ୍ଧ ଅପରାଧୀ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଥାଆନ୍ତା। ଷ୍ଟ୍ରାଟେଜିକ୍ ବମିଂ ସହରାଞ୍ଚଳକୁ ଧ୍ୱଂସ କରିଦେଲା ଏବଂ ସଂଖ୍ୟାଧିକ ବୋକେ (ଜର୍ମାନ୍ ନାଗରିକଙ୍କ ପାଇଁ ଏକ ଉପହାସପୂର୍ଣ୍ଣ ଶବ୍ଦ)ଙ୍କୁ ହତ୍ୟା କରିବାରେ ହାରିସ୍ ତାଙ୍କ ଆଶା ପୂରଣ କଲେ। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଷ୍ଟ୍ରାଟେଜିକ୍ ବମିଂକୁ ବ୍ୟାପକ ଭାବେ ବ୍ୟବହାର କଲେ ମଧ୍ୟ ଏହି କୌଶଳ କେବେ ବି ଏକ ବଡ଼ ବିଦ୍ରୋହ ସୃଷ୍ଟି କରିପାରି ନ ଥିଲା। ହିରୋସୀମା ଓ ନାଗାସାକୀ ସହରରେ ପରମାଣୁ ବୋମା ଆକ୍ରମଣର ପରିଣାମ ଯାହା ହୋଇଥାଉନା କାହିଁକି, ଜାପାନରେ ସେଠାକାର ସରକାରଙ୍କ ବିରୋଧରେ କୌଣସି ବିଦ୍ରୋହ ଦେଖାଯାଇ ନ ଥିଲା।

ଏକ ଆକ୍ରମଣ ଲୋକଙ୍କୁ ଭୋକିଲା ରଖିପାରେ, ହେଲେ ଲୋକପ୍ରିୟତା ହରାଇଥିବା ଏକ ସରକାର ପାଇଁ ଏହା ସମର୍ଥନ ଜୁଟାଇବା ସମ୍ଭାବନା ସୃଷ୍ଟି କରେ। ୧୯୪୧ରେ ଲଣ୍ଡନବାସୀଙ୍କ ମନୋବଳ ଭାଙ୍ଗିଦେବା ପାଇଁ ଜର୍ମାନ୍ ପ୍ରଚେଷ୍ଟା କରିଥିଲା। କିନ୍ତୁ ଏହା ଲଣ୍ଡନବାସୀଙ୍କୁ ଅଧିକ ଜିଦ୍‌ଖିଆ କରିବା ସହ ତାଙ୍କ ସହର ଆକ୍ରମଣର ମୁକାବିଲା କରିପାରିବ ବୋଲି ସେମାନଙ୍କ ମନରେ ଦୃଢ଼ ବିଶ୍ୱାସ ଜନ୍ମାଇଥିଲା। ଅବଶ୍ୟ ସେତେବେଳେ ୱିନ୍‌ଷ୍ଟନ ଚର୍ଚ୍ଚିଲଙ୍କ ଲୋକପ୍ରିୟତା ଥିଲା। କିନ୍ତୁ ବର୍ଲିନ୍‌ବାସୀଙ୍କ ମଧ୍ୟରେ ଏପରିକି ଯେଉଁମାନେ ହିଟ୍‌ଲରଙ୍କୁ ବିରୋଧ କରୁଥିଲେ, ସେମାନଙ୍କର ମଧ୍ୟ ସମାନ ପ୍ରକାର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିନା ଅଭିଯୋଗରେ ଯନ୍ତ୍ରଣା ସହିବା କିମ୍ବା ସମସ୍ୟାରେ ରହିବାର ମାନସିକତା ଗଣତାନ୍ତ୍ରିକ ଦେଶ ତୁଳନାରେ ଯଥେଷ୍ଟ ଅଧିକ ଅଛି ଏକଛତ୍ରବାଦ ଶାସନରେ। ଉତ୍ତର ଭିଏତ୍‌ନାମର ଲୋକେ ସେମାନଙ୍କ ନେତାଙ୍କୁ ମାନିବା ପାଇଁ ବାଧ୍ୟ ହୋଇଥିଲେ, କିନ୍ତୁ ଆମେରିକାର ଆକ୍ରମଣ ସେମାନଙ୍କ ନୈତିକ ଅଧୋଗତି ଘଟାଇବା କିମ୍ବା ଏକ ଜନ ବିଦ୍ରୋହ ସୃଷ୍ଟି କରିବାର କୌଣସି ପ୍ରମାଣ ନାହିଁ। ଆମେରିକାର ଯୁଦ୍ଧ ବିମାନରୁ ଆକ୍ରମଣ କରିଥିଲେ ମଧ୍ୟ ଭିଏତ୍‌ନାମର ନାଗରିକଙ୍କଠାରେ ପ୍ରକୃତ ଦେଶଭକ୍ତି ଥିଲା।

ସତ୍ୟ ହେଉଛି, କୌଣସି ଦେଶରେ ନାଗରିକମାନେ ସେମାନଙ୍କ ନେତାଙ୍କୁ ଯେତେ ଘୃଣା କରନ୍ତୁ ପଛେ, ବିଦେଶୀ ଶକ୍ତିଙ୍କ ଆକ୍ରମଣକୁ ସେମାନେ ସହ୍ୟ କରନ୍ତି ନାହିଁ। ବିଶେଷକରି ଇରାନ୍ ଭଳି ଏକ ଦେଶଭକ୍ତ ଭାବନାରେ ପରିପୂର୍ଣ୍ଣ ତଥା ବୈଦେଶିକ ହସ୍ତକ୍ଷେପର ତିକ୍ତ ଇତିହାସ ସହ ଜଡ଼ିତ ଦେଶରେ ଏହା ସମ୍ଭବ। ୧୯୫୩ରେ ଆମେରିକା ଓ ବ୍ରିଟେନ୍ ସମର୍ଥନରେ ବଳପୂର୍ବକ ପ୍ରତିଶ୍ରୁତିବଦ୍ଧ ଗଣତନ୍ତ୍ରକୁ ହଟାଇ ଦିଆଯାଇଥିଲା। ଏବେ ଏହିସବୁ ପାଶ୍ଚାତ୍ୟ ଦେଶ ପ୍ରତି ଘୃଣାଭାବ କମିଯାଇଥାଇପାରେ, କିନ୍ତୁ ସେମାନଙ୍କ ବିଚାର ତଥା କାର୍ଯ୍ୟକଳାପକୁ ଇରାନୀୟମାନେ ସବୁବେଳେ ସନ୍ଦେହ ଦୃଷ୍ଟିରେ ଦେଖନ୍ତି। ଟ୍ରମ୍ପ୍‌ଙ୍କ ମେକ୍ ଇରାନ୍ ଗ୍ରେଟ୍ ଏଗେନ୍ ଧ୍ୱନିକୁ ଇରାନୀୟମାନେ ସମର୍ଥନ କରିବା କଷ୍ଟକର।

ଏହା ନିଶ୍ଚିତ ଯେ, ଇରାନ୍‌ର ଆଣବିକ କ୍ଷମତା ହ୍ରାସ କରିବା ଏକ ସକାରାତ୍ମକ ପଦକ୍ଷେପ। ଲେବାନନ୍ ଓ ସିରିଆରେ ଇରାନ୍‌ର ସପକ୍ଷବାଦୀ ଉଗ୍ରବାଦୀଙ୍କ ଉପରେ ଇସ୍ରାଏଲ୍‌ର ଆକ୍ରମଣ ମଧ୍ୟ ଏକ ଭଲ ପଦକ୍ଷେପ ହୋଇପାରେ। କିନ୍ତୁ ଏସିଆ ଓ ମଧ୍ୟପ୍ରାଚ୍ୟରେ ଦେଖାଯାଇଥିବା ଅନ୍ୟ ପାଶ୍ଚାତ୍ୟ ସାମରିକ ହସ୍ତକ୍ଷେପ ଗଣତନ୍ତ୍ରକୁ ପରିବର୍ତ୍ତନ କରିପାରିବ ନାହିଁ। ଯେଉଁମାନେ ଇରାନ୍‌ର କଠୋର, ଦମନକାରୀ ଓ କ୍ରୂର ଧର୍ମୀୟ ଶାସନକୁ ହଟାଇପାରିବେ, ସେମାନେ ହେଉଛନ୍ତି ଇରାନ୍‌ର ନାଗରିକ। ଏହି ଶାସନ ଅଧିକ ଲୋକପ୍ରିତା ହରାଇଛି ଏବଂ ୮୦ ପ୍ରତିଶତରୁ ଅଧିକ ଇରାନୀୟ ଗଣତାନ୍ତ୍ରିକ ସରକାର ଚାହାନ୍ତି ବୋଲି ୨୦୨୩ର ଏକ ସର୍ଭେରୁ ଜଣାପଡ଼ିଥିଲା। ଇରାନ୍ ଉପରେ ଆକ୍ରମଣ କଲେ ଏହାର ସାମରିକ ଦୁର୍ବଳତା ସାମ୍ନାକୁ ଆଣିଥାଇପାରେ, କିନ୍ତୁ ଶାସନ ବିରୋଧରେ ବଢ଼ୁଥିବା ବିରୋଧକୁ ଏହା ନିଶ୍ଚିତ ଭାବେ ହ୍ରାସ କରିଥିବା ଜଣାଯାଏ।

ଇରାନ୍‌ର ଅଭିନେତା ରେଜା କିଆନିଆନ ସରକାରଙ୍କ ଦୃଢ଼ ସମାଲୋଚକ ତଥା ୨୦୨୨ ଶାସନ ବିରୋଧୀ ଆନ୍ଦୋଳନର ଜଣେ ସମର୍ଥକ ଭାବେ ସେ ନିଃସନ୍ଦେହରେ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସ୍ୱାଗତ କରିଥାଆନ୍ତେ। କିନ୍ତୁ ଇସ୍ରାଏଲ୍ ଓ ଆମେରିକା ଆକ୍ରମଣ ଆରମ୍ଭ କରିଦେବା ଯୋଗୁ ତାଙ୍କ ଦେଶଭକ୍ତି ବଢ଼ିଗଲା। ଫାଇନାନ୍ସିଆଲ ଟାଇମ୍ସକୁ ସେ ସାକ୍ଷାତ୍‌କାରରେ କହିଥିଲେ ଯେ, ଇରାନ୍ ବାହାରେ ରହିଥିବା ଜଣେ ବ୍ୟକ୍ତି ଦେଶକୁ ଆଗକୁ ବଢ଼ିବା ପାଇଁ କହିପାରିବେ ନାହିଁ। ଇରାନ୍ ହେଉଛି ମୋ ଦେଶ। କ'ଣ କରିବାକୁ ହେବ ମୁଁ ସ୍ଥିର କରିବି। ମୋ ନିଜ ଦେଶରେ ମୁଁ କ'ଣ କରିବି ସେ ସମ୍ପର୍କରେ କାହା କଥାକୁ ଅପେକ୍ଷା କରିବି ନାହିଁ। ବାହ୍ୟ ହସ୍ତକ୍ଷେପ ପ୍ରତି ଏହି ବିମୁଖତା ବା ବିରୋଧାଭାଷ ଯୁକ୍ତିଯୁକ୍ତ ମନେହୁଏ ଓ ଏହା ଶୀଘ୍ର ଏକ ନୂଆ ସଙ୍କଳ୍ପର ପଥ ଦେଖାଇପାରେ। ଗୋଟିଏ ଶାସନ ଯେତେବେଳେ ଚାପରେ ରହିଥାଏ, ସେତେବେଳେ କ'ଣ ଘଟିବ କେହି କହିପାରିବେ ନାହିଁ। କିନ୍ତୁ ଇରାନର ଏବକାର ଶାସନ ତଥାକଥିତ ଦେଶଦ୍ରୋହୀ ଏବଂ ଅସନ୍ତୁଷ୍ଟଙ୍କ ସ୍ୱରକୁ ଦୃଢ଼ ହସ୍ତରେ ଦବାଇ ରଖିଛି। ଇରାନର ସାମରିକ ଦୁର୍ବଳତା ହିଁ ଏହାର ନେତାଙ୍କୁ ଏକ ପରମାଣୁ ବୋମା ତିଆରି କରିବା ପାଇଁ ଦୁଇଗୁଣ ପ୍ରେରଣ କରିବାର ସମ୍ଭାବନା ଅଛି।

**ପ୍ରତିଷ୍ଠିତ ଲେଖକ**

# ଦାରୁ ଓ ଦିଘା



ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟ

ଦିଘାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ହେଲା। ଦଇତା ଥିଲେ ଏହାର ମୁଖ୍ୟ ପୁରୋଧା। ମନ୍ଦିରରେ ଦାରୁବ୍ରହ୍ମ ପ୍ରତିଷ୍ଠା ହେଲେ। ପ୍ରତିଷ୍ଠା ସରୁ ନ ସରୁଣୁ ଦିଘା ହୋଇଗଲା 'ପୁରୁଷୋତ୍ତମ ଧାମ'। ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ତ ସାରା ପୃଥିବୀରେ ଚାଲିଛି, ମାତ୍ର ଜଗନ୍ନାଥଧାମ ତିଆରି ହେଲା ଦିଘାରେ କେତେକ ଦଇତାଙ୍କ ଲାଗି। ମନ୍ଦିର ନିର୍ମାଣ ଓ ମହାବିଗ୍ରହ ସ୍ଥାପନ ଭକ୍ତଗଣଙ୍କ ଭାବାବେଗର ସମ୍ଭୂତ। ଛିଦ୍ରାନ୍ୱେଷୀମାନେ କହିଲେଣି ନବକଳେବର ସମୟର ବଳକା ଦାରୁରେ ନୁହେଁ ବରଂ ଶିଳାରେ ମହାପ୍ରଭୁଙ୍କ ସ୍ୱରୂପ ନିର୍ମାଣ କରାଯାଇଛି। ଏହା ସତ ହୋଇଥିଲେ ଦୁଇଟା କଥା ପଦାକୁ ଆସୁଛି। ବଳକା ଦାରୁ ଦଇତା ଯୋଗାଇ ଥାଇପାରନ୍ତି। ଦ୍ୱିତୀୟ କଥା ଯଦି ପାଷାଣ ପ୍ରତିମା ହୋଇଥିବେ ତେବେ ଏହା ଏକ ଭିନ୍ନ ବିଷୟ। କାରଣ ମହାପ୍ରଭୁଙ୍କ ପାଷାଣପ୍ରତିମା ବିଶ୍ୱରେ ବିରଳ। ସିଏ ପାଷାଣ ନୁହନ୍ତି ମଣିଷ। ସିଏ ଦେହତ୍ୟାଗ କରନ୍ତି। ପାଷାଣରେ ଗଢ଼ାଇବା ହିଁ ବିଚିତ୍ରତା। ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବିଧାନ ମୁତାବକ ନବକଳେବର ସମୟରେ ଅଙ୍ଗଲାଗି ସେବକ ଦଇତାପତିମାନେ ବ୍ରହ୍ମ ପରିବର୍ତ୍ତନ କରାଇଥାନ୍ତ,ପୁରାତନ ବିଗ୍ରହରୁ ନୂତନ ବିଗ୍ରହକୁ। ଦାରୁ ପରିବର୍ତ୍ତନଶୀଳ, ବ୍ରହ୍ମ ନୁହେଁ। ମହାପ୍ରଭୁଙ୍କ ଇଚ୍ଛାରେ ତାଙ୍କ ଦାରବତନୁରେ ବ୍ରହ୍ମ ସଂସ୍ଥାପନ ଓ ଜୀବନ୍ୟାସ, ନୀଳକନ୍ଦରରେ ପ୍ରଥମେ ସ୍ୱହସ୍ତରେ ବ୍ରହ୍ମା କରାଇଥିଲେ। ଦାରବତନୁ ନିର୍ମାଣ ପରେ ମହାପ୍ରଭୁଙ୍କ ଆଜ୍ଞାମତେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କ ହସ୍ତରେ ବ୍ରହ୍ମ ସଂସ୍ଥାପନ କରାଇଥିଲେ କେଉଁ ଅଜ୍ଞାତ ସମୟରୁ। ସେଇ ସମୟରୁ ବ୍ରହ୍ମଦାରୁ ଉପାସନା ଚାଲିଛି। ସେବେଠୁ ଶ୍ରୀକ୍ଷେତ୍ର ଶ୍ରୀଧାମ, ପୁରୁଷୋତ୍ତମଧାମ, ମର୍ତ୍ତ୍ୟ ବୈକୁଣ୍ଠଧାମ ଇତ୍ୟାଦି।

ଆମ ପୁରାଣ ଆଧାରରେ କୁହାଯାଇପାରେ ଯେ ଶ୍ରୀକ୍ଷେତ୍ରଧାମ ବା ପୁରୁଷୋତ୍ତମଧାମ ବୈଦିକ ଯୁଗରୁ ଧାମ ବା କ୍ଷେତ୍ର ନାମରେ ବିଖ୍ୟାତ ଥିଲା। ବ୍ରହ୍ମାଙ୍କ ଦ୍ୱାରା ଦାରୁବ୍ରହ୍ମ ସ୍ଥାପନା ପରେ ଏହା ପୁରୁଷୋତ୍ତମ କ୍ଷେତ୍ର ବା ଧାମରେ ପରିଣତ ହୋଇଥିଲା। ସେବେଠୁ ପୁରୁଷୋତ୍ତମଧାମ କ୍ଷେତ୍ରରାଜ ଅଟନ୍ତି। ଏହାପରେ ବାରମ୍ବାର ବିଧର୍ମୀ ଆକ୍ରମଣ ଓ ଲୁଣ୍ଠନର ଶିକାର ହୋଇଛି ଶ୍ରୀମନ୍ଦିର। ଯବନ ଆକ୍ରମଣ ଫଳରେ ୧୪୪ ବର୍ଷ ରତ୍ନସିଂହାସନ ଶୂନ୍ୟ ରହିଥିଲା। ଆଦି ଶଙ୍କରଙ୍କ ଆଗମନ ପରେ ପୁନର୍ବାର ୧୪୪ ବର୍ଷ ଅନ୍ତେ ନବକଳେବର କରାଯାଇ ଦାରୁବ୍ରହ୍ମ ସଂସ୍ଥାପିତ ହେଲେ। ସେ ପର୍ଯ୍ୟନ୍ତ ସୁବର୍ଣ୍ଣପୁରରେ ପାତାଳି ହୋଇଥିବା ଦାରୁ ମଧ୍ୟରୁ ବ୍ରହ୍ମ ପଦାର୍ଥଟି ଅକ୍ଷୁଣ୍ଣ ଅଣାଯାଇ ଆଦି ଶଙ୍କରଙ୍କ ଦ୍ୱାରା ନବ କଳେବର ହୋଇଥିଲ। ଅବଶ୍ୟ ବ୍ରହ୍ମପଦାର୍ଥଟି କ'ଣ ତାହା ଏବେ ବି ରହସ୍ୟାବୃତ। ମାତ୍ର ବ୍ରହ୍ମ ପଦାର୍ଥଟିକୁ ଆଦି ଶଙ୍କର ଜାଣିଥିଲେ ଓ ତଦନୁସାରେ ବ୍ୟବସ୍ଥା କରିଥିଲେ। ଭାରତର ଚାରିଦିଗରେ ଧାର୍ମିକ ବାତାବରଣ ବଜାୟ ଓ ସୁରକ୍ଷିତ ରଖିବା ଅଭିପ୍ରାୟରେ ଆଦି ଶଙ୍କର ୪ଟି ଧାମ ପ୍ରତିଷ୍ଠା କରିଥିଲେ। ସେଠାରେ ଶ୍ରେଷ୍ଠ ସନ୍ଥମାନଙ୍କୁ ନିଜ ପ୍ରତିନିଧି ଭାବେ ଅବସ୍ଥାପିତ କରାଇଥିଲେ। ଏଇ ଚାରିଧାମ ମାଧ୍ୟମରେ ଭାରତର ଧାର୍ମିକ ଗୌରବ ଅକ୍ଷୁଣ୍ଣ ରଖିବାର ଧାରା ଅନୁସୃତ ହୋଇ ଆସୁଅଛି। ଶିବାବତାର ଶଙ୍କର ପୁଣି ଚତୁଃଧାମ ମଧ୍ୟରେ ପୁରୁଷୋତ୍ତମକୁ ଶ୍ରେଷ୍ଠଧାମ ଭାବେ ବିବେଚନା କରିଯାଇଛନ୍ତି।

ପୁରୁଷୋତ୍ତମ ଶ୍ରୀକ୍ଷେତ୍ରର ଧର୍ମୀୟବାତାବରଣ ଓ ଧାମ ସୁରକ୍ଷା ପାଇଁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଗୋବର୍ଦ୍ଧନ ପୀଠ ରହିଛି। ଏହାର ପୀଠାଧୀଶ ମୂଳତଃ ମହାନ ସନ୍ଥ ନିଶ୍ଚଳାନନ୍ଦ ସରସ୍ୱତୀ।

ଧାମ କିଛି ସାଧାରଣ ଶବ୍ଦଟି ନୁହେଁ।
ଜଗନ୍ନାଥ ଧାମ ସେଇଟି, ଯେଉଁଠି
ଲୋକନାଥ ଶିବଯନ୍ତ୍ର, ତୀର୍ଥରାଜ ମହୋଦଧି
ବିମଳା ଭୈରବୀ ଯନ୍ତ୍ର, ଜଗନ୍ନାଥସ୍ତୁ ଭୈରବ।

ଅର୍ଥାତ୍ ଲୋକନାଥ, ବିମଳା ଓ ତୀର୍ଥରାଜ ମହୋଦଧି ଯଦି ଦିଘାରେ ଥିବେ ତେବେ ମହାଭୈରବ ଜଗନ୍ନାଥ ସେଠାରେ ଥିବେ। ତେଣୁ ଦିଘା ଧାମ ହେବାରେ ବାଧାନାହିଁ। ଏହା ନାହିଁ ଦୀଘା ଧାମ ହେବ କେମିତି? କଙ୍କଣ ଲୋଭରେ ବାଘକୁ ପଙ୍କରୁ ଉଦ୍ଧାର କଲାପରେ ପଞ୍ଚତନ୍ତ୍ର କାହାଣୀରେ ବିଚରା ବ୍ରାହ୍ମଣଟି ବାଘର ଆହାର ହୋଇଥିଲା। ତେବେ ଏଠି କ'ଣ ହବ? ଦାରୁ, ଦଇତା, ଦିଘାକୁ ନେଇ ତିଆରି ହୋଇଥିବା ଭୌଗୋଳିକ, ରାଜନୈତିକ, ଆଧାତ୍ମିକ, ମନସ୍ତାତ୍ତ୍ୱିକ, ଅର୍ଥନୈତିକ ତଥା ସାମାଜିକ ନାଟକଟି ସତରେ କିନ୍ତୁ ଏକ ଅନୁସନ୍ଧାନମୂଳକ ନାଟକ। ଉପସଂହାର ଦେଖିବାକୁ ବାକି ରହିଲା।

**ମହାସଚିବ, ଗୋବର୍ଦ୍ଧନ ପୀଠ, ପୁରୀ**
**ମୋ:୯୪୩୭୦୭୭୭୬୭**

## ଏଇ ଭାରତରେ

ମହାରାଷ୍ଟ୍ରର ସୁନୀଲ କୋଲ୍‌ପେ ୧୬ଟି ମଇଁଷି କିଣି ଏକ ସ୍ମାର୍ଟ ଡାଇରି ଫାର୍ମ କରିଛନ୍ତି। ସୁନୀଲଙ୍କ ବୟସ ଏବେ ୪୩ ଓ ମହାରାଷ୍ଟ୍ର ୟୁବତମଲ ଜିଲାର ଛୋଟ ସହର ମହାଗାଓଁରେ ରହୁଛନ୍ତି ଏବଂ ଏହାଠାରୁ ତାଙ୍କ ଫାର୍ମ ୧୩ କିଲୋମିଟର ଦୂରରେ ଅଛି। ଏହି ଫାର୍ମ ୨୪ ଏକର ଜମିରେ ହୋଇଛି। ସେ କ୍ଷୀର ବିକ୍ରି କରିବା ପାଇଁ ସ୍ମାର୍ଟ କାର୍ଡଯୁକ୍ତ ମିଲ୍କ ଏଟିଏମ୍, ଆଇସ୍‌କ୍ରିମ ପାର୍ଲର କରିଛନ୍ତି। କ୍ଷୀର ଓ ଏଥିରୁ ପ୍ରସ୍ତୁତ ଉତ୍ପାଦ ବିକ୍ରି କରି ସୁନୀଲ ମାସକୁ ୭୫ ହଜାର ଟଙ୍କା ରୋଜଗାର କରୁଛନ୍ତି। ଦିନକୁ ଏବେ ୩୫୦ ଲିଟର କ୍ଷୀର ବିକ୍ରି କରୁଛନ୍ତି। କେବଳ ଏଟିଏମ୍ ମାଧ୍ୟମରେ ସେ କ୍ଷୀର ବିକୁନାହାନ୍ତି, ବରଂ ଘରକୁ ଘର ବୁଲି କ୍ଷୀର ଦେଉଛନ୍ତି। ସେ ବୈଜ୍ଞାନିକ ପଦ୍ଧତିରେ ଗୁହାଳ କରିଛନ୍ତି ଓ ଏଥିରେ ୫.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ପ୍ରଥମେ ସେ ପନିପରିବା ଚାଷ କରିଥିଲେ। କିନ୍ତୁ ସେଥିରେ କ୍ଷତି ହେବାରୁ ମଇଁଷି ରଖିବାକୁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ତାଙ୍କ ଜୀବନର ମୋଡ଼ ହିଁ ବଦଳାଇଦେଇଛି। ସୁନୀଲ ଫାର୍ମରେ ମଇଁଷି ପାଳନ କରିବା ସହିତ ଆଖୁ, ସୋୟାବିନ ଓ କପାଚାଷ ମଧ୍ୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୧ ଜୁଲାଇ ୧୯୭୬**

- ପେଟ୍ରୋଲ ଓ ପେଟ୍ରୋଲଜାତ ଦ୍ରବ୍ୟର ଆଞ୍ଚଳିକ ଭିତ୍ତିରେ ବିକ୍ରୟ ପାଇଁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟ ୪ କମ୍ପାନୀ ପ୍ରତିଷ୍ଠା ବିଷୟରେ ପ୍ରସ୍ତାବ ଗ୍ରହଣ କରିଛନ୍ତି।
- ନିରପେକ୍ଷ ରାଷ୍ଟ୍ରଗୋଷ୍ଠୀଗୁଡ଼ିକର ପ୍ରସ୍ତାବିତ ସମ୍ବାଦ ସଂସ୍ଥାର ସଦର ମହକୁମା ଭାରତରେ ରଖାଯିବା ପାଇଁ ପ୍ରସ୍ତାବ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | | | | | | |
| | | | | 8 | 9 | | | |
| 7 | | 2 | 3 | | | | | 8 |
| | | | | 1 | | 5 | 4 | |
| 2 | 7 | 4 | | 6 | | | | |
| | | 6 | | 9 | | | | |
| | | 9 | | | | 1 | 7 | |
| | | | | 7 | | | | |
| | 3 | | | | 1 | | 5 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଭଳି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 9 | 2 | 5 | 6 | 1 | 4 | 8 |
| 8 | 6 | 1 | 3 | 7 | 4 | 5 | 9 | 2 |
| 2 | 5 | 4 | 1 | 8 | 9 | 7 | 3 | 6 |
| 1 | 8 | 6 | 7 | 4 | 2 | 9 | 5 | 3 |
| 9 | 2 | 5 | 6 | 3 | 1 | 4 | 8 | 7 |
| 7 | 4 | 3 | 8 | 9 | 5 | 6 | 2 | 1 |
| 5 | 1 | 2 | 9 | 6 | 3 | 8 | 7 | 4 |
| 6 | 9 | 8 | 4 | 2 | 7 | 3 | 1 | 5 |
| 4 | 3 | 7 | 5 | 1 | 8 | 2 | 6 | 9 |

ଗତକାଲିର ଉତ୍ତର

# ମାତୃଭାଷା ବନାମ ବିଶ୍ୱଭାଷା



ରାନୀ ନାୟକ

ଗୋଟିଏ ଜାତିର ପରିଚୟ ହେଉଛି ଭାଷା। ପ୍ରତ୍ୟେକ ଭାଷାର ଏକ ନିର୍ଦ୍ଦିଷ୍ଟ ଇତିହାସ ରହିଛି। ଯଦି ଭାଷାଟିଏ ମରିଯାଏ ତେବେ ଅନେକ କଥା ମରିଯିବାକୁ ହୁଏ। ସେଥିରେ ଥିବା ସାହିତ୍ୟ, ଦର୍ଶନ ନିଶ୍ଚୟ ବଳିପଡିବ ଏବଂ ସେ ଭାଷାର ଶବ୍ଦମାନ ମଧ୍ୟ ଲୋପ ପାଇଥାଏ। ତେଣୁ ଭାଷା ବଞ୍ଚିଲେ ଗୋଟିଏ ଜାତି ଚିରକାଳ ପାଇଁ ଜୀବିତ ରହିପାରିବ। ସେ ଜାତି ସେତେବେଳେ ଯାଇ ବିଶ୍ୱମଣ୍ଡିତ ହେବ ଯେତେବେଳେ ତା' ମାତୃଭାଷା ସମଗ୍ର ପୃଥିବୀ ପୃଷ୍ଠରେ ଆଦୃତ ହେବ। ଏହା କେବଳ ସମ୍ଭବ ଗୋଟିଏ ଭାଷାଭାଷୀ ଜନତା ଦଳଗତ ଭାବେ କିମ୍ବା ଶକ୍ତିଶାଳୀ ବ୍ୟକ୍ତିଙ୍କ ନେତୃତ୍ୱରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବାବେଳେ ନିଜର ଚଳଣି, ସଂସ୍କୃତି, ଅଭ୍ୟାସ ସର୍ବୋପରି ନିଜର ମାତୃଭାଷାକୁ ସାଥିରେ ନେଇ ଅନ୍ୟ ସ୍ଥାନରେ ପ୍ରଭାବଶାଳୀ ଉପସ୍ଥିତି ଜାହିର କରିପାରିବ। କିନ୍ତୁ ଦୁଃଖର ବିଷୟ ଯେ ଆମେ ମାତୃଭାଷା ଅପେକ୍ଷା ବିଶ୍ୱଭାଷାକୁ ଅତି ଆଦର କରିବାରେ ବ୍ୟସ୍ତ। ଏହା କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ଇଂରାଜୀ ଭାଷା କାୟାବିସ୍ତାର କରିଛି।

ବିଶ୍ୱଭାଷା ଭାବରେ ଇଂରାଜୀ ଭାଷାର ବ୍ୟବହାର ପଛରେ ରହିଛି ଏକ ଭାଷା କୂଟନୀତି। ନଚେତ୍ ନିଜ ମାତୃଭାଷା କହୁଥିବା ଲୋକଙ୍କ ଗଣତିରେ ବିଶ୍ୱରେ ସର୍ବାଧିକ ଲୋକ ଚାଇନିଜ ଭାଷା 'ମାଣ୍ଡାରିନ' ହିଁ କହିଥାନ୍ତି। ଆମେରିକୀୟ, ଅଷ୍ଟ୍ରେଲିଆ ଏବଂ ପାଖାପାଖି ଅଞ୍ଚଳର ସମସ୍ତ ଇଂରାଜୀ ଭାଷାଭାଷୀ କହୁଥିବା ଲୋକଙ୍କୁ ମିଶାଇଲେ ମଧ୍ୟ ମାତୃଭାଷା ଭାବରେ ଇଂରାଜୀର ସ୍ଥାନ ଦ୍ୱିତୀୟ। ସେହିପରି ଭାରତରେ ହିନ୍ଦୀର ସ୍ଥାନ ଦ୍ୱିତୀୟ ଓ ଓଡ଼ିଆ ସ୍ଥାନ ତେତିଶ। ଏଠାରେ ମାତୃଭାଷା ବନାମ ବିଶ୍ୱଭାଷା କହିବାର ଉଦ୍ଦେଶ୍ୟ ହେଉଛି, ମାତୃଭାଷା ଇଂରାଜୀ ଥିବା ଲୋକଙ୍କଠାରୁ ଏସିଆ ଏବଂ ଆଫ୍ରିକାରେ ଇଂରାଜୀ ଭାଷା ଶିଖୁଥିବା ଲୋକଙ୍କ ସଂଖ୍ୟା ଅଧିକ। ସେହିପରି ଇଂରେଜମାନେ ଯେତେବେଳେ ଭାରତରେ ନିଜର କାୟାବିସ୍ତାର କଲେ ଏବଂ ପରବର୍ତ୍ତୀ ସମୟରେ ସେହି ଆଗନ୍ତୁକମାନଙ୍କର ଆବଶ୍ୟକତା ଥିଲା ସେମାନେ ଆମ ଭାଷା ଶିକ୍ଷା କରିବେ। କିନ୍ତୁ ସେମାନେ କ'ଣ ଆମ ଭାଷା ଶିକ୍ଷା କରିବେ, ବରଂ ତାଙ୍କ ଭାଷା ଅର୍ଥାତ୍ ଇଂରାଜୀ ଭାଷା ପ୍ରତି ଭାରତୀୟମାନଙ୍କର ଏତେ ଆସକ୍ତି ଚାଲି ଆସିଥିଲା ଯେ ଇଂରାଜୀ ଭାଷା ଶିଖିବା ପାଇଁ ଆତୁର ଏବଂ ତତ୍ପର ହୋଇଉଠିଲୁ।

ଇଂରାଜୀ ଭାଷାର କାୟା ବିସ୍ତାର ସମ୍ପର୍କରେ ଇତିହାସର କିଛି ଘଟଣାବଳୀର ପୃଷ୍ଠା ଓଲଟାଇବା। ଆମେରିକାର ପଞ୍ଚଦଶ ଶତକର ଉଦାହରଣ ଦେଖିବା। ପଞ୍ଚଦଶକର କଥା–କନ୍‌ଷ୍ଟାଣ୍ଟିନୋପଲ ପତନ ପରେ ଚାଇନାରୁ ଭାରତ ହୋଇ ୟୁରୋପ ଯାଇଥିବା ରେଶମ ପଥ ଅବରୁଦ୍ଧ ହେବା ପରେ ୟୁରୋପୀୟ ବ୍ୟବସାୟୀ ଓ ଶାସକମାନେ ଅନ୍ୟ ଏକ ବିକଳ୍ପ ପଥ ସନ୍ଧାନ କରୁଥାନ୍ତି। ଏଥିପାଇଁ ସ୍ପେନ୍, ଇଟାଲୀ, ପର୍ତ୍ତୁଗାଲ, ଫ୍ରାନ୍ସ, ଇଂଲଣ୍ଡର ସମୁଦ୍ର ନାବିକମାନଙ୍କୁ ସେତେବେଳେ ପ୍ରୋତ୍ସାହିତ କରାଯାଉଥିଲା। ପ୍ରସିଦ୍ଧ ସ୍ପେନୀୟ ନାବିକ ଖ୍ରୀଷ୍ଟୋଫର୍ କଲମ୍ବସ ୧୪୯୨ରେ ଦିଗଭ୍ରାନ୍ତ ହୋଇ ଭାରତକୁ ଜଳପଥ ଖୋଜି କ୍ୟାରିବିୟନ ସି'ର ବରମୁଡ଼ା ଦ୍ୱୀପପୁଞ୍ଜରେ ପହଞ୍ଚିଲେ ଏବଂ ଏହାକୁ ଭାରତ ବୋଲି ଭାବି ସେଠାକାର ଆଦିମ ଅଧିବାସୀଙ୍କୁ ରେଡ୍ ଇଣ୍ଡିଆନ ଆଖ୍ୟା ଦେଲେ। ଏହା ଥିଲା ଆମେରିକା





ମହାଦେଶର ଅଂଶ(ମାତ୍ର ମୃତ୍ୟୁ ପର୍ଯ୍ୟନ୍ତ କଲମ୍ବସ ଭାବିଥିଲେ ସେ ଭାରତବର୍ଷକୁ ଜଳପଥ ଆବିଷ୍କାର କରିଛନ୍ତି)। ଇଟାଲୀର ନାବିକ ଆମେରିଗୋ ଭେସ୍ପୁଚି ୧୫୦୭ରେ ଏଠାରେ ପହଞ୍ଚିବାରେ ଇଟାଲୀର ରାଜା ଏହି ଅଞ୍ଚଳକୁ ଆମେରିକା ବୋଲି ନାମିତ କଲେ। ପରବର୍ତ୍ତୀ ସମୟରେ ସ୍ପେନୀୟମାନେ ଦକ୍ଷିଣ ଆମେରିକା ମଧ୍ୟ ଆବିଷ୍କାର କରିଥିଲେ। ୧୫୮୮ରେ ସ୍ପେନ୍ କର୍ତ୍ତୃତ୍ୱରେ ଥିବା ଆଣ୍ଟଲାଣ୍ଟିକ ମହାସାଗରର ସ୍ପେନିଶ୍ରୋ ଘାଟି ଆର୍ମାଡ ଦ୍ୱୀପକୁ ଇଂରେଜମାନେ ଅଧିକାର କରିନେବା ପରେ ଏହି ସ୍ଥାନରେ ବସତି ସ୍ଥାପନ କରିବାକୁ ଆଗ୍ରହୀ ହୋଇଥିଲେ। କୁହାଯାଏ, ଯେଉଁ ପ୍ରଥମ ଗୋଷ୍ଠୀର ଲୋକେ ଆମେରିକା ଯାଇଥିଲେ ସେମାନଙ୍କର ହୁଏତ ଆମେରିକାର ଆଦିମ ଅଧିବାସୀଙ୍କ ହାତରେ ମୃତ୍ୟୁ ହୋଇଥିଲା କିମ୍ବା ସେମାନେ ନିଖୋଜ ହୋଇଥିଲେ। ସେହିମାନଙ୍କ ସ୍ମୃତିରେ ସ୍ଥାନଟିର ନାମକରଣ କରାଯାଇଥିଲା ଲସ୍ ଏଞ୍ଜେଲେସ। ପରବର୍ତ୍ତୀ ଗୋଷ୍ଠୀ ଯେଉଁମାନେ ତାଙ୍କ ସନ୍ଧାନ ପାଇଁ ଇଂଲଣ୍ଡର ସେ ସମୟର ଶାସକ ରାଲେଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ, ସେମାନେ ରହୁଥିବା ସ୍ଥାନଟିକୁ ନାମ ଦେଇଥିଲେ ରାଲେ। ଏହିଭଳି ଭାବରେ ନୂତନ ଉପନିବେଶର ସ୍ଥାନ ନାମକରଣ ଆରମ୍ଭ ହୋଇଥିଲା। ଇଂରେଜମାନେ ଆମେରିକାରେ ୧୭୮୦ ବେଳକୁ ୧୩ଟି କଲୋନୀ ସ୍ଥାପନ କରିଥିଲେ ଏବଂ ସେଥିରେ ୪୦ଲକ୍ଷ ଇଂରେଜ ବସବାସ କରୁଥିଲେ। ୧୫୮୮ ରୁ ୧୬୦୦ ମଧ୍ୟରେ ମାତ୍ର ୩୫୦ଜଣ ସେଠାରେ ରହୁଥିଲେ। ୧୭୮୧ରେ ଆମେରିକା ସ୍ୱାଧୀନ ହେଲା ଏବଂ ସ୍ଥାନୀୟ ଇଂରେଜ ବଂଶୋଦ୍ଭବ ଜର୍ଜ ୱାଶିଂଟନ ଦେଶର ପ୍ରଥମ ରାଷ୍ଟ୍ରପତି ରୂପେ ଶାସନ ଆରମ୍ଭ କଲେ। ଇଂରେଜମାନଙ୍କ ଦ୍ୱାରା ସୃଷ୍ଟ ବଂଶୋଦ୍ଭବମାନଙ୍କର ବସତିରେ ଏହି ଅସ୍ମିତାର ଜାଗରଣ ଅବଶ୍ୟ ବିଶ୍ୱ ଇତିହାସରେ ଏକ ନୂତନ ଫର୍ଦ୍ଦ ଯୋଗ କରିଛି। ଆମେରିକୀୟ ଇଂରାଜୀର ସ୍ୱାତନ୍ତ୍ର୍ୟ ସାମାନ୍ୟ ହେଲେ ମଧ୍ୟ ଜାତୀୟ ସ୍ୱାଭିମାନ ଦୃଷ୍ଟିରୁ ସେମାନେ ସାଧୀନ ହୋଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି।

ଇଂରାଜୀ ଭାଷା ସବୁଠି ପ୍ରସାର ମେଲାଇ ଥିଲେ ସୁଦ୍ଧା ଏକଥା ଦୃଢ଼ତାର ସହ କୁହାଯାଇପାରିବ ଯେ, ଓଡ଼ିଆ ଗୋଟିଏ ଅତ୍ୟନ୍ତ ସମୃଦ୍ଧ ଭାଷା ବୋଲି। ପୃଥିବୀର ଅଧିକାଂଶ ଭାଷାର ଲିପି ନାହିଁ। ସବୁଠାରୁ ଶକ୍ତିଶାଳୀ ଇଂରାଜୀ ଭାଷା ରୋମାନ ଲିପି ବ୍ୟବହାର କରେ। ଜର୍ମାନ, ଫ୍ରେଞ୍ଚ, ସ୍ପାନିସ ଭାଷା ମଧ୍ୟ ଏହି ରୋମାନ ଲିପି ବ୍ୟବହାର କରନ୍ତି। ଆମ ଦେଶରେ ମରାଠି ଓ ହିନ୍ଦୀ ଉଭୟ ନାଗରୀ ଲିପି ବ୍ୟବହାର କରନ୍ତି। କୋଙ୍କଣୀ ଭାଷା ଭିନ୍ନ ଭିନ୍ନ ଲିପି ବ୍ୟବହାର କରୁଛି। କିନ୍ତୁ ଓଡ଼ିଆ ଭାଷା ଏକ ସୁନ୍ଦର ଲିପି ବ୍ୟବହାର କରୁଛି। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ମିଳିସାରିଛି। କିନ୍ତୁ ପରିତାପର ବିଷୟ ଯେ ଏସବୁ ସତ୍ତ୍ୱେ ଆଜିର ଶିଶୁ, କିଶୋର ଗଣ ଏହି ଭାଷା ପ୍ରତି ଆଗ୍ରହୀ ହେଉନାହାନ୍ତି। ଆମ ଅସ୍ମିତାର ମୁଖ୍ୟ ପ୍ରତୀକ ଭାଷା ଉପରେ ଆଗରୁ ଯେତେ ଯାହା ଆକ୍ରମଣ ହୋଇଥିଲା ତାହା ବାହାରୁ ହୋଇଥିଲା, ମାତ୍ର ଏବେ ଏହି ଆକ୍ରମଣ ଆମ ପରିବାର ଭିତରୁ ହିଁ ଆରମ୍ଭ ହେଉଛି। ଶେଷରେ ଗୋଟିଏ ବାକ୍ୟରେ କହିଲେ, ଓଡ଼ିଆ ଭାଷାର ବିକାଶ ସେତିକିବେଳେ ସମ୍ପୂର୍ଣ୍ଣ ହେବ ଯେତେବେଳେ ଜଣେ ଓଡ଼ିଆ ଭାଷାଭାଷୀ ଉପଲବ୍ଧି କରିବ ଯେ ଏଇ ଭାଷା ମାଧ୍ୟମରେ ସେ ଦେଶ ତଥା ବିଶ୍ୱରେ ଉପଲବ୍ଧ ସମସ୍ତ ଜ୍ଞାନ ହାସଲ କରିପାରିବ। ତେଣୁ ଏହା ସେତେବେଳେ ସମ୍ଭବ ହେବ ଯେବେ ଆମ ଓଡ଼ିଆ ଆମେ ନିଜେ ଜାଗ୍ରତ କରିବା।

**ଢେଙ୍କାନାଳ, ମୋ: ୭୬୦୬୯୭୬୦୫୩**

# ପାଠକ ଶ୍ରେଷ୍ଠ ବିଚାରକ

## ସ୍ୱତନ୍ତ୍ର 'କ' ଶ୍ରେଣୀ ରେଳଚାଳକ ଓ ପରିଚାଳକ ପଦବୀ ଆରମ୍ଭ କରାଯାଉ

ମହାଶୟ,

ଭଦ୍ରକ ରେଳଷ୍ଟେଶନ ବ୍ରିଟିଶ ସମୟରୁ ଏକ ପ୍ରମୁଖ ରେଳଷ୍ଟେଶନ ରୂପେ ପରିଗଣିତ ହୋଇଆସୁଛି। ପୂର୍ବରୁ ଏହା ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ଥିଲା ଏବେ ଏହା ପୂର୍ବ ଉତ୍ତର ରେଳ ଅଧୀନ। ଏହା ମଧ୍ୟ ଏହି ଦୁଇ ରେଳ ଜୋନ୍‌ର ସର୍ବଶ୍ରେଷ୍ଠ ପ୍ରମୁଖ ରେଳଷ୍ଟେଶନ ରୋଡ୍। ପୂର୍ବରୁ ଏଠାରେ ସ୍ୱତନ୍ତ୍ର 'କ' ଶ୍ରେଣୀର ରେଳଚାଳକ ପଦବୀ ରହିଥିଲା। ରାଜନୀତି କରାଯାଇ ଦୀର୍ଘବର୍ଷ ତଳୁ ଏହି ପଦବୀକୁ ଖୋର୍ଦ୍ଧା ରୋଡ୍‌କୁ ଉଠାଇ ନିଆଗଲା। ବର୍ତ୍ତମାନ ରେଳଗାଡ଼ି ସଂଖ୍ୟା ଯଥେଷ୍ଟ ବଢ଼ିଛି, ଆଗକୁ ମଧ୍ୟ ବଢ଼ି ବଢ଼ି ଚାଲିବ। ଏପରି ସ୍ଥଳେ ଭଦ୍ରକ ଷ୍ଟେଶନରେ ସ୍ୱତନ୍ତ୍ର 'କ' ଶ୍ରେଣୀ ରେଳ ଚାଳକ ଓ ପରିଚାଳକ ପଦବୀ ଆରମ୍ଭ କରାଯାଉ। କେନ୍ଦ୍ର ରେଳମନ୍ତ୍ରୀ ତୁରନ୍ତ ଏହା ଉପରେ ବିଚାର କରିବେ ବୋଲି ଆଶା।

**–ବୀରଭଦ୍ର ନାୟକ, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୋ ପ୍ରିୟ ଆସିଛି ଛାଡ଼ି ସିନ୍ଧୁ ସଇକତେ,
ଭ୍ରମୁଛି କାନନ ନଦୀ ପରାଣ ଉଷତେ,
ଆସିଅଛି ଛାଡ଼ି ଘର
ନିଜର କରୁଛି ପର
ନିତି ନୂଆ ଘର ମୋର ଏ ଜଗତ–ପଥେ !
–(ଚିତ୍ରୋତ୍ପଳା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଏମ୍‌ସିଏଲ୍ ଜିଏମ୍‌ଙ୍କୁ ଗିରଫ କଲା ସିବିଆଇ

ଭୁବନେଶ୍ୱର,୧୦।୭ (ସତ୍ୟଜିତ୍ ରାଉତ)

୧୦ହଜାର ଟଙ୍କା ନେଇଥିଲେ, ବାକି ୩୦ ହଜାର ଟଙ୍କା ଲାଞ୍ଚ ନେବା ପୂର୍ବରୁ ଫସିଗଲେ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍)ର ସୁନ୍ଦରଗଡ଼ ଜିଲା ବସୁନ୍ଧରା ଏରିଆ ଜେନେରାଲ ମ୍ୟାନେଜର (ଜିଏମ୍) ଅଖିଳେଶ କୁମାର ବର୍ମା। ତାଙ୍କୁ ଗୁରୁବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗିରଫ କରିଛି। ଭୁବନେଶ୍ୱର ସିବିଆଇ ଶାଖା ଟିମ୍ ଅଖିଳେଶଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଛି। ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଖିଳେଶଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସିବିଆଇର ଏଫ୍‌ଆଇଆର୍ ଅନୁଯାୟୀ, ଏହି ମାମଲାରେ ଅଭିଯୋଗକାରୀ ହେଲେ ସୁନ୍ଦରଗଡ଼ ଜିଲା ହେମଗିରି ଥାନା ଅନ୍ତର୍ଗତ ଝୁମ୍ପୁରୁଙ୍ଗା ଗ୍ରାମର ରଞ୍ଜନ ପ୍ରଧାନ। ରଞ୍ଜନଙ୍କ ସମ୍ପର୍କୀୟ ଅଜା ତଥା ନିଜ ଗ୍ରାମର ସୁଜନ ପଟ୍ଟାଙ୍କ ଘର ଅଧିଗ୍ରହଣ ବାବଦକୁ ଏମ୍‌ସିଏଲ୍ ତରଫରୁ ୧୧ ଲକ୍ଷ ୩୭ ହଜାର ୫୯୫ ଟଙ୍କା ଦିଆଯିବା ପାଇଁ ଧାର୍ଯ୍ୟ ହୋଇଥିଲା। ଏନେଇ କାଗଜପତ୍ର ଦାଖଲ ଲାଗି ସୁଜନଙ୍କ ପାଖକୁ ଚିଠି ଆସିଥିଲା। ସୁଜନଙ୍କ ପରିବାର ଉଚ୍ଚଶିକ୍ଷିତ ହୋଇ ନ ଥିବାରୁ ସମସ୍ତ ଅଫିସିଆଲ୍ କାମ ପାଇଁ ରଞ୍ଜନଙ୍କ ସାହାଯ୍ୟ ନେଇଥିଲେ। ପରେ ସୁଜନଙ୍କ ପୁଅ ନକୁଳଙ୍କୁ ସାଙ୍ଗରେ



ଗିରଫ ଏମ୍‌ସିଏଲ୍ ଜିଏମ୍ ଅଖିଳେଶ କୁମାର ବର୍ମା।

ନେଇ ରଞ୍ଜନ ବସୁନ୍ଧରା ଏମ୍‌ସିଏଲ୍ ଜିଏମ୍ ଅଫିସ ଯାଇ ଆବଶ୍ୟକ ଦସ୍ତାବିଜ ଦାଖଲ କରି ଆସିଥିଲେ। ଏହାର ଏକ ମାସ ପରେ ମଧ୍ୟ ଟଙ୍କା ନ ଆସିବାରୁ ସେମାନେ ପୁଣି ଜିଏମ୍ ଅଫିସକୁ ଯାଇଥିଲେ। ସେଠାରେ ଜିଏମ୍ ଅଖିଳେଶ ଫାଇଲ୍ କାମ ଓ ପେମେଣ୍ଟ ରିଲିଜ୍

- ଘର ଅଧିଗ୍ରହଣ ବାବଦ ଫଣ୍ଡ ରିଲିଜ୍ ଲାଗି ୪୦ ହଜାର ଲାଞ୍ଚ
- ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ ଅଖିଳେଶ

ପାଇଁ ୪୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଟଙ୍କା ନ ଦେଲେ ପେମେଣ୍ଟ ହେବ ନାହିଁ ବୋଲି ସେ ରୋକ୍‌ଠୋକ୍ କହିଦେଇଥିଲେ। ତେବେ ଆଗୁଆ ୧୦ ହଜାର ଟଙ୍କା ଦେଲେ ହିଁ ଫାଇଲ କାମ କରିବେ ବୋଲି ଅଖିଳେଶ କହିଥିଲେ। ବାଧ୍ୟହୋଇ ଜୁଲାଇ ୩ରେ ରଞ୍ଜନ ଓ ଅନ୍ୟମାନେ ଅଫିସକୁ ଯାଇ ଅଖିଳେଶଙ୍କୁ ୧୦ ହଜାର ଟଙ୍କା ଦେଇଆସିଥିଲେ। ଏହାପରେ ଜୁଲାଇ ୪ରେ ସୁଜନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସିଥିଲା। ଉକ୍ତଦିନ ଅଖିଳେଶ ବାରମ୍ବାର କଲ୍ କରି ବଳକା ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ସିବିଆଇଙ୍କ ନିକଟରେ ହ୍ୱାଟ୍‌ସଆପ୍ ଜରିଆରେ ରଞ୍ଜନ ଅଭିଯୋଗ କରିଥିଲେ। ଭୁବନେଶ୍ୱର ସିବିଆଇ ଶାଖା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଖିଳେଶଙ୍କୁ ଗିରଫ କରିବାକୁ ଜାଲ ବିଛାଯାଇଥିଲା। ସେପଟେ ସୁନ୍ଦରଗଡ଼ ଟିକିଲିପଡ଼ା ବସୁନ୍ଧରା ରେସିଡେନ୍ସିଆଲ୍ କଲୋନୀ ପାର୍କସ୍ଥିତ ବାସଭବନକୁ ଆସି ଟଙ୍କା ଦେବାକୁ ଅଖିଳେଶ କହିଥିଲେ। ପୂର୍ବପ୍ରସ୍ତୁତି ଅନୁଯାୟୀ ରଞ୍ଜନ ଟଙ୍କା ଦେବା ବେଳେ ସିବିଆଇ ଟିମ୍ ଚଢ଼ାଉ କରି ଅଖିଳେଶଙ୍କୁ କାବୁ କରିଥିଲା।

# ପୁତୁରାଙ୍କୁ କୋଦାଳରେ ହାଣି ହତ୍ୟା

ଜଗତ୍‌ସିଂହପୁର, ୧୦।୭ (ପ୍ରମୋଦ କୁମାର ନାୟକ)

ଅଭିଯୁକ୍ତ କକାଙ୍କୁ ବାନ୍ଧି ମାଡ଼ ମାରିଲେ ଗ୍ରାମବାସୀ, ଉଦ୍ଧାର କଲା ପୋଲିସ



ଅଭିଯୁକ୍ତ ସଞ୍ଜୟ ଦାସଙ୍କୁ ପୋଲିସ ଉଦ୍ଧାର କରି ସାଙ୍ଗରେ ନେଉଛି।

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଯାହାନପୁର ଗ୍ରାମରେ ଗୁରୁବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି କକାଙ୍କ କୋଦାଳ ଆକ୍ରମଣରେ ପୁତୁରାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁମନ ଦାସ (୨୧)। ଏହି ଘଟଣାର ଅଭିଯୁକ୍ତ କକା ସଞ୍ଜୟ ଦାସଙ୍କୁ ଗ୍ରାମବାସୀ ବାନ୍ଧି ନିଘୋଡ଼ ମାଡ଼ ମାରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଉଦ୍ଧାର କରି ପ୍ରଥମେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ସୁମନଙ୍କ ବାପା ଦୁର୍ଗା ଚରଣ ଦାସଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ( ନଂ. ୪୯୫/୨୫) ରୁଜୁ କରାଯିବା ସହ ତଦନ୍ତ ଆରମ୍ଭ ହୋଇଛି ବୋଲି ଜଗତ୍‌ସିଂହପୁର ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ସୁମନ ଜଗତ୍‌ସିଂହପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀର ଛାତ୍ର। ଗୁରୁବାର ସକାଳେ ସୁମନ ଘର ପାଖ ନଳକୂପରେ ସ୍ନାନ କରୁଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି କକା ସଞ୍ଜୟ ତାଙ୍କୁ କୋଦାଳରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସୁମନଙ୍କ ମୁଣ୍ଡ, ବେକ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ସୁମନ ତଳେ ପଡି ଗୁରୁତର ହୋଇଥିଲେ। ପୁଅର ଚିତ୍କାର ଶୁଣି ଦୁର୍ଗାଚରଣ ଓ ପଡ଼ୋଶୀମାନେ ସେଠାରେ ପହଞ୍ଚିଲା ବେଳକୁ ସଞ୍ଜୟ ସେଠାରୁ ଧାଇଁ ପଳାଇଥିଲେ। ସୁମନଙ୍କୁ ତୁରନ୍ତ ମଣ୍ଡାସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସଞ୍ଜୟଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦୁର୍ଗା ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଆଇଆଇସି ସାହୁ କହିଛନ୍ତି, ସୁମନ ହେଉଛନ୍ତି ଦୁର୍ଗାଚରଣଙ୍କ ଏକମାତ୍ର ପୁଅ। ଅଭିଯୁକ୍ତ ସଞ୍ଜୟ ଅବିବାହିତ। କିନ୍ତୁ ସେମାନଙ୍କ ଭିତରେ ପାରିବାରିକ ବିବାଦ ଥିବା ସନ୍ଦେହ କରାଯାଉଛି। ଅଧିକତଦନ୍ତ ପରେ ତାହା ସ୍ପଷ୍ଟ ହେବ। ସଞ୍ଜୟ ଆକ୍ରମଣ କରି ଫେରାର ହେଉଥିବା ସମୟରେ ଗ୍ରାମବାସୀ ତାଙ୍କୁ କାବୁ କରି ମାଡ଼ ମାରିବା ସହ ବାନ୍ଧି ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ସଞ୍ଜୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଛି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତ ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସାହୁ କହିଛନ୍ତି।

# ରାଜାଙ୍କ ବାସଭବନରେ ଇଡି ଚଢ଼ାଉ

## ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟ ସିଲ୍

କେନ୍ଦୁଝର,୧୦।୭(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

ବହୁ ଚର୍ଚ୍ଚିତ ଶୁଆକାଟି ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଅର୍ଥ ତୋସରପାତ ଘଟଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବିଜେଡି ନେତା ରାଜା ଚକ୍ରଙ୍କ ଜଗନ୍ନାଥପୁରସ୍ଥିତ ବାସଭବନରେ ଗୁରୁବାର ଚଢ଼ାଉ କରିଛି। ଏ ନେଇ ଇଡି ଅଧିକାରୀ କୌଣସି ସୂଚନା ଦେଉ ନ ଥିବା ବେଳେ ଅର୍ଥ ଅନିୟମିତତା ସମ୍ପର୍କିତ ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଛି। ପରିବହନ କାର୍ଯ୍ୟାଳୟକୁ ସିଲ୍ କରିଥିବା ନେଇ ଜଣାପଡ଼ିଛି।



ରାଜା ଚକ୍ରଙ୍କ ବାସଭବନ ସମ୍ମୁଖରେ ସୁରକ୍ଷା କର୍ମୀ ମୁତୟନ ହୋଇଛନ୍ତି।

ପ୍ରକାଶ ଯେ, ଅର୍ଥ ତୋସରପାତକୁ ନେଇ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ପୂର୍ବରୁ ଖୋଳତାଡ଼ ହୋଇଛି। ବାରମ୍ବାର ଚଢ଼ାଉ ହୋଇ ବ୍ୟାପକ ସମ୍ପତ୍ତି ଜବତ ହେବା ସହ ଏଥିରେ ସମ୍ପୃକ୍ତ ରାଜା ଚକ୍ର, ସୁଶାନ୍ତ ସାମଲ ଓରଫ ବାବୁଲା ସାମଲ, ଲୋଡିଂ ଏଜେନ୍ସିର ସେହି ସମୟର ସଭାପତି ମାନସ ବାରିକ ଓ ସମ୍ପାଦକ ଉତ୍କଳ ଦାସ ପ୍ରମୁଖଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ସମସ୍ତ ଅଭିଯୁକ୍ତ ବାଲେଶ୍ୱର ଜେଲରେ ଅଛନ୍ତି। ଇଓଡବ୍ଲ୍ୟୁର ବାଲେଶ୍ୱର କୋର୍ଟରେ କେସ୍ ଚାଲିଥିବା ବେଳେ ସେମାନଙ୍କ ଜାମିନ ଆବେଦନ ମଧ୍ୟ ଖାରଜ ହୋଇଯାଇଛି। ବର୍ତ୍ତମାନ ଜିଲାରେ ଏ ସମ୍ପର୍କରେ ଚର୍ଚ୍ଚା ଟିକେ ଥମିଯାଇଥିବା ବେଳେ ଇଡ଼ି ଗୁରୁବାର ରାଜାଙ୍କ ବାସଭବନରେ ଚଢ଼ାଉ କରିବା ପରେ ପୁଣି ଚର୍ଚ୍ଚା ଜୋର ଧରିଛି। ଇଡିର ଅଧିକାରୀମାନେ କେନ୍ଦ୍ରୀୟ ପୋଲିସ ସହ ସ୍ଥାନୀୟ ପୋଲିସ ସହାୟତାରେ ଚଢ଼ାଉ କରିଛନ୍ତି। ରାଜାଙ୍କ ମାଇନିଂ ରୋଡ୍ ରାମମନ୍ଦିର ନିକଟସ୍ଥ ପରିବହନ କାର୍ଯ୍ୟାଳୟ ଦିବ୍ୟାନ୍ସି ଟ୍ରାନ୍ସପୋର୍ଟକୁ ସିଲ୍ କରିଥିବା ଜଣାପଡ଼ିଛି।

# ଯୁବକଙ୍କୁ ଉଠାଇନେଲା ପଶ୍ଚିମବଙ୍ଗ ପୋଲିସ

## ନାବାଳିକାଙ୍କୁ ପ୍ରେମକରି ଝରିଗାଁ ନେଇଆସିଥିଲେ ସୁମିତ

ଝରିଗାଁ,୧୦।୭ (କିଶୋର ଚନ୍ଦ୍ର ମଣ୍ଡଳ)

ପଶ୍ଚିମବଙ୍ଗ କୋଶିପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ କୋଶିପୁର ପୋଲିସ ଝରିଗାଁରେ ରହୁଥିବା ଜଣେ ଯୁବକଙ୍କୁ ଗୁରୁବାର ଗିରଫ କରିଛି। ଏଥିସହ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ସୂଚନାନୁଯାୟୀ ଉମରକୋଟ ଥାନା ଜାମୁଗୁଣ୍ଡା ଗ୍ରାମର ସୁମିତ କୁମାର ମଲ୍ଲିକଙ୍କର କୋଶିପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ସୋସିଆଲ ମିଡିଆରେ ବନ୍ଧୁତା ହୋଇଥିଲା। ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ତାହା ପ୍ରେମରେ ପରିଣତ ହୋଇଥିଲା। ପ୍ରାୟ ୧ ମାସେ ତଳେ ସୁମିତ କୋଶିପୁରରୁ ନାବାଳିକାଙ୍କୁ ଆଣି ମାଲକାନଗିରିରେ ରହୁଥିଲେ। ଉଭୟ ୮ ଦିନ ହେବ ଝରିଗାଁରେ ଏକ ଭଡ଼ାଘରେ ଥିଲେ। ଏଠାରେ ସୁମିତ ଏକ ଜଳଖିଆ ଦୋକାନ କରିଥିଲେ। ନାବାଳିକାଙ୍କ ମାଆ କୋଶିପୁର ଥାନାରେ ଝିଅଙ୍କୁ ଅପହରଣ କରାଯାଇଥିବା ନେଇ ମେ ମାସରେ ଲିଖିତ ଅଭିଯୋଗ କରିଥିଲେ। କୋଶିପୁର ପୋଲିସ କେସ୍ ନଂ. ନମ୍ବର ୭୨/ ୨୫ରେ ଏକ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଛି। କୋଶିପୁର ପୋଲିସ ମୋବାଇଲ ଟ୍ରାକ୍ କରି ଗୁରୁବାର ଝରିଗାଁରେ ପହଞ୍ଚି ଯୁବକଙ୍କୁ ଗିରଫକରିବା ସହ ନାବାଳିକାଙ୍କୁ ଉଦ୍ଧାରକରି ପଶ୍ଚିମବଙ୍ଗ ନେଇଥିବା ସୂଚନା ମିଳିଛି।

# ନାବାଳିକାଙ୍କୁ ଅସଦାଚରଣ ମାମଲା

# ସିବିଆଇ, ବିଚାରବିଭାଗୀୟ ତଦନ୍ତ ଦାବିକଲେ ବିରୋଧୀ

କେନ୍ଦୁଝର,୧୦।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୁରୁଣା ସହରରେ ରଥଯାତ୍ରା ଦେଖି ଫେରିବା ବେଳେ ଆଦିବାସୀ ନାବାଳିକାଙ୍କୁ ୫ ଯୁବକ ଅସଦାଚରଣ ସହ ଅପହରଣ କରିନେଇଥିଲେ। ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ମାମଲାରେ ବିରୋଧୀ ବିଜେଡି ଓ କଂଗ୍ରେସ ଉଦ୍‌ବେଗ ପ୍ରକାଶ କରି ସିବିଆଇ ଓ ବିଚାରବିଭାଗୀୟ ତଦନ୍ତ ଦାବି କରିଛନ୍ତି। ବିଜେଡି ଜିଲା ସଭାପତି ଆଶିଷ ଚକ୍ରବର୍ତ୍ତୀ କହିଛନ୍ତି, ପୋଲିସ ଏତଲା ଭିତ୍ତିରେ ମାମଲା ରୁଜୁ କରିଥିବା କହୁଥିବା ବେଳେ ପ୍ରକୃତ ଘଟଣା ଚପାଇ ଦେବାକୁ ଉଦ୍ୟମ କରାଯାଉଛି। କାହା ଚାପରେ ପୋକ୍‌ସୋ କିମ୍ବା ଏସ୍‌ଟି/ଏସ୍‌ସି ଆଇନ ଅନୁଯାୟୀ ଦଫା ଲଗାଇନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରାଗଲେ ସତ୍ୟାସତ୍ୟ ପଦାକୁ ଆସିପାରିବ ବୋଲି କହିଛନ୍ତି। ପିସିସି ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ କହିଛନ୍ତି, ସେ ନିଜେ ଉକ୍ତ ଗ୍ରାମକୁ ଯାଇ ପୀଡ଼ିତାଙ୍କ ପରିବାର ସହିତ ଆଲୋଚନା କରିଛନ୍ତି। ପୋଲିସ ଠିକ୍ ଭାବରେ ତଦନ୍ତ ନ କରି ଘଟଣାକୁ ଭିନ୍ନ ମୋଡ଼ ଦେଉଛି। ପରିବାର ଲୋକଙ୍କୁ ଭୟଭୀତ କରାଯାଉଛି। ପରିବାରଙ୍କୁ ସୁରକ୍ଷା ଦେବା ସହ ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବି କରିଛନ୍ତି।

ରଥଯାତ୍ରା ଦେଖି ନାବାଳିକା ୩ ସମ୍ପର୍କୀୟଙ୍କ ସହିତ ୨ଟି ବାଇକ୍‌ରେ ଘରକୁ ଫେରୁଥିଲେ। ଜୁଡ଼ିଆ ଘାଟି ନିକଟରେ ଏକ ଜିପ୍‌ରେ ୫ ଜଣ ଯୁବକ ଗାଡ଼ିରେ ବସାଇ ନେଇଯାଇଥିଲେ। ପୋଲିସ ସୂଚନା ପାଇ ଖୋଜି ନାବାଳିକାଙ୍କୁ ଉଦ୍ଧାର କରିଥିଲା।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ମାଧ୍ୟମରେ କାର୍ଯ୍ୟରତ କ୍ଷେତ୍ର ପ୍ରବନ୍ଧକ, ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂର ଦୁଇ-ବିଡ୍ ପ୍ରଣାଳୀ ଜରିଆରେ ଖୋଲା ଟେଣ୍ଡର ଆହ୍ୱାନ କରୁଛି: ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଆର୍‌ସି-ସି-ଇଡିଡିଓ୍ୱାଇ୨-ତା-୦୯-୦୭-୨୫; କାର୍ଯ୍ୟର ନାମ: "ଦୁଇ ବର୍ଷ ଅବଧି ପାଇଁ" ଏସ୍‌ଆର୍‌ସି କୋଚିଂ ଡିପୋଠାରେ ଡି-୩ ସମୟସୂଚୀ ଅବଧିରେ ଏଚ୍ଚି କରେଣ୍ଟ ଆରେ' (ଇସିଏ) କୌଶଳ ଦ୍ୱାରା ଏଲ୍‌ଏଚ୍‌ବି କୋଚ୍‌ଗୁଡ଼ିକର ଚକରେ ପୃଷ୍ଠଭାଗ ତ୍ରୁଟି ଚିହ୍ନଟୀକରଣ। ଟେଣ୍ଡର ମୂଲ୍ୟ: ₹୧,୭୦,୯୩,୬୧୨.୧୬; ଇଏମ୍‌ଡି: ₹୨,୩୫,୫୦୦.୦୦। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୧୦,୦୦୦.୦୦ (ଅଣ-ଫେରସ୍ତଯୋଗ୍ୟ); ଟେଣ୍ଡର ବନ୍ଦ ହେବାର ତାରିଖ: ତା୦୧।୦୮।୨୦୨୫ରିଖ ୧୨.୦୦ ଘଟିକା। ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ଉପରଦର୍ଶିତ ବିବରଣୀ ଅନୁଯାୟୀ କେବଳ www.ireps.gov.in ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍ ଜରିଆରେ ଏଥିପାଇଁ ଆବେଦନ କରିବାକୁ ଅନୁରୋଧ କରାଯାଉଛି। କୌଣସି ଅଫ୍‌ଲାଇନ୍ ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ। ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ। (PR-376)

**ପୂର୍ବ ତଟ ରେଳପଥ**

ଟେଣ୍ଡର ସୂଚନା ସଂ. 18-SBP-TRD-OT-2025-26, ତା.07.07.2025ରିଖ

କାର୍ଯ୍ୟର ନାମ : 2 ବର୍ଷର ସମୟାବଧି ନିମନ୍ତେ ଟାୱାର କାର୍ ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ସେବା ଚୁକ୍ତି।

ଆନୁମାନିକ ମୂଲ୍ୟ : ₹ 6,54,05,542.06, EMD : ₹ 4,77,000/-, ଶେଷ ହେବା ଅବଧି: 24 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.07.2025ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-343/Q/25-26

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBS T-372E, ତା.01.07.2025ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ମୁଖ୍ୟ ଲାଇନକୁ ସଂଯୋଗ କରୁଥିବା ବୃନ୍ଦାମାଳ - ଝାରସୁଗୁଡ଼ା ଫ୍ଲାଏଓଭର ଲାଇନ୍ କାର୍ଯ୍ୟ ସମ୍ବନ୍ଧୀୟ ସବ-ଷ୍ଟେସନ ସମେତ HT/LT ପାୱାର ଲାଇନ୍ କ୍ରସିଙ୍ଗର ରୂପାନ୍ତରଣ / ସ୍ଥାନାନ୍ତରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 720.31 ଲକ୍ଷ, EMD : ₹ 5,10,200.00, କାର୍ଯ୍ୟ ଶେଷ ହେବା ଅବଧି : 9 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.08.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପରେ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର
PR-52/CI/25-26



बैंक ऑफ़ बड़ौदा Bank of Baroda

ଚାପଗ୍ରସ୍ତ ସମ୍ପତ୍ତି ପରିଚାଳନା ଭର୍ଟିକାଲ
ବ୍ୟାଙ୍କ ଅଫ୍ ବରୋଦା, ବରୋଦା କର୍ପୋରେଟ୍ ସେଣ୍ଟର, ସି-୨୬, ଜି-ବ୍ଲକ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା ପୂର୍ବ, ମୁମ୍ବାଇ-୪୦୦୦୫୧ ଇମେଲ: wfd.bcc@bankofbaroda.co.in

BOB:SAMV:117:1438 Date: 07.07.2025

**ଇଚ୍ଛାକୃତ ଋଣ ଖିଲାପୀ ଶ୍ରେଣୀଭୁକ୍ତ: ସମୀକ୍ଷା କମିଟି ନିକଟରେ ବ୍ୟକ୍ତିଗତ ଶୁଣାଣୀ ନିମନ୍ତେ ସୁଯୋଗ**

ଆପଣଙ୍କ ନିକଟକୁ ପ୍ରେରିତ **ତା.୦୩.୦୨.୨୦୨୫ରିଖ** କାରଣ ଦର୍ଶାଅ ନୋଟିସ ଦ୍ରଷ୍ଟବ୍ୟ। ପୁନଶ୍ଚ ଆପଣଙ୍କ ଇଚ୍ଛାକୃତ ଋଣ ଖିଲାପୀ ଶ୍ରେଣୀଭୁକ୍ତ ପାଇଁ ଇଚ୍ଛାକୃତି ଋଣ ଖିଲାପୀକାରୀମାନଙ୍କ ଚିହ୍ନଟ କମିଟି ସମୀକ୍ଷା କମିଟିକୁ ସୁପାରିଶ କରିଛନ୍ତି ଏବଂ **ତା.୧୭.୦୫.୨୦୨୫ରିଖ** ଚିଠି ଯୋଗଯୋଗ ନିମନ୍ତେ ଆପଣଙ୍କ ନିକଟକୁ ପ୍ରେରଣ କରାଯାଇଛି। ବର୍ତ୍ତମାନ ଆପଣଙ୍କୁ ପରାମର୍ଶ କି ଆପଣ **ତା.୧୮.୦୭.୨୦୨୫ରିଖରେ** ସମୀକ୍ଷା କମିଟି ନିକଟରେ ବ୍ୟକ୍ତିଗତ ଭାବେ ହାଜିର ହେବା ନିମନ୍ତେ ଏହା ଏକ ସୁଯୋଗ ଅଟେ। ଆପଣଙ୍କ ଉପସ୍ଥିତି ନିଶ୍ଚିତ କରିବା ପାଇଁ **ତା.୧୪.୦୭.୨୦୨୫ରିଖ** ପୂର୍ବରୁ ଇ-ମେଲ କିମ୍ବା ଚିଠି ମାଧ୍ୟମରେ ଜଣାନ୍ତୁ। ଯଦି ଆପଣ ସମୀକ୍ଷା କମିଟି ନିକଟରେ ଉପସ୍ଥିତ ନ ହୁଅନ୍ତି ତେବେ ସମୀକ୍ଷା କମିଟି ଆପଣଙ୍କୁ ଇଚ୍ଛାକୃତ ଋଣ ଖିଲାପୀ ଶ୍ରେଣୀଭୁକ୍ତ କରିବାର ସ୍ୱତନ୍ତ୍ର ଅଧିକାର ରଖିଛି। ଉପସ୍ଥିତି ହେବାର ସ୍ଥାନ ଓ ତାରିଖ ନିମ୍ନମତେ:

| କ୍ର.ନଂ. | ଆକାଉଣ୍ଟର ନାମ | ବ୍ୟକ୍ତିଙ୍କ ନାମ | ଶୁଣାଣୀ ତାରିଖ, ସମୟ, ସ୍ଥାନ ଏବଂ ମାଧ୍ୟମ |
|---|---|---|---|
| ୧. | ମେସର୍ସ ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିମିଟେଡ଼ | ଶ୍ରୀ ମହେନ୍ଦ୍ର କୁମାର ଗୁପ୍ତା<br>ଶ୍ରୀ ଜିତେନ୍ଦ୍ର ମୋହନ ଗୁପ୍ତା<br>ଶ୍ରୀ ଅଭିଷେକ ଗୁପ୍ତା<br>ଶ୍ରୀ ପ୍ରବିଣ କୁମାର ଅଗ୍ରୱାଲ | ଶୁଣାଣୀ ତାରିଖ: ୧୮.୦୭.୨୦୨୫, ସମୟ: ମଧ୍ୟାହ୍ନ ୧୨.୦୦ ଘଟିକା (୧୫ ମିନିଟ୍ ପୂର୍ବରୁ ଉପସ୍ଥିତ), ସ୍ଥାନ: ବ୍ୟାଙ୍କ ଅଫ୍ ବରୋଦା, କ୍ଷେତ୍ରୀୟ କାର୍ଯ୍ୟାଳୟ, ବିଭବ କମ୍ପ୍ଲେକ୍ସ, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର, ମାଧ୍ୟମ: ଭିଡିଓ କନ୍‌ଫରେନ୍ସ |

ସ୍ୱା/- ମହାପ୍ରବନ୍ଧକ



**महानिदेशक एवं पुलिस महानिरीक्षक का कार्यालय, झारखण्ड,राँची**

**सूचना पट निविदा आमंत्रण सूचना सं0–08 / 2025–26**

**Render Safe Procedure (RSP) Kit- 12 Nos.** की आपूर्ति हेतु GST निबंधित स्थानीय फर्मो से **दिनांक 24.07.2025 को समय 16:00 बजे तक** मुहरबन्द निविदाएं आमंत्रित की जाती है।

**नियम एवं शर्ते :–**

1. ईच्छुक फर्म अपने लेटर पैड पर निविदा दो भागों – तकनीकी एवं वित्तीय भाग में देंगे। तकनीकी भाग में GST, पैन नम्बर तथा पूर्व में किसी सरकारी संस्थानों में समान / समरूप उपकरण की आपूर्ति संबंधी प्रमाण प्रत्र की छाया प्रति संलग्न करना अनिवार्य होगा।
2. **परिशिष्ट–01 के रूप में संलग्न विहित प्रपत्र के अनुसार वित्तीय भाग समर्पित करेंगे।** वित्तीय भाग में अंकित दर अंको / अक्षरों में होगी और उसमें कोई कटींग अथवा ओभर राईटींग मान्य नहीं होगा। ऐसी निविदा को अस्वीकृत कर दिया जायेगा।
3. Render Safe Procedure (RSP) Kit का **Specifications परिशिष्ट–02 के रूप में संलग्न है।** उक्त Specifications के अनुरूप Render Safe Procedure (RSP) Kit की आपूर्ति नहीं करने पर आपूर्ति स्वीकार नहीं किया जायेगा।
4. क्रयादेश निर्गत करने से पूर्व Procurement Committee आवश्यकतानुसार नमूना की मांग कर सकती है।
5. Render Safe Procedure (RSP) Kit की आपूर्ति केन्द्रीय भंडार, होटवार, राँची में करना अनिवार्य होगा।
6. निविदा के दोनों भाग (तकनीकी एवं वित्तीय) को अलग–अलग लिफाफा में सील कर दोनों के उपर अलग–अलग यथा "तकनीकी भाग" एवं "वित्तीय भाग" लिख कर एक अन्य लिफाफा में डालकर और उसे भी सील कर अधोहस्ताक्षरी के पदनाम से भेजना होगा। लिफाफा के उपर फर्म का नाम लिखा रहना अनिवार्य होगा।
7. निविदा का तकनीकी भाग एवं वित्तीय भाग दिनांक 25.07.2025 को समय 11:00 बजे Procurement Committee के समक्ष अधोहस्ताक्षरी के कार्यालय कक्ष में खोली जायेगी। निविदा खुलने के समय निविदादाता या उनके प्रतिनिधि उपस्थित रह सकते हैं।
8. निविदा समर्पित करने के पश्चात् निविदा से संबंधित किसी प्रकार का कागजात स्वीकार नहीं किया जायेगा।
9. महानिदेशक एवं पुलिस महानिरीक्षक, झारखण्ड, राँची को यह अधिकार सुरक्षित होगा कि बिना कारण बताये निविदा को रद्द कर सकेंगे।
10. सम्पूर्ण निविदा दस्तावेज (परिशिष्ट–01 एवं 02 सहित) झारखण्ड पुलिस के वेबसाईट www.jhpolice.gov.in पर उपलब्ध है। कार्यालय दिवस के दौरान पुलिस मुख्यालय, झारखण्ड, राँची से भी संपूर्ण निविदा दस्तावेज प्राप्त कर सकते है।

पुलिस महानिरीक्षक (प्रोविजन)
झारखण्ड, राँची

PR 356943 Police(25-26).D



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ଦ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ଼ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

**ଫର୍ମ ନଂ. ଏସ୍‌ଟିକେ-୬**

**ସର୍ବସାଧାରଣ ବିଜ୍ଞପ୍ତି**

*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

**ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୭୯୫** ତାରିଖ:- ୦୧।୦୭।୨୦୨୫

**ସନ୍ଦର୍ଭ:**

କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୪)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୪୩୨୯୫୪୦ | ୟୁ୪୭୮୨୦ଓଡି୨୦୨୩ପିଟିସି୦୪୨୧୨୭ | ଓରିସାକା ଆପାରେଲ୍ ପ୍ରାଇଭେଟ ଲିମିଟେଡ୍ |
| ୨ | ଏବି୪୩୯୫୬୪୦ | ୟୁ୬୭୧୯୦ଓଆର୍୨୦୨୨ପିଟିସି୦୪୦୦୧୪ | ଆସ୍ୟୋର୍‌କେୟାର୍ ଇନ୍‌ସ୍ୟୁରାନ୍ସ ବ୍ରୋକର୍ସ ପ୍ରାଇଭେଟ ଲିମିଟେଡ୍ |
| ୩ | ଏବି୪୯୧୧୯୩୯ | ୟୁ୮୫୩୧୦ଓଆର୍୨୦୨୨ପିଟିସି୦୩୯୨୮୬ | ସୋଲ୍‌ୱିଶ୍ ହିଲିଂସ୍ ପ୍ରାଇଭେଟ ଲିମିଟେଡ୍ |
| ୪ | ଏବି୪୩୫୬୯୦୪ | ୟୁ୭୦୧୦୯ଓଆର୍୨୦୨୨ପିଟିସି୦୪୦୭୭୪ | ସୁପ୍ରଭାତମ୍ ଡେଭେଲପର୍ସ ପ୍ରାଇଭେଟ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।

(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।

(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।

ରୌନକ ଅଗ୍ରୱାଲ, ସହକାରୀ ନିବନ୍ଧକ
ଦ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର

CBC 07123/11/0290/2526



यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ପୋଲସରା ଶାଖା**
ମେନ୍ ରୋଡ୍, ରାଣୀପଡା, ପୋଲସରା, ଗଞ୍ଜାମ, ଓଡିଶା-୭୬୧୧୦୫

**ବିକ୍ରୟ ନୋଟିସ୍ (୩୦ ଦିନିଆ ନୋଟିସ୍)**
{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ)

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| **ଋଣଗ୍ରହୀତାମାନେ: ୧) ମେସର୍ସ ଜୟ ମା ଗୌରୀ କାସ୍ୟୁ ଇଣ୍ଡଷ୍ଟ୍ରି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଜୟସେନ ସାହୁ,** ପିତା: ଗୋପିନାଥ ସାହୁ, **୨) ଶ୍ରୀ ଜୟସେନ ସାହୁ,** ପିତା: ଗୋପିନାଥ ସାହୁ, **ମେସର୍ସ ଜୟ ମା ଗୌରୀ କାସ୍ୟୁ ଇଣ୍ଡଷ୍ଟ୍ରିର ସ୍ୱତ୍ତ୍ୱାଧିକାରୀ /ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସୁନିତା ସାହୁ,** ସ୍ୱାମୀ: ଶ୍ରୀ ଜୟସେନ ସାହୁ, ସମସ୍ତଙ୍କ ଠିକଣା- ସା: ପଥରାପଲ୍ଲୀ, ମେନ୍ ରୋଡ୍, ପୋ: ଆଠଗଡପାଟଣା, ଭାୟା: ପୋଲସରା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୦୫ | **୧) ଶ୍ରୀମତୀ ସୁନିତା ସାହୁ,** ସ୍ୱାମୀ: ଶ୍ରୀ ଜୟସେନ ସାହୁଙ୍କ ନାମରେ ଥିବା କାରଖାନା, କଳକବ୍ଜା ଓ ଯନ୍ତ୍ରପାତି ଏବଂ ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୨୪୦ଡିସିମିଲି, ପ୍ଲଟ୍ ନଂ.: ୨୦୮/୧୩୮୮, ଖାତା ନଂ.: ୧୩୪/୨୦, ସା/ମୌଜା: ପଥରାପଲ୍ଲୀ, ମେନ୍ ରୋଡ୍, ପୋ: ଆଠଗଡପାଟଣା, ବାଉଁଶିଆ ଗ୍ରାମପଞ୍ଚାୟତ, ଥାନା/ତହସିଲ: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ସୁନିତା ସାହୁଙ୍କ ଜମି, ପଶ୍ଚିମ: ଇନ୍ଦ୍ରମଣୀ ମହାନ୍ତିଙ୍କ ଜମି, ଉତ୍ତର: ବାଞ୍ଛାନିଧି ମହାନ୍ତିଙ୍କ ଜମିର ଘାଇ, ଦକ୍ଷିଣ: ପିଚବୁଡ଼ି ରାସ୍ତା, **୨) ଶ୍ରୀ ଜୟସେନ ସାହୁ,** ପିତା: ଗୋପିନାଥ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଖାଲି ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୯୮୮ଡିସିମିଲି ଯାହା ୪୩,୦୩୭ବର୍ଗଫୁଟ, **କ)** ପ୍ଲଟ୍ ନଂ.: ୩୦୮, ଖାତା ନଂ.: ୧୩୪/୫୯, କ୍ଷେତ୍ର: ଏକର୦.୨୬୦ଡିସିମିଲି, **ଖ)** ପ୍ଲଟ୍ ନଂ.: ୩୦୬, ଖାତା ନଂ.: ୧୩୪/୬୦, କ୍ଷେତ୍ର: ଏକର୦.୫୬୮ଡିସିମିଲି ଏବଂ **ଗ)** ପ୍ଲଟ୍ ନଂ.: ୩୦୫, ଖାତା ନଂ.: ୧୩୪/୫୭, କ୍ଷେତ୍ର: ଏକର୦.୧୬୦ଡିସିମିଲି, ସମସ୍ତ ପ୍ଲଟ୍ ଗୋଟିଏ କ୍ଷେତ୍ରରେ ଅବସ୍ଥିତ, ସା/ମୌଜା: ପଥରାପଲ୍ଲୀ, ପୋ: ଆଠଗଡପାଟଣା, ଭାୟା: ପୋଲସରା, ଥାନା/ତହସିଲ: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦାଣ୍ଡ, ପଶ୍ଚିମ: ଶିବରାମ ପ୍ରଧାନ ଏବଂ ଅନ୍ୟମାନଙ୍କ ଜମି, ଉତ୍ତର: ଘାଇ ହୁଡା, ଦକ୍ଷିଣ: ନୀଳକଣ୍ଠ ଚୌଧୁରୀଙ୍କ ଜମି, **୩) ମେସର୍ସ ଜୟ ମା ଗୌରୀ କାସ୍ୟୁ ଇଣ୍ଡଷ୍ଟ୍ରି** ଆକାଉଣ୍ଟ ସହିତ ସମ୍ବନ୍ଧିତ ବନ୍ଧକପ୍ରାପ୍ତ କଳକବ୍ଜା ଏବଂ ଯନ୍ତ୍ରପାତି ବନ୍ଧକ ସମ୍ପତ୍ତି ସହିତ ଜଡିତ ଏବଂ ବ୍ୟାଙ୍କର ଆର୍ଥିକ ସହାୟତା ପ୍ରାପ୍ତ | ୨୧.୦୨.୨୦୨୫ / ୦୫.୦୫.୨୦୨୫ / ୦୪.୦୬.୨୦୨୫ |
| **ଋଣଗ୍ରହୀତାମାନେ: ୧) ମେସର୍ସ ରାଜ କୁମାରୀ କାସ୍ୟୁ ପ୍ରୋସେସିଙ୍ଗ୍ ୟୁନିଟ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସୁନିତା ସାହୁ,** ସ୍ୱାମୀ: ଶ୍ରୀ ଜୟସେନ ସାହୁ, ସା: ପଥରାପଲ୍ଲୀ, ପୋ: ଆଠଗଡପାଟଣା, ଭାୟା: ପୋଲସରା, ଥାନା/ତହସିଲ: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୦୫, **୨) ଶ୍ରୀମତୀ ସୁନିତା ସାହୁ,** ସ୍ୱାମୀ: ଶ୍ରୀ ଜୟସେନ ସାହୁ, **ମେସର୍ସ ରାଜ କୁମାରୀ କାସ୍ୟୁ ପ୍ରୋସେସିଙ୍ଗ୍ ୟୁନିଟ୍‌ର ସ୍ୱତ୍ତ୍ୱାଧିକାରୀ,** ସା: ପଥରାପଲ୍ଲୀ, ମେନ୍ ରୋଡ୍, ପୋ: ଆଠଗଡପାଟଣା, ଭାୟା: ପୋଲସରା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୦୫ / **ଗ୍ୟାରେଣ୍ଟିଦାତା: ଶ୍ରୀ ଜୟସେନ ସାହୁ,** ପିତା: ଗୋପିନାଥ ସାହୁ, ସା: ପଥରାପଲ୍ଲୀ, ମେନ୍ ରୋଡ୍, ପୋ: ଆଠଗଡପାଟଣା, ଭାୟା: ପୋଲସରା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୦୫ | **୧) ଶ୍ରୀମତୀ ସୁନିତା ସାହୁଙ୍କ** ନାମରେ ଥିବା ଇଣ୍ଡଷ୍ଟ୍ରିଆଲ୍ ଗୃହ (ବିଲ୍ଡିଂ) ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଥରାପଲ୍ଲୀ, ପୋ: ଆଠଗଡପାଟଣା, ଭାୟା: ପୋଲସରା, ଏସ୍‌ଆର୍‌ଓ/ତହସିଲ: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମ, ପ୍ଲଟ୍ ନଂ.: ୨୪୦, ୨୪୧, ୨୪୯, ୨୫୭, ୨୫୯, ୨୬୩, ୨୬୬, ୨୬୭, ୨୬୮, ୨୭୦, ୨୭୧, ୨୭୨, ୨୭୩ ଏବଂ ୨୭୪, ଖାତା ନଂ.: ୧୩୪/୪୯, **ସମୁଦାୟ କ୍ଷେତ୍ର: ଏକର୧.୩୮୦ଡିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ରଭାକର ଗୌଡଙ୍କ ସମ୍ପତ୍ତି / ପ୍ଲଟ୍ ନଂ.: ୨୭୭,୨୭୬,୨୭୫,୨୮୮, ପଶ୍ଚିମ: ସୁନିତା ସାହୁଙ୍କ ସମ୍ପତ୍ତି / ପ୍ଲଟ୍ ନଂ.: ୨୫୮, ୨୫୫, ଉତ୍ତର: ବାଞ୍ଛା ମହାନ୍ତି ଏବଂ ଅଲେଖ ମହାନ୍ତିଙ୍କ ସମ୍ପତ୍ତି / ପ୍ଲଟ୍ ନଂ.: ୨୩୯, ଦକ୍ଷିଣ: ରାସ୍ତା / ପ୍ଲଟ୍ ନଂ.: ୫୩୩, **୨) ଶ୍ରୀ ଜୟସେନ ସାହୁଙ୍କ** ନାମରେ ଥିବା ଖାଲି ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଆମ୍ବଶେଖରପୁର, ଏସ୍‌ଆର୍‌ଓ/ତହସିଲ: କବିସୂର୍ଯ୍ୟନଗର, ନୀଳକଣ୍ଠ ନଗର, ଗୌଡଡିପ, ବ୍ଲକ୍ କାର୍ଯ୍ୟାଳୟ ନିକଟ, କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମ, ପ୍ଲଟ୍ ନଂ.: ୧୭୩୪/୩୫୫୫, ଖାତା ନଂ.: ୬୪୧/୧୩୧୫, **ସମୁଦାୟ କ୍ଷେତ୍ର: ଏକର ୦.୦୨୯ ଡିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ସାଧୁ ଚରଣ ସାହୁଙ୍କ ଜମି, ପଶ୍ଚିମ: ନମିତା ସ୍ୱାଇଁଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସାଧୁ ଚରଣ ସାହୁଙ୍କ ଜମି, **୩) ଶ୍ରୀ ଜୟସେନ ସାହୁଙ୍କ** ନାମରେ ଥିବା ଖାଲି ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା/ମୌଜା: ପଥରାପଲ୍ଲୀ, ପୋ: ଆଠଗଡପାଟଣା, ଭାୟା: ପୋଲସରା, ଏସ୍‌ଆର୍‌ଓ/ତହସିଲ: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମ, ପ୍ଲଟ୍ ନଂ.: ୨୯୯, ଖାତା ନଂ.: ୧୩୪/୫୮, **ସମୁଦାୟ କ୍ଷେତ୍ର: ଏକର ୦.୨୨୦ ଡିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଶିବରାମ ପ୍ରଧାନଙ୍କ ଜମି, ଉତ୍ତର: ଘାଇ ହୁଡା, ଦକ୍ଷିଣ: ନୀଳକଣ୍ଠ ଚୌଧୁରୀଙ୍କ ଜମି, **୪) ମେସର୍ସ ରାଜ କୁମାରୀ କାସ୍ୟୁ ପ୍ରୋସେସିଙ୍ଗ୍ ୟୁନିଟ୍** ଆକାଉଣ୍ଟ ସହିତ ସମ୍ବନ୍ଧିତ ବନ୍ଧକପ୍ରାପ୍ତ କଳକବ୍ଜା ଏବଂ ଯନ୍ତ୍ରପାତି ବନ୍ଧକ ସମ୍ପତ୍ତି ସହିତ ଜଡିତ ଏବଂ ବ୍ୟାଙ୍କର ଆର୍ଥିକ ସହାୟତା ପ୍ରାପ୍ତ | ୨୧.୦୨.୨୦୨୫ / ୦୫.୦୫.୨୦୨୫ / ୦୪.୦୬.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୋଲସରା ଶାଖା, ମେନ୍ ରୋଡ୍, ରାଣୀପଡା, ପୋଲସରା, ଗଞ୍ଜାମ-୭୬୧୧୦୫, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ **ତା.୨୧.୦୨.୨୦୨୫ରିଖରେ** ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ **ତା.୦୫.୦୫.୨୦୨୫ରିଖରେ** ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସମ୍ପତ୍ତିଗୁଡ଼ିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ପୋଲସରା, ତାରିଖ: ୧୦.୦୭.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# କୁଦିଆରୀ ଆର୍‌ଆଇ କାର୍ଯ୍ୟାଳୟ ଅନ୍ୟତ୍ର ନିର୍ମାଣକୁ ବିରୋଧ

## ୨୩ରେ ରାସ୍ତାରୋକୋ ଚେତାବନୀ

ଜଟଣୀ,୧୦।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) କାର୍ଯ୍ୟାଳୟ ଅନ୍ୟତ୍ର ନିର୍ମାଣକୁ ନେଇ ବିରୋଧ କରାଯାଇଛି। ଏନେଇ ଗୁରୁବାର କୁଦିଆରୀ ଦଶଦୋଳ ମେଳଣ କମିଟି ସଭାପତି ସୁଦର୍ଶନ ସୁନ୍ଦରାୟଙ୍କ ନେତୃତ୍ୱ ଓ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପ ପରିସରରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟାଳୟର ସ୍ଥାୟୀ ଗୃହ କୁଦିଆରୀଠାରେ ନିର୍ମାଣ ନ ହୋଇ ଜଟଣୀ ବ୍ଲକ ଅଧୀନ ରଥିପୁର ଗ୍ରାମଠାରେ ହେବାରୁ ବିରୋଧ କରାଯାଇଛି। ସେଠାରେ ନିର୍ମାଣ କାର୍ଯ୍ୟ ବନ୍ଦ କରି କୁଦିଆରୀରେ ନିର୍ମାଣ ପାଇଁ ଦାବି କରାଯାଇଛି। ତେବେ ଆସନ୍ତା ୨୨ ତାରିଖ ସୁଦ୍ଧା କୁଦିଆରୀଠାରେ ଉକ୍ତ କାର୍ଯ୍ୟାଳୟ ସ୍ଥାୟୀ ଗୃହ ନିର୍ମାଣ ନ କରାଗଲେ ୨୩ ତାରିଖରେ କୁଦିଆରୀ ଗ୍ରାମବାସୀ ଏବଂ ଦଶଦୋଳ ମେଳଣ କମିଟି ପକ୍ଷରୁ କୁଦିଆରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ରାସ୍ତାରୋକୋ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ସୂଚନାଥାଉ କି, ଜଟଣୀ ବ୍ଲକ ଅଧୀନ ରଥିପୁରଠାରେ କୁଦିଆରୀ ରାଜସ୍ୱ କାର୍ଯ୍ୟାଳୟ ନିର୍ମାଣ ନେଇ କୌଣସି ଉପଯୁକ୍ତ ସମାଧାନ ନ ହେବା ପର୍ଯ୍ୟନ୍ତ ବନ୍ଦ କରିବା ପାଇଁ ସ୍ଥାନୀୟ ତହସିଲ ପ୍ରଶାସନ ଗତ ୯ତାରିଖରେ ଗ୍ରାମ୍ୟ ଉନ୍ନୟନ ବିଭାଗ(ଆରଡି)ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି ବୋଲି ନଗରପାଳ ଅନନ୍ତ ବେହେରା କହିଛନ୍ତି। କୁଦିଆରୀ ରାଜସ୍ୱ ନିରୀକ୍ଷକଙ୍କ ଚିଠି ସଂଖ୍ୟା ୭୨୨ ଅନୁସାରେ ରଥିପୁରଠାରେ ନିର୍ମାଣାଧୀନ ଆର୍‌ଆଇ କାର୍ଯ୍ୟାଳୟ ଜମି ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ ମାର୍ଫତ୍ ଶ୍ରୀମନ୍ଦିର ପରିଚାଳନା କମିଟି ନାମରେ ରହିଥିବା ବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ଏନ୍‌ଓସି ନ ଆଣି ରଥିପୁରଠାରେ କାର୍ଯ୍ୟାଦେଶ ପାଇଥିବା ଠିକା ସଂସ୍ଥା ଆର୍‌ଆଇ କାର୍ଯ୍ୟାଳୟ ନିର୍ମାଣ କରୁଥିବାରୁ ଏହାକୁ ବନ୍ଦ କରିବା ପାଇଁ ଚିଠିରେ ଉଲେଖ ରହିଛି। ତେବେ କେଉଁ ଆଇନ ଅନୁଯାୟୀ ରଥିପୁରଠାରେ ନିର୍ମାଣ ହେଉଛି ବୋଲି କୁଦିଆରୀ ଦଶଦୋଳ ମେଳଣ କମିଟି ପକ୍ଷରୁ ପ୍ରଶ୍ନ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ କୁଦିଆରୀ ଦଶଦୋଳ ମେଳଣ କମିଟି ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।



କୁଦିଆରୀ ଦଶଦୋଳ ମେଳଣ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ସାଧାରଣ ଜ୍ଞାନ ବିକାଶ କାର୍ଯ୍ୟକ୍ରମ

ବୋଲଗଡ଼/କଳାପଥର,୧୦।୭ (ଦେବବ୍ରତ ହୋତା/ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଠଣାପଲ୍ଲୀ ଗ୍ରାମସ୍ଥିତ ମିଳିତ ଯୁବକ ସଂଘ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ସ୍କୁଲ ପିଲାଙ୍କ ମଧ୍ୟରେ ପରିବେଶ ସମ୍ବନ୍ଧୀୟ ସାଧାରଣ ଜ୍ଞାନ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରିକମା ପଞ୍ଚାୟତ ଅଧୀନ ଶଙ୍କରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାର୍ଥୀଙ୍କୁ ବୃକ୍ଷରୋପଣର ଉପକାରିତା, ଜୈବ ବିବିଧତାର ସୁରକ୍ଷା, ପଶୁପକ୍ଷୀଙ୍କ ପ୍ରତି ଦୟା ଭାବ ଓ ସ୍ୱଚ୍ଛତାର ବାର୍ତ୍ତା ଦେବା ପାଇଁ ଏକ କୁଇଜ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯାଇଥିଲା। ଏହି ଅବସରରେ ମା' ପାଇଁ ଗଛଟିଏ ଲଗାଇବା ନେଇ ଶପଥ ପାଠ କରାଯାଇଥିଲା। ଯୁବକ ସଂଘ ସମ୍ପାଦକ ଭାଗୀରଥି ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ଦାସ, ଅରିକମା ସରପଞ୍ଚ ପ୍ରମୋଦ ରାଉତରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ହୋତା, ମୁଖଶାଳାର ସମ୍ପାଦକ ବଂଶୀଧର ପଣ୍ଡା, ଶିକ୍ଷୟିତ୍ରୀ ସସ୍ମିତା ଦାଶ, ଶର୍ମିଷ୍ଠା ମହାପାତ୍ର, ଶିକ୍ଷକ ପ୍ରଭାତ ସାହୁ ପ୍ରମୁଖ ଯୋଗଦେଇ ସଫଳତା ପାଇବାକୁ ହେଲେ ବିଭିନ୍ନ ବିଷୟଭିତ୍ତିକ ଜ୍ଞାନ ସହ ସାଧାରଣ ଜ୍ଞାନର ବିକାଶ ହେଉଛି ପ୍ରଥମ ପାହାଚ ବୋଲି କହିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଗଣେଶ୍ୱର



@ କେଦାର



@ ମନୁଶ୍ରୀ



@ ସ୍ୱାତି ସୁପ୍ରିୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ତୃତୀୟ ଦିନରେ ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

ଟାଙ୍ଗୀ,୧୦।୭(ରଘୁନାଥ ସାହୁ): ଓଡ଼ିଶା ଡ୍ରାଇଭର ମହାସଂଘର ଆହ୍ୱାନକ୍ରମେ ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ଫଳରେ ସାରା ଓଡ଼ିଶାରେ ପରିବହନ ସେବା ବାଧାପ୍ରାପ୍ତ ହୋଇଛି। ଟାଙ୍ଗୀରେ ଥିବା ଭାରେଶି ଗ୍ୟାସ ଡିପୋକୁ ଗ୍ୟାସ ସିଲିଣ୍ଡର ଯୋଗାଣ ୩ଦିନ ଧରି ବନ୍ଦ ରହିବା ଫଳରେ ଗୁରୁବାର ଖାଉଟିମାନେ ଗ୍ୟାସ୍ ସିଲିଣ୍ଡର ନ ପାଇ ଫେରିଥିବା ଜଣାପଡ଼ିଛି। ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କୁଜିଡ଼ି, ଚଣ୍ଡେଶ୍ୱର, ଟାଙ୍ଗୀ, ବଡପୋଖରିଆ ପେଟ୍ରୋଲ ପମ୍ପରେ ତେଲ ପକାଇବା ପାଇଁ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଥିଲା। କେତେକ ଟାଙ୍କିରେ ତେଲ ନ ଥିବା ଜଣାପଡ଼ିଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ସହ ପଦକ୍ଷେପ ନେବାକୁ ଦାବି ହେଉଛି।

### ଆର୍‌ଏସ୍‌ଏସ୍ ପକ୍ଷରୁ ଗୁରୁପୂଜନ ଉତ୍ସବ

ଖୋର୍ଦ୍ଧା,୧୦।୭(ପ୍ରଭାତ ପାଣିଗ୍ରାହୀ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମିଳନୀ କକ୍ଷରେ ଗୁରୁ ପୂଜନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆର୍‌ଏସ୍‌ଏସ୍‌ର ପୂର୍ବପ୍ରାନ୍ତ ସହ କାର୍ଯ୍ୟବାହ ସୁଦର୍ଶନ ଦାସ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଗୁରୁପୂର୍ଣ୍ଣିମା ଉତ୍ସବର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଆର୍‌ଏସ୍‌ଏସ୍ ବିଶ୍ୱକୁ ବସୁଧୈବ କୁଟୁମ୍ବକମ୍ ଓ ସର୍ବେ ଭବନ୍ତୁ ସୁଖିନଃ ବାର୍ତ୍ତା ଦେଇ ଆସିଛି। ଗୈରିକ ଧ୍ୱଜା ହେଉଛି ଭାରତୀୟ ସଂସ୍କୃତି, ପରମ୍ପରାର ପ୍ରତୀକ। ସଂଘ କୌଣସି ବ୍ୟକ୍ତି ବିଶେଷ ପରିବର୍ତ୍ତେ ଗୈରିକ ଧ୍ୱଜାକୁ ଗୁରୁଭାବେ ଗ୍ରହଣ କରିଛି। ଭଗବା ଧ୍ୱଜା ତ୍ୟାଗ, ବଳିଦାନ, ଜ୍ଞାନଦୀପ୍ତିର ପ୍ରେରଣା ଦେଇଥାଏ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସେନାଧିକାରୀ ନିତ୍ୟାନନ୍ଦ ଦାସ ମୁଖ୍ୟ ଅତିଥି, ଜିଲା ସଂଘଚାଳକ କିଶୋର ଚନ୍ଦ୍ର ବରାଳ ପ୍ରମୁଖ ମଞ୍ଚାସୀନ ଥିଲେ। ନଗର କାର୍ଯ୍ୟବାହ ପ୍ରଶାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନଗର ସ୍ୱୟଂସେବକ ସଚେତ ବିଭିନ୍ନ କ୍ଷେତ୍ର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

### ଅନ୍ଧାରରୁ ଆଲୋକ ପର୍ଯ୍ୟନ୍ତ ବାଟ କଢ଼େଇ ନିଅନ୍ତି ଗୁରୁ

ବେଗୁନିଆ,୧୦।୭(ହର ପ୍ରସନ୍ନ ପଣ୍ଡା): ଗୁରୁ ପୂର୍ଣ୍ଣିମା ଉତ୍ସବ ଗୁରୁବାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପାଳିତ ହୋଇଯାଇଛି। ଏହି ଅବସରରେ ବେଗୁନିଆ ବ୍ଲକ ଅନ୍ତର୍ଗତ ଚକାପଦା ଗ୍ରାମସ୍ଥିତ ରାମଚଣ୍ଡୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ବସନ୍ତ କୁମାର ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାରତୀୟ ରେଳ ବିଭାଗର ଅବସରପ୍ରାପ୍ତ ଅଧିକାରୀ ଭଗବାନ ସାହୁ ଯୋଗଦେଇଥିଲେ। ଗୁରୁ ପୂର୍ଣ୍ଣିମାର ତାତ୍ପର୍ଯ୍ୟ ସମ୍ପର୍କରେ ପିଲାଙ୍କୁ ବୁଝାଇଥିଲେ। 'ଗୁ' ହେଲା ଅନ୍ଧକାର ଏବଂ 'ରୁ' ଶବ୍ଦର ଅର୍ଥ ହେଲା ଆଲୋକିତ। ତେଣୁ ଯେ ଅନ୍ଧକାର ଦୁନିଆକୁ ଆଲୋକିତ କରିବାରେ ସକ୍ଷମ ହୁଅନ୍ତି ସେ ହେଲେ ଗୁରୁ ବୋଲି ଉଦ୍ବୋଧନ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଶୁଭସ୍ମିତା ପଟ୍ଟଯୋଶୀ, ତୁଳସୀ ମିଶ୍ର ଏବଂ ଜୟନ୍ତୀ ଭୋଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗୁରୁପୂର୍ଣ୍ଣିମା ଉତ୍ସବରେ ୬ ଗୁରୁ ସମ୍ମାନିତ




ରୋଟାରୀ କ୍ଲବ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜଟଣୀ,୧୦।୭(ରବୀନ୍ଦ୍ରନାଥ ମହାକୁଡ଼)

ସଂସ୍କାର ଭାରତୀ ଉତ୍କଳ ପୂର୍ବପ୍ରାନ୍ତ ଖୋର୍ଦ୍ଧା ଜିଲା ପକ୍ଷରୁ ଗୁରୁବାର ଜଟଣୀ ପୌରାଞ୍ଚଳର ରୋଟାରୀ କ୍ଲବ ସଭାଗୃହରେ ଗୁରୁ ପୂର୍ଣ୍ଣିମା ଓ ନଟରାଜ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍କାର ଭାରତୀ ଖୋର୍ଦ୍ଧା ଜିଲା ଅଧ୍ୟକ୍ଷ ଶତ୍ରୁଘ୍ନ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ନୃତ୍ୟଶିଳ୍ପୀ ଡ.ସ୍ନେହପ୍ରଭା ସାମନ୍ତରାୟ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ସଂସ୍କାର ଭାରତୀ ଉତ୍କଳ ପୂର୍ବପ୍ରାନ୍ତ ଓଡ଼ିଶା ଅଧ୍ୟକ୍ଷ ଡ. ପ୍ରଫେସର ଶାନ୍ତନୁ କୁମାର ରଥ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବରିଷ୍ଠ ଭାଜପା ପ୍ୟାନେଲିଷ୍ଟ ଲକ୍ଷ୍ମଣ ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ପାଇକ ଗୁରୁ ନୀଳମଣି ଶତ୍ରୁଶଲ, ଓଡ଼ିଶୀ ସଂକୀର୍ତ୍ତନ ଗୁରୁ ଧ୍ରୁବଚରଣ ପରିଡ଼ା, ପାଇକଗୁରୁ କାଶୀନାଥ ନାୟକ, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ରଜନୀଧି ମହାପାତ୍ର, ଲୋକନାଟକ ଗୁରୁ ଲିଙ୍ଗରାଜ ରାଉତ ଏବଂ ସଙ୍ଗୀତ, ନୃତ୍ୟ ଓ ନାଟ୍ୟଗୁରୁ ଦାମୋଦର ବଳବନ୍ତରାୟଙ୍କୁ 'ଗୁରୁ ପ୍ରଣାମ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ମହାମନ୍ତ୍ରୀ ଦୀପକ କୁମାର ଶତ୍ରୁଶଲ କାର୍ଯ୍ୟକ୍ରମର ଅଭିମୁଖ୍ୟ ଉପସ୍ଥାପନ କରିଥିବା ବେଳେ ଅନୁଷ୍ଠାନର ସଦସ୍ୟ ରବୀନ୍ଦ୍ରନାଥ ମହାକୁଡ଼ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆୟୋଜକ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଓଡ଼ିଶୀ ସଙ୍ଗୀତ ଗୁରୁ ଜଳଧର ପ୍ରଧାନ ପରିଚାଳନା କରିଥିଲେ। ଅନୁଷ୍ଠାନର ମହାମନ୍ତ୍ରୀ ଦୀପକ କୁମାର ଶତ୍ରୁଶଲ୍ୟ ଧନ୍ୟବାଦ ଦେଇଥିଲେ।

## ଭାରତ ଭୂଖଣ୍ଡକୁ ଜ୍ଞାନଆଲୋକରେ ଆଲୋକିତ କରିଥିଲେ ବ୍ୟାସଦେବ

ଭୁବନେଶ୍ୱର, ୧୦।୭ (ସୌମ୍ୟରଞ୍ଜନ ରାଉତ): ଗୁରୁପୂର୍ଣ୍ଣିମା ଅବସରରେ ଗୁରୁବାର ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀ ସମାରୋହ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ବକ୍ତାଭାବେ ଯୋଗଦେଇ ଶିକ୍ଷାବିତ୍ ତଥା ସାରଳାଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର କହିଲେ, ମହର୍ଷି ବ୍ୟାସଦେବ ଜ୍ଞାନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ରଚନାସମୂହ ଦ୍ୱାରା ସେ ସମଗ୍ର ଭାରତ ଭୂଖଣ୍ଡକୁ ଜ୍ଞାନର ଆଲୋକରେ ଆଲୋକିତ କରିଥିଲେ। ଏଥିସହ ସେ ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀକୁ ଗୁରୁପୂର୍ଣ୍ଣିମା ଭାବେ ପାଳନ କରିବାର ପ୍ରାସଙ୍ଗିକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସମାରୋହକୁ ଉଦ୍‌ଘାଟନ କରି ବ୍ୟାସଦେବଙ୍କୁ ଭାରତୀୟ ବୈଦିକ ଓ ସଂସ୍କୃତିର ଏକ ମହାନ ବ୍ୟକ୍ତିତ୍ୱ ଭାବେ ଅଭିହିତ କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡ. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱନାଥ ଫାଇଟର୍ସକୁ ହରାଇ ଚାଲେଞ୍ଜର-୧୧ ବିଜୟୀ

## ପଞ୍ଚାୟତ ପ୍ରିମିୟର କ୍ରିକେଟ ଲିଗ୍

ଜଟଣୀ,୧୦।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ତିରିମଲ ଏବଂ ବେଣାପଞ୍ଜରୀ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଚାଲିଥିବା ତୃତୀୟ ପଞ୍ଚାୟତ ପ୍ରିମିୟର କ୍ରିକେଟ ଲିଗ୍‌ରେ ଗୁରୁବାର ବିଶ୍ୱନାଥ ଫାଇଟର୍ସ ଏବଂ ଚାଲେଞ୍ଜର-୧୧ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ବିଶ୍ୱନାଥ ଫାଇଟର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୩୭ରନ ସଂଗ୍ରହ କରିଥିଲା। ଜବାବରେ ଚାଲେଞ୍ଜର-୧୧ଟିମ୍ ୧୦ ଓଭରରେ ୬ ଉଇକେଟ ବିନିମୟରେ ୩୮ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଟିପୁ ସୁଲତାନ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସାହାବାଜ ନୱାଜ ଏବଂ ଅଭିଷେକ ନିଶଙ୍କ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଅତିଥିଭାବେ ସମାଜସେବୀ ମନୋଜ ପାଲଟାସିଂ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିବା ୬ଟି ଟିମ୍ ମଧ୍ୟରୁ ୪ଟି ଟିମ୍ ଚ୍ୟାଲେଞ୍ଜର-୧୧, ଗ୍ରାଉ ପାନ୍ଥର, ଶ୍ୟାମ ଚ୍ୟାଲେଞ୍ଜର ଓ ହପସା ୱାରିୟର୍ସ କ୍ୱାଲିଫାୟାର ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି।

# 'ନାମସଂକୀର୍ତ୍ତନ ହିଁ ସର୍ବୋତ୍କୃଷ୍ଟ ସତ୍କର୍ମ'

## ରାଜ୍ୟସ୍ତରୀୟ ସଂକୀର୍ତ୍ତନ ସମ୍ମିଳନୀ




ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

ପୁରୀ,୧୦।୭(ଅଜିତ କୁମାର ମହାନ୍ତି)

ପୁରୀ ଜିଲା ସଂସ୍କୃତି ଭବନରେ ଗୁରୁବାର ଓଡ଼ିଶା ସଂକୀର୍ତ୍ତନ ମହାସଂଘ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୫ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ କଳାକାର ଯୋଗଦେଇଥିଲେ। ମହାସଂଘ ସଭାପତି ବାସୁଦେବ ଭଞ୍ଜଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ସଂଯୋଜକ ପ୍ରସନ୍ନ ବିଶୋୟୀ ସ୍ୱାଗତ ଭାଷଣ ଦେଉଥିବାବେଳେ ସମ୍ପାଦକ ସୁଦର୍ଶନ ଦମ୍ପତି ସଙ୍ଗଠନର ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଜାତୀୟ ମାନବ ଅଧିକାର କମିଶନ ସଦସ୍ୟ ଜଷ୍ଟିସ ବିଦ୍ୟୁତରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ଭଗବାନଙ୍କ ସାନ୍ନିଧ ଲାଭ କରିବା ନିମନ୍ତେ ଆଧ୍ୟାତ୍ମିକତା ଜରୁରୀ। ସେଥିପାଇଁ ନାମ ସଂକୀର୍ତ୍ତନ ସର୍ବୋତ୍କୃଷ୍ଟ। ସେହିପରି ବିଶିଷ୍ଟ ଅତିଥି ଭାବେ ରାଧାକାନ୍ତ ମଠର ମଠାଧୀଶ ସ୍ୱାମୀ ଶ୍ୟାମାନନ୍ଦଜୀ ମହାରାଜ କହିଲେ, ପ୍ରତ୍ୟେକ ମଣିଷ ନିଜ କୃତିରେ ଜୀବନ ସହ ଭଗବାନଙ୍କ ନାମ ସଂକୀର୍ତ୍ତନ ଓ ଆଧ୍ୟାତ୍ମିକତାକୁ ସତ୍ ଉପାୟ ସହିତ ଯୋଡି ସଦୁପଯୋଗ କରିପାରିଲେ ସର୍ବୋତ୍ତମ ହୋଇପାରିବ। ସମ୍ମାନିତ ଅତିଥି ଭାବେ ରାଧାବଲ୍ଲଭ ମଠର ମଠାଧୀଶ ରାମଦାସଜୀ ମହାରାଜ ଯୋଗଦେଇ କହିଲେ ଯେ, ବିନା ଖର୍ଚ୍ଚରେ ପୁଣ୍ୟକର୍ମ ରୂପକ ଧନ ସଞ୍ଚୟ କରି ସମାଜରେ ଆଦର୍ଶ ସହ ମୋକ୍ଷ ପ୍ରାପ୍ତ କରାଯାଇପାରିବ। ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ନରେଶ ଚନ୍ଦ୍ର ଦାସ କହିଲେ, ନାମସଂକୀର୍ତ୍ତନ ହିଁ ଆଜିର ଦିନରେ ସର୍ବୋତ୍କୃଷ୍ଟ ସତ୍କର୍ମ। ତେଣୁ ସବୁ ଛାଡ଼ି ପ୍ରତିଦିନ କିଛି ସମୟ ସଂକୀର୍ତ୍ତନ କରିବା ଉଚିତ। ବରିଷ୍ଠ ସେବାୟତ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର କହିଲେ, ଭଜନ ଓ ଭୋଜନପ୍ରିୟ ମହାପ୍ରଭୁଙ୍କର ସବୁଠୁ ପ୍ରିୟ ହେଉଛି ନାମସଂକୀର୍ତ୍ତନ। ମାନବାଧିକାର କମିଶନ କୋର୍ ସଦସ୍ୟ ମନୋଜ ଜେନା କହିଲେ, ଜଗନ୍ନାଥ ସଂସ୍କୃତିରେ ମାଦୃଶ୍ଳ ସର୍ବାଗ୍ରେ ପୂଜନୀୟ, ତେଣୁ ସଂକୀର୍ତ୍ତନ ମାଧ୍ୟମରେ ହିଁ ସମାଜରେ ମହିଳା ହିଂସାକୁ ପ୍ରତିହତ କରିପାରିବେ। କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ଓ ନାମ ସଂକୀର୍ତ୍ତନ ଉପରେ ବିଶେଷ ଆଲୋଚନା ହୋଇଥିଲା। ଏହି ଅବସରରେ ସଂକୀର୍ତ୍ତନ କ୍ଷେତ୍ରରେ ଜୀବନବ୍ୟାପି ସାଧନା କରିଥିବା କେତେଜଣ ବ୍ୟକ୍ତିବିଶେଷଙ୍କୁ ଉତ୍କର୍ଷ ସଂକୀର୍ତ୍ତନ ସମ୍ମାନ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସକାଳ ୬ଟାରେ ସଂକୀର୍ତ୍ତନ କଳାକାରମାନେ ସଂକୀର୍ତ୍ତନ ଶୋଭାଯାତ୍ରାରେ ଶ୍ରୀମନ୍ଦିର ପରିକ୍ରମା କରିଥିଲେ। ଗୁରୁପୂର୍ଣ୍ଣିମା ଅବସରରେ ପୁରୀ ଗୋବର୍ଦ୍ଧନ ପୀଠରେ ସଂକୀର୍ତ୍ତନ କଳାକାରମାନେ ସଂକୀର୍ତ୍ତନ ପରିବେଷଣ କରିବା ସହ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ଲାଭ କରିଥିଲେ।

# ୧୭ ମତ୍ସ୍ୟ କ୍ଲଷ୍ଟର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ

## ଆଇସିଏଆର୍-ସିଫାଠାରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ

- ରାଜ୍ୟରେ ୭୦ଟି ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, (ଅନୁରାଧା ମହାରଣା)/ ବାଳକାଟି, ୧୦।୭ (ମନୋଜ ମଣ୍ଡଳ)



କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଏବଂ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟାଗଙ୍ଗସ୍ଥିତ ଆଇସିଏଆର୍-କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ପ୍ରତିଷ୍ଠାନ (ସିଫା) ପରିସରରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଯୋଗଦେଇ ଓଡ଼ିଶା ସମେତ ଦେଶର ୧୭ଟି ନୂଆ ମତ୍ସ୍ୟ କ୍ଲଷ୍ଟରକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହାକୁ ମିଶାଇ ସାରା ଦେଶରେ ମୋଟ ମତ୍ସ୍ୟଚାଷ କ୍ଲଷ୍ଟର ସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ୧୧ଟି ରାଜ୍ୟରେ ୧୦୫ କୋଟି ଟଙ୍କା ବିନିମୟରେ ୭୦ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ସେ କହିଲେ, ମତ୍ସ୍ୟ ରପ୍ତାନିକୁ ୧.୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଗ୍ରାମୀଣ ଆୟକୁ ପ୍ରୋତ୍ସାହନ ଦେବା ଏବଂ ମତ୍ସ୍ୟ ପାଳନ କ୍ଷେତ୍ରରେ ବିଶ୍ୱସ୍ତରରେ ନେତୃତ୍ୱ ନେବା ଲାଗି ସେ ବିଜ୍ଞାନ ଆଧାରିତ ଜଳଜ କୃଷି, ଦକ୍ଷତା ବିକାଶ ଏବଂ ସମନ୍ୱିତ କୃଷି ଉପରେ ଗୁରୁତ୍ୱାରୋପ କରିଥିଲେ। ମତ୍ସ୍ୟଜୀବୀମାନେ ଅନ୍ତର୍ଦେଶୀୟ ମତ୍ସ୍ୟ ଉତ୍ପାଦନରେ ପ୍ରାୟ ୭୫% ଯୋଗଦାନ ଦେଉଛନ୍ତି। ମତ୍ସ୍ୟଜୀବୀ କ୍ଷେତ୍ର ଆଜି ୩ କୋଟିରୁ ଅଧିକ ମତ୍ସ୍ୟଜୀବୀ ଏବଂ ମତ୍ସ୍ୟ ଚାଷୀଙ୍କ ପାଇଁ ପୁଷ୍ଟି ଏବଂ ଜୀବିକା ସୁନିଶ୍ଚିତ କରୁଛି। ସରକାର ବିଭିନ୍ନ ଯୋଜନା ଏବଂ ପଦକ୍ଷେପ ମାଧ୍ୟମରେ ୩୮,୫୭୨ କୋଟିର ଐତିହାସିକ ନିବେଶ କରିଥିବା ସେ ସୂଚନା ଦେଇଥିଲେ। କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂ ବାଘେଲ କହିଲେ, କୃଷକଙ୍କ ଆୟ ବୃଦ୍ଧି କରିବାରେ ମତ୍ସ୍ୟ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମତ୍ସ୍ୟଜୀବୀ ଏବଂ ମତ୍ସ୍ୟ ଚାଷୀଙ୍କୁ ସେମାନଙ୍କ ଆୟ ବୃଦ୍ଧି ଏବଂ ଜୀବିକାକୁ ସୁଦୃଢ଼ କରିବା ପାଇଁ ବୀମା ଯୋଜନା, ଗୁଣାତ୍ମକ ବିହନ ଉପଲବ୍ଧତା, ଆଧୁନିକ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଥିଲେ। କେନ୍ଦ୍ର ମତ୍ସ୍ୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଆନ ଗତ ଦଶନ୍ଧିରେ ରେକର୍ଡ ୧୯୫ ଲକ୍ଷ ଟନ ମାଛ ଉତ୍ପାଦନ ପାଇଁ ସମସ୍ତ ଅଂଶୀଦାରମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ପୂର୍ବ ଦଶନ୍ଧି ତୁଳନାରେ ଦେଶ ୧୦୫% ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ହାସଲ କରିପାରିଥିବା ସେ କହିଥିଲେ। ଓଡ଼ିଶା ମତ୍ସ୍ୟ, ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମତ୍ସ୍ୟ ଚାଷୀମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ। ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରାଳୟ ସଚିବ ଅଭିଜିତ ଲିଖି ଗୁରୁ ଅଟେ ଅଭିଳାଷ ଲେଖି ୫୦୦ କୋଟି ଟଙ୍କା ମତ୍ସ୍ୟଜୀବୀ ସହାୟତା, ସୟଲପୁରରେ ୧୦୦ କୋଟି ଟଙ୍କା ଆକ୍ୱାପାର୍କ, ସ୍ମାର୍ଟ ହାତେରୀ ଏବଂ ୧୮ଟି ପୁଷ୍ଟିକର ପ୍ରଚଳ ଗାଁରେ ବିଦ୍ୟୁତ୍‌ଭିତ୍ତିକ ପ୍ରଯୁକ୍ତି ଭଳି ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ସରକାରଙ୍କ ମତ୍ସ୍ୟ ବିଭାଗର ଯୁଗ୍ମ ସଚିବ ସାଗର ମେହେରା ସ୍ୱାଗତ ଭାଷଣ ଓ ଯୁଗ୍ମ ସଚିବ ନିତୁ ପ୍ରସାଦ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିବା ସହ କିଷାନ କ୍ରେଡିଟ୍ କାର୍ଡ ଓ ପ୍ରକଳ୍ପ ୱାର୍କ ଅର୍ଡର ବଣ୍ଟନ କରିଥିଲେ।

**ଶିଶୁ ମନ୍ଦିର ନୂତନ ପରିଚାଳନା କମିଟି ଗଠିତ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ କନ୍ଦରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୂତନ ପରିଚାଳନା କମିଟି ଗଠିତ ହୋଇଛି। ସର୍ବସମ୍ମତି କ୍ରମେ ସଭାପତି ଭାବେ କଟକ ସଦର ବ୍ଲକ ପୂର୍ବତନ ଅଧକ୍ଷ ସାଧୁ ଜେନା, ଉପ ସଭାପତି ସଂଯୁକ୍ତା ମହାରଣା, ସମ୍ପାଦକ ରାଧାକୃଷ୍ଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ତରାଇ, କୋଷାଧକ୍ଷ ପ୍ରଭାତ ମଲ୍ଲିକ, ସଭ୍ୟ ଭାବେ ନମିତା ସାହୁ, ଦିବ୍ୟାନୁରଞ୍ଜନ ବେହେରା ମନୋନୀତ ହୋଇଛନ୍ତି। ମନୋନୟନ କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତି ଓଡିଶାର ଉତ୍ତର-ପୂର୍ବ ସମ୍ଭାଗ, କଟକ ସଂଯୋଜକ ତୁଷାର ରଞ୍ଜନ ଦାଶ ଓ ନିରୀକ୍ଷକ ରାହାସ ବିହାରୀ ମହାପାତ୍ରଙ୍କ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ରାହୁଲ ଗାନ୍ଧୀଙ୍କ ବ୍ୟାନର ଚିରିଦେଲେ ଦୁର୍ବୃତ୍ତ: ଥାନାରେ ଅଭିଯୋଗ

ସାଲେପୁର,୧୦।୭(ଅରବିନ୍ଦ ଭୂୟାଁ)- ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଯୁବ ନେତା ହରିବନ୍ଧୁ ଶତପଥୀଙ୍କ ପକ୍ଷରୁ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ବ୍ୟାନର ଲଗାଯାଇଛି। କୌଣସି ଦୁର୍ବୃତ୍ତ ବୁଧବାର ଉକ୍ତ ବ୍ୟାନର ଚିରିଦେଇଥିବା ନେଇ ହରିବନ୍ଧୁ ଗୁରୁବାର ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ସାଲେପୁର ପୋଲିସ ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, କିଛି ଦିନ ହେବ ହରିବନ୍ଧୁ କଂଗ୍ରେସ ସଙ୍ଗଠନରେ ସକ୍ରିୟ ହୋଇ ଉଠିଛନ୍ତି। ସେ କଂଗ୍ରେସ ଦଳର ରାଜ୍ୟ ଓ କେନ୍ଦ୍ରୀୟ ନେତାଙ୍କୁ ସାକ୍ଷାତ କରିବା ସହ ସାଲେପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତ ଗସ୍ତ କରି କଂଗ୍ରେସ କର୍ମୀମାନଙ୍କୁ ଏକତ୍ରିତ କରିବାକୁ ଆରମ୍ଭ କରିଛନ୍ତି। ଏଭିଳିସ୍ଥିତିରେ ବ୍ୟାନର ଚିରାକୁ ନେଇ ସେ ଓ ତାଙ୍କ ସମର୍ଥକମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଏହି ଘଟଣା ସାଲେପୁର ରାଜନୀତିକୁ ସରଗରମ କରି ଦେଇଛି।

### ସିବିଡିସି ସଚେତନତା ପଞ୍ଜୀକରଣ ଶିବିର

ସାଲେପୁର,୧୦।୭(ଅରବିନ୍ଦ ଭୂୟାଁ)- ସାଲେପୁରରେ ସିବିଡିସି ସଚେତନତା ପଞ୍ଜୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁମ୍ବାଇ କର୍ପୋରେଟ୍ ସେଣ୍ଟର ଚିଫ୍ ମ୍ୟାନେଜର ଅଭିମନ୍ୟୁ ଆନନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସୁଭଦ୍ରା ଯୋଜନାରେ ହିତାଧିକାରୀମାନଙ୍କୁ ସିବିଡିସି କାର୍ଯ୍ୟକ୍ରମ ମାଧ୍ୟମରେ ଡିଜିଟାଲ୍ ଟଙ୍କା ପ୍ରଦାନ କରାଯିବା ସମ୍ପର୍କରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟର ଲୋକାଲ୍ ହେଡ୍ ଡେପୁଟି ମ୍ୟାନେଜର୍ ଦିଲୀପ୍ କୁମାର ପରିଡା, ଏସ୍‌ବିଆଇ ସାଲେପୁର ଶାଖାର ମୁଖ୍ୟ ମ୍ୟାନେଜର ବିକ୍ରମ ସିଂ, ସମସ୍ତ କର୍ମଚାରୀ ଓ ବହୁ ସୁଭଦ୍ରା ହିତାଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

ବାଙ୍କୀ,୧୦।୭( ଜ୍ଞାନେନ୍ଦ୍ର ମୋହନ ମିଶ୍ର):- ବାଙ୍କୀ ବ୍ଲକ ରଘୁନାଥ ଦେବତା ସରକାରୀ ଉଚ୍ଚବିଦ୍ୟାଳୟ ସଭାଗୃହରେ ବାଙ୍କୀ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ସୁଶ୍ରୀ ଜ୍ୟୋତି ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ନାରାୟଣ ଦେବତା ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ମିଳନୀରେ ବିଭିନ୍ନ ବିଦ୍ୟାଳୟର ୧୦୨ଜଣ ପ୍ରଧାନ ଶିକ୍ଷକ ଭାଗନେଇଥିଲେ। ସମ୍ମାନିତ ଅତିଥି ଭାବେ ଉପମଣ୍ଡଳ ତଥା ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ ରୂପନାୟକ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ୨୦୨୫-୨୬ ଶିକ୍ଷା ବର୍ଷରେ ଶୈକ୍ଷିକ କାର୍ଯ୍ୟକଳାପ, ମିଶନ ମେରିଟ୍, ମିଶନ ସ୍କୋଲାରଶିପ, ବିଦ୍ୟାଳୟ ନିରାପତ୍ତା ୟୁଡାଇସ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଏବଂ ଅନ୍ୟାନ୍ୟ ଶୈକ୍ଷିକ ଏବଂ ସହ ଶୈକ୍ଷିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା ।

### ମଦ ଜବତ, ଜଣେ ଗିରଫ

ବଡ଼ମ୍ବା, ୧୦।୭(ମାୟାଧର ମଲ୍ଲିକ) ବଡମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ ବଡ଼ମ୍ବା ଥାନା ପୋଲିସ ପ୍ରଚୁର ପରିମାଣର ବିଦେଶୀ ମଦ ଜବତ କରିଛି । ଏଥିସହ ମଦ ନେଇ ଆସୁଥିବା ଗାଡି ସହ ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ଗ୍ରାମର ଶୀତେଶ ବେହେରା (୨୮)। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ବୁଧବାର ଏକ ଦାମୀ ଗାଡି ଯୋଗେ ପ୍ରଚୁର ପରିମାଣର ବିଦେଶୀ ମଦ ବଡ଼ମ୍ବାର ଖୁଣ୍ଟକଟା ଗ୍ରାମକୁ ଆସୁଥିଲା। ବଡ଼ମ୍ବା ଥାନା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଗୋପୀନାଥପୁରଠାରେ ଉକ୍ତ ମଦ ବୋଝେଇ ଗାଡିକୁ ଜବତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଜବତ ମଦର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ବଡ଼ମ୍ବା ପୋଲିସ ଏକ ମାମଲା (ନଂ ୧୮୨ /୨୦୨୫) ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ସୂଚନା ଦେଇଛନ୍ତି।

# ସୁରକ୍ଷା ବ୍ୟବସ୍ଥା, ପ୍ରସ୍ତୁତି ଯାଞ୍ଚ କଲେ ପୋଲିସ ଡିଜି



ଆସନ୍ତା ୧୫ରେ ରାଷ୍ଟ୍ରପତିଙ୍କ କଟକ ଗସ୍ତ କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ଓ ଅନ୍ୟମାନେ।

## ୧୫ରେ ରାଷ୍ଟ୍ରପତିଙ୍କ କଟକ ଗସ୍ତ କାର୍ଯ୍ୟକ୍ରମ

**କଟକ,୧୦।୭(ଶିଳ୍ପା ପ୍ରିୟଦର୍ଶିନୀ)**

ଆସନ୍ତା ୧୫ ତାରିଖରେ କଟକ ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ରାଷ୍ଟ୍ରପତିଙ୍କ ଏହି ଗସ୍ତ ପୂର୍ବରୁ ଗୁରୁବାର କଟକରେ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ସୁରକ୍ଷା ବ୍ୟବସ୍ଥା ଓ ପ୍ରସ୍ତୁତିର ଅନୁଧ୍ୟାନ କରିଛନ୍ତି। ପୋଲିସ ଡିଜି ପ୍ରଥମେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ପରେ ରେଭେନ୍‌ଶା ବାଳିକା ଉଚ୍ଚବିଦ୍ୟାଳୟ, ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନ, ଇଣ୍ଡୋର ଷ୍ଟାଡିୟମ ଓ ପରେ ସର୍କିଟ ହାଉସରେ ପହଞ୍ଚି ସ୍ଥିତି ପରଖିଥିଲେ। ଏହି ଗସ୍ତ ସମୟରେ ପୋଲିସ ଡିସିପି ଖିଲାରି ରଷିକେଶ ଦ୍ୟାନଦେଓ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇଥିଲେ। ଏ ନେଇ ଡିସିପି ଦ୍ୟାନଦେଓ କହିଛନ୍ତି, ରାଷ୍ଟ୍ରପତିଙ୍କ ଗସ୍ତକୁ ନଜରରେ ରଖି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି।

ସୂଚନାଥାଉକି, ୧୫ ତାରିଖ ପୂର୍ବାହ୍ନରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହାପରେ ରାଷ୍ଟ୍ରପତି ରେଭେନ୍‌ଶା ବାଳିକା ଉଚ୍ଚବିଦ୍ୟାଳୟର ଉନ୍ନତୀକରଣ ଭିତ୍ତିପ୍ରସ୍ତର କାର୍ଯ୍ୟରେ ଯୋଗଦେବେ। ଅପରାହ୍ନରେ ରାଷ୍ଟ୍ରପତି ବିଜୁ ପଟ୍ଟନାୟକ ଛକସ୍ଥିତ ଶାରଳା ଭବନରେ ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ପରେ ଇଣ୍ଡୋର ଷ୍ଟାଡିୟମରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦି କବି ଶାରଳା ଦାସଙ୍କ ୬ଶହ ତମ ଜୟନ୍ତୀରେ ମୁଖ୍ୟଅତିଥି ଭାବେ ଯୋଗଦାନ କରିବା ସହ 'କଳିଙ୍ଗ ରତ୍ନ ପୁରସ୍କାର-୨୦୨୪' ପ୍ରଦାନ କରିବେ।

# ବୃକ୍ଷ ଜୀବଜଗତର ପ୍ରକୃତ ବନ୍ଧୁ

**ବାଙ୍କୀ, ୧୦।୭( ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ ମହାପାତ୍ର)**

ଡମପଡା ବ୍ଲକ ପଣ୍ଡିତ ଗୋବିନ୍ଦ ରଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୬ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିଭାବେ ଡମପଡା ବିଇଓ କାମରାଜ ସାହୁ, ସମ୍ମାନିତ ଅତିଥି ଭାବେ ସିଆରସିସି ଶିବ ପ୍ରସାଦ ପରିଡା ଓ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ଶିକ୍ଷକ ବଳରାମ ପାଇକରାୟ ଯୋଗ ଦେଇ ଚାରା ରୋପଣ କରିବା ସହ ବୃକ୍ଷ ଜୀବଜଗତର ପକୃତ ବନ୍ଧୁ ବୋଲି କହିଥିଲେ। ସେହିପରି ଡମପଡା ବ୍ଲକ ଅନ୍ତର୍ଗତ ତାଳବସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ ଆରୋଗ୍ୟ ସମିତି ବୈଠକ ଓ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଡମପଡା ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ସଦସ୍ୟ ଆଶିଷ କୁମାର ସାହୁ, ସମ୍ମାନିତ ଅତିଥିଭାବେ ଡମପଡ଼ା ସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପଲତା ମହାପାତ୍ର, ଆୟୁଷ ଡାକ୍ତର ସୁମିତ୍ରା ସାହୁ, ତାଳବସ୍ତ ସେବା ସମବାୟ ସମିତି ସଭାପତି ଅକ୍ଷୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅସ୍ତିତ୍ୱ ପକ୍ଷରୁ ବାଙ୍କୀ, ଡମପଡା ବ୍ଲକର ଘସିପୁଟ, ଓସ୍ତିଆ, କଦଳୀ ବାଡ଼ି, ଗୟାଳ ବାଙ୍କ, ନିଶ୍ଚିପୁର, ପଥପୁର, ଜାତମୁଣ୍ଡିଆ, ଶିଶୁଆ, ଗୋପାଳପୁରଠାରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। ବାଙ୍କୀ ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ସଂଘମିତ୍ରା ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ପକୃତିବନ୍ଧୁ ଗୌତମ ମିଶ୍ର ଯୋଗଦେଇ ପୃଥିବୀର ଜଳବାୟୁ ପରିବର୍ତ୍ତନ ଉପରେ କହିଥିଲେ। ବାଙ୍କୀ ବଜାରରେ ଅନୁଷ୍ଠାନ ପକ୍ଷରୁ ବୃକ୍ଷଚାରା ପ୍ରଦାନ କରାଯାଇଥିଲା। ପ୍ରକୃତିବନ୍ଧୁ ମିଶ୍ର ଏହାକୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ଦୀପକ କୁମାର ସାମନ୍ତରାୟଙ୍କୁ ବୃକ୍ଷ ମାନବ ସମ୍ମାନ ଅନୁଷ୍ଠାନ ପକ୍ଷରୁ ଆମ୍ବଚାରା ପ୍ରଦାନ କରାଯାଇଥିଲା। ଡମପଡା-ଚନ୍ଦକା ବନ ବିଭାଗ ପକ୍ଷରୁ ଡମପଡା ବ୍ଲକ କୁସୁନ୍ଦା ହାଇସ୍କୁଲରେ ଆୟୋଜିତ ବନ ମହୋତ୍ସବକୁ ରେଞ୍ଜ ଅଫିସର ନିରଞ୍ଜନ ମହାପାତ୍ର ଉଦ୍‌ଘାଟନ କରିଥିଲେ। ପୂର୍ବତନ ଅବୈତନିକ ବନସଂରକ୍ଷକ ତଥା କୁସୁନ୍ଦା ହାଇସ୍କୁଲ ପରିଚାଳନା କମିଟି ସଭାପତି ସୁରେଶ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ।



ପଣ୍ଡିତ ଗୋବିନ୍ଦ ରଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାରା ରୋପଣ କରାଯାଉଛି।

## ଭାଜପା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ହେଲେ ବ୍ରଜେନ୍ଦ୍ର ରାୟ

ଆଠଗଡ, ୧୦।୭( ସତ୍ୟ ପ୍ରସାଦ ରଥ)

ଆଠଗଡର ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ବ୍ରଜେନ୍ଦ୍ର କୁମାର ରାୟ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଗତ ୭ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ଦଳର ସାଙ୍ଗଠନିକ ନିର୍ବାଚନରେ ଓଡ଼ିଶାରୁ ୩୨ ଜଣ ବରିଷ୍ଠ ନେତା ରାଷ୍ଟ୍ରୀୟ ପରିଷଦକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଭାଜପାର ରାଷ୍ଟ୍ରୀୟ ପର୍ଯ୍ୟବେକ୍ଷକ ଡ.ସଞ୍ଜୟ ଜୟସ୍ୱାଲ ଘୋଷଣା କରିଥିଲେ। ନିର୍ବାଚିତ ସଦସ୍ୟଙ୍କ ମଧ୍ୟରେ ଏମ୍‌ପି, ପୂର୍ବତନ ବିଧାୟକ ଏବଂ ବହୁ ବରିଷ୍ଠ ନେତା ଥିବାବେଳେ ସେମାନଙ୍କ ମଧ୍ୟରେ ରାୟ ରହିଛନ୍ତି। ସେ କଟକ ଲୋକ ସଭା ନିର୍ବାଚନ ମଣ୍ଡଳୀରୁ ଏକମାତ୍ର ନେତା ଭାବେ ଭାଜପା ରାଷ୍ଟ୍ରୀୟ ପରିଷଦକୁ ନିର୍ବାଚିତ ହୋଇଛନ୍ତି। ଏହାପରେ ରାୟଙ୍କୁ ରାଜ୍ୟ ତଥା କଟକ ଜିଲା ଏବଂ ଆଠଗଡର ବହୁ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି । ଦଳ ପକ୍ଷରୁ ମିଳିଥିବା ଏହି ଦାୟିତ୍ୱକୁ ସେ ନିଷ୍ଠାର ସହ ନିର୍ବାହ କରିବା ସହ ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରୁ ଆହୁରି ସୁଦୃଢ଼ କରିବା ଲାଗି ଉଦ୍ୟମ କରିବେ ବୋଲି ରାୟ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗଣେଶ୍ୱର



@ କେଦାର



@ ମନୁଶ୍ରୀ



@ ସ୍ୱାତି ସୁପ୍ରିୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ବିଶ୍ୱର ଅରାଜକତାକୁ ଉଚିତ ମାର୍ଗକୁ ଆଣିବ ରାମନାମ'

## ବିଭିନ୍ନ ଅନୁଷ୍ଠାନରେ ଗୁରୁ ପୂର୍ଣ୍ଣିମା ଉତ୍ସବ

**କଟକ,୧୦।୭(କାର୍ତ୍ତିକ ସାହୁ):**

ସୁବୋଧ କୃଷ୍ଣ ମିଶନ ପକ୍ଷରୁ ସିଡିଏ ସେକ୍ଟର-୧୦ସ୍ଥିତ ମିଶନ ପରିସରରେ ଗୁରୁପୂର୍ଣ୍ଣିମା ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର ଓ ମିଶନର ପ୍ରମୁଖ ସ୍ୱାମୀ ଡ. କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ ଗୁରୁ ପୂଜାର ପଦ୍ଧତି, ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ମିଶନର କଟକ ଶାଖା ସଭାପତି ମନୋରଞ୍ଜନ ମହାନ୍ତି, ରାଜ୍ୟ ମିଶନର ଲୋକ ସମ୍ପର୍କ ପ୍ରମୁଖ ଉତ୍କଳ ଭୂଷଣ ରାଉତରାୟ, ଉପସଭାପତି ଶଶୀଭୂଷଣ ତ୍ରିପାଠୀ, ମହାସଚିବ ବିନୟ କୁମାର ନାୟକ, ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିରର କାର୍ଯ୍ୟକର୍ତ୍ତା ନିତ୍ୟାନନ୍ଦ ମିଶ୍ର, ନକୁଳ ଚନ୍ଦ୍ର ମହାରଣା, ପ୍ରଫୁଲ୍ଲ କୁମାର ମହାନ୍ତି, ବିଭୁତି ଭୂଷଣ ସାହୁ, ବିଭୁଦତ୍ତ ବେହୁରା, ସଂଗୀତା ନାୟକ, ସଂଜୀବ କୁମାର ଶତପଥି, ଅଜିତ କୁମାର ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ପୂଜକ ନୟନ କିଶୋର ପଣ୍ଡା ପୁରୋଧା ଭାବେ ଶ୍ରଦ୍ଧାଳୁମାନଙ୍କୁ ଛପନ ଭୋଗ ବିତରଣ କରିଥିଲେ। ସେହିପରି କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତି ପକ୍ଷରୁ ଝାଞ୍ଜିରମଙ୍ଗଳା ମନ୍ଦିର ପରିଚାଳନା କମିଟି ସଭାଗୃହରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ମଦନମୋହନ ରାମଲୀଳା ପ୍ରଚାର ସମିତି, ଝାଞ୍ଜିର ମଙ୍ଗଳା ଓ ମଦନମୋହନ ସାହି କମିଟି ସହଯୋଗରେ ଆୟୋଜିତ ଉତ୍ସବରେ ପୂର୍ବତନ ସାହି କମିଟି ସଭାପତି ବଂଶୀଧର ମହାପାତ୍ର ପୌରୋହିତ୍ୟ କରିଥିଲେ। କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତି ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକ ସାରା ବିଶ୍ୱରେ ସୃଷ୍ଟି ହେଉଥିବା ଅରାଜକତାକୁ କେବଳ ରାମନାମ ଉଚିତ ମାର୍ଗକୁ ଆଣିପାରିବ ବୋଲି କହିଥିଲେ। ସମିତି ଲୋକସମ୍ପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା ପ୍ରାରମ୍ଭିକ ସୂଚନା ଦେଇଥିଲେ। ସର୍ବବ୍ୟବସ୍ଥାପକ ଗୋପାଳ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଝାଞ୍ଜିରମଙ୍ଗଳା ସାହି କମିଟି ସଭାପତି ପତିତପାବନ ସ୍ୱାଇଁ, ସମ୍ପାଦକ ବିଜୟ କୁମାର ନାୟକ, ମହନ୍ତ ରବୀନ୍ଦ୍ର ନାଥ ସାହୁ ପରିଚାଳନାରେ ସହଯୋଗ କରିଥିଲେ। ପଣ୍ଡିତ ନୀଳକଣ୍ଠ ରାଉତ ଓ ସମିତିର କାର୍ଯ୍ୟକାରୀ ସଭାପତି ତଥା ପ୍ରବଚକ ପ୍ରଦୀପ୍ତ କୁମାର ମହାପାତ୍ର ରାମକଥା ସହ ଗୁରୁପୂର୍ଣ୍ଣିମାର ମହତ୍ୱ ବୁଝାଇଥିଲେ। ସାଧାରଣ ସମ୍ପାଦକ ଦିଲୀପ କୁମାର ସ୍ୱାଇଁ ସଙ୍ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, କାର୍ଯ୍ୟକାରୀ ସଭାପତି ଅଶୋକ ଦାଶ, କୋଷାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ଶତୃଘ୍ନ ପଟ୍ଟନାୟକ, ପୁଷ୍ପକାନ୍ତି ମହାନ୍ତି, ଲକ୍ଷ୍ମୀନାରାୟଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ନଳିନ କୁମାର ସେନାପତି ରାମଧୁନ ଗାନ କରିଥିଲେ।

**କଟକ ସଦର,(ସୁଶାନ୍ତ କୁମାର ଜେନା):** କଟକ ସଦର ଅନ୍ତର୍ଗତ ବେଲେଶ୍ୱର ମନ୍ଦିରରେ ଗୁରୁପୂଜନ କାର୍ଯ୍ୟକ୍ରମ ସମର୍ପଣ ପରିବାର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷା, ସଙ୍କୀର୍ତ୍ତନ, ଲଉଡି, ଘୋଡା ନାଚ ପ୍ରଭୃତି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଗୁରୁମାନଙ୍କୁ ପୂଜା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ୨୦ବର୍ଷ ଧରି ଚାଲିଥିବାରୁ ରାଜ୍ୟର ବିଭିନ୍ନ ଜିଲାରୁ ଗୁରୁ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ କାର୍ଯ୍ୟକ୍ରମ ସଫଳ କରିଥିଲେ। ସମର୍ପଣ ପରିବାର ସମସ୍ତ ମହିଳା ଓ ପୁରୁଷ ସମେତ ସମ୍ପାଦକ ତୀର୍ଥବାସି ବେହେରା ଗୁରୁପୂଜନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

**ଫୁଲନଖରା, (ସତ୍ୟରଞ୍ଜନ ଦାସମହାପାତ୍ର):** ସିଏମ୍‌ସି ୫୮ ନଂ. ୱାର୍ଡ ନୂଆଗଡ଼ସ୍ଥିତ ଅନନ୍ତ ବଳିଆ ସେବାଶ୍ରମରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆଶ୍ରମ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁପୂଜନ କାର୍ଯ୍ୟକ୍ରମରେ ଅଞ୍ଚଳର ମୁରବୀ ପୀତବାସ ମହାପାତ୍ର, ଶିକ୍ଷାବିତ ଡ. ଶରତ କୁମାର ରଥ, ଆଧ୍ୟାତ୍ମିକ ସମ୍ଭକାର ଶ୍ରୀସନ୍ନ୍ୟାସୀ ଜୀ, ଆଞ୍ଚଳିକ ଶାନ୍ତି କମିଟି ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ଡ. ଅରବିନ୍ଦ ନନ୍ଦ, ଚିନ୍ମୟାନନ୍ଦ ବ୍ରହ୍ମଚାରୀ, ଶିଶିର ରାଉତ, ପ୍ରତାପ ଚନ୍ଦ୍ର ଖୁଣ୍ଟିଆ କୈଳାସ ଓଝା, ଅଧ୍ୟାପକ ପ୍ରଶାନ୍ତ ମହାପାତ୍ର, ବାଉରୀବନ୍ଧୁ ସାହୁ, ପ୍ରତାପ ଚନ୍ଦ୍ର ସାହୁଙ୍କ ସମେତ ଆଶ୍ରମର କର୍ମଚାରୀ ଓ ବାବାଙ୍କ ଭକ୍ତମାନେ ଉପସ୍ଥିତ ଥିଲେ।

**ଚୌଦ୍ୱାର,୧୦।୭(ଆଶୁତୋଷ ଦାସ)** ଚୌଦ୍ୱାର ବିଭିନ୍ନ ଅନୁଷ୍ଠାନରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟା ଗାୟତ୍ରୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସତ୍ୟ ସନାତନ ଭାଗବତ ପ୍ରଚାର ସମିତି ସଭାପତି ସିଦ୍ଧେଶ୍ୱର ନାୟକ ଏବଂ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ମାନସ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଅନୁରାଧା ଭଞ୍ଜ, ସାଗରିକା ସିଂ, ପିଙ୍କି ସାହୁ, ଲକ୍ଷ୍ମୀ ନାଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଚାଳକ ରାଜେଶ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ଭାଜପା ଚୌଦ୍ୱାର ମଣ୍ଡଳ ଅନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ସୁସାହିତ୍ୟିକ ତଥା କବି ଭାଗବତ ରାଉତଙ୍କୁ ଗୁରୁ ପୂଜନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ମଣ୍ଡଳ ସଭାପତି ମମତା ବେହେରା, ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ସନ୍ତୋଷ କୁମାର ସାହୁ, କ୍ରୀଷ୍ଣା ରାଓ ପ୍ରମୁଖ ଗୁରୁ ପୂର୍ଣ୍ଣିମା ସମ୍ପର୍କରେ ଆଲୋଚନା କରିଥିଲେ।

**ଆଠଗଡ଼, (ସତ୍ୟ ପ୍ରସାଦ ରଥ):** ଗୁରୁ ପୂର୍ଣ୍ଣିମା ଅବସରରେ ଆଠଗଡ଼ସ୍ଥିତ ଯୋଗ ସେବା କେନ୍ଦ୍ରରେ ଗୁରୁ ପୂଜନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। କେନ୍ଦ୍ରର ସଭାପତି ଡା. ଗୋକୁଳାନନ୍ଦ ପତ୍ରୀ ଓ ଆଚାର୍ଯ୍ୟ ମନୋଜ ପାଣିଗ୍ରାହୀଙ୍କ ଦ୍ୱାରା କେନ୍ଦ୍ରର ପ୍ରତିଷ୍ଠାତା ସ୍ୱାମୀ ତ୍ରେମ୍ବକେଶ୍ୱର ସରସତୀ, ଗୁରୁ ସତ୍ୟାନନ୍ଦ ସରସ୍ୱତୀ ଓ ଗୁରୁ ଶିବାନନ୍ଦ ସରସ୍ୱତୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯିବା ପରେ ପୂଜାର୍ଚ୍ଚନା ଓ ଭୋଗ ଲାଗି କରାଯାଇଥିଲା। ଏହି ଅବସରରେ ସଦସ୍ୟମାନେ ସୁମଧୁର କଣ୍ଠରେ ଗୁରୁ ବନ୍ଦନା ଗାନ କରିଥିଲେ। କେନ୍ଦ୍ରର ଉପଦେଷ୍ଟା ଓ ସଦସ୍ୟମାନେ ଗୁରୁ ପୂର୍ଣ୍ଣିମାର ତାତ୍ପର୍ଯ୍ୟ ସମ୍ପର୍କରେ ଆଧ୍ୟାତ୍ମିକ ବିଷୟ ଆଲୋଚନା ପରେ ପୁଷ୍ପାଞ୍ଜଳି ଦେଇ ପ୍ରସାଦ ସେବନ କରିଥିଲେ। ଉପସଭାପତି ଯଦୁମଣି ପଟ୍ଟନାୟକ, ସମ୍ପାଦକ ସଦାଶିବ ରଣା, କୋଷାଧ୍ୟକ୍ଷ ନରେନ୍ଦ୍ର ଜେନାଙ୍କ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।

**ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ରାଷ୍ଟ୍ରିୟ ସ୍ୱୟଂସେବକ ସଂଘ ବାଙ୍କୀର ମା'ଚର୍ଚ୍ଚିକା ପ୍ରଭାତ ଶାଖା ତରଫରୁ କଚେରି ପଡ଼ିଆରେ ଗୁରୁପୂର୍ଣ୍ଣିମାରେ ଗୁରୁଦକ୍ଷିଣା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶାଖାର ବରିଷ୍ଠ ସଦସ୍ୟ ଭିକାରୀ ଚରଣ ମିଶ୍ର ଗୈରିକ ଧ୍ୱଜ ଉତ୍ତୋଳନ କରିଥିଲେ। ଶାଖାର ମୁଖ୍ୟ ପ୍ରଶିକ୍ଷକ ଯୋଗଗୁରୁ ପ୍ରସନ୍ନ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଂଘର ବରିଷ୍ଠ ଅଧିକାରୀ ପ୍ରଭାତ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଗୁରୁପୂର୍ଣ୍ଣିମାର ଅନୁଚିନ୍ତା ଏବଂ ଗୁରୁ ଦକ୍ଷିଣାର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱୟଂସେବକ ପ୍ରଫୁଲ କୁମାର ସାହୁ, ପ୍ରଭାତ କୁମାର ବସନ୍ତରା ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂସେବକ ସମରେନ୍ଦ୍ର ମହାପାତ୍ର, ବିଜୟ କୁମାର ସାହୁ, ସୋମନାଥ ସାହୁ, ଅମୀନ ଗଣ୍ଡିଆ, ଅକ୍ଷୟ କୁମାର ମହାପାତ୍ର, ବିଜୟ କୁମାର ବାରିକ, ଉତ୍କଳମଣି ମନ୍ତ୍ରୀ, ରଘୁନାଥ ପୃଷ୍ଟି, ସଂଗ୍ରାମ ବିଭୂତି ରାୟ, ସର୍ବେଶ୍ୱର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ପତମ ଭାଇ ଓ ସୂର୍ଯ୍ୟନାରାୟଣ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରମାକାନ୍ତ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ ।



ସମର୍ପଣ ପରିବାର ଆନୁକୂଲ୍ୟରେ ଆୟୋଜିତ ଗୁରୁପୂର୍ଣ୍ଣିମା।

## ଯୁବ ସାମାଜିକ କର୍ମୀ ରଞ୍ଜନଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର



ବାଲକାଟୀ, ୧୦।୭ (ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଯଶୁଆପୁର ଗ୍ରାମର ଯୁବ ସାମାଜିକ କର୍ମୀ ରଞ୍ଜନ ମହାପାତ୍ରଙ୍କୁ ଗୁରୁବାର ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ମା' ପାଇଁ ଗଛଟିଏ ୨.୦ ଅଭିଯାନ ଉପଲକ୍ଷେ ଖୋର୍ଦ୍ଧା ବନଖଣ୍ଡ ଅଧୀନ ବରୁଣେଇ ଶିଆଳିଆଠାରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ରଞ୍ଜନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ପରିବେଶ ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି ଓ ପରିବେଶ ସଚେତନତା ଭଳି ଉଲ୍ଲେଖନୀୟ କାର୍ଯ୍ୟ କରୁଥିବାରୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ୧୭ ମତ୍ସ୍ୟ କ୍ଲଷ୍ଟର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂ

ଭୁବନେଶ୍ୱର, (ଅନୁରାଧା ମହାରଣା)/ ବାଲକାଟୀ, ୧୦।୭ (ମନୋଜ ମଣ୍ଡଳ)



କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

### ଆଇସିଏଆର୍-ସିଫାଠାରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ

### ୧୧ ରାଜ୍ୟର ୭୦ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟାଗଙ୍ଗସ୍ଥିତ ଆଇସିଏଆର୍-କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ପ୍ରତିଷ୍ଠାନ (ସିଫା) ପରିସରରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂ ଯୋଗଦେଇ ଓଡ଼ିଶା ସମେତ ଦେଶର ୧୭ଟି ନୂଆ ମତ୍ସ୍ୟ କ୍ଲଷ୍ଟରକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହାକୁ ମିଶାଇ ସାରା ଦେଶରେ ମୋଟ ମତ୍ସ୍ୟଚାଷ କ୍ଲଷ୍ଟର ସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ୧୧ଟି ରାଜ୍ୟରେ ୧୦୫ କୋଟି ଟଙ୍କା ବିନିମୟରେ ୭୦ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ସେ କହିଲେ, ମତ୍ସ୍ୟ ରପ୍ତାନିକୁ ୧.୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଗ୍ରାମୀଣ ଆୟକୁ ପ୍ରୋତ୍ସାହନ ଦେବା ଏବଂ ମତ୍ସ୍ୟ ପାଳନ କ୍ଷେତ୍ରରେ ବିଶ୍ୱସ୍ତରରେ ନେତୃତ୍ୱ ନେବା ଲାଗି ସେ ବିଜ୍ଞାନ ଆଧାରିତ ଜଳଜ କୃଷି, ଦକ୍ଷତା ବିକାଶ ଏବଂ ସମନ୍ୱିତ କୃଷି ଉପରେ ଗୁରୁତ୍ୱାରୋପ କରିଥିଲେ। ମତ୍ସ୍ୟଜୀବୀମାନେ ଅନ୍ତର୍ଦେଶୀୟ ମତ୍ସ୍ୟ ଉତ୍ପାଦନରେ ପ୍ରାୟ ୭୫% ଯୋଗଦାନ ଦେଉଛନ୍ତି। ମତ୍ସ୍ୟଜୀବୀ କ୍ଷେତ୍ର ଆଜି ୩ କୋଟିରୁ ଅଧିକ ମତ୍ସ୍ୟଜୀବୀ ଏବଂ ମତ୍ସ୍ୟ ଚାଷୀଙ୍କ ପାଇଁ ପୁଷ୍ଟି ଏବଂ ଜୀବିକା ସୁନିଶ୍ଚିତ କରୁଛି। ସରକାର ବିଭିନ୍ନ ଯୋଜନା ଏବଂ ପଦକ୍ଷେପ ମାଧ୍ୟମରେ ୩୮,୫୭୨ କୋଟିର ଐତିହାସିକ ନିବେଶ କରିଥିବା ସେ ସୂଚନା ଦେଇଥିଲେ।

କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍. ପି. ସିଂ ବାଘେଲ କହିଲେ, କୃଷକଙ୍କ ଆୟ ଦ୍ୱିଗୁଣିତ କରିବାରେ ମତ୍ସ୍ୟ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମତ୍ସ୍ୟଜୀବୀ ଏବଂ ମତ୍ସ୍ୟ ଚାଷୀଙ୍କୁ ସେମାନଙ୍କ ଆୟ ବୃଦ୍ଧି ଏବଂ ଜୀବିକାକୁ ସୁଦୃଢ଼ କରିବା ପାଇଁ ବୀମା ଯୋଜନା, ଗୁଣାତ୍ମକ ବିହନ ଉପଲବ୍ଧତା, ଆଧୁନିକ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଥିଲେ।

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିୟନ ଗତ ଦଶନ୍ଧିରେ ରେକର୍ଡ ୧୯୫ ଲକ୍ଷ ଟନ ମାଛ ଉତ୍ପାଦନ ପାଇଁ ସମସ୍ତ ଅଂଶୀଦାରମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ପୂର୍ବ ଦଶନ୍ଧି ତୁଳନାରେ ଦେଶ ୧୦୫% ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ହାସଲ କରିପାରିଥିବା ସେ କହିଥିଲେ। ଓଡ଼ିଶା ମତ୍ସ୍ୟ, ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମତ୍ସ୍ୟ ଚାଷୀମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ। ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ସଚିବ ଡକ୍ଟର ଅଭିଳାକ୍ଷ ଲେଖି ୫୦୦ କୋଟି ଟଙ୍କା ମତ୍ସ୍ୟଜୀବୀ ସହାୟତା, ସମ୍ବଲପୁରରେ ୧୦୦ କୋଟି ଟଙ୍କା ଆକ୍ୱାପାର୍କ, ଷ୍କାମ୍ପି ହାଚେରୀ ଏବଂ ୧୮ଟି ଘୂର୍ଣ୍ଣିଝଡ଼ ପ୍ରବଣ ଗାଁରେ ବିପର୍ଯ୍ୟୟ ପ୍ରସ୍ତୁତି ଭଳି ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ସରକାରଙ୍କ ମତ୍ସ୍ୟ ବିଭାଗର ଯୁଗ୍ମ ସଚିବ ସାଗର ମେହେରା ସ୍ୱାଗତ ଭାଷଣ ଓ ଯୁଗ୍ମ ସଚିବ ନିତୁ ପ୍ରସାଦ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିବା ସହ କିଷାନ କ୍ରେଡିଟ୍ କାର୍ଡ ଓ ପ୍ରକଳ୍ପର ୱାର୍କ ଅର୍ଡର ବଣ୍ଟନ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଗଣେଶ୍ୱର



@ କେଦାର



@ ମନୁଶ୍ରୀ



@ ସ୍ୱାତି ସୁପ୍ରିୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏମ୍‌ଭିଆଇଏସ୍ ସ୍ଥାପନ ପାଇଁ ଭାରତୀୟ ରେଳ, ଡିଏଫ୍‌ସିସିଆଇଏଲ୍ ମଧ୍ୟରେ ଚୁକ୍ତି




ଭୁବନେଶ୍ୱର, ୧୦।୭ (ଅନୁରାଧା ମହାରଣା)

ସେବା ଦକ୍ଷତା ବୃଦ୍ଧି ଓ ରୋଲିଂ ଷ୍ଟକର ରକ୍ଷଣାବେକ୍ଷଣ ସ୍ୱୟଂଚାଳିତ କରିବା ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତି ଗ୍ରହଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଭାରତୀୟ ରେଳପଥ ଡେଡିକେଟେଡ ଫ୍ରେଟ୍ କରିଡର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ (ଡିଏଫ୍‌ସିସିଆଇଏଲ୍) ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ପଦକ୍ଷେପସ୍ୱରୂପ ମେଶିନ ଭିଜନ ଆଧାରିତ ନିରୀକ୍ଷଣ ସିଷ୍ଟମ (ଏମ୍‌ଭିଆଇଏସ୍) ସ୍ଥାପନ ହେବ। ଏମ୍‌ଭିଆଇଏସ୍ ଏକ ଆଧୁନିକ ଏଆଇ/ଏମ୍‌ଏଲ ଆଧାରିତ ଟେକ୍ନୋଲୋଜି ହୋଇଥିବାବେଳେ ଏହା ରେଳପଥ ପାର୍ଶ୍ୱରେ ସ୍ଥାପିତ ହୋଇ ଚଳନ୍ତା ଟ୍ରେନର ତଳ ଅଂଶର ହାଇ-ରିଜୋଲ୍ୟୁଶନ ଫଟୋ ଗ୍ରହଣ କରେ ଏବଂ ଝୁଲୁଥିବା, ଢିଲା ବା ଅନୁପସ୍ଥିତ ଉପାଦାନଗୁଡ଼ିକୁ ସ୍ୱୟଂଚାଳିତ ଭାବେ ଚିହ୍ନଟ କରେ। ଅସଙ୍ଗତି ଚିହ୍ନଟ ହେଲେ, ଏହା ରିଅଲ-ଟାଇମ ଆଲର୍ଟ ସୃଷ୍ଟି କରେ, ଯାହା ତୁରନ୍ତ ପ୍ରତିକ୍ରିୟା ଓ ପ୍ରତିରୋଧକ ପଦକ୍ଷେପକୁ ସକ୍ଷମ କରେ। ସଦସ୍ୟ ଟ୍ରାକସନ ଓ ରୋଲିଂ ଷ୍ଟକ ସଦସ୍ୟ ବି ଏମ ଅଗ୍ରୱାଲ ଓ ଡିଏଫ୍‌ସିସିଆଇଏଲ ପରିଚାଳନା ନିର୍ଦ୍ଦେଶକ ପ୍ରବୀଣ କୁମାରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏମ୍‌ଓୟୁ ଅନୁଯାୟୀ, ଡିଏଫ୍‌ସିସିଆଇଏଲ ଚାରୋଟି ଏମ୍‌ଭିଆଇଏସ ୟୁନିଟ୍‌ର ସଂଗ୍ରହ, ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ ପାଇଁ ଦାୟିତ୍ୱ ନେବ। ଟ୍ରେନ ସୁରକ୍ଷାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି, ମାନୁଆଲ ନିରୀକ୍ଷଣ ହ୍ରାସ କରିବା ସହ ଦୁର୍ଘଟଣା ମଧ୍ୟ କମ୍ କରିବାରେ ସହାୟକ ହେବ। ଏହି ଏମ୍‌ଓୟୁ ରେଳ ସୁରକ୍ଷାରେ ଡିଜିଟାଲ ରୂପାନ୍ତରଣ ଓ ଭବିଷ୍ୟତ-ମୁଖୀ ରେଳ ଭିତ୍ତିଭୂମି ନିର୍ମାଣରେ ନୂତନ ପଥ ଖୋଲିବ।

# ଜାପାନରେ ବନ୍ଦେ ଭାରତ, ଚେନାବ ବ୍ରିଜ୍‌କୁ ପ୍ରଶଂସା

ଭୁବନେଶ୍ୱର, ୧୦।୭ (ଅନୁରାଧା ମହାରଣା)



<No INTERSECTING LINK>

ଜାପାନର ଓସାକାରେ ଚାଲିଥିବା ବିଶ୍ୱ ଏକ୍ସପୋ ୨୦୨୫ରେ ଭାରତର ବନ୍ଦେ ଭାରତ ଏକ୍ସପ୍ରେସ ଓ ଚେନାବ ବ୍ରିଜ ମୁଖ୍ୟ ଆକର୍ଷଣ ସାଜିଛି। ଏହି ଦୁଇ ଇଞ୍ଜିନିୟରିଂ ବିସ୍ମୟ ଜାପାନୀ ଦର୍ଶକଙ୍କଠାରୁ ବେଶ୍ ପ୍ରଶଂସା ସାଉଣ୍ଟିଛି। ଭାରତର ଆଧୁନିକୀକରଣ ଓ ପ୍ରଯୁକ୍ତିବିଦ୍ୟା ନୂତନତ୍ୱର ଅଭୂତପୂର୍ବ ଯାତ୍ରାକୁ ପ୍ରତିଫଳିତ କରୁଛି। ଓସାକାର ୟୁମେଶିମାରେ ଏକ କୃତ୍ରିମ ଦ୍ୱୀପରେ ଏପ୍ରିଲ ୧୩ରୁ ଆରମ୍ଭ ହୋଇଥିବା ଏହି ଏକ୍ସପୋ ଅକ୍ଟୋବର ୧୩ ପର୍ଯ୍ୟନ୍ତ ଚାଲିବ, ଯେଉଁଠି ବିଶ୍ୱର ଲକ୍ଷ ଲକ୍ଷ ଦର୍ଶକ ସାମିଲ ହେଉଛନ୍ତି। ଏହି ଅନ୍ତର୍ଜାତୀୟ ପ୍ରଦର୍ଶନୀ ମଧ୍ୟରେ ଭାରତୀୟ ପ୍ୟାଭିଲିୟନ ବିଶେଷକରି ଭାରତୀୟ ରେଳ ବିଭାଗ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ପ୍ରଦର୍ଶନୀରେ ଜମ୍ମୁ ଓ କଶ୍ମୀରର ଚେନାବ ନଦୀ ଉପରେ ନିର୍ମିତ ବିଶ୍ୱର ସବୁଠାରୁ ଉଚ୍ଚ ରେଳ ସେତୁ ଚେନାବ ବ୍ରିଜ, ହିମାଳୟର କଠିନ ଭୂମିରେ ନିର୍ମିତ ଭାରତର ପ୍ରଥମ କେବଲ-ଷ୍ଟେଡ୍ ରେଳ ସେତୁ ଅଞ୍ଜି ଖଡ ବ୍ରିଜ, ଗତି ଓ ଯାତ୍ରୀ ସୁବିଧାରେ ଅଗ୍ରଣୀ ବନ୍ଦେ ଭାରତ ଏକ୍ସପ୍ରେସ ଏବଂ ବିଦ୍ୟୁତ ଲୋକୋମୋଟିଭ୍ ଭାରତୀୟ ରେଳର ଏକ ବଡ଼ ସଫଳତା ଭାବେ ଉଭା ହୋଇଛି। ଅନେକ ଜାପାନୀ ଦର୍ଶକ ଭାରତୀୟ ରେଳପଥ ପ୍ରଦର୍ଶନୀଠାରେ ଏକତ୍ରିତ ହୋଇ ବିଶ୍ୱର ସବୁଠାରୁ ବଡ଼ ରେଳ ନେଟ୍‌ୱର୍କର ଉତ୍ପତ୍ତି ଓ ଏହାର ରୂପାନ୍ତରଣ ବିଷୟରେ ଉପସ୍ଥାପନା ଶୁଣି ବିସ୍ମୟ ପ୍ରକାଶ କରିଛନ୍ତି।

# ପତଞ୍ଜଳି ଯୋଗପୀଠରେ ଗୁରୁପୂର୍ଣ୍ଣିମା ମହୋତ୍ସବ

ଭୁବନେଶ୍ୱର, ୧୦।୭ (ଅନୁରାଧା ମହାରଣା)



ପତଞ୍ଜଳି ଯୋଗପୀଠ-୨ସ୍ଥିତ ଯୋଗଭବନଠାରେ ଗୁରୁବାର ଗୁରୁପୂର୍ଣ୍ଣିମା ଭକ୍ତି ଓ ଉତ୍ସାହର ସହ ପାଳିତ ହୋଇଛି। ପତଞ୍ଜଳି ପ୍ରତିଷ୍ଠାତା ସ୍ୱାମୀ ରାମଦେବ କହିଲେ, ଗୁରୁପୂର୍ଣ୍ଣିମା ସନାତନ ଧର୍ମକୁ ଯୁଗର ଧର୍ମ ଭାବେ ପ୍ରତିଷ୍ଠା କରିବାର ପର୍ବ। ଏହା ଭାରତର ଗୌରବମୟ ଗୁରୁ-ଶିଷ୍ୟ ପରମ୍ପରା, ଋଷି ପରମ୍ପରା, ବୈଦିକ ଐତିହ୍ୟ ଓ ସନାତନ ସଂସ୍କୃତିର ପ୍ରତିଫଳିତ କରେ। ପତଞ୍ଜଳି ବିଶ୍ୱବିଦ୍ୟାଳୟର ଛାତ୍ରମାନେ ଦିବ୍ୟତା ଓ ଋଷିତ୍ୱର ଆଦର୍ଶ ସହ ଜୀବନ ଯାପନ କରି ବିଶ୍ୱରେ ନୂତନ କ୍ରାନ୍ତି ଆଣିବା ଉଚିତ। ଭାରତୀୟ ଶିକ୍ଷା ବୋର୍ଡର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଏନ୍. ପି. ସିଂହ ସନାତନ ଧର୍ମକୁ ସମ୍ମାନ ଜଣାଇ ପତଞ୍ଜଳି ମାଧ୍ୟମରେ ଶିକ୍ଷାରେ ଏକ ସାମଗ୍ରିକ ବିପ୍ଳବର ଆରମ୍ଭ ହେଉଛି ବୋଲି କହିଥିଲେ। ଉତ୍ସବରେ ମହାସଚିବ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଥିଲେ, ଗୁରୁ ପୂର୍ଣ୍ଣିମା ଗୁରୁ-ଶିଷ୍ୟ ପରମ୍ପରାକୁ ପ୍ରଦର୍ଶନ କରୁଥିବା ଏକ ପବିତ୍ର ପର୍ବ। ଆମେ ଆମ ଗୁରୁଙ୍କ ପ୍ରତି ପୂର୍ଣ୍ଣ ଆସ୍ଥା ରଖି ସେମାନଙ୍କ ଦ୍ୱାରା ଦର୍ଶାଯାଇଥିବା ମାର୍ଗର ଅନୁସରଣ କରିବାରେ ହିଁ ଏହାର ସାର୍ଥକତା ରହିଛି। ସେମାନଙ୍କ ନିର୍ଦ୍ଦେଶିତ ନିୟମଗୁଡ଼ିକୁ ଅବଲମ୍ବନ କରି ଜୀବନକୁ ସତ୍ ମାର୍ଗରେ ଆଗେଇ ନେବା ଉଚିତ। ଏହି ଅବସରରେ ସ୍ୱାମୀ ରାମଦେବ ଓ ଆଚାର୍ଯ୍ୟ ବାଲକ୍ରିଷ୍ଣା ପରସ୍ପରକୁ ମାଲ୍ୟାର୍ପଣ ପୂର୍ବକ ଗୁରୁ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇଥିଲେ।

# ନନ୍ଦନକାନନରେ ଗୟଳ ଜନ୍ମ

### ସଂଖ୍ୟା ୭କୁ ବୃଦ୍ଧି



ବାରଙ୍ଗ, ୧୦।୭ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୪୨ନଂ. ଏନ୍‌କ୍ଲୋଜରରେ ରହୁଥିବା ଗୟଳ ବୁଧବାର ସନ୍ଧ୍ୟାରେ ଏକ ଛୁଆ ଜନ୍ମ ଦେଇଛି। ୨୦୨୪ ଜୁନ୍ ୫ରେ ଗୟଳ ଶେଷଥର ପାଇଁ ଜନ୍ମ ଦେଇଥିଲା। ନନ୍ଦନକାନନରେ ଜନ୍ମଗ୍ରହଣ କରିଥିବା ଅଣ୍ଡିରା ଓ ମାଈ ଗୟଳଙ୍କ ୨୦୨୪ରେ ମିଳନ ହୋଇଥିଲା। ଏହି ନବଜାତକର ଜନ୍ମ ପରେ ଚିଡ଼ିଆଖାନାରେ ମୋଟ ଗୟଳ ସଂଖ୍ୟା ୭ରେ ପହଞ୍ଚିଛି। ସେଥିମଧ୍ୟରୁ ୩ ଅଣ୍ଡିରା, ୩ ମାଈ ଏବଂ ୧ ଛୁଆ ଥିବା ଜଣାପଡ଼ିଛି। ଗାଈ ପ୍ରଜାତି ମଧ୍ୟରେ ଗୟଳ ହେଉଛି ସର୍ବବୃହତ୍। ଏହାର ମାଂସପେଶୀର ଗଠନ, ଉଚ୍ଚଳ କପାଳଧାର ଏବଂ ଗୋଡ଼ରେ ହାଲୁକା ରଙ୍ଗ ଯୋଗୁ ସେ ଗୟଳ ଭାବେ ବେଶ୍ ପରିଚିତ। ଜଙ୍ଗଲ ପରିସଂସ୍ଥାକୁ ବଜାୟ ରଖିବାରେ ତୃଣଭୋଜି ପ୍ରାଣୀ ଗୟଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନୂଆଦିଲ୍ଲୀ କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣର ସଂରକ୍ଷଣ ପ୍ରଜନନ କାର୍ଯ୍ୟକ୍ରମ ଅଧୀନରେ ମହୀଶୂରର ଶ୍ରୀରାମ ରାଜେନ୍ଦ୍ର ପ୍ରାଣୀଉଦ୍ୟାନ, ଚେନ୍ନାଇର ଅରିଗ୍ନାର ଆନ୍ନା ପ୍ରାଣୀଉଦ୍ୟାନ ଏବଂ ଗୋଆର ବଣ୍ଡଲା ଚିଡ଼ିଆଖାନା ପକ୍ଷରୁ ଏମାନଙ୍କ ସଫଳ ପ୍ରଜନନ ଓ ସଂରକ୍ଷଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

# ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଜିଇଟିଙ୍କ ବାହ୍ୟ ତାଲିମ କାର୍ଯ୍ୟକ୍ରମ




ତାଲିମ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଜିଇଟିଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୧୦।୭ (ବନ୍ଦନା ସେଠୀ)

ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ସ୍ନାତକ ଇଞ୍ଜିନିୟର ପ୍ରଶିକ୍ଷାର୍ଥୀ (ଜିଇଟି)ଙ୍କ ପାଇଁ ବାହ୍ୟ ବୈଷୟିକ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସିଏସ୍‌ଆଇଆର୍-ଆଇଏମଏମ୍‌ଟିରେ ଜୁଲାଇ ୭ରୁ ଆରମ୍ଭ ହୋଇଥିବା ଏହି ତାଲିମ ଅଗଷ୍ଟ ୫ ପର୍ଯ୍ୟନ୍ତ ଚାଲିବ। ବିଷୟବସ୍ତୁ ଉପରେ କେନ୍ଦ୍ରିତ ବିଭିନ୍ନ ଦିଗ ଉପରେ ଅଧିବେଶନର ତତ୍ତ୍ୱ/ବ୍ୟବହାରିକ ପ୍ରଦର୍ଶନ ଏବଂ ବ୍ୟବହାରିକ ଏକ୍ସପୋଜର୍ ରହିବ। ଧାନବାଦସ୍ଥିତ ସିଏସ୍‌ଆଇଆର୍-ସିଆଇଏମ୍‌ଏଫ୍‌ଆର ଗବେଷଣା ପରିଷଦ ଅଧ୍ୟକ୍ଷ ପ୍ରଫେସର ଧନୁଷଧାରୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି କ୍ରମରେ ସେ ଖଣି, ଖଣିଜ ପଦାର୍ଥ, ଧାତୁ ବିଜ୍ଞାନ ଏବଂ ସାମଗ୍ରୀ ଉପରେ ଜ୍ଞାନକୌଶଳପୂର୍ଣ୍ଣ ପାରସ୍ପରିକ ଆଲୋଚନା ଅଧିବେଶନକୁ ପରିଚାଳନା କରିଥିଲେ। ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଅଂଶଗ୍ରହଣକାରୀଙ୍କୁ ଆଗ୍ରହ, ବୃତ୍ତିଭିତ୍ତିକ ଶିକ୍ଷା ଏବଂ ତାଲିମ ପ୍ରତି ପ୍ରେରଣା ଦେଇଥିଲେ। ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ବିଭିନ୍ନ କାର୍ଯ୍ୟକେନ୍ଦ୍ରରୁ ୪୦ଜଣ ଜିଇଟି ଯୋଗଦେଇଛନ୍ତି। ଡ. କାଳି ସଞ୍ଜୟ କାର୍ଯ୍ୟକ୍ରମକୁ ସଞ୍ଚାଳନା କରିବା ସହ ତାଲିମ ପାଠ୍ୟକ୍ରମର ଡିଜାଇନ ଏବଂ ବୈଷୟିକ ସାରଞ୍ଚନିକ ଢାଞ୍ଚା ବିଷୟରେ ବର୍ଣ୍ଣନା କରିଥିଲେ। ଡ. ଟି. ପବନ କୁମାର ଏହାକୁ ସଂଯୋଜନା କରିଥିଲେ।

## ଶ୍ରୀଗୁରୁ ଧାମରେ ଶ୍ରୀ ବ୍ୟାସ ଗୁରୁପୂର୍ଣ୍ଣିମା ମହୋତ୍ସବ

ବାଲିଅନ୍ତା, ୧୦।୭ (ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟା ସାଇ ବାଟିକାସ୍ଥିତ ଶ୍ରୀଗୁରୁ ଧାମରେ ଗୁରୁବାର ଶ୍ରୀବ୍ୟାସ ଗୁରୁପୂର୍ଣ୍ଣିମା ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସାଇ ବାବାଙ୍କ ବିଗ୍ରହଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ମଙ୍ଗଳଆଳତି, ହୋମଯଜ୍ଞ, ସାଇ ସତ୍‌ଚରିତ ପାରାୟଣ ସହ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ବାଲିଅନ୍ତା ବଂଶୀବିହାରସ୍ଥିତ, ପାଣ୍ଡରା ହାଇଟେକ୍ ଛକ ଓ ପାଣ୍ଡରା ଗ୍ରାମ ସମ୍ମୁଖ ହାଇଟେକ୍ ମେଡିକାଲ ନିକଟ ସାଇ ଶ୍ରଦ୍ଧା ସେବା ସମିତି ପକ୍ଷରୁ ମହାସମାରୋହରେ ଗୁରୁପୂର୍ଣ୍ଣିମା ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସାଇ ମନ୍ଦିର ପରିସର ଭଜନ ସମାରୋହ ଆୟୋଜିତ ହୋଇଥିଲା।

# ଭାରତ ଭୂଖଣ୍ଡକୁ ଜ୍ଞାନାଲୋକରେ ଆଲୋକିତ କରିଥିଲେ ବ୍ୟାସଦେବ

ଭୁବନେଶ୍ୱର, ୧୦।୭ (ସୌମ୍ୟରଞ୍ଜନ ରାଉତ)

### ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବ୍ୟାସଦେବ ଜୟନ୍ତୀ



ସମାରୋହରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସହ ଅନ୍ୟ ଅତିଥିମାନେ।

ଗୁରୁପୂର୍ଣ୍ଣିମା ଅବସରରେ ଗୁରୁବାର ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀ ସମାରୋହ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ବକ୍ତାଭାବେ ଯୋଗଦେଇ ଶିକ୍ଷାବିତ୍ ତଥା ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର କହିଲେ, ମହର୍ଷି ବ୍ୟାସଦେବ ଜ୍ଞାନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ରଚନାସମୂହ ଦ୍ୱାରା ସେ ସମଗ୍ର ଭାରତ ଭୂଖଣ୍ଡକୁ ଜ୍ଞାନର ଆଲୋକରେ ଆଲୋକିତ କରିଥିଲେ। ଏଥିସହ ସେ ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀକୁ ଗୁରୁପୂର୍ଣ୍ଣିମା ଭାବେ ପାଳନ କରିବାର ପ୍ରାସଙ୍ଗିକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସମାରୋହକୁ ଉଦ୍‌ଘାଟନ କରି ବ୍ୟାସଦେବଙ୍କୁ ଭାରତୀୟ ଐତିହ୍ୟ ଓ ସଂସ୍କୃତିରେ ଏକ ମହାନ୍ ବ୍ୟକ୍ତିତ୍ୱ ଭାବେ ଅଭିହିତ କରିଥିଲେ। ମହାଭାରତ ଓ ୧୮ଟି ପୁରାଣର ରଚୟିତା ମହର୍ଷି ବ୍ୟାସଦେବ ମନୁଷ୍ୟକୁ ଧର୍ମ, କର୍ମ ଓ ଆଧ୍ୟାତ୍ମିକତା ସମ୍ପର୍କରେ ନିଜ କାଳଜୟୀ ରଚନା ଦ୍ୱାରା ଯେଉଁ ଗଭୀର ଜ୍ଞାନ ଦେଇଛନ୍ତି ତାହା ଅମୂଲ୍ୟ। ତାଙ୍କ ରଚିତ ଶ୍ରୀମଦ୍‌ଭଗବଦ୍ ଗୀତା ଆଜି ସମଗ୍ର ବିଶ୍ୱରେ ଭାରତୀୟ ଦର୍ଶନଶାସ୍ତ୍ରର ମହନୀୟତାକୁ ପ୍ରତିପାଦିତ କରିଛି ବୋଲି କୁଳପତି ମତପ୍ରକାଶ କରିଥିଲେ। ସେହିପରି ଡ. ଅଜୟ କୁମାର ବିଶ୍ୱାଳ, ଡ. ଲକ୍ଷ୍ମଣ କୁମାର ସାହୁ ଓ ଡ. ଜ୍ଞାନରଞ୍ଜନ ପଣ୍ଡା ପ୍ରମୁଖ ବ୍ୟାସଦେବଙ୍କ ରଚନା ସମୂହ ଉପରେ ଆଲୋକପାତ କରିଥିଲେ। ପରେ ଡ. ଇତିଶ୍ରୀ ସାହୁଙ୍କ ନିର୍ଦ୍ଦେଶନାରେ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ବିଭାଗର ଛାତ୍ରୀମାନଙ୍କ ଦ୍ୱାରା ଗୁରୁବନ୍ଦନା ପରିବେଷିତ ହୋଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଧ୍ୟାପକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଦି କ୍ୟାଟ୍ ଓଡ଼ିଶା ପକ୍ଷରୁ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ମନ୍ଥନ: ଅପରାଜେୟ ଭୀଷ୍ମ'ର ଏକ ଦୃଶ୍ୟ।

# ଶରଧାବାଲି ଦଳାଚକଟା: ୪୮ ଜଣଙ୍କ ସାକ୍ଷ୍ୟ ଗ୍ରହଣ

ପୁରୀ,୧୦।୭(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ଗତ ୨୮ ତାରିଖରେ ଶରଧାବାଲିରେ ଦଳାଚକଟା ଘଟି ୩ଜଣଙ୍କ ଜୀବନ ଯାଇଥିବାବେଳେ ଅନେକ ଆହତ ହୋଇଥିଲେ। ରାଜ୍ୟ ସରକାର ଏହି ଘଟଣାର ତଦନ୍ତ ପାଇଁ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ଦାୟିତ୍ୱ ଦେଇଥିଲେ। ଏହି କ୍ରମରେ ଉନ୍ନୟନ ଆୟୁକ୍ତ ଗର୍ଗ ବୁଧବାର ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ୧୭ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିଥିବାବେଳେ ଗୁରୁବାର ପୁରୀ ଆସି ସ୍ୱତନ୍ତ୍ର ସର୍କିଟ ହାଉସରେ ବ୍ୟକ୍ତିବିଶେଷ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କଠାରୁ ତଥ୍ୟ ସଂଗ୍ରହ ସହ ସାକ୍ଷ୍ୟ ଗ୍ରହଣ କରିଛନ୍ତି। ପୁରୀ ଜନଶୁଣାଣିରେ ମୋଟ ୪୮ଜଣ ସେମାନଙ୍କ ସାକ୍ଷ୍ୟ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ତଙ୍କ ବୟାନ ରେକର୍ଡ କରାଯାଇଛି। ମୁଖ୍ୟତଃ ପ୍ରଶାସନର ପରିଚାଳନା ବିଫଳତାକୁ ଲୋକେ ଦାୟୀ କରିଛନ୍ତି। ସେହିପରି ଘଟଣାବେଳେ ପୋଲିସ ଅନୁପସ୍ଥିତି ଓ ପହୁଡ଼ ସମ୍ପର୍କରେ ଆଗୁଆ ସୂଚନା ନ ଥିବାକୁ ଅନେକ ବ୍ୟକ୍ତି କାରଣ ବୋଲି ଦର୍ଶାଇଛନ୍ତି।

ଉକ୍ତ ଘଟଣା ନେଇ ସାକ୍ଷ୍ୟ ଦେଇଥିବା ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ଲାଗିବା ପରେ ପହୁଡ଼ କେତେବେଳେ ହୁଏ, କେତେବେଳେ ଖୋଲେ, ଏହାର ନିଷ୍ପତ୍ତି କିଏ ନିଅନ୍ତି ଏବଂ ଏ ସଂକ୍ରାନ୍ତ ନିରାକରଣ ଉପରେ ମତ ରଖିବାକୁ କୁହାଯାଇଥିଲା। ତେବେ ନୀତି ପରିଚାଳନା କମିଟିର କୌଣସି ଦାୟିତ୍ୱରେ କାର୍ଯ୍ୟ ଚାଲୁ ନ ଥିଲା। ନୀତି ପରିଚାଳନା କମିଟିର ସଦସ୍ୟ ନୀତି ସବ୍‌କମିଟିରେ ରହିଥାନ୍ତି। ସେମାନେ ଆଲୋଚନା କରି ପହୁଡ଼ ଖୋଲିବା ନିଷ୍ପତ୍ତି ନେଇଥାନ୍ତି। ତେବେ ମହାପ୍ରଭୁଙ୍କୁ ରଥରେ ଦେଖିବା ପାଇଁ ସମସ୍ତଙ୍କ ମନରେ ଆଶା ରହିଥାଏ। ସେଦିନ ଲକ୍ଷାଧିକ ଭକ୍ତ ଆସିଥିଲେ। ରାସ୍ତା ଜାମ୍ ଥିଲା। ପୂର୍ବଦିନ ରାତି ୧୨ଟାରେ ପହୁଡ଼ କରାଯାଇ ପରଦିନ ଭୋର ୪ଟା ୨୦ରେ ଖୋଲାଯାଇଥିଲା। ପହୁଡ ଖୋଲାହେବା କ୍ଷଣି ଲୋକେ ମାଡ଼ିଆସିଥିଲେ। ସେଠାରେ କିଛି ଲୋକ ଜରିପାଲ ପକାଇ ଶୋଇଥିଲେ। ଲୋକେ ସେମାନଙ୍କ ଉପରେ ଚଢ଼ିଯାଇଥିଲେ। ତେବେ ମହାପ୍ରଭୁଙ୍କ ପହୁଡ଼ ସମ୍ପର୍କରେ ଭକ୍ତଙ୍କୁ ଆଗୁଆ ସୂଚନା ଦିଆଯାଇ ନ ଥିଲା। ଯଦି ପୂର୍ବତନ ପରିଚାଳନା କମିଟିର ମତ କିମ୍ବା ସହାୟତା ନିଆଯାଇଥାନ୍ତା, ତେବେ ପହୁଡ଼ ହୋଇ ନ ଥାନ୍ତା କି ଏପରି ଅଘଟଣା ଘଟି ନ ଥାନ୍ତା। ବନ୍ଦ ରହିଥିବା ସାହାଣ ମେଲା ଦର୍ଶନ ପୁନର୍ବାର ଆରମ୍ଭ କରିବା ପାଇଁ କୁହାଯାଇଛି। ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାସ ମହାପାତ୍ର ଦାବି କରିଛନ୍ତି। ପୁରୀ ବାସିନ୍ଦା ହେକ୍ଟର ମିଶ୍ର କହିଥିଲେ, ପ୍ରଶାସନିକ ବ୍ୟବସ୍ଥାର ନଗ୍ନରୂପ ଚଳିତ ରଥଯାତ୍ରାରେ ଦେଖିବାକୁ ମିଳିଥିଲା। ଏଆଇ କ୍ୟାମେରାକୁ ନେଇ ଯାହା କହୁଥିଲେ, ତାହା ସମସ୍ତେ ଦେଖିଲେ। ପ୍ରସ୍ତୁତି ସମ୍ପର୍କରେ ନ କହିବା ଭଲ। ରଥଯାତ୍ରା ପାଇଁ ପ୍ରଥମ ଥର ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଥିଲା। କିନ୍ତୁ କିଛି ଲାଭ ହେଲା ନାହିଁ। ଘଟଣାରେ ଏସ୍‌ପି କିମ୍ବା ଜିଲାପାଳଙ୍କ ଭୂମିକା ନାହିଁ, ଅଥଚ ସେମାନଙ୍କୁ ବଦଳି କରାଗଲା। ଯେଉଁମାନେ ପ୍ରକୃତ ଦୋଷୀ ସେମାନଙ୍କୁ ଦଣ୍ଡିତ କରାଯିବ ଉଚିତ। ସେହିପରି ଆଇନଜୀବୀ ଗୋପାଳକୃଷ୍ଣ ପଣ୍ଡା କହିଛନ୍ତି, ଏପରି ଘଟଣା ପ୍ରଥମଥର ପାଇଁ ଦେଖିଲି। ମୁକ୍ତାକାଶ ରଙ୍ଗମଞ୍ଚରୁ ଦଶ ଅବତାର, ରଥ ପର୍ଯ୍ୟନ୍ତ ୨୮ ଫୁଟର ରାସ୍ତା ରହିଥାଏ। ମାତ୍ର ଚଳିତଥର ଭିଭିଆଇପି, ଭିଆଇପିଙ୍କ ଷ୍ଟଲ ରହିଲା। ରାସ୍ତା ବନ୍ଦ କରି ଭିଆଇପିଙ୍କ ପାଇଁ ଗଦି ପଡ଼ିଥିଲା। ସେଠି ପ୍ରାଥମିକ ଚିକିତ୍ସାଳୟର ଷ୍ଟଲ କରାଯାଏ, କିନ୍ତୁ ଚଳିତ ବର୍ଷ ତାହା ହୋଇ ନ ଥିଲା। ପ୍ରସ୍ଥାନ ରାସ୍ତା ବନ୍ଦ ରହିଥିଲା। ଲୋକଙ୍କ ପାଇଁ ସୁବିଧା କରାଯାଇ ନ ଥିଲା। ଲୁହାବାଡ଼ କରାଯାଇଥିଲା। ଲୋକଙ୍କ ଗହଳି ଭିତରେ ଚାରମାଳ ବୋଝେଇ ଟ୍ରକ ପଶିଗଲା। ଚାରଗୁଡ଼ିକ ରଥ ସମ୍ମୁଖରେ ରହିଥିଲା। ଲୋକେ ଧାଁଧପଡ଼ କଲାବେଳେ ଲୋକେ ପଡ଼ି ଆହତ ହୋଇଥିଲେ। ପରେ ଭୋର ସମୟରେ ଚାରକାଠ ଆଣିଥିବା ଆଉ ଏକ ଟ୍ରକ ପଶିଗଲା, ସେତେବେଳେ ବହୁତ ଲୋକ ଥିଲେ। ଏହି ସମୟରେ ପହୁଡ଼ ଖୋଲାହେବାରୁ ସ୍ଥିତି ଅଣାୟତ୍ତ ହୋଇପଡ଼ିଲା। ଏହି ଘଟଣା ପାଇଁ ପ୍ରଶାସନ ଓ ପୋଲିସ ଦାୟୀ। ଅନ୍ୟପକ୍ଷରେ ଏନେଇ ଉନ୍ନୟନ ଆୟୁକ୍ତ ଗର୍ଗ କହିଛନ୍ତି, ସ୍ୱତନ୍ତ୍ର ସର୍କିଟ ହାଉସରେ ଅନୁଷ୍ଠିତ ଜନଶୁଣାଣିରେ ୪୮ ଜଣ ସାକ୍ଷ୍ୟ ଓ ତଥ୍ୟ ଦେଇଛନ୍ତି। ସମସ୍ତଙ୍କ ବୟାନ ରେକର୍ଡ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି।


ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ୍‌ରେ ଉନ୍ନୟନ କମିଶନର ଅନୁ ଗର୍ଗ।

## ପ୍ରଶାସନର ଅବ୍ୟବସ୍ଥାକୁ ଦାୟୀ କଲେ ଲୋକେ



ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଗଣେଶ୍ୱର


@ କେଦାର


@ ମନୁଶ୍ରୀ


@ ସ୍ୱାତି ସୁପ୍ରିୟା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# କଣାସରେ ପ୍ରଥମ ବନ୍ୟାଜଳ: ବୁଡ଼ିଲା ଚାଷଜମି


ଚାଷ ଜମିରେ ମାଡ଼ିଥିବା ବନ୍ୟାଜଳ।

କଣାସ,୧୦।୭(ବିଭୂତି ଭୂଷଣ ତ୍ରିପାଠୀ)

## ବ୍ୟାପକ ପରିବା ଫସଲ କ୍ଷତିଗ୍ରସ୍ତ

କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀରେ ବୁଧବାର ସନ୍ଧ୍ୟାରେ ବନ୍ୟାଜଳ ପ୍ରବେଶ କରିଛି। ତେବେ ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ଦୟାନଦୀରେ ୩.୮୦ ମି.ମି ବନ୍ୟାଜଳ ପ୍ରବାହିତ ହେଉଛି। କଣାସଠାରେ ଦୟାନଦୀର ବିପଦ ସଙ୍କେତ ୩.୯୯ ମି.ମି ଥିଲାବେଳେ ବନ୍ୟାଜଳ ବିପଦସଙ୍କେତ ପାଖାପାଖି ହୋଇଗଲାଣି। ଫଳରେ ଦୋକନ୍ଦା, ବଡ଼ାସ, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡ଼ା, ବଡ଼ାସ, ବୈଦ୍ୟନାଥପାଟଣା, କଖାରୁବସ୍ତ, ସବଳଙ୍ଗ, ଗଡ଼ବଳଭଦ୍ରପୁର, ଅଠରବାଟିଆ ଗ୍ରାମର ପରିବା ଫସଲ ଜମିରେ ବନ୍ୟାଜଳ ମାଡ଼ିଯାଇଥିବାରୁ ପୋଟଳ, କଲରା, ବାଇଗଣ, ଭେଣ୍ଡି, ଜହ୍ନି, କଖାରୁ, କଞ୍ଚାଲଙ୍କା, ପୋଇ ଫସଲରେ ବନ୍ୟାଜଳ ମାଡ଼ିଯିବାରୁ ପରିବା ପସଲ ନଷ୍ଟ ହୋଇଯାଇଛି। ଚାଷୀ ଚିନ୍ତାରେ ମୁଣ୍ଡରେ ହାତଦେଇ ବସିଛନ୍ତି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି ଓ ଗ୍ରାମ ମହାଜନଙ୍କଠାରୁ ଚଢ଼ା ଦରରେ ସୁଧକୁ ଆଣି ଫସଲ କରିଥିଲେ। ତତ୍‌ସହିତ ଦୟା, ରାଜୁଆ, ମକରା, ନଦୀର ପଠାଗୁଡ଼ିକରେ ହୋଇଥିବା ଫରିବା ଫସଲରେ ବନ୍ୟାଜଳ ମାଡ଼ି ନଷ୍ଟ ହୋଇଯାଇଛି।

# ଲୋକକଳା ଗ୍ରାମରେ ଗୁରୁପୂଜନ

ସାକ୍ଷୀଗୋପାଳ,୧୦।୭(ଭରତ ରାଉତ)

ମହର୍ଷି ବେଦବ୍ୟାସଦେବଙ୍କ ପୁଣ୍ୟତିଥିରେ ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ସତ୍ୟବାଦୀ ବ୍ଲକ ଲୋକକଳା ଗ୍ରାମ ସାରଙ୍ଗଯୋଡ଼ି ବାଇଁଶିବାଡ଼ିର ପ୍ରଖ୍ୟାତ ମୃଦଙ୍ଗବାଦ୍ୟ ଗୁରୁ, ସଂକୀର୍ତ୍ତନ ଗୁରୁ, ପାଲା ଗୁରୁ, ରାମଲୀଲା ଗୁରୁ, ପରିନାଟ ଗୁରୁ, ନୃତ୍ୟନାଟିକା ଗୁରୁ ଶ୍ରୀ କୁଳମଣି ବିଶ୍ୱାଳଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ ଗ୍ରାମର ଆର୍ତ୍ତତ୍ରାଣ ଗାଦିଗୃହ ପୀଠରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାଇଁଶିବାଡ଼ିର ମା' କ୍ଷେତ୍ରପାଳୀ ମୃଦଙ୍ଗବାଦ୍ୟ ନୃତ୍ୟ ପରିଷଦ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଗୁରୁ ଶ୍ରୀ ବିଶ୍ୱାଳଙ୍କ ନିକଟକୁ ଲୋକବାଦ୍ୟ (ମୃଦଙ୍ଗ), ଲୋକକଳା, ଲୋକନୃତ୍ୟ ଶିକ୍ଷା ଗ୍ରହଣ କରି କଳା ଜଗତରେ ପ୍ରତିଷ୍ଠା ଅର୍ଜନ କରିଥିବା ଛାତ୍ରମାନେ ମିଳିତ ହୋଇ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଆଶୀର୍ବଚନ ପ୍ରଦାନ କରି ଗୁରୁଶ୍ରୀ ବିଶ୍ୱାଳ ସମସ୍ତଙ୍କ ଭବିଷ୍ୟତ ମଙ୍ଗଳ କାମନା କରିଥିଲେ। କୈଳାସ ଗୋଟିପୁଅ ନୃତ୍ୟ ପରିଷଦ ସଭାପତି କବି ଶବ୍ଦଭାରତୀ ଦେବଦତ୍ତ ପ୍ରଧାନ, ସମ୍ପାଦକ କୈଳାସ ଚନ୍ଦ୍ର ବିଶ୍ୱାଳଙ୍କ ସମେତ ଶିଷ୍ୟ ସୁଦର୍ଶନ ପରିଡ଼ା, ରମେଶ ଚନ୍ଦ୍ର ଦାସ, ଜୟନ୍ତ ବିଶ୍ୱାଳ, ଅଭିମନ୍ୟୁ ନାୟକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଯୁବ ମର୍ଦ୍ଦଳ ବାଦକ ସମୀର କୁମାର ପଲେଇ, ଶିଶୁ ମୃଦଙ୍ଗ ବାଦକ ପ୍ରକାଶ ଓଝା, କୁନି ସଂକୀର୍ତ୍ତନ ଗାୟକ ବାସୁଦେବ ସାହୁ, କୈଳାସ ଚନ୍ଦ୍ର ଓଝାଙ୍କ ସମେତ ଅନେକ ଶିଷ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କବିଚନ୍ଦନ ଶ୍ରୀ ପ୍ରଧାନ ଗୁରୁ–ଶିଷ୍ୟ ପରମ୍ପରା ଓ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଶିଷ୍ୟମାନେ ଗୁରୁଙ୍କୁ ନେଇ ସଂକୀର୍ତ୍ତନ ପରିବେଷଣ କରି ଗ୍ରାମ୍ୟ ପରିକ୍ରମା କରିଥିଲେ। ଅନୁଷ୍ଠାନ ଉପସଭାପତି ତଥା ପଟ୍ଟଶିଷ୍ୟ ଭାସ୍କର ସ୍ୱାଇଁ ଏବଂ ସମ୍ପାଦକ ରମେଶ ଚନ୍ଦ୍ର ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୭।୨୦୨୫

| | |
|---|---|
| ୫,୮୦,୧୮୯ ଟଙ୍କା | |
| ସୁନା | ୭୦୦ ମିଲିଗ୍ରାମ୍ |
| ରୁପା | ୪୧.୫୦୦ ଗ୍ରାମ୍ |

# ପରିବା ଦର ଆକାଶଛୁଆଁ

ଚାରିଛକ,୧୦।୭(ଶିଶିର କୁମାର ସ୍ୱାଇଁ)

ଡ୍ରାଇଭର ମହାସଂଘର ବନ୍ଦ ଡାକରା ଯୋଗୁ ବିଭିନ୍ନ ସ୍ଥାନରେ ଗାଡ଼ି ମୋଟର ଅଟକି ରହିଛି। ଗାଡ଼ି ନ ଚାଲିବାରୁ ପନିପରିବାଠାରୁ ଖାଉଟି ସାମଗ୍ରୀ ବୃଦ୍ଧି ପାଇବାରେ ଲାଗିଛି। କିଗ୍ରା ପିଛା ପୋଟଳ ୮୦ଟଙ୍କା, ବାଇଗଣ ୮୦, ଝୁଡ଼ଙ୍ଗ ୬୦, ଆଳୁ ୨୦, ଟମାଟୋ ୮୦, ଭେଣ୍ଡି ୫୦, କାଙ୍କଡ଼ ୧୦୦, ପିଆଜ ୬୦ ଟଙ୍କା ରହିଛି। ଫଳରେ ୫୦୦ ଟଙ୍କା ନେଇ ପରିବା ବଜାରକୁ ଗଲେ ମଧ୍ୟ ବ୍ୟାଗ ପୂରୁନି। ହାଣ୍ଡିଶାଳକୁ ପରିବା ମହଙ୍ଗା ମାଡ଼ ଗୃହିଣୀଙ୍କୁ ଚିନ୍ତାରେ ପକାଇଛି। ଚାରିଛକ ବଜାରରେ ଡ୍ରାଇଭରମାନେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଚଳାଇଛନ୍ତି। ଏହି ବଜାରଟି ୪ଟି ଜିଲାକୁ ସଂଯୋଗ କରୁଥିଲେ ମଧ ବଜାରକୁ ପରିବା ଆସିପାରୁନାହିଁ। ମାର୍କେଟକୁ ପ୍ରତିଦିନ ୭ରୁ୮ ଟନ ପନିପରିବା ପ୍ରତିଦିନ ଆସେ। ଆନ୍ଦୋଳନ ଯୋଗୁ ପନିପରିବା ଆସିପାରୁନାହିଁ। ଫଳରେ କୌଣସି ପରିବା ୮୦ ଟଙ୍କା ତଳକୁ ନାହିଁ। ଯଦି ଆନ୍ଦୋଳନ ଆଗକୁ ବଢ଼େ, ତାହାଲେ ପନିପରିବା ଦର ଆହୁରି ବୃଦ୍ଧି ପାଇବ ବୋଲି ବ୍ୟବସାୟୀ ମତ ପ୍ରକାଶ କରିଛନ୍ତି।

# ଡ୍ରାଇଭରଙ୍କ ଧର୍ମଘଟ:ଫେରୁଛନ୍ତି ପର୍ଯ୍ୟଟକ

ଗୋପ,୧୦।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଡ୍ରାଇଭର ସଂଘ ପକ୍ଷରୁ ୨ ଦିନ ଧରି ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ହୋଇଥିବାବେଳେ ସାଧାରଣ ଲୋକଙ୍କ ଉପରେ ଏହାର ପ୍ରଭାବ ପଡ଼ୁଛି। ପୁରୀ, କୋଣାର୍କ ବୁଲି ଯାଉଥିବା ପର୍ଯ୍ୟଟକ ମଧ୍ୟ ଏହାର ଶୀକାର ହେଉଥିବା ଭଳି ଅଭିଯୋଗ ହୋଇଛି। ଏପରିକି ଆନ୍ଦୋଳନକାରୀ ସରକାରଙ୍କ ପକ୍ଷରୁ ଚାଲିଥିବା ବସ୍‌ଗୁଡ଼ିକୁ ମଧ୍ୟ ଛାଡୁନାହାନ୍ତି। ଏପରି ଅବସ୍ଥାକୁ ନେଇ ଏବେ ଅସନ୍ତୋଷ ଦେଖା ଦେଇଥିବାବେଳେ ସରକାରୀସ୍ତରରେ ଏହା ଉପରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି।

ପ୍ରକାଶ ଯେ, ରାଜ୍ୟ ଡ୍ରାଇଭର ମହାସଂଘ ପକ୍ଷରୁ ୬ଟି ଦାବିକୁ ନେଇ ଆନ୍ଦୋଳନ କରାଯାଉଥିବା ବେଳେ ଏବେ ଏହି ଆନ୍ଦୋଳନରେ ଗୋପ ଡ୍ରାଇଭର ସଂଘ ସାମିଲ ହୋଇଛନ୍ତି। ୮ ତାରିଖରୁ ଦିବା ରାତ୍ରରେ କୋଣାର୍କ–ନିମାପଡ଼ା ରାସ୍ତାର ଗୋପ ବଜାର ଛକଠାରେ ଏହି ଆନ୍ଦୋଳନ ଜାରି ରହିଛି। ଦୈନନ୍ଦିନ ପୁରୀ, କୋଣାର୍କ ବୁଲି ଯାଉଥିବା ପର୍ଯ୍ୟଟକ ଏବେ ଏହି ଆନ୍ଦୋଳନର ଶୀକାର ହେଉଛନ୍ତି। ଏପରିକି ବୁଧବାର ସକାଳୁ ପଶ୍ଚିମବଙ୍ଗ ସହ ରାଜ୍ୟ ବାହାରର କେତେଜଣ ପର୍ଯ୍ୟଟକ ପୁରୀ, କୋଣାର୍କ ବୁଲି ଯାଉଥିବାବେଳେ ଆନ୍ଦୋଳନକାରୀ ସେମାନଙ୍କୁ ଛାଡିନ ଥିଲେ। ଭୁବନେଶ୍ୱରରୁ କୋଣାର୍କ ଓ ନିମାପଡ଼ାରୁ ପୁରୀ ଚାଲୁଥିବା ବସ୍‌ଗୁଡ଼ିକୁ ମଧ୍ୟ ଛଡ଼ା ଯାଇ ନ ଥିଲା। ଫଳରେ ସାଧାରଣ ଲୋକଙ୍କ ସହିତ ପର୍ଯ୍ୟଟକ ନିରାଶରେ ଫେରୁଥିବା ଜଣାପଡ଼ିଛି। ସଂଘ ପକ୍ଷରୁ କେତେକ ପର୍ଯ୍ୟଟକ ଗାଡ଼ି ଓ ସରକାରୀ ବସ୍‌କୁ ଛଡ଼ା ଯାଇଥିବାବେଳେ ଆଉ ନ ଆସିବାକୁ ମଧ୍ୟ ତାଗିଦ କରାଯାଇଛି। ଏହି ଆନ୍ଦୋଳନ ଗୋପ ଡ୍ରାଇଭର ସଂଘ ସଭାପତି ସୁଧାଂଶୁ ଶେଖର ମଲ୍ଲିକ ଓ ସମ୍ପାଦକ ଆଶିଷ କୁମାର ସିଂଙ୍କ ନେତୃତ୍ୱରେ ଚାଲୁଥିବାବେଳେ ଶତାଧିକ ଡ୍ରାଇଭର ଉପସ୍ଥିତ ଅଛନ୍ତି।

# ମା' ପଞ୍ଚମୁଖୀ ଘାଟରେ ଭାର୍ଗବୀ ଆଳତି

ପୁରୀ,୧୦।୭(ଅଜିତ କୁମାର ମହାନ୍ତି)

ଗୁରୁପୂର୍ଣ୍ଣିମା ଅବସରରେ ଗୁରୁବାର ମା'ପଞ୍ଚମୁଖୀ ଘାଟ କପିଳେଶ୍ୱରପୁରରେ ପୁଣ୍ୟତୋୟା ଭାର୍ଗବୀ ଆଳତି ସମ୍ପାଦିତ ହୋଇଯାଇଛି। ଗୁରୁ ପୂଜନ ମଧ୍ୟ କରାଯାଇଛି। ଉତ୍ସବରେ ଗୁରୁ ନୃସିଂହ ପ୍ରସାଦ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ମିଶ୍ର ଏବଂ ବିଦ୍ୟାଧର ନାୟକଙ୍କୁ ଉପଢୌକନ, ଅତିବଡ଼ି ଜଗନ୍ନାଥ ଦାସଙ୍କ ଫଟୋଚିତ୍ର, ଗୀତା ବହି ସହ ଚାଦର ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷାବିତ ସୁଶାନ୍ତ କୁମାର ଜେନା, କାଶୀନାଥ ନାୟକ, ତ୍ରିଲୋଚନ ଦଳାଇ, ବ୍ରହ୍ମଗିରି କ୍ଲବ ସଭାପତି ବିନାୟକ ପାତ୍ର, ଗୋପାଳ ଚନ୍ଦ୍ର କର, ଗଙ୍ଗାଧର କର, ବାପିନା ପତି, ଭବାନୀ ଶଙ୍କର ତ୍ରିପାଠୀ, ପ୍ରକାଶ ତ୍ରିପାଠୀ, ବିରଞ୍ଚି ମିଶ୍ର, ବାନାମ୍ବର ପରିଡ଼ା, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଗଣେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱାରିକାନାଥ ବିଶ୍ୱାଳ ଓ ପ୍ରଶାନ୍ତ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଆଗାମୀ ରକ୍ଷାବନ୍ଧନ ଉତ୍ସବରେ ଭାର୍ଗବୀ ଆଳତି ସହ ବୃକ୍ଷମାନଙ୍କୁ ପୂଜା କରାଯିବ ବୋଲି ବଦ୍ରି ମିଶ୍ର ଘୋଷଣା କରିଛନ୍ତି। ଶେଷରେ ପ୍ରଭାକର ସାହୁ ଧନ୍ୟବାଦ ଦେଇଥିଲେ।

# ଚାଷୀଙ୍କୁ ମତ୍ସ୍ୟଚାଷ ସମ୍ପର୍କିତ ପ୍ରଶିକ୍ଷଣ, ସଚେତନତା

ସାକ୍ଷୀଗୋପାଳ,୧୦।୭
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ଜିଲା କୃଷି ବିଜ୍ଞାନ କେନ୍ଦ୍ରରେ ଗୁରୁବାର ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନ, ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ମତ୍ସ୍ୟ ବିଭାଗ ଓ ଜିଲା କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇଥିଲେ। ରାଜ୍ୟ ସରକାର ମତ୍ସ୍ୟଚାଷ ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଥିଲେ । କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ. ସୂର୍ଯ୍ୟନାରାୟଣ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ, କୃଷି ବିଜ୍ଞାନକେନ୍ଦ୍ର ମତ୍ସ୍ୟ ବୈଜ୍ଞାନିକ ଡ. ଅମ୍ବିକା ପ୍ରସାଦ ନାୟକ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ମଞ୍ଜୁଳା ତ୍ରିପାଠୀ ଓ ସତ୍ୟବାଦୀ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଲିପିଲତା ଖୁଣ୍ଟିଆ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତରେ ରହିଥିବା ପୋଖରୀଗୁଡ଼ିକୁ ମହିଳା ଗୋଷ୍ଠୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ମତ୍ସ୍ୟଚାଷ କରିବା ଦିଗରେ ସଚେତନ କରାଯାଇଥିଲା। ସମସ୍ତ ସରକାରୀ ସୁବିଧା ମତ୍ସ୍ୟଚାଷୀଙ୍କୁ ଯୋଗାଇ ଦିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ପ୍ରଦାନ କରିବା ସହ ଅଗ୍ରଣୀ ମତ୍ସ୍ୟଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।


କାର୍ଯ୍ୟକ୍ରମରେ ଜଣେ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ୧୭ ମତ୍ସ୍ୟ କ୍ଲଷ୍ଟର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂ

ଭୁବନେଶ୍ୱର, (ଅନୁରାଧା ମହାରଣା)/
ବାଲକାଟୀ, ୧୦।୭ (ମନୋଜ ମଣ୍ଡଳ)

ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟାଗଙ୍ଗସ୍ଥିତ ଆଇସିଏଆର୍–କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ପ୍ରତିଷ୍ଠାନ (ସିଫା) ପରିସରରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂ ଯୋଗଦେଇ ଓଡ଼ିଶା ସମେତ ଦେଶର ୧୭ଟି ନୂଆ ମତ୍ସ୍ୟ କ୍ଲଷ୍ଟରକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହାକୁ ମିଶାଇ ସାରା ଦେଶରେ ମୋଟ ମତ୍ସ୍ୟଚାଷ କ୍ଲଷ୍ଟର ସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ୧୧ଟି ରାଜ୍ୟରେ ୧୦୫ କୋଟି ଟଙ୍କା ବିନିମୟରେ ୭୦ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ସେ କହିଲେ, ମତ୍ସ୍ୟ ରପ୍ତାନିକୁ ୧.୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଗ୍ରାମୀଣ ଆୟକୁ ପ୍ରୋତ୍ସାହନ ଦେବା ଏବଂ ମତ୍ସ୍ୟ ପାଳନ କ୍ଷେତ୍ରରେ ବିଶ୍ୱସ୍ତରରେ ନେତୃତ୍ୱ ନେବା ଲାଗି ସେ ବିଜ୍ଞାନ ଆଧାରିତ ଜଳଜ କୃଷି, ଦକ୍ଷତା ବିକାଶ ଏବଂ ସମନ୍ୱିତ କୃଷି ଉପରେ ଗୁରୁତ୍ୱାରୋପ କରିଥିଲେ। ମତ୍ସ୍ୟଜୀବୀମାନେ ଅନ୍ତର୍ଦେଶୀୟ ମତ୍ସ୍ୟ ଉତ୍ପାଦନରେ ପ୍ରାୟ ୭୫% ଯୋଗଦାନ ଦେଉଛନ୍ତି। ମତ୍ସ୍ୟଜୀବୀ କ୍ଷେତ୍ର ଆଜି ୩ କୋଟିରୁ ଅଧିକ ମତ୍ସ୍ୟଜୀବୀ ଏବଂ ମତ୍ସ୍ୟ ଚାଷୀଙ୍କ ପାଇଁ ପୁଷ୍ଟି ଏବଂ ଜୀବିକା ସୁନିଶ୍ଚିତ କରୁଛି। ସରକାର ବିଭିନ୍ନ ଯୋଜନା ଏବଂ ପଦକ୍ଷେପ ମାଧ୍ୟମରେ ୩୮,୫୭୨ କୋଟିର ଐତିହାସିକ ନିବେଶ କରିଥିବା ସେ ସୂଚନା ଦେଇଥିଲେ।

କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍. ପି. ସିଂ ବାଘେଲ କହିଲେ, କୃଷକଙ୍କ ଆୟ ଦ୍ୱିଗୁଣିତ କରିବାରେ ମତ୍ସ୍ୟ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମତ୍ସ୍ୟଜୀବୀ ଏବଂ ମତ୍ସ୍ୟ ଚାଷୀଙ୍କୁ ସେମାନଙ୍କ ଆୟ ବୃଦ୍ଧି ଏବଂ ଜୀବିକାକୁ ସୁଦୃଢ଼ କରିବା ପାଇଁ ବୀମା ଯୋଜନା, ଗୁଣାତ୍ମକ ବିହନ ଉପଲବ୍ଧତା, ଆଧୁନିକ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଥିଲେ।

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିୟନ ଗତ ଦଶନ୍ଧିରେ ରେକର୍ଡ ୧୯୫ ଲକ୍ଷ ଟନ ମାଛ ଉତ୍ପାଦନ ପାଇଁ ସମସ୍ତ ଅଂଶୀଦାରମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ପୂର୍ବ ଦଶନ୍ଧି ତୁଳନାରେ ଦେଶ ୧୦୫% ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ହାସଲ କରିପାରିଥିବା ସେ କହିଥିଲେ। ଓଡ଼ିଶା ମତ୍ସ୍ୟ, ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମତ୍ସ୍ୟ ଚାଷୀମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ। ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ସଚିବ ଡକ୍ଟର ଅଭିଲାକ୍ଷ ଲେଖି ୫୦୦ କୋଟି ଟଙ୍କା ମତ୍ସ୍ୟଜୀବୀ ସହାୟତା, ସମ୍ବଲପୁରରେ ୧୦୦ କୋଟି ଟଙ୍କା ଆକ୍ୱାପାର୍କ, ସ୍କାମ୍ପି ହାଚେରୀ ଏବଂ ୧୮ଟି ଘୂର୍ଣ୍ଣିଝଡ଼ ପ୍ରବଣ ଗାଁରେ ବିପର୍ଯ୍ୟୟ ପ୍ରସ୍ତୁତି ଭଳି ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ସରକାରଙ୍କ ମତ୍ସ୍ୟ ବିଭାଗର ଯୁଗ୍ମ ସଚିବ ସାଗର ମେହେରା ସ୍ୱାଗତ ଭାଷଣ ଓ ଯୁଗ୍ମ ସଚିବ ନିତୁ ପ୍ରସାଦ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିବା ସହ କିଷାନ କ୍ରେଡିଟ୍ କାର୍ଡ ଓ ପ୍ରକଳ୍ପର ୱାର୍କ ଅର୍ଡର ବଣ୍ଟନ କରିଥିଲେ।


କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

## ଆଇସିଏଆର୍-ସିଫାଠାରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ

### ୧୧ ରାଜ୍ୟର ୭୦ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ

## ପୂର୍ବଶତ୍ରୁତାରୁ ଯୁବକଙ୍କୁ ଗୁଳିମାଡ଼, ଆକ୍ରମଣ

ଖୋର୍ଦ୍ଧା,(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଦଳେଇପୁଟ ପେଟ୍ରୋଲ ଟାଙ୍କି ନିକଟରେ ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ଗୁଳିମାଡ଼ ସହ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ଦଳେଇପୁଟ ଗ୍ରାମର ଦେବାଶିଷ ସାମନ୍ତସିଂହାର। ତାଙ୍କ ମୁଣ୍ଡ ଓ ପେଟରେ ଗଭୀର ଆଘାତ ଲାଗିଛି। ଖବରପାଇ ପରିବାରଲୋକେ ପହଞ୍ଚି ଦେବାଶିଷଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ସଂକ୍ଷେପରେ

## ଶରଧାବାଲି ଦଳାଚକଟା: ୪୮ ଜଣଙ୍କ ସାକ୍ଷ୍ୟ ଗ୍ରହଣ

**ପରିଚାଳନା ବିଫଳତା ସହ ପହୁଡ଼ ସମ୍ପର୍କରେ ଆଗୁଆ ସୂଚନା ନ ଥିଲା**

ପୁରୀ,୧୦।୭(ଅଜିତ୍ କୁମାର ମହାନ୍ତି): ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ଗତ ୨୮ତାରିଖରେ ଶରଧାବାଲିରେ ଦଳାଚକଟା ଘଟି ୩ଜଣଙ୍କ ଜୀବନ ଯାଇଥିବାବେଳେ ଅନେକେ ଆହତ ହୋଇଥିଲେ। ରାଜ୍ୟ ସରକାର ଏହି ଘଟଣାର ତଦନ୍ତ ପାଇଁ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ଦାୟିତ୍ୱ ଦେଇଥିଲେ। ଏହି କ୍ରମରେ ଉନ୍ନୟନ ଆୟୁକ୍ତ ଗର୍ଗ ବୁଧବାର ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ୧୭ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିଥିବାବେଳେ ଗୁରୁବାର ପୁରୀ ଆସି ସ୍ୱତନ୍ତ୍ର ସର୍କିଟ ହାଉସରେ ବ୍ୟକ୍ତିବିଶେଷ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କଠାରୁ ତଥ୍ୟ ସଂଗ୍ରହ ସହ ସାକ୍ଷ୍ୟ ଗ୍ରହଣ କରିଛନ୍ତି। ପୁରୀ ଜନଶୁଣାଣିରେ ମୋଟ ୪୮ଜଣ ସେମାନଙ୍କ ସାକ୍ଷ୍ୟ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ତଙ୍କ ବୟାନ ରେକର୍ଡ କରାଯାଇଛି। ମୁଖ୍ୟତଃ ପ୍ରଶାସନର ପରିଚାଳନା ବିଫଳତାକୁ ଲୋକେ ଦାୟୀ କରିଛନ୍ତି। ସେହିପରି ଘଟଣାବେଳେ ପୋଲିସ ଅନୁପସ୍ଥିତି ଓ ପହୁଡ଼ ସମ୍ପର୍କରେ ଆଗୁଆ ସୂଚନା ନ ଥିବାକୁ ଅନେକ ବ୍ୟକ୍ତି କାରଣ ବୋଲି ଦର୍ଶାଇଛନ୍ତି।

ଏନେଇ ଉନ୍ନୟନ ଆୟୁକ୍ତ ଗର୍ଗ କହିଛନ୍ତି, ସ୍ୱତନ୍ତ୍ର ସର୍କିଟ ହାଉସରେ ଅନୁଷ୍ଠିତ ଜନଶୁଣାଣିରେ ୪୮ ଜଣ ସାକ୍ଷ୍ୟ ଓ ତଥ୍ୟ ଦେଇଛନ୍ତି। ସମସ୍ତଙ୍କ ବୟାନ ରେକର୍ଡ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି।

## ରାହୁଲଙ୍କ ଗସ୍ତ ପାଇଁ କମିଶନରେଟ୍ ପୋଲିସର ଟ୍ରାଫିକ୍ ସଚେତନତା

ଭୁବନେଶ୍ୱର,୧୦।୭(ସତ୍ୟଜିତ୍ ରାଉତ): ରାହୁଲ ଗାନ୍ଧୀ ଓ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ଗୁରୁବାର ଓଡ଼ିଶା ଗସ୍ତକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ଟ୍ରାଫିକ୍ ଭିଡ଼ ନେଇ ସଚେତନତା କରାଯାଇଛି। ବିମାନ ବନ୍ଦର ଛକରୁ ଜୟଦେବ ବିହାର ପର୍ଯ୍ୟନ୍ତ ରୋଡ ଶୋ' ହେବାକୁ ଥିବାବେଳେ ଏଥିପାଇଁ ବିଭିନ୍ନ ରାସ୍ତାରେ ଭିଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି। ଏଥିପାଇଁ କମିଶନରେଟ୍ ପୋଲିସ ଟ୍ରାଫିକ ପରିଚାଳନା ପାଇଁ ଲୋକମାନଙ୍କଠାରୁ ସହଯୋଗ ଲୋଡ଼ିଛି। ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବିମାନବନ୍ଦର ଛକରୁ ଜୟଦେବ ବିହାର ଏବଂ ଏହାର ବିପରୀତ ଦିଗରେ ଟ୍ରାଫିକ୍ ଭିଡ଼ ହେବର ସମ୍ଭାବନା ରହିଛି। ସେହିପରି ଅପରାହ୍ନ ୧.୩୦ରୁ ୨ଟା ଯାଏ ବରମୁଣ୍ଡା ଛକରୁ ମେ ଫେୟାର ହୋଟେଲ ରାସ୍ତା, ଅପରାହ୍ନ ୩ରୁ ୩ଟା ୩୦ ପର୍ଯ୍ୟନ୍ତ ମେ ଫେୟାର ହୋଟେଲରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ଏବଂ ଅପରାହ୍ନ ୪ଟାରୁ ୫ଟା ଯାଏ ମାଷ୍ଟର କ୍ୟାଣ୍ଟିନ ଛକରୁ ବିମାନବନ୍ଦର ଛକ ଓ ଏହାର ଆଖପାଖ ଅଞ୍ଚଳରେ ଭିଡ଼ ହେବାର ସମ୍ଭାବନା ରହିଛି। ତେଣୁ ଏହି ସମୟରେ ଲୋକମାନେ ଟ୍ରାଫିକ କଟକଣା ମାନି ଚଳପ୍ରଚଳ କରିବାକୁ ଅନୁରୋଧ କରାଯାଇଛି।

# ବଦଳିଲେ ଟିମ୍ ସାଇନ୍ ଲିଡର

ଭୁବନେଶ୍ୱର, ୧୦।୭ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଉତ୍ତର ଜୋନ୍ ଟିମ୍ ସାଇନ୍‌ର ଲିଡରଙ୍କ ବିରୋଧରେ ୨ ମହିଳା କର୍ମଚାରୀ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ଘଟଣାର ତଦନ୍ତ ଆରମ୍ଭ ହୋଇଥିବାବେଳେ ଅଭିଯୋଗ ପଛରେ ଭିନ୍ନ କାରଣ ରହିଥିବା ଚର୍ଚ୍ଚା ହେଉଛି। ତେବେ ଅଭିଯୋଗ ସମ୍ବେଦନଶୀଳ ହୋଇଥିବାରୁ ବିଏମ୍‌ସି ପକ୍ଷରୁ ପ୍ରାରମ୍ଭିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଭିଯୋଗ ଆସିଥିବା ଟିମ୍ ଲିଡରଙ୍କୁ ଉତ୍ତର ଜୋନ୍‌ରୁ ଦକ୍ଷିଣ-ପଶ୍ଚିମ ଜୋନ୍‌କୁ ବଦଳି କରାଯାଇଛି। ଏଥିସହ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ୱିମେନ୍ କମିଟିକୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଟିମ୍ ସାଇନ୍‌ର ୨ଜଣ ମହିଳା କର୍ମଚାରୀ ସମ୍ପୃକ୍ତ ଜୋନ୍‌ରେ ଟିମ୍ ଲିଡରଙ୍କ ନାମରେ ଯୌନ ନିର୍ଯାତନାର ଅଭିଯୋଗ ଆଣିଥିଲେ। ଏନେଇ ସେମାନେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ପରେ କମିଶନର ଏହାର ଗୁରୁତ୍ୱକୁ ଦେଖି ଏକ ତଦନ୍ତ କମିଟି ଗଠନକରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ତଦନ୍ତ ଚାଲିଥିବାବେଳେ ଗୁରୁବାର ଉଭୟ ପକ୍ଷଙ୍କୁ ବିଏମ୍‌ସି ମୁଖ୍ୟାଳୟକୁ ଡକାଇ ପଚରାଉଚରା

**ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ ଘଟଣା**

**ତଦନ୍ତ ଆରମ୍ଭ, ସତ୍ୟତା ନ ଥିବା କହିଲେ ଅଧିକାରୀ**

କରାଯାଇଥିଲା। ତେବେ ଘଟଣାରେ କୌଣସି ସତ୍ୟତା ନ ଥିବା ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସମ୍ପୃକ୍ତ ମହିଳା କର୍ମଚାରୀମାନେ ଠିକ୍ ଭାବେ କାମ କରୁ ନ ଥିବାବେଳେ ଅନେକ ସମୟରେ ପଲିଥିନ୍ ଚେକିଂ ଏବଂ ଅନ୍ୟାନ୍ୟ ସମୟରେ ହାତଗୁଞ୍ଜା ନେଉଥିବା ଅଭିଯୋଗ ହୋଇଥିଲା। ଏପରିକି ସେମାନଙ୍କୁ କାମରେ ଠକୁଥିବା ଦେଖି ବିଏମ୍‌ସି ଆସିଷ୍ଟାଣ୍ଟ କମିଶନର ୨/୪ଦିନ ସେମାନଙ୍କୁ ଅଫିସ୍ ଆସିବାକୁ ମନା କରିଥିଲେ। ବାରମ୍ବାର ଏଭଳି ଘଟଣା ହେବା ପରେ ଏନେଇ ସମ୍ପୃକ୍ତ ଟିମ୍ ଲିଡର ତାଙ୍କୁ ତାଗିଦ୍ କରୁଥିବାରୁ ଏଭଳି ମିଥ୍ୟା ଅଭିଯୋଗ କରାଯାଇଛି। ତେବେ ନିୟମ ଅନୁଯାୟୀ ଟିମ୍ ଲିଡରଙ୍କ ବିରୋଧରେ ଅଭିଯୋଗ ଥିବାରୁ ତାଙ୍କୁ ଅନ୍ୟ ଏକ ଜୋନ୍‌କୁ ବଦଳି କରାଯାଇଛି। ସେହିପରି ସମ୍ପୃକ୍ତ ୨ ମହିଳା କର୍ମଚାରୀ ଏବେ ପୂର୍ବପରି କାମରେ ଯୋଗଦେଇଛନ୍ତି। ଅପରପକ୍ଷେ ଅଭିଯୋଗର ତଦନ୍ତ କରାଯାଇ ଯଥାଶୀଘ୍ର ରିପୋର୍ଟ ପ୍ରଦାନ କରାଯିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି।




ରେଳ ଭଡା ବୃଦ୍ଧି, ରେଳ ଚଳାଚଳରେ ଅହେତୁକ ବିଳମ୍ବ, ପାର୍କିଂ ଫି ବୃଦ୍ଧି ଆଦି ବିରୋଧରେ ଗୁରୁବାର ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକରେ ପ୍ରତିବାଦ ଶୋଭାଯାତ୍ରା ଓ ବିକ୍ଷୋଭ ।

## କର୍ପୋରେଟରଙ୍କୁ 'ସହଯୋଗ' ପ୍ରଶିକ୍ଷଣ

ଭୁବନେଶ୍ୱର, ୧୦।୭ (ବନ୍ଦନା ସେଠୀ)- ବିଏମ୍‌ସି ଅଞ୍ଚଳରେ ସହଯୋଗ ଆପ୍ଲିକେଶନ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନାକୁ କିପରି ଲୋକମାନେ ଉପଯୋଗ କରିପାରିବେ ସେନେଇ ଗୁରୁବାର ବିଏମ୍‌ସି ମୁଖ୍ୟାଳୟରେ ଏକ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ କର୍ପୋରେଟର ପ୍ରଶିକ୍ଷଣ ନେଇଥିଲେ। ଏବେ ଖୋର୍ଦ୍ଧା, ଗଞ୍ଜାମ, ସମ୍ବଲପୁର, ସୁନ୍ଦରଗଡ, କଟକ, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ୪୪ଟି ସ୍ୱାୟତ୍ତ ସଂସ୍ଥା ଏହି ଆପ୍ ସହ ଯୋଡିହେବ। ଏସବୁ ସ୍ୱାୟତ୍ତ ସଂସ୍ଥାରେ ୬୦ପ୍ରତିଶତ ସହରୀ ଗରିବ ଲୋକ ବସବାସ କରୁଛନ୍ତି। ଯେଉଁ ହିତାଧିକାରୀମାନେ ସରକାରଙ୍କ ବିଭିନ୍ନ ଯୋଜନାରୁ ବାଦ୍ ପଡିଥିବେ ସେମାନଙ୍କୁ ଏହି ଆପ୍ ମାଧ୍ୟମରେ ଯୋଡାଯିବ ବୋଲି ସୂଚନା ଦିଆଯାଇଛି। ଏହି ମୋବାଇଲ ଆପ୍ଲିକେଶନ ଓକାକ୍ ପକ୍ଷରୁ ପ୍ରସ୍ତୁତ କରାଯାଇଛି। କର୍ପୋରେଟରମାନେ ଏ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବେ। ପ୍ରତି ଯୋଗ୍ୟ ପରିବାରର ସର୍ଭେ କରାଯିବ। ଆଗାମୀ ଦିନରେ ସବୁ ସ୍ୱାୟତ୍ତ ଶାସନ ସଂସ୍ଥାରେ ଏହି ସର୍ଭେ କାର୍ଯ୍ୟ କରାଯିବ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦାମୋଦର ମିଶ୍ର ଓ ନିକିତା ମିଶ୍ର କର୍ପୋରେଟରମାନଙ୍କୁ ତାଲିମ ଦେଇଥିଲେ। ମେୟର ସୁଲୋଚନା ଦାସ ଅଧକ୍ଷତା କରିଥିବାବେଳେ ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ ଓ ଡେପୁଟି କମିଶନର ଅଜୟ ମହାନ୍ତି ଉପସ୍ଥିତ ଥିଲେ।

## ମଣ୍ଡିବା ସଂକ୍ରମଣ ଅପରେଶନରେ ମଣିପାଲ ହସ୍ପିଟାଲର ସଫଳତା

ଭୁବନେଶ୍ୱର,୧୦।୭(ସୁଚିସ୍ମିତା ସାହୁ)

ସଫଳ ଚିକିତ୍ସା କ୍ଷେତ୍ରରେ ମଣିପାଲ ହସ୍ପିଟାଲ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ୫୦ବର୍ଷ ବୟସର ଗୀତା ରାଣୀ (ଛଦ୍ମନାମ)ଙ୍କର ଉପର ମାଢିରେ ଭୀଷଣ ଯନ୍ତ୍ରଣା ହେଉଥିଲା। ଏପରିକି ସେ ଦୈନନ୍ଦିନ କାର୍ଯ୍ୟ ମଧ୍ୟ କରିପାରୁ ନ ଥିଲେ। ପରେ ତାଙ୍କ ପରିବାର ଲୋକେ ତାଙ୍କୁ ମଣିପାଲ ହସ୍ପିଟାଲକୁ ଆଣିଥିଲେ। ଏଠାରେ ଡେଣ୍ଟାଲ ଓ ମ୍ୟାକ୍ସିଲୋ-ଫେସିଆଲ ସର୍ଜନ ଡାକ୍ତର ହର୍ଷ ମୋହନ ପାଠକଙ୍କ ସହିତ ପରାମର୍ଶ ନେଇଥିଲେ। ଡାକ୍ତରୀ ପରୀକ୍ଷା ପରେ ତାଙ୍କର ବାମ ପାର୍ଶ୍ୱର ଉପର ମଣ୍ଡିବା ହାଡ଼ (ଲେଫ୍ଟ ମ୍ୟାକ୍ସିଲା) ସଂକ୍ରମଣ ଦ୍ୱାରା ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ଜଣାପଡିଥିଲା। ଏଥିରୁ ପୂଯ ପଡୁଥିଲା ଏବଂ ମ୍ୟାକ୍ସିଲା ଓ ମ୍ୟାକ୍ସିଲେରି ସାଇନସରୁ ଡ୍ରେନ୍ ହେଉଥିଲା। ଏଥିସହି ସେ ହେମୋଲିଟିକ୍ ଆନିମିଆ ରୋଗରେ ପୀଡ଼ିତ ହୋଇଥିଲେ। ଯଥେଷ୍ଟ ଜଟିଳତା ସତ୍ତ୍ୱେ ମଧ୍ୟ ଡା. ପାଠକ ଓ ତାଙ୍କ ଦଳ ରୋଗୀଙ୍କ ଜୀବନ ରକ୍ଷା କରିବା ପାଇଁ ଏକ ସର୍ଜରି ପ୍ଲାନ କରିଥିଲେ। ଏହା ଏକ ସଂପୂର୍ଣ୍ଣ ବାମପାର୍ଶ୍ୱୀୟ ମ୍ୟାକ୍ସଲେକ୍ଟୋମି, ତା'ପରେ ଦୂଷିତ ହାଡ଼ ଓ ଇନ୍‌ଫେକ୍ସନ ସଫା କରିବା ପାଇଁ ଡିବ୍ରାଇଡ୍‌ମେଣ୍ଟ କରାଯାଇଥିଲା। ଏହି ଶଲ୍ୟ ଚିକିତ୍ସା ବିଶେଷ ଜଟିଳ ଥିଲା। ମାଢ଼ିର କାର୍ଯ୍ୟ ଓ ସୌନ୍ଦର୍ଯ୍ୟ ପୁନଃ ସ୍ଥାପିତ କରିବା ପାଇଁ ଗାଲର ତନ୍ତୁ ବ୍ୟବହାର କରାଯାଇ ସର୍ଜିକାଲ ଏରିଆକୁ କାଢ଼ି ଓ ପୁନଃ ନିର୍ମାଣ କରାଯାଇଥିଲା। ଏନେଇ ଡା. ପାଠକ କହିଛନ୍ତି, ଏହି ମାମଲା ଅସାଧାରଣ ଭାବେ ଦୁର୍ଲଭ ଓ ଚ୍ୟାଲେଞ୍ଜିଂ ଥିଲା। ଏହି କେସ୍‌ରେ ଆମକୁ ହେମୋଲିଟିକ ଅନିମିଆ ଓ ପୋଷ୍ଟ-ମୁକରମାଇକୋସିସ୍ ଜଟିଳତା ସହିତ ବହୁ ପ୍ରଣାଳୀ ଗତ ସମସ୍ୟାଗୁଡ଼ିକୁ ଧ୍ୟାନରେ ରଖିବାକୁ ପଡ଼ିଥିଲା। ତେବେ ସାବଧାନ ଯୋଜନା ଓ ଠିକ୍ ଅପରେଶନ ଦ୍ୱାରା ଆମେ ତାଙ୍କର ମାଢ଼ିକୁ ପୁନଃ ସ୍ଥାପିତ କରିପାରିଛୁ। ଏବେ ସେ ଏକ ଯନ୍ତ୍ରଣା ମୁକ୍ତ ଜୀବନ ଅତିବାହିତ କରିବା ସହ ପୂର୍ବଭଳି ସମସ୍ତ ସହିତ ମିଳିମିଶି ପାରୁଛନ୍ତି।

## ବିଏମ୍‌ସି ପକ୍ଷରୁ ଆରମ୍ଭ ହେଲା ଚାରା ରୋପଣ ଅଭିଯାନ

ଭୁବନେଶ୍ୱର, ୧୦।୭ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଚଳିତ ବର୍ଷର ଚାରା ରୋପଣ ଅଭିଯାନ ଗୁରୁବାରଠାରୁ ଆରମ୍ଭ ହୋଇଛି। ବିଏମସି ଏବଂ ବନ ବିଭାଗର ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଉଦଘାଟନ କରି ବୃକ୍ଷର ମହାତ୍ମ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ମା' ଯେପରି ଆମକୁ ଖାଦ୍ୟପେୟ ଦେଇ ବଞ୍ଚାଏ, ବୃକ୍ଷ ମଧ୍ୟ ସେହିପରି ଆମକୁ ବଞ୍ଚାଇ ରଖୁଛି। ତେଣୁ ବ୍ୟାପକ ବୃକ୍ଷ ରୋପଣ ଏବଂ ଜଙ୍ଗଲ ସୃଷ୍ଟି କରିବା ଦରକାର ବୋଲି ମନ୍ତ୍ରୀ କହିଥିଲେ। ମେୟର ସୁଲୋଚନା ଦାସ ମିଆୱାକି ପଦ୍ଧତି କ'ଣ ଏବଂ ଏହାକୁ କାହିଁକି ବିଏମସି ଆପଣାଇଛି ସେ ସମ୍ପର୍କରେ ଅବଗତ କରାଇଥିଲେ। ଗତ ବର୍ଷ ୬ଟି ମିଆୱାକି ଜଙ୍ଗଲ ସୃଷ୍ଟି କରାଯାଇଥିବାବେଳେ ଚଳିତ ବର୍ଷ ୨୦ଟି ମିଆୱାକି ଜଙ୍ଗଲ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏବର୍ଷ ବନ ବିଭାଗ ଓ ବିଏମସି ମିଳିତ ଭାବେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ୨ଲକ୍ଷ ବୃକ୍ଷ ରୋପଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମେୟର ସୂଚନା ଦେଇଛନ୍ତି। 'ମା' ପାଇଁ ଗଛଟିଏ'ର ତାତ୍ପର୍ଯ୍ୟ କହିବା ସହ ଗଛକୁ ମାଆ ପରି ପାଳନ କରିବା ଏବଂ ତାହାର ଯତ୍ନ ନେବାପାଇଁ ଉପସ୍ଥିତ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କୁ ଏକାମ୍ର ବିଧାୟକ ବାବୁ ସିଂ ଅନୁରୋଧ କରିଥିଲେ। ମିଆୱାକି ପଦ୍ଧତିରେ ଜଙ୍ଗଲ ସୃଷ୍ଟି କରିବା ସହିତ ଜଙ୍ଗଲ, ପଶୁପକ୍ଷୀମାନଙ୍କୁ ମଧ୍ୟ ସେମାନଙ୍କର ଖାଦ୍ୟ ଓ ଆବାସସ୍ଥଳ ଯୋଗାଇ ଦେବା ଏହାର ଅନ୍ୟତମ




ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଚାରାରୋପଣ କରି ଅଭିଯାନର ଶୁଭାରମ୍ଭ କରୁଛନ୍ତି।

ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ୍ କହିଛନ୍ତି। ଭୁବନେଶ୍ୱର ନଗର ବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, ଷ୍ଟାଣ୍ଡିଂ କମିଟିର ଅଧକ୍ଷ ରାମଚନ୍ଦ୍ର ରଣସିଂହ, ମହାମାୟା ସ୍ୱାଇଁ, ସ୍ଥାନୀୟ କର୍ପୋରେଟର ସଯୁକ୍ତା ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ପରିବେଶ ସୁରକ୍ଷା, ସବୁଜ ଗୋଖାଦ୍ୟ ପାଇଁ ବନୀକରଣ ଜରୁରୀ

**ଓୟୁଏଟିରେ ବନ ମହୋତ୍ସବ**

ଭୁବନେଶ୍ୱର,୧୦।୭ (ସୁଚିସ୍ମିତା ସାହୁ)

ଓୟୁଏଟିର ପ୍ରାଣୀପାଳନ ଫାର୍ମ ପରିସରରେ ବନ ମହାବିଦ୍ୟାଳୟ ତଥା ସତ୍ୟ ସାଇ ସେବା ପ୍ରତିଷ୍ଠାନ ଓ ସମ୍ବାଦ ସାହିତ୍ୟ ଘର ପକ୍ଷରୁ 'ଓୟୁଏଟି ବନ ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ ଚାରାରୋପଣ କରିଥିଲେ। ପରିବେଶ ସୁରକ୍ଷା ସହିତ ସବୁଜ ଗୋଖାଦ୍ୟ ପାଇଁ ପର୍ଯ୍ୟାପ୍ତ ବନୀକରଣର ଆବଶ୍ୟକତା ରହିଛି। ସମାଜର ବର୍ତ୍ତମାନ ସ୍ଥିତିରେ ପରିବେଶକୁ ସବୁଜ ବନାନୀରେ ପରିପୂର୍ଣ୍ଣ କରିବାକୁ ହେଲେ ପ୍ରତି ବ୍ୟକ୍ତି ବୃକ୍ଷରୋପଣ କରିବା ଜରୁରୀ । ଏହା ଆଗାମୀ ପିଢ଼ିକୁ ଏକ ସୁସ୍ଥ ଓ ସୁରକ୍ଷିତ ସମାଜ ପ୍ରଦାନ କରିବାରେ ସହାୟକ ହେବ ବୋଲି କୁଳପତି କହିଛନ୍ତି । ଏହି ଅବସରରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା। ବିଗତ ଦୁଇ ବର୍ଷ ମଧ୍ୟରେ ଓୟୁଏଟି ଆନୁକୂଲ୍ୟରେ ୮୫୮୦ଟି ଚାରା ରୋପଣ ସହ ଏକ ଜୈବ ବିବିଧତା ଉଦ୍ୟାନ ପ୍ରସ୍ତୁତ କରାଯାଇଛି। କାର୍ଯ୍ୟକ୍ରମରେ ସତ୍ୟସାଇ ସେବା ପ୍ରତିଷ୍ଠାନର ରାଜ୍ୟ ସଭ୍ୟ ସମ୍ପାଦକ ସୁଶାନ୍ତ କୁମାର ପଟ୍ଟନାୟକ, ରାଜ୍ୟ ସଭାପତି ଡ଼. ସତ୍ୟ ସ୍ୱରୂପ ପଟ୍ଟନାୟକ, ସମ୍ବାଦ ସାହିତ୍ୟ ଘରର ରାଜ୍ୟସ୍ତରୀୟ ସଂଯୋଜିକା ଶୁଭଶ୍ରୀ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। କୃଷି ଓ ବନ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ବିଜୟ କୁମାର ମହାପାତ୍ରଙ୍କ ପରିଚାଳନାରେ ପ୍ରାଣୀପାଳନ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ସୁଶେନ କୁମାର ପଣ୍ଡା, ସ୍ନାତକୋତ୍ତର ଅଧକ୍ଷ ପ୍ରଫେସର ଚନ୍ଦ୍ରମଣି ଖଣ୍ଡା, ଅଧକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ସାହୁ ଓ ସମ୍ପ୍ରସାରଣ ଅଧକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।




କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଚାରାରୋପଣ କରୁଛନ୍ତି।

## ଗୁରୁଙ୍କ କଥା ମାନିଲେ ସଫଳ ମଣିଷ ହୋଇପାରିବ

ବାଲିଅନ୍ତା,୧୦।୭(ନୀଳମାଧବ ସାହୁ) ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ଗୁରୁବାର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷା ମନ୍ଦିର ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଭାଜପା ରାଜ୍ୟ ଉପସଭାପତି ଗୋଲକ ପ୍ରସାଦ ମହାପାତ୍ର ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ବେହେରା, ବାବାଜୀ, ପ୍ରଦୀପ ଛୋଟରାୟ, ଶିକ୍ଷୟିତ୍ରୀ ଶାନ୍ତିଲତା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଗୁରୁଙ୍କ କଥା ମାନିଲେ ଛାତ୍ରୀଛାତ୍ର ଭବିଷ୍ୟତରେ ସଫଳ ମଣିଷ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର, ସାମାଜିକ କର୍ମୀ ସ୍ୱାକ୍ଷର ରଞ୍ଜନ ମହାନ୍ତି ଓ ବ୍ରହ୍ମାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁମା' ମମତା ସାମଲ ଧନ୍ୟବାଦ ଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ଛାତ୍ରୀଛାତ୍ର ସମସ୍ତ ଗୁରୁମା' ଗୁରୁଜୀ ଓ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପୂଜାର୍ଚ୍ଚନା କରିଥିଲେ।

## ଓଡ଼ିଆ ସିନେ ଅଭିନେତା ପାର୍ଥ ଗିରଫ

ଭୁବନେଶ୍ୱର,୧୦।୭(ସତ୍ୟଜିତ୍ ରାଉତ)

**କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା**

- ବାରମ୍ବାର ନୋଟିସ୍ ସତ୍ତ୍ୱେ କୋର୍ଟରେ ହାଜର ହେଉ ନ ଥିଲେ
- ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ

ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୩ କୋର୍ଟଙ୍କ ଦ୍ୱାରା ଜାମିନ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଆଧାରରେ ବଡ଼ଗଡ଼ ଥାନା ପୋଲିସ ଓଡ଼ିଆ ସିନେ ଅଭିନେତା ପାର୍ଥସାରଥି ରାୟଙ୍କୁ ଗୁରୁବାର ଗିରଫ କରିଛି। ଗିରଫ ପରେ ପାର୍ଥଙ୍କୁ ପୋଲିସ ଜେଏମ୍‌ଏଫ୍‌ସି-୩ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ୧୪ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରୀ ନୟାପଲ୍ଲୀ ନୂଆସାହି ଅଞ୍ଚଳର ସ୍ୱାଗତ ରାଜଦର୍ଶୀଙ୍କ ପକ୍ଷରୁ ଆଇନଜୀବୀ ସଞ୍ଜୟ କୁମାର ପଣ୍ଡା କୋର୍ଟରେ ୨୦୨୪ ସେପ୍ଟେମ୍ବର ୨୭ରେ ଏକ କମ୍ପ୍ଲେଣ୍ଟ ପିଟିଶନ୍ ଦାଖଲ କରିଥିଲେ। କୋର୍ଟ ଏହି ପିଟିଶନ୍‌କୁ ଗ୍ରହଣ କରି ୱାନ୍‌ସିସି କେସ୍ (ନଂ.୯୮୪/୨୦୨୪) ରୁଜୁ କରିଥିବାବେଳେ ଏଥିରେ ଜଣେ ଓଡ଼ିଆ ଅଭିନେତ୍ରୀ, ତାଙ୍କ ମା'ଙ୍କ ସମେତ ୧୦ ଜଣ ଅଭିଯୁକ୍ତ ରହିଛନ୍ତି। ଏହି ମାମଲାରେ ଆର୍ମସ ଆକ୍ଟ, ଆଇଟି ଆକ୍ଟ ସହ ହତ୍ୟା ଉଦ୍ୟମ, ଦାଦା ବଟି ଆଦାୟ, ଆପରାଧିକ ଷଡ଼ଯନ୍ତ୍ର ଆଦି ଦଫା ଯୋଡ଼ା ଯାଇଛି। କୋର୍ଟରେ ନିଜ ପକ୍ଷ ରଖିବାକୁ ପାର୍ଥଙ୍କୁ ବାରମ୍ବାର ନୋଟିସ୍ ହୋଇଥିଲେ ମଧ୍ୟ ସେ ହାଜର ହୋଇ ନ ଥିଲେ। ଗତ ମେ ୧୯ରେ କୋର୍ଟ ପାର୍ଥଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ।



ପାର୍ଥ ସାରଥି ରାୟ

## ମାସେ ପରେ ଜଣେ ଗିରଫ, ଖଣ୍ଡା ଜବତ

**ରସୁଲଗଡ଼ ଶିଳ୍ପାଞ୍ଚଳ ସଂଘ ସଭାପତିଙ୍କୁ ହତ୍ୟା ଉଦ୍ୟମ ଘଟଣା**

ଭୁବନେଶ୍ୱର,୧୦।୭(ସତ୍ୟଜିତ୍ ରାଉତ)

ରସୁଲଗଡ଼ ଶିଳ୍ପାଞ୍ଚଳ ସଂଘ ସଭାପତି ଶିଳ୍ପପତି ତପନ କୁମାର ସ୍ୱାଇଁଙ୍କୁ ହତ୍ୟା ଉଦ୍ୟମ ମାମଲାରେ ମାସେ ପରେ ଜଣେ ଅଭିଯୁକ୍ତଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳର ଅବିନାଶ କୁମାର ସାହୁ (୩୫)। ଗୁରୁବାର କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅବିନାଶଙ୍କଠାରୁ ବାଇକ୍ ସମେତ ଖଣ୍ଡା, ଲୁହାରଡ଼ ଆଦି ଜବତ ହୋଇଛି। ଏହି ମାମଲାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ବିକାଶ ରାଉତ ଓ ତାଙ୍କ ସହଯୋଗୀମାନଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି ଚଳାଇଛି।

ପୋଲିସଠାରୁ ମିଳିଥିବା ସୂଚନାନୁଯାୟୀ, ରସୁଲଗଡ଼ ଶିଳ୍ପାଞ୍ଚଳରେ ୨ରୁ ୩ଟି କମ୍ପାନୀ ପରିଚାଳନା କରୁଥିବା ତପନ ଇଡ୍‌କୋ ଦ୍ୱାରା ଲିଜ୍ ଦିଆଯାଇଥିବା ଏକ ଜମିକୁ ଅକ୍ତିଆର କରିଥିଲେ। ଏହା ବିକାଶ ରାଉତଙ୍କ ଦ୍ୱାରା ଜବରଦଖଲ କରାଯାଇଥିଲା। ସେ ଏକ ସେବା କେନ୍ଦ୍ର ପରିଚାଳନା କରିବା ସହ ଉକ୍ତ ଜମିରେ ଦୋକାନ ଭଡ଼ା ମଧ୍ୟ ଦେଇଥିଲେ। ତେବେ ଉଚ୍ଛେଦ ପରେ ବିକାଶଙ୍କ ମନରେ କ୍ଷୋଭ ସୃଷ୍ଟି ହୋଇଥିଲା। ଏହାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିପାଇଁ ବିକାଶଙ୍କ ବିରୋଧରେ ପୂର୍ବରୁ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା। ତେବେ ପରେ ତପନଙ୍କୁ ହତ୍ୟା ପାଇଁ ବିକାଶ ଷଡ଼ଯନ୍ତ୍ର କରୁଥିଲେ। ଗତ ଜୁନ ୯ ତାରିଖ ରାତି ପ୍ରାୟ ୮ଟା ୫୦ ବେଳେ ତପନ ନିଜ କାରରେ ବ୍ଲୁ ସର୍କଲ ଇନ୍‌ଷ୍ଟ୍ରୁମେଣ୍ଟ ଅଫିସରୁ ଘରକୁ ଯାଉଥିଲେ। ଅଭିଯୁକ୍ତମାନେ ତାଙ୍କ ଅଫିସ ନିକଟରେ ତପନଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏନେଇ ଏତଲାକ୍ରମେ ଶହୀଦନଗର ପୋଲିସ ମାମଲା (ନଂ.୨୭୫/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

## ମୁଖ୍ୟ ଅଭିଯୁକ୍ତ ଟୁଲୁଙ୍କୁ ନେଇ କ୍ରାଇମସିନ୍ ରିକ୍ରିଏଟ୍

ଭୁବନେଶ୍ୱର,୧୦।୭(ସତ୍ୟଜିତ୍ ରାଉତ)

**ବିଲ୍ଡର ସସ୍ମିତ ବିଶ୍ୱାଳ ହତ୍ୟା ଘଟଣା**

ଜମି ବିବାଦକୁ କେନ୍ଦ୍ର କରି ଏୟାରଫିଲ୍ଡ ଥାନା ଅଞ୍ଚଳ ପ୍ରଧାନସାହି ନିକଟ କାଜୁ ଜଙ୍ଗଲରେ ବିଲ୍ଡର ସସ୍ମିତ ବିଶ୍ୱାଳ ଓରଫ ଟିନୁ(୪୭)ଙ୍କୁ ହତ୍ୟା ଘଟଣାରେ ପୋଲିସ ଅଧିକ ଖୋଳତାଡ଼ କରୁଛି। ଏହି ଘଟଣାରେ ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଟିମ୍ ହତ୍ୟାକାଣ୍ଡସ୍ଥଳକୁ ନେଇ ଗୁରୁବାର କ୍ରାଇମସିନ୍ ରିକ୍ରିଏଟ୍ କରିଛି। ଡେମୋ ଦେଖାଇଥିବା ଅଭିଯୁକ୍ତ ହେଲେ ପ୍ରଧାନସାହିର ଟୁଲୁ ମହାନ୍ତି। ସେ ହତ୍ୟାକାଣ୍ଡ ପରେ ଫେରାର ହୋଇଯାଇଥିଲେ। ଜୁଲାଇ ୧ ତାରିଖରେ କୋର୍ଟରେ ଆତ୍ମ ସମର୍ପଣ କରିଥିଲେ। ପୋଲିସ ତାଙ୍କୁ ବୁଧବାରଠାରୁ ଦୁଇ ଦିନିଆ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିଥିଲା। ବୁଧବାର ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ବାଡ଼ି ଜବତ ହୋଇଥିଲା। ଟୁଲୁଙ୍କୁ ପୋଲିସ ଟିମ୍ ସୋମବାର କାଜୁଜଙ୍ଗଲକୁ ନେଇଥିବା ବେଳେ ସେଠାରେ ସେ ହାତ ଠାରି ହତ୍ୟାର ଡେମୋ ଦେଖାଇଥିଲେ। ଟୁଲୁଙ୍କୁ ପୁଣି କୋର୍ଟରେ ହାଜର କରାଯିବା ପରେ ସେ ଜେଲ ଯାଇଛନ୍ତି। ଏହି ମାମଲାରେ ଗିରଫଦାରି ସଂଖ୍ୟା ୬ରେ ପହଞ୍ଚିଥିବାବେଳେ ଅନ୍ୟ ଫେରାର ସହଅଭିଯୁକ୍ତମାନଙ୍କୁ ପୋଲିସ ଧରିବାକୁ ଖୋଜାଖୋଜି ଚଳାଇଛି। ସୂଚନାଯୋଗ୍ୟ, ମାର୍ଚ୍ଚ ୧୧ ସକାଳେ ସସ୍ମିତ ସ୍କୁଟି ଯୋଗେ ପ୍ରଧାନ ସାହି ମୌଜାସ୍ଥିତ ନିଜ ପ୍ଲଟକୁ ଯାଉଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ପିଟିପିଟି ହତ୍ୟା କରିଥିଲେ।

## ଦୋଷୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୧୦।୭(ସତ୍ୟଜିତ୍ ରାଉତ)

**ନାବାଳିକାଙ୍କୁ ବଳାତ୍କାର ମାମଲା**

ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ମାମଲାରେ ଭୁବନେଶ୍ୱର ଆଡହକ୍ ଅତିରିକ୍ତ ଦୌରା ଜଜ ତଥା ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର କୋର୍ଟ-୧(ପୋକ୍‌ସୋ) ଗୁରୁବାର ରାୟ ପ୍ରକାଶ କରିଛନ୍ତି। ବରମୁଣ୍ଡା ଅଞ୍ଚଳରେ ଏକ ବସ୍ତିରେ ରହୁଥିବା କଟକ ଜିଲା ବଡ଼ମ୍ବା ଅଞ୍ଚଳର ରାଜା ମଲ୍ଲିକ (୨୧) ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ତାଙ୍କୁ ୨୦ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ୫ ହଜାର ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସର କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ସରୋଜ କୁମାର ସାହୁ ରାୟରେ କହଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଅପରାଧ ସମୟରେ ପୀଡ଼ିତାଙ୍କୁ ୧୭ବର୍ଷ ହୋଇଥିଲା। ଅଭିଯୁକ୍ତ ପଡ଼ୋଶୀ ରାଜା ପୀଡ଼ିତାଙ୍କୁ ଭଲ ପାଉଥିଲେ ଏବଂ ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ୨୦୨୦ ଜୁଲାଇ ୧୮ ଭୋର ପ୍ରାୟ ୪ଟାରେ ଘରୁ ଅପହରଣ କରି ନେଇ ଯାଇଥିଲେ। ଏତଲାକ୍ରମେ ଖଣ୍ଡଗିରି ଥାନା ପୋଲିସ ମାମଲା (ନଂ.୪୨୫/୨୦୨୦)ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ସମୟରେ ସେହିବର୍ଷ ଅକ୍ଟୋବର ୨୪ରେ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିବା ବେଳେ ରାଜାଙ୍କୁ ଏହାର ୩ଦିନ ପରେ ବରମୁଣ୍ଡା ଅଞ୍ଚଳରୁ ଗିରଫ କରାଯାଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ପରେ କୋର୍ଟ ଶୁଣାଣି ଆରମ୍ଭ କରିଥିଲେ। ଅଦାଲତ ୧୪ ଜଣଙ୍କ ସାକ୍ଷ୍ୟ ଓ ୭୩ଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ରାୟ ଶୁଣାଇଛନ୍ତି। ଅନ୍ୟପକ୍ଷରେ କୋର୍ଟ କ୍ଷତିପୂରଣ ବାବଦକୁ ୩.୫୦ ଲକ୍ଷ ଟଙ୍କା ପୀଡ଼ିତାଙ୍କୁ ଦେବାକୁ ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ରାଜୀବ ସାସ୍ମଲ ଓ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ବଳରାମ ଦେଓ ମାମଲା ପରିଚାଳନା କରୁଥିଲେ।

## ସଂକ୍ଷେପରେ

### ୩ ରାଜପଥ ଲୁଟେରା ଗିରଫ, ୨ ଗାଡ଼ି ଜବତ

ଯାଁଳା,୧୦।୭(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ପୋଲିସ ୩ଜଣ ରାଜପଥ ଲୁଟେରାଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସିଦ୍ଧାନ୍ତ ପ୍ରଧାନ ଓରଫ ପିଣ୍ଟୁ, ଦୁର୍ଗା ପ୍ରସାଦ ଭୂୟାଁ ଓରଫ ଗୁଗୁଲ ଏବଂ ବଳଭଦ୍ର ପ୍ରଧାନ ଓରଫ ବଳିଆ। ସେମାନଙ୍କ ନିକଟରୁ ଦୁଇଟି ଗାଡ଼ି ଜବତ କରାଯାଇଛି। ସୂଚନା ମୁତାବକ, ରଞ୍ଜିତ ଦାସ ଜଣେ ରାଜମିସ୍ତ୍ରି। ଗତ ଜୁନ ୨୫ ରାତି ପ୍ରାୟ ୧ଟାରେ ରଞ୍ଜିତ କଳିଙ୍ଗନଗରରୁ ରାଜମିସ୍ତ୍ରି କାମ ସାରି ଘରକୁ ଫେରୁଥିଲେ। ଯାଁଳା ଫ୍ଲାଏଓଭର ଦେଇ ଯାଉଥିବା ବେଳେ ଦୁଇଟି ବାଇକରେ ଚାରି ଜଣ ଯୁବକ ଆସି ତାଙ୍କୁ ଅଟକାଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣ ରଞ୍ଜିତଙ୍କୁ ଅତିକ୍ରମ କରି ରାସ୍ତା ଆଗରୁ ଅବରୋଧ କରିଥିଲେ ଏବଂ ଅନ୍ୟ ଦୁଇଜଣ ପଛରୁ ଆସିଥିଲେ। ଲୁଟେରାମାନେ ରଞ୍ଜିତଙ୍କ ବାଇକର ଚାବି ଟାଣି ନେବା ସହ ତାଙ୍କ ସୁନାଚେନ ଏବଂ ୩ ହଜାର ୫ଶହ ଟଙ୍କା ଛଡ଼ାଇନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ରଞ୍ଜିତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଥିଲା।

### ଭିଡିଓ ଜର୍ନାଲିଷ୍ଟ ବିଜୟଙ୍କ ପରଲୋକ

ଖୋର୍ଦ୍ଧା,୧୦।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପର ସାହିର ଭିଡିଓ ଜର୍ନାଲିଷ୍ଟ ବିଜୟ ଦଳେଇଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୫୦ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ଖୋର୍ଦ୍ଧା ସାମ୍ବାଦିକ ମହଲରେ ଶୋକର ଛାୟା ଖେଳିଯାଇଛି। ୨୦୦୦ ମସିହାରୁ ୨୦୧୭ ପର୍ଯ୍ୟନ୍ତ ସେ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମରେ ଭିଡିଓ ଜର୍ନାଲିଷ୍ଟ ଭାବେ କାର୍ଯ୍ୟ କରିଥିଲେ। ବହୁ ଖବରଦାତା ପହଞ୍ଚି ତାଙ୍କ ଶେଷ ଦର୍ଶନ କରଥିଲେ। ସ୍ଥାନୀୟ ଟିଏଲ୍‌ସି ସ୍ଥିତ ଆଦର୍ଶ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ବିୟୋଗରେ ଉତ୍କଳ ସାମ୍ବାଦିକ ସଂଘ, ଓଡ଼ିଶା ଜର୍ନାଲିଷ୍ଟ ଆସୋସିଏଶନ, ଓଡ଼ିଶା ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ, ଜିଲା ପ୍ରେସ କ୍ଲବର ଖବରଦାତାମାନେ ଶୋକବ୍ୟକ୍ତ କରିଛନ୍ତି।

### ମା' ବନଦୁର୍ଗା ଗୁରୁକୁଳମ ଉଦ୍‌ଘାଟିତ

ନିରାକାରପୁର,୧୦।୭ (ମାନସ ଚନ୍ଦ୍ର ପଟ୍ଟନାୟକ)

ରାମେଶ୍ୱରସ୍ଥିତ ମା'ବନଦୁର୍ଗାଙ୍କ ପୀଠରେ ମା'ବନଦୁର୍ଗା ଗୁରୁକୁଳମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ବିଶ୍ୱନାଥ ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ଚକ୍ରଧର ତ୍ରିପାଠୀ, ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ହିମାଂଶୁ ଭୂଷଣ ଚମ୍ପତିରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିବା ବେଳେ ଅଧ୍ୟାପକ ଡ.ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ବେଦ ବିଦ୍ୟା ଅଧ୍ୟୟନ ଓ ବୈଦିକ ସଂସ୍କୃତି ପରମ୍ପରା ସୁରକ୍ଷା ଦ୍ୱାରା ବିଶ୍ୱର କଲ୍ୟାଣ, ଦେଶ ଓ ପରିବେଶର ସୁରକ୍ଷା, ସମାଜ ତଥା ବ୍ୟକ୍ତିର ଶାରୀରିକ, ମାନସିକ, ଆଧ୍ୟାତ୍ମିକ, ଭୌତିକ ବିକାଶ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ବେଦ ମୁଖ୍ୟ ସୀତାକାନ୍ତ ଦାଶଙ୍କୁ ଅଧ୍ୟାପକଭାବେ ନିଯୁକ୍ତି ଦିଆଯାଇଛି। ଡ. କୃପାସିନ୍ଧୁ ପଣ୍ଡା, ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଷୀ, ପଣ୍ଡିତ ନଳିନୀ କାନ୍ତ ନନ୍ଦ, ପଣ୍ଡିତ ବସନ୍ତ କୁମାର ପଣ୍ଡା ପ୍ରମୁଖ ମନ୍ଦିର ପରିସରରେ ଚାରାରୋପଣ କରିବା ସହ ସହଯୋଗ କରିଥିଲେ।

# ସମନ୍ୱୟ, ସଚେତନତା ଉପରେ ଗୁରୁତ୍ୱ

## ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା

ଖୋର୍ଦ୍ଧା,୧୦।୭(ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଭାରପ୍ରାପ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଭାରପ୍ରାପ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଜିଲାରେ ମଡେଲ ସୂର୍ଯ୍ୟଘର ଗ୍ରାମ ଚୟନ ନିମନ୍ତେ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଟିପିସିଓଡିଏଲ୍ ମୁଖ୍ୟ ଅଶୋକ ଚୌଧୁରୀ ଯୋଗଦେଇ ଯୋଜନାର ରୂପରେଖ ସମ୍ପର୍କରେ ଅବଗତ କରାଇଥିଲେ। ଭାରତ ସରକାରଙ୍କ ଏହା ଏକ ଅଗ୍ରଣୀ ଯୋଜନା ହୋଇଥିବାରୁ ସ୍ୱଳ୍ପ ଖର୍ଚ୍ଚରେ ଗ୍ରାମ, ପଞ୍ଚାୟତ, ବ୍ଲକ ଏବଂ ଜିଲାସ୍ତରରେ କିଭଳି ସଫଳତାର ସହ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା କାର୍ଯ୍ୟକାରୀ ହୋଇପାରିବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସଭାପତି ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାର ବ୍ୟାପକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। ଲୋକମାନେ ଯୋଜନା ସମ୍ବନ୍ଧରେ ସମସ୍ତ ତଥ୍ୟ ଜାଣିଲେ ଯୋଜନା କାର୍ଯ୍ୟକାରିତା ପ୍ରକ୍ରିୟା ସହଜ ହୋଇପାରିବ। ସେହିପରି ଉପସଭାପତି ଗୋପୀନାଥ ମହାରଣା ଯୋଜନା ସମ୍ପର୍କରେ ଅଧିକ ପ୍ରଚାର, ସଚେତନତା କାର୍ଯ୍ୟକ୍ରମ ଜରୁରୀ ବୋଲି କହିଥିଲେ।

ଭାରପ୍ରାପ୍ତ ଜିଲାପାଳ ପ୍ରଧାନ କହିଥିଲେ ଯେ, ପ୍ରତ୍ୟେକ କାର୍ଯ୍ୟନ୍ୱୟନ ବିଭାଗ ଯଥା ସ୍ୱାସ୍ଥ୍ୟ, ସମାଜ ମଙ୍ଗଳ ବିଭାଗ, କୃଷି ବିଭାଗରେ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଙ୍ଗନୱାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, କୃଷକ ସାଥୀମାନେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାର ହିତାଧିକାରୀ ତଥ୍ୟଜନିତ ପ୍ରଚାରପତ୍ର ତୃଣମୂଳ ସ୍ତରରେ ବାଣ୍ଟିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗ୍ରାମାଞ୍ଚଳରେ ବିଡିଓମାନେ ଏହି କ୍ଷେତ୍ରରେ ମୁଖ୍ୟ ଭୂମିକା ନିର୍ବାହ ସହ ଅଗ୍ରଣୀ ବ୍ୟାଙ୍କ ପରିଚାଳକ ସମସ୍ତ ବ୍ୟାଙ୍କଙ୍କୁ ଏହି ଯୋଜନାରେ ଥିବା ଋଣ ପ୍ରଦାନ ଦିଗରେ ଅବଗତ କରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପଞ୍ଚାୟତସ୍ତରୀୟ ଜନପ୍ରତିନିଧିମାନେ ମଧ୍ୟ ଯୋଜନାର ସଫଳ ରୂପାୟନ ନିମନ୍ତେ ସହଯୋଗ କରିବାକୁ ଗୁରୁତ୍ୱାରୋପ କରିଥିଲେ। ସମନ୍ୱୟ ଏବଂ ସହଭାଗିତାରେ ଯୋଜନାର ସଫଳ ରୂପାୟନ ହୋଇପାରିବ ବୋଲି କହିଥିଲେ। ଅନ୍‌ଲାଇନ ଆବେଦନ ସମ୍ପର୍କରେ ବିସ୍ତୃତ ତଥ୍ୟ ପାୱାର ପଏଣ୍ଟ ଉପକରଣରେ ଟିପିସିଓଡିଏଲ୍ ନିର୍ବାହୀ ଯନ୍ତ୍ରୀ ଇଂ. ପି.କେ ଦାସ ଉପସ୍ଥାପନ କରିଥିଲେ। ଏହି ଯୋଜନାକୁ ୬୦ଦିନ ଭିତରେ କାର୍ଯ୍ୟକାରୀ କରିବାକୁ ଭାରପ୍ରାପ୍ତ ଜିଲାପାଳ ସମସ୍ତ କମିଟି ସଦସ୍ୟ ସଦସ୍ୟା ଏବଂ ଟିପିସିଓଡିଏଲ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓରିଡା ସହକାରୀ ନିର୍ଦ୍ଦେଶକ ମହେଶ୍ୱର ବଡ଼ଜେନା, ଟିପିସିଓଡିଏଲ୍ ଅଧୀକ୍ଷଣ ଯନ୍ତ୍ରୀ ମନୋଜ କୁମାର ଦାସ, ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ମୁଖ୍ୟ ଜିଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଡିପିସି ମିଶନ ଶକ୍ତିର ନିରଞ୍ଜନ ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ବ୍ୟାଙ୍କ ପରିଚାଳକ ଅଜୟ କୁମାର ବେହେରାଙ୍କ ସମେତ ବିଭିନ୍ନ ବ୍ଲକର ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ କମିଟି ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ।

# ପୂର୍ବଶତ୍ରୁତାରୁ ଯୁବକଙ୍କୁ ଗୁଳିମାଡ଼, ଆକ୍ରମଣ

ଖୋର୍ଦ୍ଧା,୧୦।୭(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଦଳେଇପୁଟ ପେଟ୍ରୋଲ ଟାଙ୍କି ନିକଟରେ ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ଗୁଳିମାଡ଼ ସହ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ଦଳେଇପୁଟ ଗ୍ରାମର ଦେବାଶିଷ ସାମନ୍ତସିଂହାର। ତାଙ୍କ ମୁଣ୍ଡ ଓ ପେଟରେ ଗଭୀର ଆଘାତ ଲାଗିଛି। ଖବରପାଇ ପରିବାରଲୋକେ ପହଞ୍ଚି ଦେବାଶିଷଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଦଳେଇପୁଟ ପେଟ୍ରୋଲ ଟାଙ୍କି ନିକଟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ଓ ଠେଲାପେଲା ହୋଇଥିଲା। ଏହି ସମୟରେ ଜଣେ ଯୁବକ ଗୁଳିମାଡ଼ କରିଥିଲେ। ଏପରିକି ଦେବାଶିଷଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ପେଟ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ମଧ୍ୟ କ୍ଷତ ଚିହ୍ନ ରହିଛି। ପରିବାରଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# 'ଶୃଙ୍ଖଳିତ ଶିକ୍ଷା ଓ ଶାଳୀନତା ରକ୍ଷା ସୁନ୍ଦର ଭବିଷ୍ୟତର ମୂଳ ଆଧାର'




ବେଗୁନିଆ,୧୦।୭(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ମହାବିଦ୍ୟାଳୟ ପରିସରରେ ଗୁରୁବାର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୩ ସ୍ନାତକ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସଭାରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ବିଧୁଭୂଷଣ ରାଉତ, ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ, ଉଦିତ୍ ନାରାୟଣ ପାଢୀ, ଅଧ୍ୟାପିକା ସ୍ମୃତିମୟୀ ବସନ୍ତିଆ, ପ୍ରିୟମ୍ବଦା ବେହେରା, ଦେବୀଦେବଯାନୀ ପାଇକରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ନୀତି, ନିୟମ, ଅଧ୍ୟୟନ, ପରୀକ୍ଷା, ନୀତିଶିକ୍ଷା ଓ ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦେବା ଜରୁରୀ। ସେହିପରି ଜାତୀୟ ଶିକ୍ଷା ନୀତି, ରୋଭର ରେଞ୍ଜର,ଏନ୍‌ସିସି, ବିଜ୍ଞାନ ସୋସାଇଟି, ଗ୍ରନ୍ଥାଗାର ଓ ଜାତୀୟ ସେବା ଯୋଜନାର ଫାଇଦା ଉଠାଇବାକୁ ଆହ୍ୱାନ ଦିଆଯାଇଛି। ଅନ୍ୟପକ୍ଷରେ ଶୃଙ୍ଖଳିତ ହେବା ସହ ଆଚରଣ, ବ୍ୟବହାର, ସଞ୍ଜମତା, ଶାଳୀନତା ରକ୍ଷାକରି ସୁନ୍ଦର ଭବିଷ୍ୟତ ଗଠନ ଦିଗରେ ମୂଳ ଆଧାରକୁ ଗୁରୁତ୍ୱ ଦେବାକୁ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସେହିପରି ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ନିଜର ଅଭିଜ୍ଞତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଡ.ସତ୍ୟଜିତ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜୟନ୍ତୀ ପଣ୍ଡା, ବିଶ୍ୱରଞ୍ଜନ ସାହୁ, ସୁଚିସ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ସୌମ୍ୟରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁସ୍ଥ ପରିବେଶ ପାଇଁ ବନୀକରଣ ଜରୁରୀ




କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ, ଏସ୍‌ପି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୧୦।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ ବରୁଣେଇ ରିଜର୍ଭ ଫରେଷ୍ଟ ନିକଟ ଶିଆଳିଆ ପାଟଣା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ ଯେ, ସବୁଜ ହେଉ ଭବିଷ୍ୟତ, ସୁସ୍ଥ ହେଉ ଜୀବନ। ପରିବେଶର ସୁରକ୍ଷା ଏବଂ ସଂରକ୍ଷଣ ସମସ୍ତଙ୍କର ଦାୟିତ୍ୱ। ତେଣୁ ଚାରାରୋପଣ ମାଧ୍ୟମରେ ନୂଆ ବନୀକରଣ ସୃଷ୍ଟି କରିବା ଜରୁରୀ। ଏହି ବର୍ଷା ଋତୁରେ ମା'ଙ୍କ ନାମରେ ଗଛଟିଏ ଲଗାଇବା ଏବଂ ପରିବେଶକୁ ସବୁଜ, ସୁନ୍ଦର ଓ ସୁରକ୍ଷିତ ରଖିବା। ସବୁଜ ଏବଂ ସୁସ୍ଥ ପୃଥିବୀ ପାଇଁ ଚାରାରୋପଣ କେବଳ ଏକ ଦାୟିତ୍ୱ ନୁହେଁ, ଏହା ଆମ ପ୍ରତିଶ୍ରୁତି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦେଶବ୍ୟାପୀ ଚାଲିଥିବା ମା'ଙ୍କ ପାଇଁ ଗଛଟିଏ ସାମୂହିକ ଚାରାରୋପଣର ଦ୍ୱିତୀୟ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଚଳିତ ବର୍ଷ ୭.୫ କୋଟି ଚାରା ମା'ଙ୍କ ପାଇଁ ଗଛଟିଏରେ ରୋପଣ କରାଯିବ। ଏହି କାର୍ଯ୍ୟକ୍ରମ ବେଗୁନିଆର ବିଧାୟକ ପ୍ରଦୀପ କୁମାର ସାହୁ, ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ଖୋର୍ଦ୍ଧା ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ଜିଲା ପରିଷଦ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଏସ୍‌ପି ସାଗରିକା ନାଥ, ବନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ଚାରାରୋପଣ କାର୍ଯ୍ୟକ୍ରମରେ ସେଣ୍ଟର ଫର ଏନଭାରମେଣ୍ଟ ଷ୍ଟଡି ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଏଥି ଅବସରରେ ପ୍ରକୃତି ବନ୍ଧୁ ଓ ଭିଏସ୍‌ଏସ୍ ସଦସ୍ୟମାନଙ୍କୁ ପୁରସ୍କୃତ କରାଯାଇଥିଲା। ସବୁଜ ଖୋର୍ଦ୍ଧା ମିଶନ ଅଧୀନରେ ଜୁଲାଇ ୧୦ରୁ ଅଗଷ୍ଟ ୩୧ମଧ୍ୟରେ ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ ୧ଲକ୍ଷ ଚାରାରୋପଣ କରାଯିବାକୁ ସ୍ଥିର କରାଯାଇଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

### ସ୍କୁଟି ଧକ୍କାରେ ବୃଦ୍ଧା ଗୁରୁତର

ଟାଙ୍ଗୀ,୧୦।୭(ରଘୁନାଥ ସାହୁ)

୧୬ନଂ. ଜାତୀୟ ରାଜପଥର ନାରୁଣୀଠାରେ ରାସ୍ତା ପାର ହେଉଥିବା ବେଳେ ସ୍କୁଟି ଧକ୍କାରେ ଜଣେ ବୃଦ୍ଧା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନାରୁଣୀ ନିକଟ ଗୋରଡ଼ାଙ୍ଗରି ଗ୍ରାମର ମାଙ୍ଗା ପ୍ରଧାନ(୬୫)। ତାଙ୍କର ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ନାରୁଣୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି।

### ସତ୍ୟନାରାୟଣଙ୍କୁ ପ୍ରକୃତିବନ୍ଧୁ ସମ୍ମାନ

ବୋଲଗଡ଼,୧୦।୭(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ରାସୋଳ ଗ୍ରାମର ସାମାଜିକକର୍ମୀ ସତ୍ୟ ନାରାୟଣ ବାରିକଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଦୀର୍ଘ ୭ବର୍ଷ ମଧ୍ୟରେ ସେ ୨ହଜାରରୁ ଉର୍ଦ୍ଧ୍ୱ ଚାରାରୋପଣ କରିବା ସହ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ଚାରାବଣ୍ଟନ ଓ ପରିବେଶ ସୁରକ୍ଷା, ଜଙ୍ଗଲ ରକ୍ଷାର ବାର୍ତ୍ତା ବାଣ୍ଟୁଛନ୍ତି। ଆୟୋଜିତ ଏହି ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥିଭାବେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ଏସ୍‌ପି ସାଗରିକା ନାଥ, ଡିଏଫ୍‌ଓ ଲାଡେ ଗଜାନନ ଦୟାନନ୍ଦ, ଜିଲାପରିଷଦ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱର ବିଜ୍ଞାନ ଏକ ଚମତ୍କାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଟାଙ୍ଗୀ,୧୦।୭(ରଘୁନାଥ ସାହୁ)

ଚାନ୍ଦପୁରସ୍ଥିତ ଅପସରା ମଣ୍ଡପଠାରେ ରାଜ୍ୟସ୍ତରୀୟ ସ୍ୱରବିଜ୍ଞାନ ଏକ ଚମତ୍କାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଗୁରୁ ଗଙ୍ଗାଧର ପ୍ରଧାନଙ୍କ ପ୍ରଶିକ୍ଷଣରେ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରାୟ ୫୦ଜଣ ପୁରୁଷ, ମହିଳା, ଛାତ୍ରୀଛାତ୍ର ଓ ପିଲାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅତିଥିଭାବେ ପୂର୍ବତନ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୁରୁ ପ୍ରଧାନ ଭଗବାନ ଶିବ, ମାତା ପାର୍ବତୀ ଦେଇଥିବା ଜ୍ଞାନ ହିଁ ସ୍ୱରବିଜ୍ଞାନ ବୋଲି ପ୍ରକାଶ କରି ଶ୍ୱାସକ୍ରିୟା ମାଧ୍ୟମରେ ଜ୍ଞାନବୃଦ୍ଧି ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ସହିତ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିବାର ଏକମାତ୍ର ପାଥେୟ ବୋଲି ଦିଗ୍‌ଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ବାଲୁଗାଁ ମହାବିଦ୍ୟାଳୟର ଇଂଲିଶ ଅଧ୍ୟାପିକା ଡ.ମୋନାଲିସା ମାନସିଂହ ଯୋଗଦେଇ ସ୍ୱର ବିଜ୍ଞାନ ମାଧ୍ୟମରେ ଶ୍ୱାସପ୍ରଶ୍ୱାସ ନିୟନ୍ତ୍ରଣ କରିବା ସହ ଶରୀର ସୁସ୍ଥ ଅନୁଭବ କରିବ ବୋଲି ସୂଚନା ଦେବା ସହ ପ୍ରଶିକ୍ଷକ ଗୁରୁ ପ୍ରଧାନଙ୍କୁ ସାଧୁବାଦ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିଶୁ ସାହିତ୍ୟିକ ଶିବ ପ୍ରସାଦ ସାହୁ ଏବଂ ପ୍ରଦୀପ କୁମାର ସେନାଗୁପ୍ତ ପରିଚାଳନା କରିଥିଲେ।

# ଭୁଲ୍ ଅଲଟ୍ରାସାଉଣ୍ଡ ରିପୋର୍ଟ ପ୍ରଦାନ ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ଦାବି, ତଦନ୍ତ ନିର୍ଦ୍ଦେଶ

ଖୋର୍ଦ୍ଧା,୧୦।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରରେ ବହୁ ଘରୋଇ ଡାଇଗ୍ନୋଷ୍ଟିକ ସେଣ୍ଟର ଖୋଲିଛି। ଆବଶ୍ୟକ ଭିତ୍ତିଭୂମି ନ ଥିବା ବେଳେ, ବିନା ବିଶେଷଜ୍ଞ ଡାକ୍ତରରେ ଡାଇଗ୍ନୋଷ୍ଟିକ ସେଣ୍ଟରଗୁଡିକ ଚାଲିଥିବା ଅଭିଯୋଗ ହେଉଛି। ଏପରିକି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଲାଗି ଏକାଧିକ ଡାଇଗ୍ନୋଷ୍ଟିକ ସେଣ୍ଟର ରହିଛି। ଅନେକ ସମୟରେ ରୋଗୀଙ୍କୁ ଭୁଲ ରିପୋର୍ଟ ଦିଆଯାଉଥିବା ଅଭିଯୋଗ ହେଉଛି। ଏହିକ୍ରମରେ ଏକ ଡାଇଗ୍ନୋଷ୍ଟିକ ସେଣ୍ଟର ଭୁଲ ଅଲଟ୍ରାସାଉଣ୍ଡ ରିପୋର୍ଟ ପ୍ରଦାନ କରିଥିବା ନେଇ ଜଣେ ବ୍ୟକ୍ତି ବୁଧବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଓ ଆଣ୍ଡ ପିଏଚଓ) ଡା.ସଞ୍ଜୟ କୁମାର ରାୟଙ୍କ ନିକଟରେ ଲିଖିତ ଅଭିଯୋଗ କରଛନ୍ତି। ଘଟଣା ନିରପେକ୍ଷ ତଦନ୍ତ ସହ ସମ୍ପୃକ୍ତ ଡାଇଗ୍ନୋଷ୍ଟିକ ସେଣ୍ଟର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଡା.ରାୟ ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ଏହାର ତଦନ୍ତ କରାଯିବ।

ଅଭିଯୋଗରେ ଉଲ୍ଲେଖ ରହିଛି ଯେ, ବୋଲଗଡ଼ ଇଛାପୁର ଗ୍ରାମର ମହମ୍ମଦ ଜାକିରଉଦ୍ଦିନ ଖାନ ଗତ ୫ତାରିଖରେ ତାଙ୍କ ୧୦ବର୍ଷ ଝିଅର ଦେହ ଅସୁସ୍ଥତା କାରଣରୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରିଥିଲେ। ଡାକ୍ତର ଅଲଟ୍ରାସାଉଣ୍ଡ କରି ରିପୋର୍ଟ ଦେଖାଇବାକୁ ପରାମର୍ଶ ଦେଇଥିଲେ। ସେହିଅନୁସାରେ ଜାକିର ଉଦ୍ଦିନ ଚଣ୍ଡିତୁଆ ଛକ ନିକଟରେ ଥିବା ଏକ କେନ୍ଦ୍ରରେ ଅଲଟ୍ରା ସାଉଣ୍ଡ କରାଇଥିଲେ। ଅଲଟ୍ରାସାଉଣ୍ଡ ରିପୋର୍ଟରେ ଉଲ୍ଲେଖଥିଲା ଯେ, ତାଙ୍କ ଝିଅର କିଡ଼ନୀରେ ଷ୍ଟୋନ ଓ ବାମପଟ ଛାତିରେ ମାଡ଼ ହୋଇ ରକ୍ତ ପିଣ୍ଡୁଳା ଜମି ରହିଛି ଏବଂ ଆପେଣ୍ଡିସାଇଟ ସନ୍ଦେହ ରହିଛି। ତେଣୁ ତୁରନ୍ତ ଝିଅର ଅପରେସନ ନ କଲେ ତା ଜୀବନ ପ୍ରତି ବିପଦ ରହିଥିବା ପରିଚାଳକ ଜାକିର ଉଦ୍ଦିନଙ୍କୁ କହିଥିଲେ। ପରେ ତାଙ୍କର ଜଣେ ବନ୍ଧୁଙ୍କ ପରାମର୍ଶକ୍ରମେ ସେ ଝିଅକୁ ନେଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଡାକ୍ତରଙ୍କୁ ଦେଖାଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏକ ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ଝିଅ ପୁନର୍ବାର ଅଲଟ୍ରାସାଉଣ୍ଡ କରାଇବା ପରେ ରିପୋର୍ଟରେ ସବୁ ଠିକ୍ ଥିବା ନେଇ ଦର୍ଶାଯାଇଥିଲା ଏବଂ ଖୋର୍ଦ୍ଧାରେ ହୋଇଥିବା ରିପୋର୍ଟ ଭୁଲ ବୋଲି ପ୍ରମାଣିତ ହୋଇଥିଲା। ଏହାର ତଦନ୍ତ ସହ ସମ୍ପୃକ୍ତ କେନ୍ଦ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜାକିର ଉଦ୍ଦିନ ଦାବି କରିଛନ୍ତି।

### ଗୁରୁପୂର୍ଣ୍ଣମୀ ପାଳିତ

ଜଟଣୀ,୧୦।୭(ରବିନ୍ଦ୍ରନାଥ ମହାକୁଡ଼)

ଜଟଣୀ ସହର ଓ ପାଖଆଖ ଅଞ୍ଚଳରେ ଗୁରୁପୂର୍ଣ୍ଣମୀ ପାଳିତ ହୋଇଯାଇଛି। ରାମଚନ୍ଦ୍ରପୁର ବଜାରସ୍ଥିତ ସାଇ ବିହାର ଶ୍ରୀସରି ସାଇ ମନ୍ଦିର, ଲୋକକଲୋନୀ, ଟ୍ରାଫିକ କଲୋନୀ, ଗଜପତି ନଗର, କୁଦିଆରୀ, ହାଟବଜାର ଆଦି ସାଇ ମନ୍ଦିରରେ ଗୁରୁ ପୂର୍ଣ୍ଣମୀ ହୋଇଯାଇଛି। ସାଇ ବିହାର ଶିରିଡି ସାଇ ମନ୍ଦିର କମିଟି ପକ୍ଷରୁ ମନ୍ଦିରରେ ସକାଳେ କାକଡ଼ ଆଳତି, ପୂର୍ବାହ୍ନରେ ଗଣପତି ହୋମ, ଗାୟତ୍ରୀ ହୋମ, ଦତ୍ତାତ୍ରେୟ ହୋମ, ସାଇ ହୋମ, ବିଷ୍ଣୁ ସହସ୍ର ନାମ, ଭଜନ, ସନ୍ଧ୍ୟାରେ ସନ୍ଧ୍ୟା ଧୂପ ଏବଂ ଆଳତି ଏବଂ ରାତିରେ ଶେଜ ଆଳତି ହୋଇଥିଲା।

# ରାଣୀପୁରରେ ଥମୁନି ଝାଡ଼ାବାନ୍ତି, ଆଉ ୨ଆକ୍ରାନ୍ତ

ଜଟଣୀ,୧୦।୭(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ୍ ଅନ୍ତର୍ଗତ ବେଣାପଞ୍ଜରୀ ପଞ୍ଚାୟତର ରାଣୀପୁରରେ ଥମୁନି ଝାଡ଼ାବାନ୍ତି। ଗୁରୁବାର ଆଉ ଦୁଇ ଜଣ ଆକ୍ରାନ୍ତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୂର୍ବରୁ ୧୬ଜଣ ଆକ୍ରାନ୍ତ ହୋଇଥିବା ବେଳେ ବିଭିନ୍ନ ହସ୍ପିଟାଲରେ ୧୩ଜଣ ଚିକିତ୍ସିତ ହୋଇ ସୁସ୍ଥ ହୋଇ ଫେରିଥିଲେ। ଅନ୍ୟ ୨ଜଣ ଚିକିତ୍ସାଧୀନ ଥିବା ବେଳେ ଆଉ ଜଣେ ଆକ୍ରାନ୍ତ ତଥା ଏକାଧିକ ରୋଗରେ ପୀଡ଼ିତ ଥିବା ବିଚିତ୍ରାନନ୍ଦ ମାହାନାଙ୍କ ମୃତ୍ୟୁ ହୋଇଛି। ତେବେ ବିଚିତ୍ରାନନ୍ଦଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ମଲ୍ଟିପର୍‌ପୋଜ ହେଲ୍‌ଥ ସୁପରଭାଇଜର ସୁବ୍ରତ କୁମାର ରାୟ କହିଥିଲେ।

ସୂଚନାଥାଉ କି, ଗତ ୫ ତାରିଖରେ ରାଣୀପୁର ଗ୍ରାମରେ ୬ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଏହା ପରେ ୬ତାରିଖରେ ଉକ୍ତ ଗ୍ରାମର ୫ଜଣ, ୭ ତାରିଖରେ ୩ଜଣ ଏବଂ ବୁଧବାର ୨ଜଣ ଆକ୍ରାନ୍ତ ହୋଇଛନ୍ତି। ତେବେ ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣ ଚିକିତ୍ସାଧୀନ ଥିବା ବେଳେ ଅନ୍ୟମାନେ ସୁସ୍ଥ ହୋଇ ଫେରିଛନ୍ତି। ପ୍ରଦୂଷିତ ପାଣି ପିଇବା ଯୋଗୁ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଆଶଙ୍କା କରାଯାଉଛି। ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରିବା ସହ ହାଲୋଜିନ ଔଷଧ, ଓଆରଏସ ଆଦି ପ୍ରଦାନ କରୁଛି। ଘରକୁ ଘର ବୁଲି ନଳକୂପ, କୂଅ, ରାସ୍ତା ଆଦି ସ୍ଥାନରେ ବ୍ଲିଚିଂ ପକାଯାଉଛି। ସେହିପରି ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପଠାଯାଇଛି। ଯେଉଁମାନେ ଏଭଳି ରୋଗରେ ଆକ୍ରାନ୍ତ ଅଛନ୍ତି, ସେମାନେ ତୁରନ୍ତ ଚିକିତ୍ସା କରାଇ ଔଷଧ ଖାଆନ୍ତୁ ବୋଲି ସଚେତନ କରାଯାଉଛି।

# ପରିତ୍ୟକ୍ତ ଅବସ୍ଥାରେ ବ୍ଲକ୍ ଷ୍ଟାଫ୍ କ୍ୱାର୍ଟର



- ଭାଙ୍ଗିରୁଜି ଗଲାଣି କବାଟ, ଝରକା
- ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

ଟାଙ୍ଗୀ,୧୦।୭(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓଙ୍କ କ୍ୱାର୍ଟର ସମେତ ୧୨ଟି ଷ୍ଟାଫ କ୍ୱାର୍ଟର୍ସ ରହିଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଅଧିକାରୀ ଏବଂ କର୍ମଚାରୀଙ୍କ ରହିବା ପାଇଁ ଏହି କ୍ୱାର୍ଟର୍ସ ନିର୍ମାଣ କରାଯାଇଥିଲା। ତେବେ ଏହି କ୍ୱାର୍ଟର୍ସରେ କେହି ରହୁ ନ ଥିବାରୁ ଅନାବନା ଗଛଲତା ମାଡ଼ିଗଲାଣି। ଏପରିକି ଏହାର କବାଟ, ଝରକା ନଷ୍ଟ ହେବା ସହ ଆଜବେଷ୍ଟସ ଭାଙ୍ଗିରୁଜି ଗଲାଣି। ଏହି ପରିତ୍ୟକ୍ତ ଘର ଏବେ ସରୀସୃପଙ୍କ ନିରାପଦ ବାସସ୍ଥଳୀ ପାଲଟିଛି। ପ୍ରକାଶ ଯେ, ଅଧିକାରୀ ଏବଂ କର୍ମଚାରୀମାନେ ହେଡ୍‌କ୍ୱାର୍ଟରରେ ରହିବା ପାଇଁ ସରକାରୀ ନିୟମ ରହିଛି। କାର୍ଯ୍ୟାଳୟ ନିକଟରେ ରହିଲେ କାର୍ଯ୍ୟାଳୟକୁ ଠିକ୍ ସମୟରେ ଆସିବା ଏବଂ ଫେରିବା ନିର୍ଦ୍ଧାରିତ ସମୟରେ ହେବା ସହ କାର୍ଯ୍ୟ ଠିକ୍ ଭାବେ ହୋଇପାରନ୍ତା। କିନ୍ତୁ କୌଣସି ଅଧିକାରୀ କିମ୍ୱା କର୍ମଚାରୀମାନେ ଏହି ନିୟମ ମାନୁ ନାହାନ୍ତି। ପିଲାମାନଙ୍କ ଶିକ୍ଷା ଆଳରେ ବାହାରେ ଭଡ଼ାରେ ରହିବାକୁ ପସନ୍ଦ କରୁଛନ୍ତି। ଟାଙ୍ଗୀ ବ୍ଲକ ସଦରମହକୁମାରେ ଥିବା ସବରେଜିଷ୍ଟ୍ରାର କାର୍ଯ୍ୟାଳୟ, ସବ୍ ଟ୍ରେଜେରୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀ ଚିକିତ୍ସାଳୟ, ବ୍ଲକ, ତହସିଲ କାର୍ଯ୍ୟାଳୟ, ବଳରାମ ଦେବ ବିଦ୍ୟାପୀଠ, ସରକାରୀ ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ବିଦ୍ୟାଳୟ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ, ପୂର୍ତ୍ତବିଭାଗ, ଗ୍ରାମ ଉନ୍ନୟନ, ଜଳସମ୍ପଦ କାର୍ଯ୍ୟାଳୟ ପରିସରରେ ଥିବା କ୍ୱାର୍ଟର୍ସଗୁଡ଼ିକ ଖାଲି ପଡ଼ିଛି। ସମସ୍ତ ଅଧିକାରୀ, କର୍ମଚାରୀ କାର୍ଯ୍ୟାଳୟ ପରିସରରେ ଥିବା କ୍ୱାର୍ଟରରେ ରହିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଶିକ୍ଷୟିତ୍ରୀଙ୍କ ବଦଳି ଯୋଗୁ ପିଲାଙ୍କୁ ସ୍କୁଲ ପଠାଇଲେନି ଅଭିଭାବକ

ବଲଙ୍ଗା,୧୦।୭(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ପିପିଲି ଶିକ୍ଷା ଅଧିକାରୀ ଅନ୍ତର୍ଗତ ରୂପଦେଇପୁର ପଞ୍ଚାୟତର ଖଣ୍ଡାୟତପାଟଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି ଯୋଗୁ ଅସନ୍ତୋଷ ଦେଜିବାରେ ଲାଗିଛି। ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୧ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୮ ଶ୍ରେଣୀକୁ ୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଥିବାବେଳେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଭାନୁମତୀ ନାୟକଙ୍କୁ ବଡ଼ ବିରାଟସାହିରୁ ଡେପୁଟେଶନରେ ଅନ୍ୟ ଏକ ସ୍କୁଲକୁ ପଠାଯାଇଛି। ଏହାର ପ୍ରତିବାଦରେ ଅଭିଭାବକମାନେ ଗୁରୁବାର ପିଲାଙ୍କୁ ସ୍କୁଲ ଛାଡ଼ିନାହାନ୍ତି। ଆଗାମୀ ଦିନରେ ଯଦି ଶିକ୍ଷୟିତ୍ରୀଙ୍କୁ ପୁନର୍ବାର ଏହି ବିଦ୍ୟାଳୟକୁ ଅଣା ନ ଯାଏ, ତାହାଲେ ସେମାନେ ଆଉ ପିଲାଙ୍କୁ ପାଠ ପଢ଼ାଇବାକୁ ସ୍କୁଲ ଛାଡ଼ିବେ ନାହିଁ ବୋଲି ଗ୍ରାମର ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ସନ୍ତୋଷ ବିଶ୍ୱାଳ, ରାମଚନ୍ଦ୍ର ମହାରଣା, ଭାଗୀରଥି ବିଶ୍ୱାଳ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ପଦ୍ମନାଭ ପରିଡ଼ା, ସ୍ୱର୍ଣ୍ଣଲତା ବିଶ୍ୱାଳ, ନମିତା ଜେନା ପ୍ରମୁଖ ଅଭିଭାବକ ଦାବିକରିଛନ୍ତି। ଏହି ବାବଦରେ ବ୍ଲକ ଶିକ୍ଷା ଅଧିକାରୀ ପୀତବାସ ସେଠୀଙ୍କୁ ପଚାରିବାରେ ଆମେ ୧୫ ଦିନ ଭିତରେ ଶିକ୍ଷକ ଦେବୁ ବୋଲି ସେ କହିଛନ୍ତି।

### ପରିବା ଦର ବୃଦ୍ଧି, ଡିଜେଲ ଓ ପେଟ୍ରୋଲ ଅଭାବ

ପୁରୀରେ ଡ୍ରାଇଭର ସଂଘ ଆନ୍ଦୋଳନର ପ୍ରଭାବ

ପୁରୀ,୧୦।୭(ଅଜିତ୍ କୁମାର ମହାନ୍ତି)

ଡ୍ରାଇଭର ସଂଘର ଆନ୍ଦୋଳନ ଗୁରୁବାର ତୃତୀୟ ଦିନରେ ପହଞ୍ଚିଥିବାବେଳେ ଏହାର ପ୍ରଭାବ ମଧ୍ୟ ପୁରୀରେ ପରିଲକ୍ଷିତ ହୋଇଛି। ଧର୍ମଘଟ ଯୋଗୁ ପୁରୀ ସହରକୁ ପରିବହନରେ ବାଧା ଦେଖାଯାଇଛି। ଫଳରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ ସମସ୍ୟା ଭୋଗୁଛନ୍ତି। ଆନ୍ଦୋଳନ ଯୋଗୁ ଗାଡ଼ିମୋଟର ପୁରୀକୁ ଆସି ପାରୁନାହିଁ। ଫଳରେ ମାଲପତ୍ର ଆସିବାରେ ଘୋର ଅଭାବ ପରିଲିଖିତ ହେଉଛି। ପନିପରିବାଠାରୁ ଆରମ୍ଭ କରି ପେଟ୍ରୋଲ, ଡିଜେଲ ସଙ୍କଟ ମଧ୍ୟ ଦେଖାଦେଇଛି। କିଛି ପେଟ୍ରୋଲ ପମ୍ପରେ ତେଲ ସରିବାରେ ଲାଗିଛି। ଯଦି ପେଟ୍ରୋଲ ପମ୍ପରେ ଟ୍ୟାଙ୍କରଗୁଡ଼ିକ ଶୀଘ୍ର ନ ପହଞ୍ଚେ, ତେବେ ଗୁରୁତର ଅଭାବ ଦେଖାଦେବାର ଆଶଙ୍କା ରହିଛି। ଏପରିକି ପେଟ୍ରୋଲ ଡିଜେଲ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ କିଛି ସ୍ଥାନରେ ଦେଖାଦେଇଛି। କିଛି ସ୍ଥାନରେ ପେଟ୍ରୋଲ ଷ୍ଟକ୍ ଶେଷ ଲେଖାଯିବା ସହ ବାଡ଼ ପକାଇ ବନ୍ଦ କରାଯାଇଛି। ଫଳରେ ସହରର ଅନେକ ସ୍ଥାନରେ ପେଟ୍ରୋଲ-ଡିଜେଲ କଳାବଜାରୀ ଦେଖିବାକୁ ମିଳିଛି। କଳାବଜାରୀରେ ପେଟ୍ରୋଲ ଲିଟର ପିଛା ୧୫୦ ଟଙ୍କା ଥିବାବେଳେ ଡିଜେଲ ଲିଟର ପିଛା ୧୨୦ ଟଙ୍କା ବିକ୍ରି ହେଉଛି। ପେଟ୍ରୋଲ ପମ୍ପରେ ତେଲ ନ ଥିବାରୁ ଲୋକେ ବାଧ୍ୟ ହୋଇ ଅଧିକ ଟଙ୍କା ଦେଇ ବାହାରୁ ତେଲ କିଣୁଛନ୍ତି। ଅନ୍ୟପଟେ ଯେଉଁଠି ପେଟ୍ରୋଲ ମିଳୁଛି ସେହି ପମ୍ପରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। ଖାଲି ସେତିକି ନୁହେଁ, ଗାଡ଼ିମୋଟର ବନ୍ଦ ରହିଥିବା ହେତୁ ସହରକୁ ପନିପରିବା ମଧ୍ୟ ଠିକ୍ ଭାବେ ଆସିପାରୁନାହିଁ। ପରିବା ବଜାରରେ ପନିପରିବା ଆକାଶ ଛୁଆଁ ହେବାରେ ଲାଗିଛି। ଯାହା ଘରର ହାଣ୍ଡିଶାଳ ଉପରେ ପ୍ରତ୍ୟକ୍ଷ ଭାବେ ପ୍ରଭାବ ପକାଇଛି। ସମସ୍ତ ପରିବା ମୂଲ୍ୟ ଅହେତୁକ ବୃଦ୍ଧି ପାଇଛି। ଫଳରେ ଲୋକେ ବାଧ୍ୟ ହୋଇ ଅଳ୍ପ ପରିମାଣର ପନିପରିବା କ୍ରୟ କରୁଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ଏନେଇ ପ୍ରଶାସନ ହସ୍ତକ୍ଷେପ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

# ‘ନାମସଂକୀର୍ତ୍ତନ ହିଁ ସର୍ବୋତ୍କୃଷ୍ଟ ସତ୍କର୍ମ’



ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

**ରାଜ୍ୟସ୍ତରୀୟ ସଂକୀର୍ତ୍ତନ ସମ୍ମିଳନୀ**

ପୁରୀ,୧୦।୭(ଅଜିତ କୁମାର ମହାନ୍ତି): ପୁରୀ ଜିଲା ସଂସ୍କୃତି ଭବନରେ ଗୁରୁବାର ଓଡ଼ିଶା ସଂକୀର୍ତ୍ତନ ମହାସଂଘ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ଶହରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ କଳାକାର ଯୋଗଦେଇଥିଲେ। ମହାସଂଘ ସଭାପତି ବାସୁଦେବ ଭଞ୍ଜଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ସଂଯୋଜକ ପ୍ରସନ୍ନ ବିଷୋୟୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ସୁଦର୍ଶନ ଚମ୍ପତି ସଙ୍ଗଠନର ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଜାତୀୟ ମାନବ ଅଧିକାର କମିଶନ ସଦସ୍ୟ ଜଷ୍ଟିସ ବିଦ୍ୟୁତ୍‌ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିବା ନିମନ୍ତେ ଆଧ୍ୟାତ୍ମିକତା ଜରୁରୀ। ସେଥିପାଇଁ ନାମ ସଂକୀର୍ତ୍ତନ ସର୍ବୋତ୍କୃଷ୍ଟ। ସେହିପରି ବିଶିଷ୍ଟ ଅତିଥି ଭାବେ ଋଷିକେଶ ମଠର ମଠାଧୀଶ ସ୍ୱାମୀ ଶ୍ୟାମାନନ୍ଦଜୀ ମହାରାଜ କହିଲେ, ପ୍ରତ୍ୟେକ ମଣିଷ ନିଜ ବୃତ୍ତିଗତ ଜୀବନ ସହ ଭଗବାନଙ୍କ ନାମ ସଂକୀର୍ତ୍ତନ ଓ ଆଧ୍ୟାତ୍ମିକତାକୁ ସତ୍ ଉପାୟ ସହିତ ଯୋଡ଼ି ସଦୁପଯୋଗ କରିପାରିଲେ ସର୍ବୋତ୍ତମ ହୋଇପାରିବ। ସମ୍ମାନିତ ଅତିଥି ଭାବେ ରାଧାବଲ୍ଲଭ ମଠର ମଠାଧୀଶ ରାମଦାସଜୀ ମହାରାଜ ଯୋଗଦେଇ କହିଲେ ଯେ, ବିନା ଖର୍ଚ୍ଚରେ ପୁଣ୍ୟକର୍ମ ରୂପକ ଧନ ସଞ୍ଚୟ କରି ସମାଜରେ ଆଦର୍ଶ ସହ ମୋକ୍ଷ ପ୍ରାପ୍ତ କରାଯାଇପାରିବ। ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ନରେଶ ଚନ୍ଦ୍ର ଦାସ କହିଲେ, ନାମସଂକୀର୍ତ୍ତନ ହିଁ ଆଜିର ଦିନରେ ସର୍ବୋତ୍କୃଷ୍ଟ ସତ୍‌କର୍ମ। ତେଣୁ ସବୁ ଛାଡ଼ି ପ୍ରତିଦିନ କିଛି ସମୟ ସଂକୀର୍ତ୍ତନ କରିବା ଉଚିତ। ବରିଷ୍ଠ ସେବାୟତ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର କହିଲେ, ଭଜନ ଓ ଭୋଜନପ୍ରିୟ ମହାପ୍ରଭୁଙ୍କର ସବୁଠୁ ପ୍ରିୟ ହେଉଛି ନାମସଂକୀର୍ତ୍ତନ। ମାନବାଧିକାର କମିଶନ କୋର୍ ସଦସ୍ୟ ମନୋଜ ଜେନା କହିଲେ, ଜଗନ୍ନାଥ ସଂସ୍କୃତିରେ ମାତୃଶକ୍ତି ସର୍ବାଗ୍ରେ ପୂଜନୀୟ, ତେଣୁ ସଂକୀର୍ତ୍ତନ ମାଧ୍ୟମରେ ହିଁ ସମାଜରେ ମହିଳା ହିଂସାକୁ ପ୍ରତିହତ କରିପାରିବା। କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ଓ ନାମ ସଂକୀର୍ତ୍ତନ ଉପରେ ବିଶେଷ ଆଲୋଚନା ହୋଇଥିଲା। ଏହି ଅବସରରେ ସଂକୀର୍ତ୍ତନ କ୍ଷେତ୍ରରେ ଜୀବନବ୍ୟାପି ସାଧନା କରିଥିବା କେତେଜଣ ବ୍ୟକ୍ତିବିଶେଷଙ୍କୁ ଉତ୍କର୍ଷ ସଂକୀର୍ତ୍ତନ ସମ୍ମାନ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସକାଳ ୬ଟାରେ ସଂକୀର୍ତ୍ତନ କଳାକାରମାନେ ସଂକୀର୍ତ୍ତନ ଶୋଭାଯାତ୍ରାରେ ଶ୍ରୀମନ୍ଦିର ପରିକ୍ରମା କରିଥିଲେ। ଗୁରୁପୂର୍ଣ୍ଣିମା ଅବସରରେ ପୁରୀ ଗୋବର୍ଦ୍ଧନ ପୀଠରେ ସଂକୀର୍ତ୍ତନ କଳାକାରମାନେ ସଂକୀର୍ତ୍ତନ ପରିବେଷଣ କରିବା ସହ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ଲାଭ କରିଥିଲେ।


ଐତିହ୍ୟକୁ ଅଣଦେଖା: ପ୍ରଶାସନ ପକ୍ଷରୁ ଐତିହ୍ୟ ମୂଷା ନଈକୁ ପୋତାଯାଇ ନିର୍ମାଣ କାର୍ଯ୍ୟ ଚାଲିଛି।

# ‘ନୀଳାଦ୍ରିବିଜେ’ ଶୀର୍ଷକ ଚିତ୍ରକଳା ପ୍ରଦର୍ଶନୀ

ପିପିଲି,୧୦।୭(ପ୍ରଭାତ କୁମାର ମହାପାତ୍ର)



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

ଶକୁନ୍ତଳା ଆର୍ଟ ଗ୍ୟାଲେରି ପକ୍ଷରୁ ‘ନୀଳାଦ୍ରି ବିଜେ’ ଶୀର୍ଷକ ଏକ ଚିତ୍ରକଳା ପ୍ରଦର୍ଶନୀ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଗ୍ୟାଲେରି ନିର୍ଦ୍ଦେଶକ ଜନାର୍ଦ୍ଦନ ପରମଗୁରୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ମୁଖ୍ୟବକ୍ତା ଭାବେ ଚିତ୍ରଶିଳ୍ପୀ ପଦ୍ମଶ୍ରୀ ବିନୋଦ ମହାରଣା, ସମ୍ମାନିତ ଅତିଥି ଭାବେ ବିଶ୍ୱଜିତ ଦାସ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ଉଦ୍‌ବୋଧନ ଦେଇଥିଲେ। ସମକାଳୀନ ଚିତ୍ରଶିଳ୍ପୀଙ୍କ ଦ୍ୱାରା ‘ନୀଳାଦ୍ରି ବିଜେ’ ସମ୍ପର୍କିତ ଉତ୍କୃଷ୍ଟ ଚିତ୍ରକଳା ପ୍ରସ୍ତୁତ କରାଯାଇଥିଲା। ଚିତ୍ରଶିଳ୍ପୀ ପ୍ରଦୀପ ପାଣ୍ଡେ, ପ୍ରିୟଦର୍ଶିନୀ ମହାନ୍ତି, ମମତା ସାମନ୍ତରାୟ, ଲିପିଶ୍ରୀ ନାୟକ, ନମିତା ସାହୁ, ବନ୍ଦନା ପଣ୍ଡା, ବନ୍ଦିତା ବିଶ୍ୱାଳ, ବିନୋଦିନୀ ବେହେରା, ସାଇସ୍ତା ନାଜ, ରାଜେଶ ନାୟକ, ରାଜକିଶୋର ମହାରଣା, ସୋନାଲି ଶ୍ୱେତପଦ୍ମା ଲେଙ୍କା, ବିଜୟ ମଲ୍ଲିକ, ଜ୍ୟୋତ୍ସ୍ନାରାଣୀ ନନ୍ଦ, ତେଜସ୍ୱିନୀ ସାମନ୍ତସିଂହାର, ଅନୁରେଖା ଜେନା, ପ୍ରଣତି ଦାସ, ରଞ୍ଜିତା ମିଶ୍ର, ପ୍ରତିମା ମିଶ୍ର, ରଶ୍ମିତା ବେହେରା, ଦୀପ୍ତିମୟୀ ପାଢ଼ୀ, ମଞ୍ଜୁଶ୍ରୀ ଦାସ, ନମିତା ପଟ୍ଟନାୟକ, ଜ୍ଞାନରଞ୍ଜନ ଜେନା, ସଙ୍ଗୀତା ସାଇଁ, ଶୁଭ୍ରଜିତ୍ ସାହୁ ପ୍ରମୁଖ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି। ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଅତିଥିମାନେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। ପ୍ରଦର୍ଶନୀ ୭ ଦିନ ଯାଏ ପୂର୍ବାହ୍ନ ୧୦ଟାଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲା ରହିବ।

### ଲଟେରି ମାଧ୍ୟମରେ ଭେଣ୍ଡିଂ ଜୋନ୍ ଗୃହ ବଣ୍ଟନ

ନିମାପଡ଼ା,୧୦।୭(ବିଚିତ୍ରାନନ୍ଦ ସାହୁ)

ଦୀର୍ଘଦିନର ବ୍ୟବଧାନ ପରେ ନିମାପଡ଼ା ଏନ୍‌ଏସିରେ ଭେଣ୍ଡିଂ ଜୋନ୍ ଗୃହ ବୁଧବାର ୨୧ ଜଣ ଉଚ୍ଛେଦ ବ୍ୟବସାୟୀଙ୍କୁ ବ୍ଲକ ଛକ ଓ ଡେଲଟା ଛକଠାରେ ଲଟେରି ମାଧ୍ୟମରେ ଆବଣ୍ଟନ କରାଯାଇଛି। ହିତାଧିକାରୀ କାହାରିକୁ ଏହି ଗୃହରେ ନିଜେ ଦୋକାନ କରିବେ। ଯଦି କୌଣସି ହିତାଧିକାରୀ ନିଜେ ଦୋକାନ ନ କରି ଅନ୍ୟ ବ୍ୟକ୍ତିଙ୍କୁ ଏହି ଗୃହକୁ ଭଡ଼ାରେ ଦେଲେ ସମ୍ପୃକ୍ତ ହିତାଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍‌ଏସି କର୍ତ୍ତୃପକ୍ଷ କହିଛନ୍ତି। ପ୍ରତ୍ୟେକ ହିତାଧିକାରୀ ଭଡ଼ା ବାବଦରେ ମାସିକ ୬୦୦ ଟଙ୍କା ହିସାବରେ ଅଗ୍ରୀମ ୬ ମାସର ଟଙ୍କା ଏନ୍‌ଏସି ଅଫିସରେ ପୈଠ କରିବେ। ସମାରୋହରେ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, କାଉନସିଲର ଧନୁର୍ଦ୍ଧର ଦାସ, ପରିମଳ ଅଧିକାରୀ ବିଜୟ କୁମାର ଗ୍ରହାଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଭେଣ୍ଡିଂ ଜୋନ୍ ଗୃହକୁ ହିତାଧିକାରୀଙ୍କୁ ଆବଣ୍ଟନ କରିଥିଲେ।

### ଛାତ୍ରୀଙ୍କୁ ରାସ୍ତାରେ ମରଣାନ୍ତକ ଆକ୍ରମଣ

ଅସ୍ତରଙ୍ଗ,୧୦।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଟ୍ୟୁଶନ ସାରି ଗୁରୁବାର ସକାଳେ ଘରକୁ ଫେରୁଥିବା ଜଣେ ୧୩ ବର୍ଷୀୟା ଛାତ୍ରୀଙ୍କୁ ଏକ କଳା ପଲସରରେ ୨ ଜଣ ବ୍ୟକ୍ତି ଆସି ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଶୁନଶାନ ରାସ୍ତାର ସୁଯୋଗ ନେଇ ୨ ଯୁବକ ଛାତ୍ରୀଙ୍କୁ ମାରିଦେବାକୁ ଉଦ୍ୟମ କରୁଥିଲେ। ତେବେ ଛାତ୍ରୀଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିବାକୁ ଉକ୍ତ ୨ ଯୁବକ ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ପୂର୍ବ ଶତ୍ରୁତାକୁ ନେଇ ଜଣେ ବ୍ୟକ୍ତି ଏପରି ଆକ୍ରମଣ କରିଥିବା ଛାତ୍ରୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ପିପିଲି ବ୍ଲକ୍ ସମ୍ମୁଖରେ ୨ ଗୋଷ୍ଠୀ ମୁହାଁମୁହିଁ

- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମକୁ ନେଇ ତେଜିଲା ବିବାଦ
- ବିଡିଓଙ୍କ ମନମୁଖି କାର୍ଯ୍ୟ ବିରୋଧରେ ଜନପ୍ରତିନିଧିଙ୍କ ଧାରଣା

ପିପିଲି,୧୦।୭(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମକୁ ନେଇ ପିପିଲି ବିଡିଓଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ବିଡିଓଙ୍କ ଅଫିସ ସମ୍ମୁଖରେ ବିଜେଡିର ନିର୍ବାଚିତ ଜନପ୍ରତିନିଧି ଗୁରୁବାର ଧାରଣାରେ ବସିଥିଲେ। ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇଥିବା ଧାରଣାସ୍ଥଳରେ ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଅପରାହ୍ନ ୪ଟାରେ ପହଞ୍ଚି ବିଡିଓ ସରୋଜ ରାଉତଙ୍କ ସହ ଆଲୋଚନା କରିଥିଲେ। ନିର୍ବିଶେଷରେ ଜନପ୍ରତିନିଧିଙ୍କୁ ନେଇ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏନେଇ ଜନପ୍ରତିନିଧିମାନେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ହଠାତ ଭାଜପା ଦଳର ଏକ ଗୋଷ୍ଠୀ ପହଞ୍ଚି ବିଡିଓଙ୍କ ସମର୍ଥନ କରି ନାରାବାଜି କରିଥିଲେ। ଫଳରେ ୨ ଗୋଷ୍ଠୀ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଓ ଏସ୍‌ଡିପିଓ ଦେବାଶିଷ ମିଶ୍ର ସଦଳବଳ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

ସୂଚନାଯୋଗ୍ୟ, ବିକଶିତ ଗାଁ ବିକଶିତ ଓଡ଼ିଶାର କାର୍ଯ୍ୟ ହେଉ ନ ଥିବା ଓ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ସବୁ କାର୍ଯ୍ୟରେ ଅବହେଳା ପାଇଁ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ପୂର୍ବାହ୍ନ ୧୧ଟାରୁ ପଞ୍ଚାୟତସ୍ତରୀୟ ନିର୍ବାଚିତ ପ୍ରତିନିଧି ଧାରଣାରେ ବସିଥିଲେ। ୨୦୨୪/୨୫ରେ ମଞ୍ଜୁର ହୋଇଥିବା ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପର ଯୋଜନାଗୁଡ଼ିକ କାର୍ଯ୍ୟ ନ ହୋଇ ପଡ଼ିରହିଛି। ଏସମ୍ପର୍କରେ ପିପିଲି ବ୍ଲକ ନିର୍ବାଚିତ ଜନପ୍ରତିନିଧି ବିଡିଓଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଜନ ପ୍ରତିନିଧି ଅଭିଯୋଗ କରିଛନ୍ତି। ବିଡିଓ ବ୍ଲକର ୬୦ ପ୍ରତିଶତ କାମ ବ୍ଲକର ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କ ଅନୁମୋଦନରେ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବିନା ପଞ୍ଚାୟତ ପ୍ରତିନିଧିଙ୍କ ସୁପାରିସରେ ପ୍ରକଳ୍ପଗୁଡ଼ିକ ପିପିଲି ବିଡିଓ ମନଇଚ୍ଛା କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏଥିରେ ପିପିଲି ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଏବଂ ନିର୍ବାଚିତ ଜନପ୍ରତିନିଧିଙ୍କ ପ୍ରତି ପିପିଲି ବିଡିଓ କୁଠାରଘାତ କରିଥିବା ଅଭିଯୋଗ କରିଛନ୍ତି। ଯେ ପର୍ଯ୍ୟନ୍ତ ପିପିଲି ବଡିଓ ବ୍ଲକର ୬୦ ପ୍ରତିଶତ କାମ ନିର୍ବାଚିତ ଜନପ୍ରତିନିଧିଙ୍କ ସୁପାରିଶରେ କରିବାକୁ ପ୍ରତିଶ୍ରୁତି ନ ଦେବେ, ସେ ପର୍ଯ୍ୟନ୍ତ ଜନପ୍ରତିନିଧିଙ୍କ ଧାରଣା ଜାରିରହିବ ବୋଲି ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ଚେତାବନୀ ଦେଇଛନ୍ତି। ପ୍ରତିବାଦ ଧାରଣା ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁଙ୍କ ନେତୃତ୍ୱରେ ସମସ୍ତ ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟ ଓ ସରପଞ୍ଚ ସାମିଲ ହୋଇଥିଲେ।

## ପରିବେଶର ସୁରକ୍ଷା ହେଲେ ମାନବସମାଜ ସୁରକ୍ଷିତ ରହିବ


ବନ ମହୋତ୍ସବ କାର୍ଯ୍ୟକ୍ରମରେ ଅତିଥିମାନେ ଓ ଶିଶୁ ସୈନିକ ଛାତ୍ରୀଛାତ୍ର।

ନିମାପଡ଼ା,୧୦।୭(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ପ୍ରେସ୍ କ୍ଲବ ଓ ଓଡ଼ିଶା ଷ୍ଟେଟ ବ୍ରିଗେଡ୍ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ନିମାପଡ଼ା ବ୍ଲକ ଅଧୀନ ଗୋପାଳପୁର ଛକସ୍ଥିତ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲଠାରେ ଏକ ଚାରାରୋପଣ ଓ ଚାରାବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପ୍ରେସ୍ କ୍ଲବ ସଭାପତି ଅକ୍ଷୟ ବେହେରା, ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ରମାକାନ୍ତ ବେହେରା, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବେହେରା, ଉପଦେଷ୍ଟା ଶରତ ସେନାପତି, ବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ଖଟୋଇ, ଶିକ୍ଷାବିତ୍ କାଦମ୍ବିନୀ ମଲ୍ଲିକ, ସ୍କୁଲର ସମ୍ପାଦକ ଖବରଦାତା ବୀରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷିତ ରହିଲେ ମାନବସମାଜ ସୁରକ୍ଷିତ ରହିବ, ପରିବେଶ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିଥିଲେ। ଏହି ଅବସରରେ ଶିଶୁ ସୈନିକ ବିଦ୍ୟାଳୟର ଛାତ୍ରୀଛାତ୍ର, ପ୍ରେସ୍ କ୍ଲବ କର୍ମକର୍ତ୍ତା, ଅତିଥିମାନେ ବିଦ୍ୟାଳୟ ପରିସର ଓ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ କିସମର ୨୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରିଥିଲେ। ଏଥିସହ ପରିବେଶର ସୁରକ୍ଷା, ଚାରାରୋପଣ, ସବୁଜିମା ସୃଷ୍ଟି ସମ୍ପର୍କରେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ।

# ଗୋବର୍ଦ୍ଧନ ପୀଠରେ ଗୁରୁପୂର୍ଣ୍ଣିମା ପାଳିତ

ପୁରୀ,୧୦।୭(ଅଜିତ୍ କୁମାର ମହାନ୍ତି)

ସନାତନ ହିନ୍ଦୁଧର୍ମରେ ପବିତ୍ର ଆଷାଢ଼ ମାସ ପୂର୍ଣ୍ଣିମାକୁ ଗୁରୁପୂର୍ଣ୍ଣିମା ଭାବେ ପାଳନ କରାଯାଇଥାଏ। ଗୁରୁବାର ଗୁରୁପୂର୍ଣ୍ଣିମା ଅବସରରେ ଗୋବର୍ଦ୍ଧନ ପୀଠ ପରିସରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଗୋବର୍ଦ୍ଧନ ପୀଠର ପୀଠାଧୀଶ୍ୱର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଜୀ ମହାରାଜଙ୍କ ସାନିଧ୍ୟରେ ଗୁରୁପୂର୍ଣ୍ଣିମା ମହୋତ୍ସବ ପାଳନ କରାଯାଇଥିଲା। ପ୍ରାତଃ ସମୟରେ ପୂଜ୍ୟ ଶଙ୍କରାଚାର୍ଯ୍ୟ ନିଜ ସଚିବ ସ୍ୱାମୀ ନିର୍ବିକଳ୍ପାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପୂଜନ ପରେ ଭଗବାନ ନାରାୟଣଙ୍କ ପାଦୁକା ପୂଜନ ଓ ପାରମ୍ପରିକ ଗୁରୁପୂଜନ ପୀଠ ସମ୍ପାଦନ ହୋଇଥିଲା। ପରେ ପୀଠର ଅନ୍ତେବାସୀ, ଭକ୍ତବୃନ୍ଦ ପୂଜ୍ୟ ଶଙ୍କରାଚାର୍ଯ୍ୟଙ୍କ ଦର୍ଶନ ଓ ପାଦୁକା ପୂଜାର୍ଚ୍ଚନା କରିଥିଲେ ଓ ଭକ୍ତ, ମଠର ଅନ୍ତେବାସୀ ଏବଂ ବୈଦିକ କର୍ମକାଣ୍ଡଙ୍କ ଦ୍ୱାରା ମହୋତ୍ସବ ପାଳନ କରାଯାଇଥିଲା। ସେହିପରି ଅପରାହ୍ନରେ କର୍ମକର୍ତ୍ତାଙ୍କୁ ପୂଜ୍ୟ ଗୁରୁଦେବ ଦର୍ଶନ ଓ ଆଶୀର୍ବଚନ ପ୍ରଦାନ କରିଥିଲେ। ସଦାସର୍ବଦା ସଦ୍‌ମାର୍ଗରେ ରହି ଲୋକଙ୍କ ସେବା କରିବାକୁ ଗୁରୁଜୀ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଯୋଗଦାନ କରି ଶଙ୍କରାଚାର୍ଯ୍ୟଙ୍କଠାରୁ ଆଶିଷ ଲାଭ କରିଥିଲେ।

## ଫଟୋରେ ଖବର


ଗୁରୁପୂର୍ଣ୍ଣିମା ଅବସରରେ ଗୁରୁବାର ପୁରୀ ସାନଛତା ମଠ ପରିସରରେ ଶିଷ୍ୟମାନେ ଗୁରୁପୂଜନ କରୁଛନ୍ତି ।



ପୁରୀ ଗୋବର୍ଦ୍ଧନ ପୀଠରେ ଗୁରୁପୂର୍ଣ୍ଣିମା ପାଳନ ଅବସରରେ ଶିଷ୍ୟମାନେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ପୂଜନ କରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

**ଅଭିପ୍ସାର ପ୍ରତିଷ୍ଠା ଦିବସ**

କଟକ,(କାର୍ତ୍ତିକ ସାହୁ): ସାଂସ୍କୃତିକ ଅନୁଷ୍ଠାନ ଅଭିପ୍ସାର ପ୍ରତିଷ୍ଠା ଦିବସ ବାଖରାବାଦସ୍ଥିତ ଗାନ୍ଧୀଭବନଠାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ, ମୁଖ୍ୟବକ୍ତା ଓଡ଼ିଆ ଗୀତିକବି ସମାଜର ସଭାପତି ଗୌର ପଟ୍ଟନାୟକ, ସମ୍ମାନିତ ଅତିଥି ନିଡ୍ସ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଶୈଳନ କୁମାର ଧଳ ଯୋଗଦେଇ ଓଡ଼ିଆ ସଂସ୍କୃତିର ସୁରକ୍ଷା ଓ ପ୍ରସାର ପାଇଁ ମିଳିତ ଉଦ୍ୟମ ଆବଶ୍ୟକ ବୋଲି କହିଥିଲେ। ଅଭିପ୍ସାର ପ୍ରତିଷ୍ଠାତା ସଂଗ୍ରାମ କେଶରୀ ନାୟକ ଅଧକ୍ଷତା କରିଥିଲେ। ସହସମ୍ପାଦିକା ସୁଲତା ପଣ୍ଡା ସ୍ୱାଗତ ଭାଷଣ ଓ ପ୍ରକାଶ ଚନ୍ଦ୍ର ସିଲ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାସ୍ତରୀୟ ଚିତ୍ରକଳା, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ବିଭିନ୍ନ ଦାବି ନେଇ ଡ୍ରାଇଭର ସଂଘର ଶାନ୍ତିପୂର୍ଣ୍ଣ ଧାରଣା

**କଣ୍ଟାପଡ଼ା,୧୦।୭(ସୁରନାରାୟଣ ସାହୁ)**

ବିଭିନ୍ନ ଦାବି ନେଇ ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ଗତ ୮ତାରିଖରୁ ଚକାବନ୍ଦ ଆନ୍ଦୋଳନ ଜାରିରହିଛି। ଏହି ଅବସରରେ କଣ୍ଟାପଡା ଡ୍ରାଇଭର ମହାସଂଘ ଶାଖା ପକ୍ଷରୁ ବାଗଲପୁରସ୍ଥିତ ପଞ୍ଚାୟତ କଲ୍ୟାଣ ମଣ୍ଡପ ନିକଟରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ଧାରଣାରେ କଣ୍ଟାପଡା ଡ୍ରାଇଭର ସଂଘରେ ପଞ୍ଜୀକୃତ ହୋଇଥିବା ଡ୍ରାଇଭରମାନେ ଷ୍ଟିଅରିଂ ଛାଡି ଧାରଣାରେ ସାମିଲ ହୋଇଛନ୍ତି। ଅତ୍ୟବଶକୀୟ ସେବାକୁ ଛାଡି ଅନ୍ୟ କାର୍ଯ୍ୟରୁ ଡ୍ରାଇଭରମାନେ ନିଜକୁ ଦୂରେଇ ରଖିଛନ୍ତି।

### ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ, ଅନ୍ୟ ଜଣେ ଗୁରୁତର

**ମଙ୍ଗୁଳି-ଜଗତପୁର,୧୦।୭(ମାନସ ସାମଲ)**

ଟାଙ୍ଗୀ ଥାନା ଅଧୀନ ଶାଳଗାଁ ପଞ୍ଚାୟତ ବମ୍ଭୁରି ଗ୍ରାମରେ ଜଣେ ବୃଦ୍ଧଙ୍କ ଗୁରୁବାର ସନ୍ଦେହଜନକ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଥିବା ଜଣାପଡ଼ିଛି। ମୃତକ ହେଲେ ଉକ୍ତ ଗ୍ରାମର ମାୟାଧର ଓରଫ ନରେନ୍ଦ୍ର ଜତି (୫୯) ଓ ଗୁରୁତର ହେଲେ ଧ୍ରୁବ ଚରଣ ବେହେରା। ଏ ନେଇ ମଙ୍ଗଳା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୪୯୨/୨୫) ରୁଜୁ ହୋଇଛି। ଉଭୟ ପରିବାର ପକ୍ଷରୁ ଟାଙ୍ଗି ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସୂଚନା ମୁତାବକ ଗୁରୁବାର ସକାଳ ପ୍ରାୟ ୮ଟାରେ ମାୟାଧର ଓ ଧ୍ରୁବ ଟ୍ରାକ୍ଟର ବୁଲେଇବା ପାଇଁ ବିଲକୁ ଯାଇଥିଲେ। ଟ୍ରାକ୍ଟର ଆସିବା ପୂର୍ବରୁ ମାୟାଧର ଏକ କୁକୁଡ଼ା ଫାର୍ମ ପାର୍ଶ୍ୱରେ କଟୁରୀ ସହାୟତାରେ ଛୋଟ ଛୋଟ ଗଛ ହାଣୁଥିବା ସମୟ ହଠାତ ଚିତ୍କାର କରିଥିଲେ। ଧ୍ରୁବ ଦୌଡି ଯାଇ ଦେଖିଲା ବେଳକୁ ମାୟାଧର ଏକ ତାରକୁ ଧରି ଛଟପଟ ହେଉଛନ୍ତି। ଧ୍ରୁବ ମାୟାଧରଙ୍କୁ ଉକ୍ତ ତାରକୁ ଛଡାଇବା ବେଳକୁ ସେ ମଧ ଛିଟିକି ପଡି ଥିଲେ। ପରେ ଗ୍ରାମବାସୀ ଉଭୟଙ୍କୁ ଉଦ୍ଧାର କରି କଟକ ବଡ ମେଡିକାଲ ନେଇଯାଇଥିଲେ। ସେଠାରେ ମାୟାଧରଙ୍କ ମୃତ୍ୟୁ ଘଟିଥିଲା। ବିଦ୍ୟୁତ୍ ସର୍ଟ ସର୍କିଟରୁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ମୃତକଙ୍କ ପରିବାର କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି।

### ମାଙ୍କଡ଼ ଭୟରେ ପଡୁଛି ତାଟିକବାଟ

**କଣ୍ଟାପଡା,୧୦।୭(ସୁରନାରାୟଣ ସାହୁ)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ କୁଆଁରପୁର ଗ୍ରମାରେ ଗତ କିଛିଦିନ ହେଲା ଏକ ପାଗଳ ମାଙ୍କଡ ଦୌରାତ୍ମରେ ଗ୍ରାମବାସୀ ଅତିଷ୍ଠ ହୋଇପଡିଛନ୍ତି। ମାଙ୍କଡ ପ୍ରତିଦିନ ଦୌରାତ୍ମ ଯୋଗୁ ଉକ୍ତ ଗ୍ରାମରେ ଦିନବେଳା ତାଟିକବାଟ ପଡିଯାଉଛି। ଖବରରୁ ପ୍ରକାଶ ଯେ, ଗତ କିଛିଦିନ ହେଲା ଏକ ମାଇମାଙ୍କଡ ଉକ୍ତ ଗ୍ରମାର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପିଲା, ଯୁବକ ଓ ବୟସ୍କ ଲୋକଙ୍କୁ ଆକ୍ରମଣ କରି ଆହତ କରିଛି। ଉକ୍ତ ମାଙ୍କଡ ଗଛ ଉପରେ ଲୁଚି ରହୁଛି ଓ ସୁଯୋଗ ଦେଖି ଆକ୍ରମଣ କରିବା ସହ କାମୁଡୁଛି। ବାଗଲପୁର ବନବିଭାଗ ପକ୍ଷରୁ ଉକ୍ତ ମାଙ୍କଡ ଧରିବା ପାଇଁ ଉଦ୍ୟମ କରାଯାଇଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ସୂଚନା ଯୋଗ୍ୟ ଗତ ୬ ମାସ ଭିତରେ ଉକ୍ତ ମାଙ୍କଡକୁ ମିଶାଇ ୩ଟି ମାଙ୍କଡ ପାଗଳ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ଟି ମାଙ୍କଡଙ୍କୁ ବନବିଭାଗ ପକ୍ଷରୁ ଟ୍ରାଙ୍କୁଲାଇଜ କରାଯାଇ ଧରି ନିଆଯାଇଥିଲା।

# ଅସ୍ତ୍ରୋପଚାର ଅପେକ୍ଷାରେ ୯ ମାସର ହିମାଂଶୁ

**କଟକ,୧୦।୭(ଶିକ୍ଷା ପ୍ରିୟଦର୍ଶିନୀ)**



**ଶିଶୁଭବନ: ପରୀକ୍ଷା ନିରୀକ୍ଷାରେ ସୀମିତ ଚିକିତ୍ସା**

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ଅନୁଷ୍ଠାନ (ଶିଶୁଭବନ)ରେ ଅସ୍ତ୍ରୋପଚାର ଅପେକ୍ଷାରେ ୯ ମାସର ଶିଶୁପୁତ୍ର। ଆଜକୁ ୨୦ ଦିନ ହେବ ଶିଶୁଭବନକୁ ଆସିଥିବାବେଳେ କେବଳ ପରୀକ୍ଷା ନିରୀକ୍ଷାରେ ଚିକିତ୍ସା ସେବା ସୀମିତ ରହିଛି। ଅନ୍ୟପଟେ ୯ ମାସ ପୁଅର ଯନ୍ତ୍ରଣା ସହି ନ ପରି ନିତିଦିନ ଡାକ୍ତରଙ୍କୁ ଅସ୍ତ୍ରୋପଚାର ପାଇଁ ନେହୁରା ହେଉଛନ୍ତି ମା'ବାପା।

ସୂଚନା ଅନୁଯାୟୀ, ରାୟଗଡା ଅଞ୍ଚଳର ସରସା ହିମିରିକାଙ୍କ ୯ ମାସର ପୁଅ ହିମାଂଶୁଙ୍କ ଜନ୍ମବେଳୁ ପିଠିରେ ମାଂସ ପିଣ୍ଡୁଳା ରହିଥିଲା। ଧୀରେ ଧୀରେ ତାହା ବଢ଼ିବାକୁ ଲାଗିବାରୁ ହିମାଂଶୁ ପିଠି ପଟଦେଇ ଶୋଇବା କଷ୍ଟକର ହୋଇପଡୁଥିଲା। ହିମାଂଶୁଙ୍କୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ହସ୍ପିଟାଲରେ ଡାକ୍ତରଙ୍କୁ ଦେଖାଇଥିଲେ। ସେଠାରେ ହିମାଂଶୁ ଏକ ବର୍ଷ ବୟସ ପାଖାପାଖି ହେଲେ ହିଁ ଅସ୍ତ୍ରୋପଚାର କରାଇ ହେବ ବୋଲି ଡାକ୍ତର କହିଥିଲେ। ୮ ମାସ ପରେ ପୁନର୍ବାର ଏମ୍‌କେସିଜି ହସ୍ପିଟାଲ ଯିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ହିମାଂଶୁଙ୍କୁ କଟକ ଶିଶୁଭବନ ପଠା ଯାଇଥିଲା। ଗତ ୨୧ ଜୁନରେ ଶିଶୁଭବନର ସର୍ଜରୀ ୱାର୍ଡରେ ହିମାଂଶୁଙ୍କୁ ଭର୍ତ୍ତି କରାଯାଇ ସମସ୍ତ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଡାକ୍ତର ଅସ୍ତ୍ରୋପଚାର କରିବା ପାଇଁ ଏବେ କେବଳ ଦିନ ଗଡ଼ାଇ ଚାଲିଛନ୍ତି। ତେବେ ଶିଶୁଭବନ ଭଳି ସର୍ବବୃହତ ହସ୍ପିଟାଲରେ ଅସ୍ତ୍ରୋପଚାର ପାଇଁ ଏତେ ସମୟ ଅପେକ୍ଷା କରାଇବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଉଛି। ଏ ନେଇ ହିମାଂଶୁଙ୍କ ମା' ସରସା ହିମିରିକା କହିଛନ୍ତି, ମେଡିକାଲକୁ ଆସିବା ଆଜକୁ ୨୦ଦିନ ବିତିଗଲା, କେବଳ ପରୀକ୍ଷା କରାଯାଇଛି। ଡାକ୍ତର ଅସ୍ତ୍ରୋପଚରା ପାଇଁ ସମୟ ଦେଇଥିଲେ ହେଲେ ପୁଅକୁ ଥଣ୍ଡା ହେବାରୁ ଅସ୍ତ୍ରୋପଚାର କରାଯାଇ ନ ଥିଲା। ହେଲେ ଥଣ୍ଡା ଛାଡିବା ପରେ ଏବେ ଡାକ୍ତରଙ୍କୁ ନିତିଦିନ ଅସ୍ତ୍ରୋପଚାର ପାଇଁ ନେହୁରା ହେବାକୁ ପଡୁଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ମେଡିକାଲର ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ମହାନଦୀ ଗଡ଼ଗଡ଼ିଆ ଘାଟଠାରେ ମହାନଦୀ ପୂଜା ସମିତି ପକ୍ଷରୁ ଗୁରୁବାର ଅନୁଷ୍ଠିତ ୩୭ତମ ମହାନଦୀ ଆଳତି।

## ନାବାଳିକା ଅପହରଣ, ବଳାତ୍କାର: ଯୁବକ ଗିରଫ

**ମଙ୍ଗୁଳି-ଜଗତପୁର,୧୦।୭(ମାନସ ସାମଲ)**

ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ପରେ ଅପହରଣ ପୂର୍ବକ ବଳାତ୍କାର କରିବା ଅଭିଯୋଗରେ ଟାଙ୍ଗୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ କହ୍ନେଇପୁର ପଞ୍ଚାୟତ ଭଗତପୁର ଗୋପାଳ ସାହିର ଓମ ବେହେରା (୨୧)। ଉକ୍ତ ଘଟଣାରେ ଦୋଷୀଙ୍କୁ ସର୍ବନିମ୍ନ ୨୦ ବର୍ଷ କିମ୍ବା ଆଜୀବନ କାରାଦଣ୍ଡର ବ୍ୟବସ୍ଥା ଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବିକାଶ ସେଠୀ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ଓମ ଜଣେ ନାବାଳିକାଙ୍କୁ ପ୍ରେମ କରୁଥିଲେ। ନାବାଳିକା ଭିନ୍ନ ଜାତି ବୋଲି ପରିବାର ଲୋକେ ଜାଣିବା ପରେ ଉଭୟ ପରିବାର ପକ୍ଷରୁ ବିରୋଧାଭାଷ ପ୍ରକାଶ ପାଇଥିଲା। ପରେ ଉଭୟେ ଘର ଛାଡି ଚାଲିଯାଇଥିଲେ। ପରେ ନାବାଳିକା ପରିବାରବର୍ଗଙ୍କ ଥାନାରେ ଅଭିଯୋଗକ୍ରମେ ପୋଲିସ ଭାରତୀୟ ଦଣ୍ଡବିଧି ସଂହିତା ୧୩୭(୨) ଅପହରଣ, ୬୫(୧) ବଳାତ୍କାର ଓ ୪(୨) ପୋକ୍‌ସୋ ଆଇନ ଅନୁଯାୟୀ ଏକ ମାମଲା (ନଂ.୧୯୪/୨୫) ରୁଜୁ କରିଛି। ନାବାଳିକା ମାଜିଷ୍ଟ୍ରେଟଙ୍କ ସାମ୍ନାରେ ବୟାନ ଦେଇ ପରିବାରକୁ ଫେରିବାକୁ ମନା କରିବାରୁ ତାଙ୍କୁ ସୁଧାର ଗୃହରେ ରଖାଯାଇଛି ବୋଲି ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି।

## ୨୭ରେ ଜିଲାସ୍ତରୀୟ ଲୋକ ଅଦାଲତ

**କଟକ,୧୦।୭(କାର୍ତ୍ତିକ ସାହୁ)**

କଟକ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପ୍ରାଧିକରଣ ପରିସରରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ଆସନ୍ତା ୨୭ ତାରିଖ (ରବିବାର) ଅନୁଷ୍ଠିତ ହେବ। ଏଥିରେ କେବଳ ଚେକ୍ ବାଉନ୍ସ ମାମଲାଗୁଡ଼ିକର ଆପୋଷ ସହମତିରେ ସମାଧାନ କରାଯାଇ ପାରିବ ବୋଲି କଟକ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷଙ୍କ ସୂତ୍ରରୁ ପ୍ରକାଶ। ଅଧିକ ସୂଚନା ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷଙ୍କୁ ୦୬୭୧-୨୩୬୮୩୮୩ରେ ଲୋକମାନେ ଯୋଗାଯୋଗ କରିପାରିବେ। ଉଲ୍ଲେଖଯୋଗ୍ୟ ଯେ, ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ। ଏହି ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ। ତେଣୁ ଲୋକମାନେ ଏହାର ସୁଯୋଗ ନେବା ପାଇଁ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

## ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ ଶିଖିଲେ ଚାଷୀ



କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନରେ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

**କଟକ,୧୦।୭(କାର୍ତ୍ତିକ ସାହୁ)**

**କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନରେ ପ୍ରଶିକ୍ଷଣ**

କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ପକ୍ଷରୁ ସ୍ଥାୟୀ ଧାନ ଉତ୍ପାଦନ: ସବୁଜ ଘର ଗ୍ୟାସ ନିର୍ଗମନର ନିରୀକ୍ଷଣ, ସିଧା ଛଟା ବୁଣା, ବିକଳ୍ପ ଓଦା ଏବଂ ଶୁଖାଇବା କୌଶଳର କାର୍ଯ୍ୟାନ୍ୱୟନ ବିଷୟରେ ପ୍ରଶିକ୍ଷଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣାର ଦତ୍ତପୁକୁର, ଚଲତାବେରିଆଗଣ ଉନ୍ନୟନ ସଂସ୍ଥା ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମରେ ଉକ୍ତ ଅଞ୍ଚଳର ଚାଷୀ ଏବଂ କ୍ଷେତ୍ର କର୍ମଚାରୀ ଯୋଗଦେଇଥିଲେ। ଚାଷୀମାନେ ଗ୍ରୀନହାଉସ ଗ୍ୟାସ ନିର୍ଗମନ ହ୍ରାସ କରିବା ଏବଂ ସମ୍ବଳ ବ୍ୟବହାର ଦକ୍ଷତା ଉନ୍ନତ କରିବା ପାଇଁ ଜଳବାୟୁ-ଅନୁକୂଳ ଅଭ୍ୟାସ ବିଷୟରେ ଶିକ୍ଷାଲାଭ କରିଥିଲେ।

ଫସଲ ଉତ୍ପାଦନ ବିଭାଗର ପ୍ରମୁଖ ବୈଜ୍ଞାନିକ ଓ ମୁଖ୍ୟ ଡାକ୍ତର ପ୍ରତାପ ଭଟ୍ଟାଚାର୍ଯ୍ୟ ପାଠ୍ୟକ୍ରମ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଓ ସହ-ପାଠ୍ୟକ୍ରମ ନିର୍ଦ୍ଦେଶକ ଡାକ୍ତର ସୁସ୍ମିତା ମୁଣ୍ଡା ବୈଷୟିକ ଅଧିବେଶନଗୁଡ଼ିକର ନେତୃତ୍ୱ ନେଇଥିଲେ। ଡାକ୍ତର ଭଟ୍ଟାଚାର୍ଯ୍ୟ ଧାନଚାଷରୁ ଜି.ଏଚ.ଜି. ଉତ୍ସର୍ଜନ ଓ ତାହାର ପରିମାପ ଉପାୟ ବିଷୟରେ ଉପସ୍ଥାପନା କରିଥିଲେ। ଡାକ୍ତର ମୁଣ୍ଡା ଡିଏସ୍‌ଆର୍ ଓ ଏଡବ୍ଲ୍ୟୁଡି ଚାଷର ସମସ୍ୟା ଓ ସମାଧାନ ବିଷୟରେ ଆଲୋଚନା କରିଥିଲେ। କ୍ଷେତ୍ର ବିଶେଷଜ୍ଞଙ୍କ ଦ୍ୱାରା କ୍ଷେତ୍ର ପ୍ରଦର୍ଶନ ଏବଂ ଧାନ ସଂଗ୍ରହାଳୟ ପରିଦର୍ଶନ ସହିତ ତାଲିମ ଶେଷ ହୋଇଥିଲା।

## ନର୍ସିଂହୋମରେ ଟ୍ରେଡ୍ ଲାଇସେନ୍ସ କେଳେଙ୍କାରୀ

**କଟକ,୧୦।୭(ଶିକ୍ଷା ପ୍ରିୟଦର୍ଶିନୀ)**

ସହରର ଗଳିକନ୍ଦିରେ ନର୍ସିଂହୋମ ଛତୁ ଫୁଟିଲା ଭଳି ବଢ଼ି ଚାଲିଛି। କାହାର ଲାଇସେନ୍ସ ନାହିଁ ତ କାହାର ଅଗ୍ନିଶମ ବ୍ୟବସ୍ଥା ନାହିଁ ଏବଂ କାହାର ପାର୍କିଂ ତ କାହାର ବିଲଡିଂ ପ୍ଲାନ ଅନୁମୋଦନ ନାହିଁ। ଏପରି କି ନର୍ସିଂହୋମ ପାଇଁ ଆବଶ୍ୟକ ଡିଏମଇଟି ଓ ସିଡିଏମଓ କାର୍ଯ୍ୟାଳୟର ଅନୁମୋଦନ ନାହିଁ। ଏଭଳି କ୍ଷେତ୍ରରେ ମଙ୍ଗଳାବାଗ କାଠଗୋଲା ସାହିରେ ଏକ ନର୍ସିଂହୋମ ନକଲି ଟ୍ରେଡ୍ ଲାଇସେନ୍ସରେ ଚାଲିଥିବା ଘଟଣା ସାମ୍ନାକୁ ଆସିଛି। ଏପରିକି ଟ୍ରେଡ୍ ଲାଇସେନ୍ସ ସାର୍ଟିଫିକେଟରେ ଜଗତପୁର ଅଞ୍ଚଳର ଏକ ବାୟୋଟେକ କମ୍ପାନୀର ରସିଦ ନମ୍ବର ପକାଇ ଜାଲ ସାର୍ଟିଫିକେଟ ପ୍ରସ୍ତୁତ କରାଯାଇଛି। ଉକ୍ତ ଘଟଣା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଘଟଣାର ତଦନ୍ତ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେବା ସହ ଆସନ୍ତା ୧୫ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ସିଏମ୍‌ସି ଆଯୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ, କାଠଗୋଲା ସାହିସ୍ଥିତ ଉକ୍ତ ନର୍ସିଂହୋମର ଟ୍ରେଡ୍ ଲାଇସେନ୍ସରେ ରସିଦ ନମ୍ବର (୭୧୮୬୮/ତା ୨୨।୧୧।୨୦୧୧) କଟକ ମହାନଗର ନିଗମ ପକ୍ଷରୁ ଜାରି କରାଯାଇଥିଲା। କିନ୍ତୁ ଏହି ନମ୍ବର ଜଗତପୁରସ୍ଥିତ ଏକ ବୟୋଟେକ ସଂସ୍ଥାର। ଅନ୍ୟପଟେ ଉକ୍ତ ନର୍ସିଂହୋମ ମାଲିକ ଦୀର୍ଘବର୍ଷ ହେବ ନକଲି ସାର୍ଟିଫିକେଟ ଆଳରେ ବିଭିନ୍ନ ସରକାରୀ ଯୋଜନାରେ ଅର୍ଥ ହଡପ କରି ଚାଲିଥିବାବେଳେ ଏଥିରେ କଟକ ମହାନଗର ନିଗମର ଜଣେ କର୍ମଚାରୀଙ୍କ ସମ୍ପୃକ୍ତ ଥିବା ସୂଚନା ମିଳିଛି।

## ବୁଥସ୍ତରୀୟ ଅଧିକାରୀଙ୍କ ପାଇଁ ପ୍ରଶିକ୍ଷଣ




ବୁଥସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

**ଚୌଦ୍ୱାର,୧୦।୭(ଆଶୁତୋଷ ଦାସ)**

ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବୁଥସ୍ତରୀୟ ଅଧିକାରୀମାନଙ୍କ ପାଇଁ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ପୌର ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ତଥା ମାଷ୍ଟର ଟ୍ରେନର ସୌମ୍ୟରଞ୍ଜନ ମିଶ୍ର, ଟାଙ୍ଗୀ ବ୍ଲକ ଏବିଡିଓ ସାସ୍ୱତ କୁମାର ଜେନା, ବନ୍ଦନା ଖଟୁଆ, ଦିପ୍ତିମୟୀ ପାତ୍ର ପ୍ରମୁଖ ନିର୍ବାଚନ ପରିଚାଳନା ସମ୍ପର୍କିତ ନିୟମକାନୁନ୍ ଓ ବୁଥସ୍ତରୀୟ ଅଧିକାରୀମାନଙ୍କ ଦାୟିତ୍ୱ ଓ କାର୍ଯ୍ୟାବଳୀ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ୯୧ଟି ବୁଥର ସମସ୍ତ ଅଧିକାରୀ ଓ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ।

## ପରୀକ୍ଷା ପାଇଁ ଚାଷଜମିରୁ ବର୍ଜ୍ୟଜଳ, ମୃତ୍ତିକା ସଂଗ୍ରହ

**ମଙ୍ଗୁଳି-ଜଗତପୁର,୧୦।୭(ମାନସ ସାମଲ)**

**ଧରିତ୍ରୀ ପ୍ରଭାବ**

**କମ୍ପାନୀ ଭୂତଳ ଜଳ ବ୍ୟବହାର ଓ ନିଶାଯୁକ୍ତ ବର୍ଜ୍ୟଜଳ ଛାଡ଼ିବା, ବିପଦରେ ବନ୍ୟଜନ୍ତୁ ଘଟଣା**

**ପୁଣି ହେଲା ଉଚ୍ଚସ୍ତରୀୟ ତଦନ୍ତ**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କହ୍ନେଇପୁର ପଞ୍ଚାୟତ ବରପଦାସ୍ଥିତ ଏକ ବିୟର କମ୍ପାନୀ ଚାଷଜମିକୁ ନିଶାଯୁକ୍ତ ବର୍ଜ୍ୟଜଳ ଛାଡ଼ିବା, ଭୂତଳ ଜଳ ବ୍ୟବହାର ସହ ବନ୍ୟଜନ୍ତୁଙ୍କୁ ବିପଦରେ ପକାଉଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ପ୍ରଥମେ ସ୍ଥାନୀୟ ଚାଷୀ ଅମିତ କୁମାର ସିଙ୍କୁ ଅତିରିକ୍ତ ତହସିଲଦାରଙ୍କୁ ପରେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଗତ ମେ' ୪ରେ ଅତିରିକ୍ତ ତହସିଲଦାରଙ୍କ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗରେ ଅଧୀକ୍ଷଣ ଯନ୍ତ୍ରୀ, ଜିଲା ଶିଳ୍ପ ଅଧିକାରୀ, କାରଖାନା ଏବଂ ବଏଲ୍‌ସ ନିର୍ଦ୍ଦେଶାଳୟ ଓଡ଼ିଶା, ଅବକାରୀ ଅଧୀକ୍ଷକ ୫ଟି ବିଭାଗୀୟ ଯନ୍ତ୍ରୀ ତଦନ୍ତ କରିଥିଲେ। ତଦନ୍ତର କିଛି ଦିନ ବ୍ୟବଧାନରେ ଅନ୍ୟ ୨ଜଣ ଚାଷୀ ମଳୟ କୁମାର ସାହୁ ଓ ଗଣେଶ୍ୱର ବେହେରା ସମାନ ଅଭିଯୋଗ କରିଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶର ୮ଘଣ୍ଟା ବିତି ନ ଥିବା ବେଳେ ପୁଣି ଗୁରୁବାର ଅତିରିକ୍ତ ଜିଲାପାଳ ଦିବ୍ୟଜ୍ୟୋତି ଦେଓ, ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, କେନ୍ଦ୍ରୀୟ ଭୂତଳ ଜଳ ବିଭାଗୀୟ ଅଧିକାରୀବୃନ୍ଦ ତଦନ୍ତ କରିବା ସହ ପରୀକ୍ଷା ପାଇଁ ଚାଷ ଜମିରୁ ମୃତ୍ତିକା ଓ ବର୍ଜ୍ୟଜଳ ସଂଗ୍ରହ କରି ଫେରିଯାଇଛନ୍ତି। ବାରମ୍ବାର ପ୍ରଶାସନର ତଦନ୍ତ ଜାରି ରହିଛି ଆମକୁ ନ୍ୟାୟ ମିଳିବ ବୋଲି ସରକାରଙ୍କ ଉପରେ ବିଶ୍ୱାସ ରହିଛି ବୋଲି ଅଭିଯୋଗ ଆଣିଥିବା ଚାଷୀ କହିଛନ୍ତି।



ଅତିରିକ୍ତ ଜିଲାପାଳ ଓ ତହସିଲଦାରଙ୍କ ସହ ଅନ୍ୟ ଅଧିକାରୀ ଚାଷଜମି ତଦନ୍ତ କରୁଛନ୍ତି।

## ଫଟୋରେ ଖବର



ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁ ତେଲ ନ ମିଳିବା ଆଶଙ୍କାରେ ଗୁରୁବାର କଟକ ହାଓଡ଼ା ମୋଟର ଛକସ୍ଥିତ ଏକ ପେଟ୍ରୋଲ ପମ୍ପରେ ଲାଗିଥିବା ଭିଡ଼।



ରାଣୀହାଟ ଛକ କ୍ଲକ୍ ଟାୱାର ଘଣ୍ଟା ଅଚଳ: ଗୋଟେ ପାର୍ଶ୍ୱ ଘଣ୍ଟାରେ ୪ଟା ବାଜିଥିବା ବେଳେ ଅପରପାର୍ଶ୍ୱ ଘଣ୍ଟାରେ ସମୟ ୧୦.୫୫ ହୋଇଛି।



କଟକ ବାଲିଯାତ୍ରା ତଳପଡ଼ିଆ ଗଡ଼ଗଡ଼ିଆ ମହାନଦୀ ଘାଟ ବିପଦପୂର୍ଣ୍ଣ ସ୍ଥାନକୁ ନ ଯିବା ପାଇଁ ଓ କାଉଡ଼ିଆଙ୍କ ସୁରକ୍ଷାକୁ ନେଇ ବାଉଁଶରେ ବ୍ୟାରିକେଡ୍ ଦିଆଯାଇଛି।(ଫଟୋ: ରାଜକିଶୋର ମହାନ୍ତି)

# ରେଳ ମନ୍ତ୍ରାଳୟ

## (ପୂର୍ବ ତଟ ରେଳପଥ)

## ବିଜ୍ଞପ୍ତି

**ଭୁବନେଶ୍ୱର, 01 ଜୁଲାଇ, 2025**

**ରେଳବାଇ ଅଧିନିୟମ 1989 ର ଧାରା 20A ଅଧୀନରେ ସୂଚନା**

**କା.ଆ. 2949 (ଅ).-** ରେଳବାଇ (ସଂଶୋଧନ) ଅଧିନିୟମ 1989 (24/89) ବର୍ତ୍ତମାନ ଠାରୁ ଅଧିନିୟମ ଭାବେ ଅଭିହିତ ହେବ) ର ଧାରା 20A ର ଉପଧାରା (1) ର କ୍ଷମତାର ପ୍ରୟୋଗ ଅନୁସାରେ କେନ୍ଦ୍ର ସରକାର ଏହିଯୋଜନାରେ ସନ୍ତୁଷ୍ଟ ହୋଇଛନ୍ତି ଯେ, ରେଳବାଇ(ସଂଶୋଧନ) ଅଧିନିୟମ 1989 ର ଧାରା 20A (1) ସଂଖ୍ୟା 2949 (ଅ) ପ୍ରକାଶିତ ବିଜ୍ଞପ୍ତି ଓଡିଶା ରାଜ୍ୟର ବରଗଡ଼ ଜିଲ୍ଲାର ସ୍ୱତନ୍ତ୍ର ରେଳ ପ୍ରକଳ୍ପ, ଯଥା, **"ବରଗଡ଼ ରୋଡ୍ - ନୱାପଡ଼ା ରୋଡ୍ (୧୩୮.୩୨ କିଲୋମିଟର) ମଧ୍ୟରେ ନୂତନ ଲାଇନ"** ର ନିର୍ମାଣ ପ୍ରକଳ୍ପର ଯାହା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେନିଷ୍ପାଦନ, ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଓ ପରିଚାଳନା ନିମନ୍ତେ କେନ୍ଦ୍ର ସରକାରଙ୍କୁ ସମସ୍ତ ପ୍ରକାରର ବାଧା/ବୋଝରୁ ମୁକ୍ତ କରାହୋଇ ନ୍ୟସ୍ତ କରା ହେବା ନିମନ୍ତେ ଉଦ୍ଦିଷ୍ଟ ଭୂମିର ଅଧିଗ୍ରହଣ ଆବଶ୍ୟକ ହୋଇଅଛି ।

ଏଣୁ ଉପରୋକ୍ତ ଉଦ୍ଦେଶ୍ୟରେ ଅଧିକରଣ ହେବାକୁ ଥିବା ଭୂମିର ସମ୍ବନ୍ଧେ ଯଦି କାହାର କୌଣସି ଆପତ୍ତି ଥାଏ ତେବେ ସେ ଉପରୋକ୍ତ ଅଧିନିୟମର ଧାରା 20D ର ଉପଧାରା (1) ଅନୁସାରେ ଏହି ଅଫିସିଆଲ ଗେଜେଟର ପ୍ରକାଶିତ ହେବାର ତାରିଖରୁ 30 ଦିନ ମଧ୍ୟରେ ନିଜ ଆପତ୍ତି ଜଣାଇ ପାରିବେ ।

ଏହି ପରି କୌଣସି ଆପତ୍ତିକୁ ଅଧିକୃତ ଅଧିକାରୀ ଅର୍ଥାତ ଭୂମି ଅଧିଗ୍ରହଣ ଅଧିକାରୀ, ବରଗଡ଼, ବରଗଡ଼ ରୋଡ - ନୱାପାରା ରୋଡ (୧୩୮.୩୨ କିଲୋମିଟର) ମଧ୍ୟରେ ନୂତନ ଲାଇନ, ବରଗଡ଼, ଜିଲ୍ଲା - ବରଗଡ଼, ରାଜ୍ୟ – ଓଡ଼ିଶା, କୁ ଲିଖିତ ଭାବେ ଜଣାଇବ ତଥା ନିଜେ ବା ନିଜର କୌଣସି ଆଇନ ଗତ ସହଯୋଗୀଙ୍କ ଦ୍ୱାରା ନିଜର ଆପତ୍ତିକୁ ପ୍ରମାଣ ସହିତ ଉପସ୍ଥାପନ କରି ପାରିବେ, ଯେଉଁ ଥିରେ ପ୍ରାଧିକୃତ କର୍ତ୍ତୃପକ୍ଷ ଯଦି ଅସନ୍ତୋଷ ଅନୁଭବ କରନ୍ତି ତେବେ ଆଦେଶ ଜାରି କରାଇ ଏହି ଆପତ୍ତି ଗ୍ରହଣ ଅଥବା ଅନାଗ୍ରହ କରାଇପାରିବେ ।

ଉପରୋକ୍ତ ଆଇନ ର ଧାରା 20D ର ଉପଧାରା (2) ଅନୁସାରେ ଜାରି ଆଦେଶନାମାକୁ ଚୂଡାନ୍ତ ବୋଲି ଗ୍ରହଣ କରାଯିବ। ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଆଗ୍ରହୀପକ୍ଷ ଭୂମିର ପ୍ଲାନ, ଭୂମି ସମ୍ବନ୍ଧୀୟ ସବିଶେଷ ବିବରଣୀ ପ୍ରାପ୍ତ କରି ପାରିବେ ।

## ଅନୁସୂଚୀ

ଓଡିଶା ରାଜ୍ୟର ବରଗଡ଼ ଜିଲ୍ଲାରେ ସ୍ୱତନ୍ତ୍ର ରେଳବାଇ ପ୍ରକଳ୍ପ **"ବରଗଡ଼ ରୋଡ୍ - ନୱାପଡ଼ା ରୋଡ୍ (୧୩୮.୩୨ କିଲୋମିଟର) ମଧ୍ୟରେ ନୂତନ ଲାଇନ"** ର ନିର୍ମାଣ ପ୍ରକଳ୍ପ ନିମିଉଥିବା ଭୂମି ଅଧିଗ୍ରହଣ ହେବାକୁ ଥିବା ନିର୍ମାଣ ସହ କିମ୍ବା ବୀନା ନିର୍ମାଣରେ ଜମିର ସଂକ୍ଷିପ୍ତ ବିବରଣୀ ।

**ଜିଲ୍ଲାର ନାମ:** ବରଗଡ଼

| କ୍ର. ସଂ. | ଗ୍ରାମର ନାମ | ଖାତା ନଂ. | ପ୍ଲଟ ନଂ. | ସମୁଦାୟ କ୍ଷେତ୍ର (ଏକର) | ଆଧିକୃତ ହେବାକୁ ଥିବା କ୍ଷେତ୍ର (ଏକର) | କିସମ | ଜମିର ପ୍ରକାର |
|---|---|---|---|---|---|---|---|
| 01 | 02 | 03 | 04 | 05 | 06 | 07 | 08 |
| 1 | ମାଝୀପାଲି - 37 | 63 | 153 | 1.330 | 0.198 | ବାହାଲ ସାଧାରଣ/5 | ନିଜସ୍ୱ |
| 2 | ମାଝୀପାଲି - 37 | 63 | 177 | 4.280 | 0.652 | ଆଟ ସାଧାରଣ | ନିଜସ୍ୱ |
| 3 | ମାଝୀପାଲି - 37 | 68/79 | 177/716 | 0.175 | 0.076 | ଆଟ ସାଧାରଣ | ନିଜସ୍ୱ |
| 4 | ମାଝୀପାଲି - 37 | 68/79 | 177/806 | 0.175 | 0.028 | ଘରବାରି | ନିଜସ୍ୱ |
| 5 | ମାଝୀପାଲି - 37 | 68/79 | 177/805 | 0.175 | 0.056 | ଘରବାରି | ନିଜସ୍ୱ |
| 6 | ମାଝୀପାଲି - 37 | 68/79 | 177/804 | 0.175 | 0.083 | ଘରବାରି | ନିଜସ୍ୱ |
| 7 | ମାଝୀପାଲି - 37 | 68/126 | 184 | 1.060 | 0.680 | ଘରବାରି | ନିଜସ୍ୱ |
| 8 | ମାଝୀପାଲି - 37 | 68/126 | 184/591 | 0.100 | 0.053 | ଘରବାରି | ନିଜସ୍ୱ |
| 9 | ମାଝୀପାଲି - 37 | 68/126 | 181 | 2.050 | 0.084 | ଘରବାରି | ନିଜସ୍ୱ |
| 10 | ମାଝୀପାଲି - 37 | 68/127 | 190 | 0.110 | 0.059 | ଘରବାରି | ନିଜସ୍ୱ |
| 11 | ମାଝୀପାଲି - 37 | 68/126 | 191 | 0.130 | 0.130 | ଘରବାରି | ନିଜସ୍ୱ |
| 12 | ମାଝୀପାଲି - 37 | 62 | 188/554 | 0.230 | 0.092 | ଘରବାରି | ନିଜସ୍ୱ |
| 13 | ମାଝୀପାଲି - 37 | 68/127 | 189 | 0.360 | 0.055 | ଘରବାରି | ନିଜସ୍ୱ |
| 14 | ମାଝୀପାଲି - 37 | 53 | 201 | 2.730 | 0.063 | ଘରବାରି | ନିଜସ୍ୱ |
| 15 | ମାଝୀପାଲି - 37 | 57 | 535 | 1.410 | 0.833 | ଆଟ ସାଧାରଣ | ନିଜସ୍ୱ |
| 16 | ମାଝୀପାଲି - 37 | 57 | 534 | 0.360 | 0.130 | ମାଳ ସାଧାରଣ | ନିଜସ୍ୱ |
| 17 | ମାଝୀପାଲି - 37 | 35 | 499 | 1.780 | 0.342 | ମୁଣ୍ଡା | ନିଜସ୍ୱ |
| 18 | ମାଝୀପାଲି - 37 | 35 | 498 | 0.200 | 0.028 | ଆଡି | ନିଜସ୍ୱ |
| 19 | ମାଝୀପାଲି - 37 | 57 | 495 | 1.200 | 0.028 | ଆଟ ସାଧାରଣ | ନିଜସ୍ୱ |
| 20 | ମାଝୀପାଲି - 37 | 57 | 496 | 0.100 | 0.033 | ମାଳ ସାଧାରଣ | ନିଜସ୍ୱ |
| 21 | ମାଝୀପାଲି - 37 | 57 | 497 | 2.500 | 1.317 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 22 | ମାଝୀପାଲି - 37 | 66 | 493 | 2.080 | 0.400 | ଆଟ ସାଧାରଣ | ନିଜସ୍ୱ |
| 23 | ମାଝୀପାଲି - 37 | 66 | 487 | 1.270 | 0.924 | ମାଳ ସାଧାରଣ | ନିଜସ୍ୱ |
| 24 | ମାଝୀପାଲି - 37 | 66 | 453 | 1.120 | 0.518 | ବାହାଲ ସାଧାରଣ/4 | ନିଜସ୍ୱ |
| 25 | ମାଝୀପାଲି - 37 | 35 | 454 | 0.980 | 0.695 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 26 | ମାଝୀପାଲି - 37 | 66 | 486 | 0.060 | 0.060 | ଆଡି | ନିଜସ୍ୱ |
| 27 | ମାଝୀପାଲି - 37 | 66 | 485 | 0.090 | 0.090 | ମାଳ ସାଧାରଣ | ନିଜସ୍ୱ |
| 28 | ମାଝୀପାଲି - 37 | 35 | 472 | 0.810 | 0.025 | ମାଳ ସାଧାରଣ | ନିଜସ୍ୱ |
| 29 | ମାଝୀପାଲି - 37 | 36 | 456 | 0.940 | 0.601 | ବେର୍ଣ୍ଣା ସାଧାରଣ/2 | ନିଜସ୍ୱ |
| 30 | ମାଝୀପାଲି - 37 | 35 | 455 | 0.270 | 0.270 | ଆଡି | ନିଜସ୍ୱ |
| 31 | ମାଝୀପାଲି - 37 | 35 | 457 | 0.200 | 0.200 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 32 | ମାଝୀପାଲି - 37 | 35 | 458 | 0.360 | 0.225 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 33 | ମାଝୀପାଲି - 37 | 35 | 460 | 0.110 | 0.027 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 34 | ମାଝୀପାଲି - 37 | 58 | 407 | 1.180 | 0.045 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 35 | ମାଝୀପାଲି - 37 | 35 | 406 | 0.340 | 0.014 | ମାଳ ସାଧାରଣ | ନିଜସ୍ୱ |
| 36 | ମାଝୀପାଲି - 37 | 35 | 461 | 0.210 | 0.210 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 37 | ମାଝୀପାଲି - 37 | 35 | 462 | 0.110 | 0.110 | ଆଟ ସାଧାରଣ | ନିଜସ୍ୱ |
| 38 | ମାଝୀପାଲି - 37 | 35 | 463 | 0.530 | 0.334 | ମାଳ ସାଧାରଣ | ନିଜସ୍ୱ |
| 39 | ମାଝୀପାଲି - 37 | 35 | 464 | 0.360 | 0.302 | ଆଟ ସାଧାରଣ | ନିଜସ୍ୱ |
| 40 | ମାଝୀପାଲି - 37 | 35 | 465 | 0.310 | 0.101 | ଆଟ ସାଧାରଣ | ନିଜସ୍ୱ |
| 41 | ମାଝୀପାଲି - 37 | 35 | 466 | 0.160 | 0.053 | ଆଟ ସାଧାରଣ | ନିଜସ୍ୱ |
| 42 | ମାଝୀପାଲି - 37 | 35 | 467 | 0.110 | 0.110 | ଆଟ ସାଧାରଣ | ନିଜସ୍ୱ |
| 43 | ମାଝୀପାଲି - 37 | 35 | 468 | 0.090 | 0.090 | ମାଳ ସାଧାରଣ | ନିଜସ୍ୱ |
| 44 | ମାଝୀପାଲି - 37 | 68/102 | 402 | 0.160 | 0.160 | ବାହାଲ ସାଧାରଣ | ନିଜସ୍ୱ |
| 45 | ମାଝୀପାଲି - 37 | 25 | 403 | 0.330 | 0.056 | ବାହାଲ ସାଧାରଣ | ନିଜସ୍ୱ |
| 46 | ମାଝୀପାଲି - 37 | 34 | 404 | 0.020 | 0.020 | ମାଳ ସାଧାରଣ | ନିଜସ୍ୱ |
| 47 | ମାଝୀପାଲି - 37 | 68/102 | 404/759 | 0.120 | 0.120 | ମାଳ ସାଧାରଣ | ନିଜସ୍ୱ |
| 48 | ମାଝୀପାଲି - 37 | 2 | 405 | 0.590 | 0.363 | ଆଟ ସାଧାରଣ | ନିଜସ୍ୱ |
| 49 | ମାଝୀପାଲି - 37 | 8 | 396 | 1.140 | 0.374 | ବାହାଲ ସାଧାରଣ | ନିଜସ୍ୱ |
| 50 | ମାଝୀପାଲି - 37 | 25 | 403/543 | 0.500 | 0.355 | ବାହାଲ ସାଧାରଣ | ନିଜସ୍ୱ |
| 51 | ମାଝୀପାଲି - 37 | 8 | 380 | 0.220 | 0.073 | ବାହାଲ ସାଧାରଣ | ନିଜସ୍ୱ |
| 52 | ମାଝୀପାଲି - 37 | 25 | 381 | 1.450 | 0.795 | ବାହାଲ ସାଧାରଣ | ନିଜସ୍ୱ |
| 53 | ମାଝୀପାଲି - 37 | 25 | 395 | 0.820 | 0.618 | ବାହାଲ ସାଧାରଣ | ନିଜସ୍ୱ |
| 54 | ମାଝୀପାଲି - 37 | 25 | 394 | 0.110 | 0.032 | ମାଳ ସାଧାରଣ | ନିଜସ୍ୱ |
| 55 | ମାଝୀପାଲି - 37 | 25 | 393 | 0.920 | 0.089 | ଆଟ ସାଧାରଣ | ନିଜସ୍ୱ |
| 56 | ମାଝୀପାଲି - 37 | 25 | 390 | 0.110 | 0.036 | ଆଟ ସାଧାରଣ | ନିଜସ୍ୱ |
| 57 | ମାଝୀପାଲି - 37 | 12 | 388 | 0.640 | 0.455 | ଆଟ ସାଧାରଣ | ନିଜସ୍ୱ |
| 58 | ମାଝୀପାଲି - 37 | 25 | 389 | 0.290 | 0.290 | ଆଟ ସାଧାରଣ | ନିଜସ୍ୱ |
| 59 | ମାଝୀପାଲି - 37 | 12 | 387 | 0.840 | 0.380 | ବେର୍ଣ୍ଣା ସାଧାରଣ/ 6 | ନିଜସ୍ୱ |
| 60 | ମାଝୀପାଲି - 37 | 12 | 386 | 0.650 | 0.041 | ମାଳ ସାଧାରଣ | ନିଜସ୍ୱ |
| 61 | ମାଝୀପାଲି - 37 | 12 | 384 | 0.800 | 0.188 | ମାଳ ସାଧାରଣ / 7 | ନିଜସ୍ୱ |
| 62 | ମାଝୀପାଲି - 37 | 26 | 383 | 0.360 | 0.043 | ଆଟ ସାଧାରଣ | ନିଜସ୍ୱ |
| 63 | ମାଝୀପାଲି - 37 | 12 | 382 | 2.160 | 1.497 | ବାହାଲ ସାଧାରଣ | ନିଜସ୍ୱ |
| 64 | ମାଝୀପାଲି - 37 | 5 | 345 | 1.280 | 0.093 | ବାହାଲ ସାଧାରଣ | ନିଜସ୍ୱ |
| | | | ମୋଟ - | 45.830 | 16.502 | | |
| 65 | ପଡା | 236/566 | 1933 | 0.820 | 0.329 | ଆଟ ସାଧାରଣ | ନିଜସ୍ୱ |
| 66 | ପଡା | 101 | 1937 | 2.240 | 0.187 | ମାଳ ସାଧାରଣ/46 | ନିଜସ୍ୱ |
| 67 | ପଡା | 240 | 1932 | 2.060 | 0.328 | ଆଟ ସାଧାରଣ | ନିଜସ୍ୱ |
| 68 | ପଡା | 148 | 608 | 1.130 | 0.453 | ମାଳ ସାଧାରଣ | ନିଜସ୍ୱ |
| 69 | ପଡା | 148 | 609 | 0.880 | 0.517 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 70 | ପଡା | 56 | 609/2322 | 0.510 | 0.113 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 71 | ପଡା | 159 | 627 | 1.540 | 0.608 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 72 | ପଡା | 159 | 628 | 0.030 | 0.030 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 73 | ପଡା | 159 | 629 | 1.060 | 0.639 | ବାହାଲ ସାଧାରଣ | ନିଜସ୍ୱ |
| 74 | ପଡା | 159 | 630 | 0.880 | 0.545 | ବାହାଲ ସାଧାରଣ | ନିଜସ୍ୱ |
| 75 | ପଡା | 236/455 | 596 | 1.070 | 0.428 | ବାହାଲ ସାଧାରଣ | ନିଜସ୍ୱ |
| 76 | ପଡା | 45 | 595 | 1.700 | 1.083 | ମାଳ ସାଧାରଣ/6 | ନିଜସ୍ୱ |
| 77 | ପଡା | 159 | 631 | 0.350 | 0.350 | ବାହାଲ ସାଧାରଣ | ନିଜସ୍ୱ |
| 78 | ପଡା | 231 | 632 | 0.370 | 0.070 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 79 | ପଡା | 38 | 633 | 0.140 | 0.103 | ବାହାଲ ସାଧାରଣ | ନିଜସ୍ୱ |
| 80 | ପଡା | 38 | 634 | 0.940 | 0.463 | ବେର୍ଣ୍ଣା ସାଧାରଣ/7 | ନିଜସ୍ୱ |
| 81 | ପଡା | 45 | 562 | 0.730 | 0.340 | ମାଳ ସାଧାରଣ/7 | ନିଜସ୍ୱ |
| 82 | ପଡା | 95 | 564 | 1.100 | 0.700 | ମାଳ ସାଧାରଣ/4 | ନିଜସ୍ୱ |
| 83 | ପଡା | 236/567 | 565 | 0.050 | 0.050 | ମାଳ ସାଧାରଣ | ନିଜସ୍ୱ |
| 84 | ପଡା | 116 | 557 | 0.680 | 0.068 | ମାଳ ସାଧାରଣ | ନିଜସ୍ୱ |
| 85 | ପଡା | 200 | 566 | 0.160 | 0.160 | ମାଳ ସାଧାରଣ | ନିଜସ୍ୱ |
| 86 | ପଡା | 37 | 567 | 0.170 | 0.170 | ମାଳ ସାଧାରଣ | ନିଜସ୍ୱ |
| 87 | ପଡା | 95 | 568 | 0.260 | 0.260 | ବେର୍ଣ୍ଣା ସାଧାରଣ/2 | ନିଜସ୍ୱ |
| 88 | ପଡା | 95 | 569 | 2.290 | 0.250 | ବାହାଲ ସାଧାରଣ/6 | ନିଜସ୍ୱ |
| 89 | ପଡା | 37 | 571 | 2.350 | 0.125 | ବାହାଲ ସାଧାରଣ | ନିଜସ୍ୱ |
| 90 | ପଡା | 116 | 552 | 1.970 | 0.801 | ବାହାଲ ସାଧାରଣ/8 | ନିଜସ୍ୱ |
| 91 | ପଡା | 116 | 551 | 0.140 | 0.021 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 92 | ପଡା | 116 | 550 | 0.550 | 0.272 | ଆଟ ସାଧାରଣ | ନିଜସ୍ୱ |
| 93 | ପଡା | 179 | 539 | 0.300 | 0.300 | ମାଳ ସାଧାରଣ | ନିଜସ୍ୱ |
| 94 | ପଡା | 58 | 540 | 0.570 | 0.036 | ବେର୍ଣ୍ଣା ସାଧାରଣ/2 | ନିଜସ୍ୱ |
| 95 | ପଡା | 58 | 538 | 2.150 | 1.607 | ବାହାଲ ସାଧାରଣ/3 | ନିଜସ୍ୱ |
| 96 | ପଡା | 236/68 | 537 | 0.070 | 0.070 | ଘରବାରି | ନିଜସ୍ୱ |
| 97 | ପଡା | 181 | 426 | 1.340 | 0.485 | ମାଳ ସାଧାରଣ/7 | ନିଜସ୍ୱ |
| 98 | ପଡା | 109 | 425 | 1.350 | 1.008 | ମାଳ ସାଧାରଣ/3 | ନିଜସ୍ୱ |
| 99 | ପଡା | 159 | 424 | 0.630 | 0.123 | ମାଳ ସାଧାରଣ | ନିଜସ୍ୱ |
| 100 | ପଡା | 20 | 427 | 0.150 | 0.150 | ମାଳ ସାଧାରଣ/2 | ନିଜସ୍ୱ |
| 101 | ପଡା | 109 | 433 | 1.970 | 0.098 | ମାଳ ସାଧାରଣ | ନିଜସ୍ୱ |
| 102 | ପଡା | 236/365 | 430 | 1.710 | 0.248 | ଘରବାରି | ନିଜସ୍ୱ |
| 103 | ପଡା | 236/382 | 429 | 1.350 | 0.933 | ମାଳ ସାଧାରଣ | ନିଜସ୍ୱ |
| 104 | ପଡା | 31 | 428 | 1.620 | 0.867 | ମାଳ ସାଧାରଣ/5 | ନିଜସ୍ୱ |
| 105 | ପଡା | 56 | 370/2435 | 0.570 | 0.104 | ବାହାଲ ସାଧାରଣ | ନିଜସ୍ୱ |
| 106 | ପଡା | 204 | 370/2436 | 0.600 | 0.345 | ବାହାଲ ସାଧାରଣ | ନିଜସ୍ୱ |
| 107 | ପଡା | 109 | 370 | 0.700 | 0.008 | ବାହାଲ ସାଧାରଣ | ନିଜସ୍ୱ |
| 108 | ପଡା | 33 | 362 | 3.900 | 2.773 | ମାଳ ସାଧାରଣ | ନିଜସ୍ୱ |
| 109 | ପଡା | 33 | 361 | 1.060 | 0.367 | ମାଳ ସାଧାରଣ | ନିଜସ୍ୱ |
| 110 | ପଡା | 205 | 360 | 0.480 | 0.403 | ମାଳ ସାଧାରଣ/4 | ନିଜସ୍ୱ |
| 111 | ପଡା | 56 | 352/2445 | 0.320 | 0.060 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 112 | ପଡା | 204 | 352/2444 | 0.250 | 0.250 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 113 | ପଡା | 236/571 | 363 | 0.910 | 0.081 | ବେର୍ଣ୍ଣା ସାଧାରଣ/5 | ନିଜସ୍ୱ |
| 114 | ପଡା | 109 | 352 | 1.110 | 0.135 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 115 | ପଡା | 56 | 347 | 0.300 | 0.143 | ମାଳ ସାଧାରଣ | ନିଜସ୍ୱ |
| 116 | ପଡା | 33 | 1067 | 0.480 | 0.096 | ଆଟ ସାଧାରଣ | ନିଜସ୍ୱ |
| 117 | ପଡା | 208 | 1068 | 1.000 | 0.173 | ଆଟ ସାଧାରଣ | ନିଜସ୍ୱ |
| 118 | ପଡା | 204 | 1056 | 3.650 | 0.241 | ବାହାଲ ସାଧାରଣ | ନିଜସ୍ୱ |
| 119 | ପଡା | 86 | 1065 | 2.410 | 2.107 | ଆଟ ସାଧାରଣ | ନିଜସ୍ୱ |
| 120 | ପଡା | 90 | 1079 | 1.150 | 0.081 | ମାଳ ସାଧାରଣ/7 | ନିଜସ୍ୱ |
| 121 | ପଡା | 196 | 1078 | 1.960 | 1.068 | ବାହାଲ ସାଧାରଣ/10 | ନିଜସ୍ୱ |
| 122 | ପଡା | 56 | 349 | 0.100 | 0.005 | ଆଟ ସାଧାରଣ | ନିଜସ୍ୱ |
| | | | ମୋଟ - | 60.330 | 23.828 | | |
| 123 | ରେଙ୍ଗାଲିପାଲି | 51 | 860 | 1.100 | 0.603 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 124 | ରେଙ୍ଗାଲିପାଲି | 56 | 861 | 0.800 | 0.528 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 125 | ରେଙ୍ଗାଲିପାଲି | 43 | 862 | 0.350 | 0.180 | ବେର୍ଣ୍ଣା ସାଧାରଣ/2 | ନିଜସ୍ୱ |
| 126 | ରେଙ୍ଗାଲିପାଲି | 57 | 866 | 1.400 | 0.709 | ବେର୍ଣ୍ଣା ସାଧାରଣ/6 | ନିଜସ୍ୱ |
| 127 | ରେଙ୍ଗାଲିପାଲି | 58 | 863 | 6.980 | 0.710 | ବାହାଲ ସାଧାରଣ | ନିଜସ୍ୱ |
| 128 | ରେଙ୍ଗାଲିପାଲି | 19 | 864 | 0.500 | 0.450 | ବାହାଲ ସାଧାରଣ | ନିଜସ୍ୱ |
| 129 | ରେଙ୍ଗାଲିପାଲି | 57 | 865 | 4.550 | 1.337 | ବାହାଲ ସାଧାରଣ/3 | ନିଜସ୍ୱ |
| 130 | ରେଙ୍ଗାଲିପାଲି | 93 | 916 | 1.300 | 0.527 | ବାହାଲ ସାଧାରଣ | ନିଜସ୍ୱ |
| 131 | ରେଙ୍ଗାଲିପାଲି | 76 | 917 | 1.380 | 0.251 | ବାହାଲ ସାଧାରଣ | ନିଜସ୍ୱ |
| 132 | ରେଙ୍ଗାଲିପାଲି | 58 | 918 | 0.830 | 0.395 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 133 | ରେଙ୍ଗାଲିପାଲି | 84 | 922 | 8.930 | 1.182 | ବାହାଲ ସାଧାରଣ | ନିଜସ୍ୱ |
| 134 | ରେଙ୍ଗାଲିପାଲି | 84 | 926 | 0.100 | 0.085 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 135 | ରେଙ୍ଗାଲିପାଲି | 20 | 927 | 1.300 | 0.751 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 136 | ରେଙ୍ଗାଲିପାଲି | 41 | 931 | 0.360 | 0.335 | ବେର୍ଣ୍ଣା ସାଧାରଣ/7 | ନିଜସ୍ୱ |
| 137 | ରେଙ୍ଗାଲିପାଲି | 38 | 932 | 0.770 | 0.576 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 138 | ରେଙ୍ଗାଲିପାଲି | 89 | 954 | 0.960 | 0.255 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 139 | ରେଙ୍ଗାଲିପାଲି | 66 | 933 | 1.450 | 0.247 | ବେର୍ଣ୍ଣା ସାଧାରଣ/4 | ନିଜସ୍ୱ |
| 140 | ରେଙ୍ଗାଲିପାଲି | 63 | 944 | 0.800 | 0.371 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 141 | ରେଙ୍ଗାଲିପାଲି | 21 | 942 | 0.650 | 0.557 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 142 | ରେଙ୍ଗାଲିପାଲି | 67 | 952 | 1.500 | 0.470 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 143 | ରେଙ୍ଗାଲିପାଲି | 58 | 946 | 0.760 | 0.365 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 144 | ରେଙ୍ଗାଲିପାଲି | 58 | 782 | 0.640 | 0.049 | ମାଳ ସାଧାରଣ/13 | ନିଜସ୍ୱ |
| 145 | ରେଙ୍ଗାଲିପାଲି | 58 | 781 | 0.710 | 0.342 | ଆଟ ସାଧାରଣ | ନିଜସ୍ୱ |
| 146 | ରେଙ୍ଗାଲିପାଲି | 48 | 780 | 1.490 | 0.070 | ବାହାଲ ସାଧାରଣ | ନିଜସ୍ୱ |
| 147 | ରେଙ୍ଗାଲିପାଲି | 58 | 778 | 5.350 | 0.977 | ବାହାଲ ସାଧାରଣ | ନିଜସ୍ୱ |
| 148 | ରେଙ୍ଗାଲିପାଲି | 58 | 777 | 0.150 | 0.014 | ଆଟ ସାଧାରଣ | ନିଜସ୍ୱ |
| 149 | ରେଙ୍ଗାଲିପାଲି | 58 | 776 | 1.100 | 0.847 | ନାଳ | ନିଜସ୍ୱ |
| 150 | ରେଙ୍ଗାଲିପାଲି | 80 | 730 | 0.110 | 0.064 | ଆଟ ସାଧାରଣ | ନିଜସ୍ୱ |
| 151 | ରେଙ୍ଗାଲିପାଲି | 80 | 731 | 0.130 | 0.130 | ଆଟ ସାଧାରଣ | ନିଜସ୍ୱ |
| 152 | ରେଙ୍ଗାଲିପାଲି | 80 | 732 | 0.090 | 0.090 | ଆଟ ସାଧାରଣ | ନିଜସ୍ୱ |
| 153 | ରେଙ୍ଗାଲିପାଲି | 20 | 733 | 0.04 | 0.040 | ବାହାଲ ସାଧାରଣ | ନିଜସ୍ୱ |
| 154 | ରେଙ୍ଗାଲିପାଲି | 20 | 726 | 0.080 | 0.080 | ବାହାଲ ସାଧାରଣ | ନିଜସ୍ୱ |
| 155 | ରେଙ୍ଗାଲିପାଲି | 48 | 724 | 0.970 | 0.121 | ବାହାଲ ସାଧାରଣ | ନିଜସ୍ୱ |
| 156 | ରେଙ୍ଗାଲିପାଲି | 20 | 737 | 0.780 | 0.560 | ବାହାଲ ସାଧାରଣ | ନିଜସ୍ୱ |
| 157 | ରେଙ୍ଗାଲିପାଲି | 80 | 703 | 1.560 | 0.082 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 158 | ରେଙ୍ଗାଲିପାଲି | 80 | 705 | 2.850 | 1.398 | ବାହାଲ ସାଧାରଣ | ନିଜସ୍ୱ |
| 159 | ରେଙ୍ଗାଲିପାଲି | 54 | 709 | 0.660 | 0.477 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 160 | ରେଙ୍ଗାଲିପାଲି | 84 | 650 | 0.820 | 0.633 | ଆଟ ସାଧାରଣ | ନିଜସ୍ୱ |
| 161 | ରେଙ୍ଗାଲିପାଲି | 84 | 658 | 0.310 | 0.161 | ଆଟ ସାଧାରଣ | ନିଜସ୍ୱ |
| 162 | ରେଙ୍ଗାଲିପାଲି | 93/4 | 657 | 0.350 | 0.350 | ଘରବାରି | ନିଜସ୍ୱ |
| 163 | ରେଙ୍ଗାଲିପାଲି | 78 | 651/1085 | 0.230 | 0.230 | ଆଟ ସାଧାରଣ | ନିଜସ୍ୱ |
| 164 | ରେଙ୍ଗାଲିପାଲି | 78 | 651 | 1.100 | 0.074 | ଆଟ ସାଧାରଣ | ନିଜସ୍ୱ |
| 165 | ରେଙ୍ଗାଲିପାଲି | 63 | 656 | 0.330 | 0.238 | ଆଟ ସାଧାରଣ | ନିଜସ୍ୱ |
| 166 | ରେଙ୍ଗାଲିପାଲି | 3 | 653 | 0.100 | 0.029 | ଆଟ ସାଧାରଣ | ନିଜସ୍ୱ |
| 167 | ରେଙ୍ଗାଲିପାଲି | 90 | 664/1106 | 0.100 | 0.100 | ଆଟ ସାଧାରଣ | ନିଜସ୍ୱ |
| 168 | ରେଙ୍ଗାଲିପାଲି | 54 | 664 | 0.170 | 0.072 | ଆଟ ସାଧାରଣ | ନିଜସ୍ୱ |
| 169 | ରେଙ୍ଗାଲିପାଲି | 20 | 663 | 0.180 | 0.028 | ଆଟ ସାଧାରଣ | ନିଜସ୍ୱ |
| 170 | ରେଙ୍ଗାଲିପାଲି | 15 | 638 | 1.050 | 0.719 | ଆଟ ସାଧାରଣ | ନିଜସ୍ୱ |
| 171 | ରେଙ୍ଗାଲିପାଲି | 14 | 640/1024 | 2.000 | 0.589 | ଆଟ ସାଧାରଣ | ନିଜସ୍ୱ |
| 172 | ରେଙ୍ଗାଲିପାଲି | 14 | 639 | 1.440 | 0.042 | ଆଟ ସାଧାରଣ | ନିଜସ୍ୱ |
| 173 | ରେଙ୍ଗାଲିପାଲି | 67 | 637 | 1.270 | 0.443 | ଆଟ ସାଧାରଣ | ନିଜସ୍ୱ |
| 174 | ରେଙ୍ଗାଲିପାଲି | 67 | 635 | 0.100 | 0.019 | ମାଳ ସାଧାରଣ | ନିଜସ୍ୱ |
| 175 | ରେଙ୍ଗାଲିପାଲି | 67 | 634 | 2.250 | 1.186 | ବାହାଲ ସାଧାରଣ | ନିଜସ୍ୱ |
| 176 | ରେଙ୍ଗାଲିପାଲି | 15 | 228 | 2.78 | 0.483 | ବାହାଲ ସାଧାରଣ | ନିଜସ୍ୱ |
| 177 | ରେଙ୍ଗାଲିପାଲି | 67 | 238 | 0.210 | 0.116 | ମାଳ ସାଧାରଣ | ନିଜସ୍ୱ |
| 178 | ରେଙ୍ଗାଲିପାଲି | 76 | 239 | 0.130 | 0.115 | ମୁଣ୍ଡା | ନିଜସ୍ୱ |
| 179 | ରେଙ୍ଗାଲିପାଲି | 76 | 237 | 0.640 | 0.026 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 180 | ରେଙ୍ଗାଲିପାଲି | 76 | 240/1072 | 0.240 | 0.021 | ବାହାଲ ସାଧାରଣ | ନିଜସ୍ୱ |
| 181 | ରେଙ୍ଗାଲିପାଲି | 76 | 632 | 5.100 | 0.566 | ବାହାଲ ସାଧାରଣ | ନିଜସ୍ୱ |
| 182 | ରେଙ୍ଗାଲିପାଲି | 93 | 240 | 5.690 | 2.428 | ମାଳ ସାଧାରଣ | ନିଜସ୍ୱ |
| 183 | ରେଙ୍ଗାଲିପାଲି | 93 | 550 | 1.080 | 0.895 | ମାଳ ସାଧାରଣ | ନିଜସ୍ୱ |
| 184 | ରେଙ୍ଗାଲିପାଲି | 93 | 551 | 3.220 | 0.109 | ମାଳ ସାଧାରଣ | ନିଜସ୍ୱ |
| 185 | ରେଙ୍ଗାଲିପାଲି | 42 | 549 | 1.010 | 1.000 | ବାହାଲ ସାଧାରଣ/2 | ନିଜସ୍ୱ |
| 186 | ରେଙ୍ଗାଲିପାଲି | 93/45 | 548 | 0.050 | 0.050 | ଆଟ ସାଧାରଣ | ନିଜସ୍ୱ |
| 187 | ରେଙ୍ଗାଲିପାଲି | 93/45 | 547 | 1.080 | 0.420 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 188 | ରେଙ୍ଗାଲିପାଲି | 42 | 543 | 0.190 | 0.142 | ଆଟ ସାଧାରଣ | ନିଜସ୍ୱ |
| 189 | ରେଙ୍ଗାଲିପାଲି | 42 | 544 | 0.860 | 0.243 | ମାଳ ସାଧାରଣ | ନିଜସ୍ୱ |
| 190 | ରେଙ୍ଗାଲିପାଲି | 42 | 533 | 0.060 | 0.060 | ମୁଣ୍ଡା | ନିଜସ୍ୱ |
| 191 | ରେଙ୍ଗାଲିପାଲି | 42 | 537 | 0.580 | 0.026 | ଆଡି | ନିଜସ୍ୱ |
| 192 | ରେଙ୍ଗାଲିପାଲି | 42 | 532 | 0.760 | 0.129 | ଆଟ ସାଧାରଣ | ନିଜସ୍ୱ |
| 193 | ରେଙ୍ଗାଲିପାଲି | 15 | 513 | 3.400 | 0.746 | ଆଟ ସାଧାରଣ | ନିଜସ୍ୱ |
| 194 | ରେଙ୍ଗାଲିପାଲି | 42 | 541 | 3.450 | 0.204 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 195 | ରେଙ୍ଗାଲିପାଲି | 93 | 552 | 0.230 | 0.004 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 196 | ରେଙ୍ଗାଲିପାଲି | 80 | 662 | 0.200 | 0.008 | ଆଟ ସାଧାରଣ | ନିଜସ୍ୱ |
| 197 | ରେଙ୍ଗାଲିପାଲି | 48 | 699 | 1.450 | 0.007 | ବାହାଲ ସାଧାରଣ | ନିଜସ୍ୱ |
| 198 | ରେଙ୍ଗାଲିପାଲି | 80 | 705 | 2.850 | 1.449 | ବାହାଲ ସାଧାରଣ | ନିଜସ୍ୱ |
| 199 | ରେଙ୍ଗାଲିପାଲି | 65 | 945 | 0.400 | 0.008 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 200 | ରେଙ୍ଗାଲିପାଲି | 20 | 928 | 0.630 | 0.003 | ବାହାଲ ସାଧାରଣ | ନିଜସ୍ୱ |
| | | | ମୋଟ - | 101.570 | 30.396 | | |
| 201 | ଝିରଲିପାଲି | 20 | 337 | 0.430 | 0.230 | ବେର୍ଣ୍ଣା ସାଧାରଣ/8 | ନିଜସ୍ୱ |
| 202 | ଝିରଲିପାଲି | 20 | 332 | 5.750 | 1.755 | ଆଟ ସାଧାରଣ | ନିଜସ୍ୱ |
| 203 | ଝିରଲିପାଲି | 30 | 40 | 1.900 | 0.578 | ଆଟ ସାଧାରଣ | ନିଜସ୍ୱ |
| 204 | ଝିରଲିପାଲି | 19 | 42 | 0.040 | 0.040 | ମାଳ ସାଧାରଣ | ନିଜସ୍ୱ |
| 205 | ଝିରଲିପାଲି | 30 | 39 | 0.630 | 0.099 | ମାଳ ସାଧାରଣ | ନିଜସ୍ୱ |
| 206 | ଝିରଲିପାଲି | 19 | 45 | 0.120 | 0.054 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 207 | ଝିରଲିପାଲି | 19 | 46 | 1.350 | 1.033 | ବାହାଲ ସାଧାରଣ | ନିଜସ୍ୱ |
| 208 | ଝିରଲିପାଲି | 19 | 47 | 0.200 | 0.017 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 209 | ଝିରଲିପାଲି | 19 | 79 | 1.020 | 0.488 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 210 | ଝିରଲିପାଲି | 19 | 78 | 0.150 | 0.150 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 211 | ଝିରଲିପାଲି | 19 | 149 | 0.470 | 0.150 | ବାହାଲ ସାଧାରଣ | ନିଜସ୍ୱ |
| 212 | ଝିରଲିପାଲି | 18 | 81 | 1.900 | 0.327 | ଆଟ ସାଧାରଣ | ନିଜସ୍ୱ |
| 213 | ଝିରଲିପାଲି | 31/17 | 77 | 0.570 | 0.098 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 214 | ଝିରଲିପାଲି | 19 | 80 | 1.330 | 0.288 | ବାହାଲ ସାଧାରଣ | ନିଜସ୍ୱ |
| 215 | ଝିରଲିପାଲି | 19 | 148 | 0.300 | 0.210 | ବାହାଲ ସାଧାରଣ | ନିଜସ୍ୱ |
| 216 | ଝିରଲିପାଲି | 19 | 150 | 0.680 | 0.650 | ବାହାଲ ସାଧାରଣ | ନିଜସ୍ୱ |
| 217 | ଝିରଲିପାଲି | 19 | 67 | 0.120 | 0.023 | ମାଳ ସାଧାରଣ | ନିଜସ୍ୱ |
| 218 | ଝିରଲିପାଲି | 18 | 151 | 0.820 | 0.403 | ବାହାଲ ସାଧାରଣ | ନିଜସ୍ୱ |
| 219 | ଝିରଲିପାଲି | 19 | 156 | 0.100 | 0.012 | ବାହାଲ ସାଧାରଣ | ନିଜସ୍ୱ |
| 220 | ଝିରଲିପାଲି | 19 | 152 | 0.340 | 0.173 | ବାହାଲ ସାଧାରଣ | ନିଜସ୍ୱ |
| 221 | ଝିରଲିପାଲି | 20 | 333 | 0.190 | 0.01 | ମାଳ ସାଧାରଣ/5 | ନିଜସ୍ୱ |
| | | | ମୋଟ - | 18.410 | 6.788 | | |
| 222 | ବଲଣ୍ଡା | 112 | 447 | 9.620 | 0.602 | ଆଟ ସାଧାରଣ | ନିଜସ୍ୱ |
| 223 | ବଲଣ୍ଡା | 64 | 448 | 1.540 | 0.660 | ମାଳ ସାଧାରଣ | ନିଜସ୍ୱ |
| 224 | ବଲଣ୍ଡା | 83 | 449 | 0.140 | 0.094 | ଆଟ ସାଧାରଣ | ନିଜସ୍ୱ |
| 225 | ବଲଣ୍ଡା | 84 | 450 | 0.100 | 0.087 | ମାଳ ସାଧାରଣ | ନିଜସ୍ୱ |
| 226 | ବଲଣ୍ଡା | 84 | 451 | 2.260 | 0.226 | ଆଟ ସାଧାରଣ | ନିଜସ୍ୱ |
| 227 | ବଲଣ୍ଡା | 84 | 452 | 2.320 | 0.715 | ମାଳ ସାଧାରଣ | ନିଜସ୍ୱ |
| 228 | ବଲଣ୍ଡା | 5 | 482 | 0.530 | 0.212 | ମାଳ ସାଧାରଣ | ନିଜସ୍ୱ |
| 229 | ବଲଣ୍ଡା | 40 | 481 | 0.540 | 0.316 | ମାଳ ସାଧାରଣ | ନିଜସ୍ୱ |
| 230 | ବଲଣ୍ଡା | 40 | 478 | 0.140 | 0.140 | ମାଳ ସାଧାରଣ | ନିଜସ୍ୱ |
| 231 | ବଲଣ୍ଡା | 40 | 477 | 3.200 | 0.100 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 232 | ବଲଣ୍ଡା | 5 | 489 | 0.520 | 0.241 | ମାଳ ସାଧାରଣ | ନିଜସ୍ୱ |
| 233 | ବଲଣ୍ଡା | 5 | 491 | 1.720 | 0.689 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 234 | ବଲଣ୍ଡା | 100 | 492 | 0.470 | 0.367 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 235 | ବଲଣ୍ଡା | 74 | 499 | 1.700 | 0.573 | ବାହାଲ ସାଧାରଣ | ନିଜସ୍ୱ |
| 236 | ବଲଣ୍ଡା | 74 | 500 | 0.700 | 0.367 | ବାହାଲ ସାଧାରଣ | ନିଜସ୍ୱ |
| 237 | ବଲଣ୍ଡା | 100 | 551 | 0.530 | 0.211 | ବାହାଲ ସାଧାରଣ | ନିଜସ୍ୱ |
| 238 | ବଲଣ୍ଡା | 40 | 498 | 0.800 | 0.566 | ବାହାଲ ସାଧାରଣ | ନିଜସ୍ୱ |
| 239 | ବଲଣ୍ଡା | 100 | 356 | 0.900 | 0.730 | ମାଳ ସାଧାରଣ | ନିଜସ୍ୱ |
| 240 | ବଲଣ୍ଡା | 11 | 552 | 1.520 | 0.095 | ବାହାଲ ସାଧାରଣ | ନିଜସ୍ୱ |
| 241 | ବଲଣ୍ଡା | 11 | 553 | 0.590 | 0.535 | ମାଳ ସାଧାରଣ | ନିଜସ୍ୱ |
| 242 | ବଲଣ୍ଡା | 14 | 555 | 1.750 | 0.022 | ବାହାଲ ସାଧାରଣ | ନିଜସ୍ୱ |
| 243 | ବଲଣ୍ଡା | 121/118 | 554 | 0.590 | 0.350 | ଆଟ ସାଧାରଣ | ନିଜସ୍ୱ |
| 244 | ବଲଣ୍ଡା | 75 | 354 | 9.350 | 0.844 | ବାହାଲ ସାଧାରଣ | ନିଜସ୍ୱ |
| 245 | ବଲଣ୍ଡା | 73 | 317 | 6.120 | 0.498 | ବାହାଲ ସାଧାରଣ | ନିଜସ୍ୱ |
| 246 | ବଲଣ୍ଡା | 37 | 316 | 1.700 | 0.213 | ବାହାଲ ସାଧାରଣ | ନିଜସ୍ୱ |
| 247 | ବଲଣ୍ଡା | 73 | 315 | 2.090 | 0.359 | ବାହାଲ ସାଧାରଣ | ନିଜସ୍ୱ |
| 248 | ବଲଣ୍ଡା | 52 | 309 | 0.520 | 0.419 | ମାଳ ସାଧାରଣ | ନିଜସ୍ୱ |
| 249 | ବଲଣ୍ଡା | 54 | 293 | 0.270 | 0.085 | ମାଳ ସାଧାରଣ | ନିଜସ୍ୱ |
| 250 | ବଲଣ୍ଡା | 54 | 282 | 1.090 | 0.340 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 251 | ବଲଣ୍ଡା | 63 | 286 | 0.370 | 0.032 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 252 | ବଲଣ୍ଡା | 54 | 296 | 0.320 | 0.204 | ଆଟ ସାଧାରଣ | ନିଜସ୍ୱ |
| 253 | ବଲଣ୍ଡା | 63 | 281 | 0.150 | 0.024 | ଆଟ ସାଧାରଣ | ନିଜସ୍ୱ |
| 254 | ବଲଣ୍ଡା | 63 | 283 | 0.240 | 0.240 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 255 | ବଲଣ୍ଡା | 63 | 279/1180 | 0.510 | 0.211 | ଆଟ ସାଧାରଣ | ନିଜସ୍ୱ |
| 256 | ବଲଣ୍ଡା | 121/5 | 278 | 0.070 | 0.070 | ଆଟ ସାଧାରଣ | ନିଜସ୍ୱ |
| 257 | ବଲଣ୍ଡା | 63 | 284 | 0.300 | 0.300 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 258 | ବଲଣ୍ଡା | 63 | 279 | 1.340 | 0.205 | ଆଟ ସାଧାରଣ | ନିଜସ୍ୱ |
| 259 | ବଲଣ୍ଡା | 76 | 242 | 0.380 | 0.057 | ମାଳ ସାଧାରଣ | ନିଜସ୍ୱ |
| 260 | ବଲଣ୍ଡା | 76 | 230/1229 | 0.430 | 0.264 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 261 | ବଲଣ୍ଡା | 121/2 | 245 | 0.420 | 0.316 | ଆଟ ସାଧାରଣ | ନିଜସ୍ୱ |
| 262 | ବଲଣ୍ଡା | 121/2 | 245/1234 | 0.110 | 0.110 | ଆଟ ସାଧାରଣ | ନିଜସ୍ୱ |
| 263 | ବଲଣ୍ଡା | 66 | 229 | 0.900 | 0.250 | ଆଟ ସାଧାରଣ | ନିଜସ୍ୱ |
| 264 | ବଲଣ୍ଡା | 121/2 | 212/1226 | 1.350 | 0.148 | ବାହାଲ ସାଧାରଣ | ନିଜସ୍ୱ |
| 265 | ବଲଣ୍ଡା | 121/4 | 212 | 1.970 | 0.439 | ବାହାଲ ସାଧାରଣ | ନିଜସ୍ୱ |
| 266 | ବଲଣ୍ଡା | 66 | 228 | 1.780 | 0.439 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 267 | ବଲଣ୍ଡା | 221/04 | 213 | 0.310 | 0.205 | ଆଟ ସାଧାରଣ | ନିଜସ୍ୱ |
| 268 | ବଲଣ୍ଡା | 221/04 | 215 | 0.510 | 0.132 | ଆଟ ସାଧାରଣ | ନିଜସ୍ୱ |
| 269 | ବଲଣ୍ଡା | 221/04 | 214 | 1.830 | 0.783 | ବାହାଲ ସାଧାରଣ | ନିଜସ୍ୱ |
| 270 | ବଲଣ୍ଡା | 121/3 | 206 | 1.120 | 0.615 | ମାଳ ସାଧାରଣ | ନିଜସ୍ୱ |
| 271 | ବଲଣ୍ଡା | 121/78 | 205 | 0.410 | 0.253 | ମାଳ ସାଧାରଣ/2 | ନିଜସ୍ୱ |
| 272 | ବଲଣ୍ଡା | 121/78 | 202 | 0.580 | 0.062 | ବେର୍ଣ୍ଣା ସାଧାରଣ/2 | ନିଜସ୍ୱ |
| 273 | ବଲଣ୍ଡା | 121/78 | 203 | 1.320 | 0.889 | ମାଳ ସାଧାରଣ/2 | ନିଜସ୍ୱ |
| 274 | ବଲଣ୍ଡା | 121/121 | 204 | 3.850 | 0.467 | ଆଟ ସାଧାରଣ | ନିଜସ୍ୱ |
| 275 | ବଲଣ୍ଡା | 56 | 199 | 5.590 | 1.373 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 276 | ବଲଣ୍ଡା | 56 | 972 | 3.020 | 0.640 | ମାଳ ସାଧାରଣ | ନିଜସ୍ୱ |
| 277 | ବଲଣ୍ଡା | 56 | 973 | 1.960 | 0.671 | ବାହାଲ ସାଧାରଣ | ନିଜସ୍ୱ |
| 278 | ବଲଣ୍ଡା | 56 | 974 | 1.990 | 1.199 | ମାଳ ସାଧାରଣ | ନିଜସ୍ୱ |
| 279 | ବଲଣ୍ଡା | 121/2 | 241 | 0.250 | 0.005 | ମାଳ ସାଧାରଣ | ନିଜସ୍ୱ |
| | | | ମୋଟ - | 86.700 | 21.259 | | |
| 280 | ବାଦିପାଲି | 164 | 783 | 0.5 | 0.422 | ଆଟ ସାଧାରଣ | ନିଜସ୍ୱ |
| 281 | ବାଦିପାଲି | 164 | 781 | 0.06 | 0.060 | ଆଟ ସାଧାରଣ | ନିଜସ୍ୱ |
| 282 | ବାଦିପାଲି | 164 | 777 | 1.3 | 0.895 | ଆଟ ସାଧାରଣ | ନିଜସ୍ୱ |
| 283 | ବାଦିପାଲି | 164 | 779 | 0.15 | 0.017 | ମାଳ ସାଧାରଣ/2 | ନିଜସ୍ୱ |
| 284 | ବାଦିପାଲି | 202/189 | 778/1738 | 0.24 | 0.084 | ଆଟ ସାଧାରଣ | ନିଜସ୍ୱ |
| 285 | ବାଦିପାଲି | 164 | 782 | 1.2 | 1.000 | ମାଳ ସାଧାରଣ/15 | ନିଜସ୍ୱ |
| 286 | ବାଦିପାଲି | 35 | 778 | 1.71 | 0.777 | ଆଟ ଉନହରି | ନିଜସ୍ୱ |
| 287 | ବାଦିପାଲି | 202/401 | 761 | 0.16 | 0.160 | ଆଟ ଉନହରି | ନିଜସ୍ୱ |
| 288 | ବାଦିପାଲି | 67 | 760 | 0.66 | 0.180 | ଆଟ ଉନହରି | ନିଜସ୍ୱ |
| 289 | ବାଦିପାଲି | 202/400 | 761/1673 | 0.28 | 0.056 | ଆଟ ସାଧାରଣ | ନିଜସ୍ୱ |
| 290 | ବାଦିପାଲି | 177 | 753 | 0.56 | 0.058 | ମାଳ ସାଧାରଣ/7 | ନିଜସ୍ୱ |
| 291 | ବାଦିପାଲି | 202/181 | 845 | 0.96 | 0.335 | ଆଟ ସାଧାରଣ | ନିଜସ୍ୱ |
| 292 | ବାଦିପାଲି | 202/181 | 847 | 0.17 | 0.127 | ମାଳ ସାଧାରଣ | ନିଜସ୍ୱ |
| 293 | ବାଦିପାଲି | 202/181 | 844 | 0.38 | 0.034 | ମାଳ ସାଧାରଣ | ନିଜସ୍ୱ |
| 294 | ବାଦିପାଲି | 98 | 845/1659 | 1.24 | 0.294 | ଆଟ ସାଧାରଣ | ନିଜସ୍ୱ |
| 295 | ବାଦିପାଲି | 98 | 855 | 0.74 | 0.170 | ବେର୍ଣ୍ଣା ସାଧାରଣ/7 | ନିଜସ୍ୱ |
| 296 | ବାଦିପାଲି | 98 | 854 | 0.68 | 0.519 | ମାଳ ସାଧାରଣ/5 | ନିଜସ୍ୱ |
| 297 | ବାଦିପାଲି | 98 | 849 | 0.08 | 0.044 | ମାଳ ସାଧାରଣ/3 | ନିଜସ୍ୱ |
| 298 | ବାଦିପାଲି | 202/181 | 848 | 0.84 | 0.337 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 299 | ବାଦିପାଲି | 202/181 | 850 | 0.61 | 0.036 | ଆଟ ସାଧାରଣ | ନିଜସ୍ୱ |
| 300 | ବାଦିପାଲି | 74 | 45 | 0.48 | 0.225 | ଆଟ ଉନହରି | ନିଜସ୍ୱ |
| 301 | ବାଦିପାଲି | 98 | 860 | 2.18 | 0.133 | ଆଟ ସାଧାରଣ | ନିଜସ୍ୱ |
| 302 | ବାଦିପାଲି | 89 | 880 | 2.08 | 0.738 | ଆଟ ଉନହରି | ନିଜସ୍ୱ |
| 303 | ବାଦିପାଲି | 164 | 883 | 0.04 | 0.020 | ଆଟ ସାଧାରଣ | ନିଜସ୍ୱ |
| 304 | ବାଦିପାଲି | 164 | 884 | 1.36 | 0.829 | ମାଳ ସାଧାରଣ/2 | ନିଜସ୍ୱ |
| 305 | ବାଦିପାଲି | 164 | 873 | 11.33 | 0.772 | ଆଟ ସାଧାରଣ | ନିଜସ୍ୱ |
| 306 | ବାଦିପାଲି | 64 | 722/1656 | 0.8 | 0.800 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 307 | ବାଦିପାଲି | 64 | 885/1658 | 0.12 | 0.120 | ଆଟ ସାଧାରଣ | ନିଜସ୍ୱ |
| 308 | ବାଦିପାଲି | 180 | 721 | 0.92 | 0.920 | ବାହାଲ ସାଧାରଣ/3 | ନିଜସ୍ୱ |
| 309 | ବାଦିପାଲି | 181 | 885 | 0.19 | 0.038 | ଆଟ ସାଧାରଣ | ନିଜସ୍ୱ |
| 310 | ବାଦିପାଲି | 164 | 886 | 0.25 | 0.008 | ଆଟ ସାଧାରଣ | ନିଜସ୍ୱ |
| 311 | ବାଦିପାଲି | 182 | 727 | 3.32 | 0.068 | ମାଳ ସାଧାରଣ | ନିଜସ୍ୱ |
| 312 | ବାଦିପାଲି | 181 | 722 | 1.95 | 0.088 | ବାହାଲ ସାଧାରଣ/7 | ନିଜସ୍ୱ |
| 313 | ବାଦିପାଲି | 180 | 892 | 2.37 | 0.320 | ବେର୍ଣ୍ଣା ସାଧାରଣ/12 | ନିଜସ୍ୱ |
| 314 | ବାଦିପାଲି | 180 | 720 | 1.5 | 1.500 | ବାହାଲ ସାଧାରଣ | ନିଜସ୍ୱ |
| 315 | ବାଦିପାଲି | 180 | 893 | 0.18 | 0.091 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 316 | ବାଦିପାଲି | 146 | 718 | 0.28 | 0.280 | ବାହାଲ ସାଧାରଣ | ନିଜସ୍ୱ |
| 317 | ବାଦିପାଲି | 148 | 716 | 0.32 | 0.320 | ବାହାଲ ସାଧାରଣ | ନିଜସ୍ୱ |
| 318 | ବାଦିପାଲି | 9 | 719 | 0.95 | 0.525 | ବାହାଲ ସାଧାରଣ/3 | ନିଜସ୍ୱ |
| 319 | ବାଦିପାଲି | 172 | 715 | 0.31 | 0.031 | ବାହାଲ ସାଧାରଣ/3 | ନିଜସ୍ୱ |
| 320 | ବାଦିପାଲି | 180 | 896 | 1.8 | 0.147 | ଆଟ ସାଧାରଣ | ନିଜସ୍ୱ |
| 321 | ବାଦିପାଲି | 42 | 909 | 1.32 | 0.592 | ବାହାଲ ସାଧାରଣ/2 | ନିଜସ୍ୱ |
| 322 | ବାଦିପାଲି | 122 | 914 | 1.67 | 0.838 | ବାହାଲ ସାଧାରଣ/3 | ନିଜସ୍ୱ |
| 323 | ବାଦିପାଲି | 61 | 913 | 0.2 | 0.098 | ଆଟ ସାଧାରଣ | ନିଜସ୍ୱ |
| 324 | ବାଦିପାଲି | 61 | 915 | 3.75 | 0.098 | ବାହାଲ ସାଧାରଣ | ନିଜସ୍ୱ |
| 325 | ବାଦିପାଲି | 61 | 572 | 0.1 | 0.009 | ମାଳ ସାଧାରଣ | ନିଜସ୍ୱ |
| 326 | ବାଦିପାଲି | 61 | 571 | 0.49 | 0.156 | ମାଳ ସାଧାରଣ | ନିଜସ୍ୱ |
| 327 | ବାଦିପାଲି | 42 | 568 | 0.48 | 0.125 | ବଗାୟତ/2 | ନିଜସ୍ୱ |
| 328 | ବାଦିପାଲି | 42 | 567 | 0.53 | 0.530 | ବାହାଲ ସାଧାରଣ | ନିଜସ୍ୱ |
| 329 | ବାଦିପାଲି | 89 | 581 | 1.6 | 0.134 | ବାହାଲ ସାଧାରଣ/5 | ନିଜସ୍ୱ |
| 330 | ବାଦିପାଲି | 42 | 560 | 1.23 | 1.230 | ଆଟ ସାଧାରଣ | ନିଜସ୍ୱ |
| 331 | ବାଦିପାଲି | 165 | 561 | 0.96 | 0.466 | ଆଟ ସାଧାରଣ | ନିଜସ୍ୱ |
| 332 | ବାଦିପାଲି | 164 | 563 | 0.94 | 0.146 | ବାହାଲ ସାଧାରଣ/5 | ନିଜସ୍ୱ |
| 333 | ବାଦିପାଲି | 164 | 564 | 0.2 | 0.018 | ଆଟ ସାଧାରଣ | ନିଜସ୍ୱ |
| 334 | ବାଦିପାଲି | 164 | 565 | 1.52 | 0.162 | ବାହାଲ ସାଧାରଣ/10 | ନିଜସ୍ୱ |
| 335 | ବାଦିପାଲି | 80 | 551 | 0.19 | 0.190 | ବେର୍ଣ୍ଣା ସାଧାରଣ/2 | ନିଜସ୍ୱ |
| 336 | ବାଦିପାଲି | 80 | 552 | 0.29 | 0.290 | ବେର୍ଣ୍ଣା ସାଧାରଣ/4 | ନିଜସ୍ୱ |
| 337 | ବାଦିପାଲି | 202/340 | 555 | 0.31 | 0.310 | ମାଳ ସାଧାରଣ/2 | ନିଜସ୍ୱ |
| 338 | ବାଦିପାଲି | 80 | 556 | 0.36 | 0.360 | ଆଟ ସାଧାରଣ | ନିଜସ୍ୱ |
| 339 | ବାଦିପାଲି | 122 | 557 | 0.11 | 0.110 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| 340 | ବାଦିପାଲି | 202/340 | 558 | 0.39 | 0.390 | ବେର୍ଣ୍ଣା ସାଧାରଣ | ନିଜସ୍ୱ |
| Availability of bid documents for sale and receipt through on-line | From dt.11.07.2025, 10.00 A.M. to Dt.21.07.2025, up to 5.00 P.M. |
| Last date / time of receipt of bids in the portal | 21.07.2025 (5.00 P.M.) |
| Date of Technical bid opening through online | on Dt.22.07.2025 at 11.00 A.M. in the Office of the S.E, M.I. Division, Dhenkanal |
| Mode of payment of Bid Cost | Online |
| Digital Signature Certificate of Bidder | The Bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in | |
| Name & Address of the OIT | Superintending Engineer, Minor Irrigation Division, Dhenkanal, At/P.O/District - Dhenkanal Ph. No / Fax No. - 06762-224461, Email ID : eemidkl@gmail.com |
| Further details can be seen from the e-Procurement market place http://tendersorissa.gov.in | |

**Sd./- Superintending Engineer**
**M.I.Division, Dhenkanal**

**OIPR-32027/11/0016/2526**

**GOVERNMENT OF ODISHA**
**COMMERCE & TRANSPORT (TRANSPORT) DEPARTMENT**

**Request For Proposal (RFP)**
**(Reference No. 8350)**

**Leasing of Land for Establishment of UAV (Drone) Testing, Training and Promotional Facility at Rangeilunda Airport, Gopalpur Odisha**

**No.JJ-29** : Government of Odisha, Commerce & Transport (Transport) Department invites Request For Proposal (RFP) for "Leasing of Land for Establishment of UAV (Drone) Testing, Training and Promotional Facility at Rangeilunda Airport, Gopalpur Odisha" complying to all the norms as prescribed by the DGCA Ministry of Civil Aviation, Government of India.

Eligible and interested UAV OEMs and RPTOs may download the Request for Proposal (RFP) document which contains the details of the requirement from the following website of Government of Odisha and submit their offer,

https://tendersodisha.gov.in/nicgep/app
https://ct.odisha.gov.in/tenders

Proposals complete in all respect should reach the undersigned latest by **03:00 PM** on **31.07.2025 ("Bid Due Date" or "BDD")**. Bids received after the above BDD shall be summarily rejected. The authority reserves the right to reject any or all the proposals without assigning any reason thereof.

**Sd./- Special Secretary to Govt. & Director of Aviation,**
**Commerce & Transport (Transport) Department**
**Government of Odisha**

**OIPR-38001/11/0038/2526**

**OFFICE OF THE CHIEF ENGINEER & BASIN MANAGER, TEL BASIN**
**At/P.O.: Bhawanipatna, Dist.: Kalahandi, Odisha**
**Tel. No.: 06670-230209, e-Mail: cetelbasinbhp@gmail.com**

**Government of Odisha "e" Procurement Notice**
**CE&BM, TEL-EPC 01/2025-26**
**Bid Identification No.; CETEL-ODD-01/2025-26**

No. A-370: Online tenders are invited for EPC Contract for Construction of In-stream Storage Structures at Jamutpali across Ong river of State of Odisha including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation, Planning, Desing and Estimate of all components with operation and Maintenance of the project for a period of five years or five flood seasons whichever is more after successful commissioning of the project from perspective bidders.

| | | |
|---|---|---|
| 1 | Name of Work | "Construction of In-stream Storage Strcutrures at Jamutpali across Ong river of State of Odisha including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation, Planning, Design and Estimate of all components with operation and Maintenance of the project for a period of five years or five flood seasons whichever is more after successful commissioning of the project". |
| 2 | Approximate value of work put to tender | Rs.153,41,69,241.00/- |
| 3 | Period of Completion | 30 Calendar months including rainy season. |
| 4 | Date & time of availability of bid document in the portal | Dt.11.07.2025 from 10.00 A.M. to Dt.04.08.2025 upto 5.00 P.M. |
| 5 | Last date/time for receipt of bids in the portal | Dt.04.08.2025 upto 5.00 P.M. |
| 6 | Name & address of the officer inviting Bid | Chief Engineer & Basin Manager, Tel Basin, Bhawanipatna, e-Mail: cetelbasinbhp@gmail.com |

Further details can be seen from the e-procurement portal **"https://tendersodisha.gov.in"**.

**Sd./- Chief Engineer & Basin Manager**
**Tel Basin, Bhawanipatna**

**OIPR-32317/11/0007/2526**

See Career Appointment on every Wednesday & Saturday

**ODISHA PUBLIC SERVICE COMMISSION CUTTACK**

**NOTICE**

**No. 4843 / P.S.C., Dt. 10.07.2025**
**1E-33-2025/26 (DR-III)**

**Recruitment to the Posts of SDIPRO (OIS-II), Group-B**
of Odisha Information Service Cadre under I & PR Department
(Advertisement No.05 of 2024-25)

**No.D-130** : In Continuation to this Office Notice No. 4798/PSC, dtd. 09.07.2025, it is for information of all shortlisted candidates that the **Document Verification and Viva Voce Test** for recruitment to the posts of **SDIPRO (OIS-II), Group-B** under Information & Public Relations Department, pursuant to Advertisement No. 05 of 2024- 25 will be held from **22.07.2025** to **24.07.2025** at the office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Time of verification | Time of Viva Voce Test | ROLL NO. of candidates |
|---|---|---|---|
| 22.07.2025 | 08.30 A.M. | 10.30 A.M. | 100011, 100027, 100039, 100042, 100066, 100077, 100078, 100089, 100090, 100094, 100108, 100111, 100129, 100135, 100151, 100172, 100191, 100220, 100231 & 100242 = **20 Candidates** |
| | 12.30 P.M. | 02.30 P.M. | 100243, 100248, 100268, 100291, 100351, 100354, 100355, 100374, 100379, 100390, 100392, 100393, 100397 & 100401 = **14 Candidates** |
| 23.07.2025 | 08.30 A.M. | 10.30 A.M. | 100408, 100420, 100421, 100444, 100447, 100454, 100480, 100489, 100516, 100520, 100522, 100535, 100563, 100566, 100568, 100595, 100612, 100618, 100620 & 100626 = **20 Candidates** |
| | 12.30 P.M. | 02.30 P.M. | 100632, 100641, 100643, 100672, 100674, 100679, 100694, 100695, 100696, 100701, 100711, 100716, 100726 & 100730 = **14 Candidates** |
| 24.07.2025 | 08.30 A.M. | 10.30 A.M. | 100746, 100750, 100769, 100778, 100779, 100784, 100785, 100791, 100792, 100816, 100817, 100820, 100822, 100833, 100853, 100865, 100932, 100956, 100995, 101009 = **20 Candidates** |

**N.B. -** The candidates are advised to report at the office of the Commission **30 minutes before** the commencement of Document Verification in each time slot allotted in the scheduled programme.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 30.10.2024).**

1. Hard Copy of **Online Application form** (mentioning **Roll No.** at the **Top Right- hand Corner** of the 1st page in Application Form).
   (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc. through OPSC e-Chayan Portal via www.opscechayan.in)
2. Four (04) passport size photographs (Unsigned & Unattested) which has been uploaded with application form.
3. H.S.C. or equivalent Certificate in support of declaration of age.
4. Intermediate/ +2 Examination Certificate.
5. Bachelor's Degree Certificate.
6. Certificate of Post Graduate Diploma in Journalism & Mass Communication.
7. Degree Certificate in Journalism/ Mass Communication issued from recognized University.
8. Mark Sheets in support of all the Examinations including fail marks, if any, issued by the concerned Board / Council / University.
9. Certificate in support of adequate knowledge in Computer Application.
10. Required Odia Test Pass Certificate from the competent authority.
11. Caste Certificate **by birth** in support of claim as SEBC/ST/SC whichever applicable. (which has been uploaded with online Application Form)
12. Permanent Disability Certificate (indicating percentage of permanent disability i.e. 40% and more)
13. Ex-Servicemen claiming reservation are required to submit/upload Release Certificate issued as per Orissa Ex-Servicemen (recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service, wherever applicable.
14. Any proof of identity.
15. Any other documents as per Para-09 of the **Advertisement**.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in affixed with passport size photograph (downloaded from the website of the OPSC)

The candidates are required to mention on each copy of documents **"Submitted by me and Certified as genuine and has not been cancelled"** and put their **full signature and date** on the same.

**OIPR-12002/11/0267/2526** **Sd./- Secretary**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଜାରରେ ୱାନ୍‌ପ୍ଲସ୍‌ର ନର୍ଡ ୫ସିରିଜ

ଭୁବନେଶ୍ୱର,୧୦।୭: 'ୱାନ୍‌ପ୍ଲସ୍'ର ବହୁ ପ୍ରତୀକ୍ଷିତ ତଥା ନର୍ଡ ସିରିଜ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ୱାନ୍ ପ୍ଲସ୍ ନର୍ଡ ୫ ଏବଂ ୱାନ୍‌ପ୍ଲସ୍ ନର୍ଡ ସିଇ୫ ସହିତ ୱାନ ପ୍ଲସ୍ ବଡ୍ସ ୪କୁ ଅନାବରଣ କରାଯାଇଛି। ୱାନ୍‌ପ୍ଲସ୍ ନର୍ଡ ସିରିଜ୍ ଇଣ୍ଡଷ୍ଟ୍ରିର ଫ୍ଲାଗ୍‌ଶିପ୍ ଟେକ୍ନୋଲୋଜି ସହ ମିନିମାଲ୍ ଡିଜାଇନକୁ ଯୋଡ଼ି ସାରା ବିଶ୍ୱରେ ବ୍ୟବହାରକାରୀଙ୍କ ବିଶ୍ୱାସ ଓ ଭଲପାଇବା ଅର୍ଜନ କରିଛି ବୋଲି ୱାନ୍‌ପ୍ଲସ୍‌ର ପ୍ରତିଷ୍ଠାତା ପିଟେ ଲାଉ କହିଛନ୍ତି।

# କୋଲକାତାରେ ଟ୍ରାଭେଲ ଟ୍ରେଡ୍ ଫେୟାର ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୭(ଅନୁରାଧା ମହାରଣା)
ଭାରତର ସର୍ବବୃହତ୍ ଟ୍ରାଭେଲ ଶୋ' ନେଟ୍‌ୱର୍କ ଟ୍ରାଭେଲ ଟ୍ରେଡ୍ ଫେୟାର(ଟିଟିଏଫ୍) ଏକ ଏକ୍ସକ୍ଲୁସିଭ ବି୨ବି ଇଭେଣ୍ଟ ଭାବେ କୋଲକାତାରେ ଆରମ୍ଭ ହୋଇଛି। ଜମ୍ମୁ ଓ କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଫେୟାର ଜୁଲାଇ ୧୦ରୁ ୧୨ ଯାଏଁ ବିଶ୍ୱ ବଙ୍ଗଳା ମେଳା ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଛି। ପୂର୍ବ ଭାରତର ସବୁଠାରୁ ପୁରାତନ ଓ ବିଶ୍ୱସ୍ତ ଟ୍ରାଭେଲ ଟ୍ରେଡ୍ ଶୋ' ଭାବେ ପରିଚିତ ଟିଟିଏଫ୍ ୨୫ଟିରୁ ଅଧିକ ଭାରତୀୟ ରାଜ୍ୟ ଓ ୧୪ଟିରୁ ଅଧିକ ଦେଶରୁ ୫୦୦ରୁ ଅଧିକ ପ୍ରଦର୍ଶକ ଏବଂ ୫,୫୦୦ରୁ ଅଧିକ ଗ୍ରାହକଙ୍କୁ ଏକାଠି କରୁଛି। ଦୁର୍ଗାପୂଜା ଓ ଦୀପାବଳି ପୂର୍ବରୁ ଏହା ଟ୍ରାଭେଲ ପ୍ରଫେସନାଲଙ୍କ ପାଇଁ ନେଟ୍‌ୱର୍କିଂ ଓ ବ୍ୟବସାୟିକ ସୁଯୋଗର ଏକ ପ୍ରମୁଖ ପ୍ଲାଟ୍‌ଫର୍ମ ହେବ ବୋଲି ଆଶା କରାଯାଉଛି। ଉଦ୍‌ଘାଟନ ଅବସରରେ ସିକ୍କିମର ଉପ-ବାଚସ୍ପତି ରାଜକୁମାରୀ ଥାପା, ଥାଇଲାଣ୍ଡର କନସୁଲ ଜେନେରାଲ ସିରିପୋର୍ନ ତାନ୍ତିପାନ୍ୟାଥେପ, ଛତିଶଗଡ଼ ଟୁରିଜମ ବୋର୍ଡର ଅଧକ୍ଷ ନୀଲୁ ଶର୍ମା ଓ ଏସିଟିର ସଂଯୋଜକ ରାଜ ବସୁ ଉପସ୍ଥିତ ଥିଲେ। ଇଣ୍ଡିଆ ଟୁରିଜମ, ଓଡ଼ିଶା ଟୁରିଜମ, ଜମ୍ମୁ ଓ କଶ୍ମୀର ଟୁରିଜମ, ଥାଇଲାଣ୍ଡ ଟୁରିଜମ ଅଥରିଟି ସମେତ ଅନେକ ଟୁରିଜମ ବୋର୍ଡ ଏବଂ ରାମୋଜୀ ଫିଲ୍ମ ସିଟି, ରାଡିସନ ହୋଟେଲ ଗ୍ରୁପ୍ ପରି ବେସରକାରୀ ପ୍ରଦର୍ଶକମାନେ ସାମିଲ ଅଛନ୍ତି।

# ଟାଟା ପାୱାରର ତିରୁନେଲ୍‌ଭେଲି ସୌର ମଡ୍ୟୁଲ



ଭୁବନେଶ୍ୱର, ୧୦।୭
ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ମାଧ୍ୟମରେ ଓଡ଼ିଶା ସବୁଜ ଶକ୍ତିର ନେଟ୍ ରପ୍ତାନିକାରୀ ହେବାକୁ ଲକ୍ଷ୍ୟ ରଖିଛି। ଏହି ଲକ୍ଷ୍ୟରେ ଟାଟା ପାୱାରର ତାମିଲନାଡୁର ତିରୁନେଲ୍‌ଭେଲିସ୍ଥିତ ୪.୩ ଗିଗାୱାଟ୍ ସୌର ସେଲ୍ ଓ ମଡ୍ୟୁଲ ଉତ୍ପାଦନ କାରଖାନା ପ୍ରମୁଖ ଭୂମିକା ଗ୍ରହଣ କରିଛି। ଟାଟା ପାୱାର ଆସନ୍ତା ୩ ବର୍ଷରେ ଓଡ଼ିଶାରେ ୩ ଲକ୍ଷରୁ ଅଧିକ ରୁଫ୍‌ଟପ୍ ସୋଲାର ସିଷ୍ଟମ ସ୍ଥାପନ ପାଇଁ ଯୋଜନା ରଖିଛି। ଓଡ଼ିଶା ରିନ୍ୟୁଏବଲ ଏନର୍ଜି ଡେଭେଲପମେଣ୍ଟ ଏଜେନ୍ସି (ଓରେଡା) ସହ ମିଳିତ ଭାବେ ସଚେତନତା, ସ୍ଥାନୀୟ ତାଲିମ ଓ ସୁଲଭ ଅର୍ଥନୀତି ମାଧ୍ୟମରେ ସୌର ଶକ୍ତି ଗ୍ରହଣକୁ ତ୍ୱରାନ୍ୱିତ କରୁଛି। ପିଏମ୍ ସୂର୍ଯ୍ୟଘର ଯୋଜନା ଓ ରାଜ୍ୟ ସରକାରଙ୍କ ସମର୍ଥନ ସହ ଓଡ଼ିଶା ସବୁଜ ଶକ୍ତି କ୍ଷେତ୍ରରେ ଆଗେଇବାରେ ଲାଗିଛି। ଟିପି ସୋଲାର ଲିମିଟେଡ୍, ଟାଟା ପାୱାରର ସୌର ଶାଖା, ଟପ୍‌କନ ଓ ମୋନୋ ପର୍କ ପ୍ରଯୁକ୍ତି ସହ ଉଚ୍ଚ-ଦକ୍ଷତାଯୁକ୍ତ ସୌର ସେଲ୍ ଓ ମଡ୍ୟୁଲ ଉତ୍ପାଦନ କରୁଛି। ଏହା ଡିସିଆର୍ ଓ ଏଏଲ୍‌ଏମ୍‌ଏମ୍ ମାନ୍ୟତା ଅନୁସାରେ ସ୍ଥାନୀୟ ଉତ୍ପାଦନକୁ ସମର୍ଥନ କରିଥାଏ। କ୍ଲବ ଏନର୍ଜି ମାଧ୍ୟମରେ ଛାତ୍ରମାନଙ୍କୁ ସବୁଜ ଶକ୍ତି ଶିକ୍ଷା ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ସଶକ୍ତ କରାଯାଉଛି। ଟାଟା ପାୱାର ସୌରରୁଫ୍ ୧ କିଲୋୱାଟ ପାଇଁ ୨,୪୯୯ ଟଙ୍କା, ୨ କିଲୋୱାଟ ପାଇଁ ୪,୯୯୯ ଟଙ୍କା ଓ ୩ କିଲୋୱାଟ ପାଇଁ ୭,୯୯୯ ଟଙ୍କାରୁ ଆରମ୍ଭ ହେଉଥିବା ସୁଲଭ ଅର୍ଥନୀତି ଓ ୨୫ ବର୍ଷର ୱାରେଣ୍ଟି ସହ ସୌର ପ୍ୟାନେଲ ପ୍ରଦାନ କରୁଛି। ଓଡ଼ିଶାର ୪ଟି ଡିଷ୍ଟ୍ରିବ୍ୟୁଶନ କମ୍ପାନୀରେ ଟାଟା ପାୱାର ସ୍କିଲ୍ ଡେଭେଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ (ଟିପିଏସ୍‌ଡିଆଇ) ମାଧ୍ୟମରେ ୪ଟି ସ୍କିଲ୍ ସେଣ୍ଟର ଏକ ବର୍ଷରେ ୧୨,୦୦୦ ବ୍ୟକ୍ତିଙ୍କୁ ସୌର ସ୍ଥାପନା, ପରିଚାଳନା ଓ ରକ୍ଷଣାବେକ୍ଷଣ ତାଲିମ ଦେବ। ଏହା ସ୍ଥାନୀୟ ନିଯୁକ୍ତିକୁ ଶକ୍ତିଶାଳୀ କରିବ ବୋଲି ଆଶା କରାଯାଉଛି। ସୂଚନା ଥାଉକି, ତିରୁନେଲ୍‌ଭେଲି କାରଖାନା ୮୦% ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ। ଟାଟା ପାୱାର ଓଡ଼ିଶାର ଶକ୍ତି ଭିତ୍ତିଭୂମିରେ ଗ୍ରୀଡ୍ ଦକ୍ଷତା, ଏଟି ଆଣ୍ଡ ସି କ୍ଷତି ହ୍ରାସ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରୁଛି।


# Classified Everyday
0674-2580101, 9692975378





**SALE**

Resort / Cottage at New Puri 19Lakhs, Sandalwood Project 3Lakhs. 8908113985. D-1225

**Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668.** D-76287

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ **5K.M 1500sqft.** କିଣି ଘର କରନ୍ତୁ। **7978947520** D-76283

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288

**3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347.** D-1241

କ ଟ କ – ଭୁ ବ ନେ ଶ୍ୱ ର ମଧ୍ୟଭାଗରେ ନିର୍ମିତ **Sum Hospital- 2** ଏବଂ **Grand Bazar(NH-16)** ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604** D–76281

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

**Duplex sale near AIIMS Hospital Bhubaneswar, apartment Sum Hospital. 9777433701.** D-76285

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




3 Office space- 1. 2000sqft. in 1st floor, 2. 780sqft. 2nd floor fully furnished Office, 3. 1000sqft. in 3rd floor at 5- Janpath, Unit-3, Kharvelnagar behind Kalsi petrol pump, Bhubaneswar, Odisha-751001. Readily available to operate. Contact: 9437001845, 7504050186. D-76839

## LOST

This is to bring to the notice of the General Public that one ID Card of Mr. Rajesh Ku. Swain issued by ICICI Bank Ltd. having ID Card No.- 2525107 has been found missing and/ or lost on 20.06.2025. Anyone, who finds the said ID Card, is requested to return the said ID Card to the Manager Debt Services & Management Group, ICICI Bank Limited, Bhubaneswar. Therefore, all the customers of ICICI Bank Limited are hereby notified not to make any payment to any unauthorised person holding the said ID Card No.- 2525107. Please take further notice that anybody making payment to any person holding the said ID Card shall do so at his/her own costs, risk and peril and ICICI Bank shall not be bound and/or responsible for any payment.
Date:20.06.2025
Place: D-1238

## AFFIDAVIT

By virtue of an affidavit sworn before Executive Magistrate, Bheden, dated- 08.07.2025, I, Jagannath Barik, Address: At/P.O.- Ainlapali, P.S.- Bheden, Dist.- Bargarh, PIN- 768104 declare that I have changed my daughter's name from Shree to Tanushree Rani Barik. Henceforth, she shall be known as Tanushree Rani Barik for all purposes. D-1240

I, Jagdish Kumar Jena, S/o- Gayadhar Jena, resident of B-401, Snehalata Apartment, Vivekananda Marg, Nageswartangi, Bhubaneswar, P.O.- Old Town, P.S.- Shree Lingaraj, Dist.- Khordha, PIN- 751002, Odisha declare by this affidavit No.- 649, dtd. 08.07.2025. That now onwards I shall be known as JAGADISH KUMAR JENA for all future purposes. D-1246

By virtue of an affidavit sworn before the Notary Public, Balangir, No.- 4478, date- 16.05.25, I, Sangita Gadtya, W/o. Sarjan Barik, R/o. Village- Khairmal Mundapala, P.O.- Kulutapada, P.S.- Tusura, Dist.- Balangir- 767067, declare that I have changed my name from Sangita Barik to Sangita Gadtya. Henceforth I shall be known as Sangita Gadtya for all purposes.
Sangita Gadtya D-1242

I, Murttiala Jagadamba, W/o- Late Venkat Rama Rao Mutiala, resident of Village- Saraspali, P.O.- Sankirda, P.S.- Bheden, Dist.- Bargarh, PIN- 768103, Odisha, declare by this affidavit No.- 24, dtd- 04.05.2025, that now onwards, I shall be known as Mutiala Jagadamba for all future purposes. D-1243

I, Akshya Kumar Sahoo, S/o. Late Raghunath Sahoo, At/ P.O.- Barpali, Ward No.- 2, P.S./- Tah Barpali, Dist.- Bargarh, do hereby changed my name from Akshay Kumar Sahu to Akshya Kumar Sahoo, by virtue of an affidavit sworn before Notary Public Barpali on dt- 09.07.2025.
Akshya Kumar Sahoo D-1241

By virtue of an affidavit sworn before the Executive Magistrate, Bhubaneswar on dtd- 13.03.2025. I, Smruti Sudipta Tripathy, W/o- Bishnu Prasad Tripathy resident of Plot- 59, Goutam Nagar, Bhubanewar, PIN- 751014, Odisha, declare that I have change my name from Smruti Sudipta Panda to Smruti Sudipta Tripathy. Henceforth, I shall be known as Smruti Sudipta Tripathy for all purposes. D-1240

By virtue of an affidavit sworn before the Notary Public. Muniguda on dated- 07.07.2025, (SL No.- 569/25), I, Saira Hadrenga of Village- Tagapankal, P.O.- Chandrapur, P.S.- Chandrapur, Dist.- Rayagada, declare that I have changed my name Saira Banu to Saira Hadrenga. Henceforth, I shall be known as Saira Hadrenga for all purposes.
Saira Hadrenga D-1244

## LEGAL NOTICE

IN THE COURT OF THE ADDL SUB COLLECTOR, CUTTACK.
Remand Revision Petition No.- 2292/2001
Abdul Uhab Khan & Others ....Petitioners
Vrs
Punananda Malik & Others ....Opp. parties
Summons/Notice for service by Advertisement in a Daily Oriya News Paper (O.V.R.20 of CPC)
To
1. Puni Bibi, D/o-Late Rasid Khan, Address- Kakatpur, Dist.- Puri, 2. Rehmat Khan, S/o-Late Rasid Khan, At- Majhikhanda, P.O.-Niali, Dist.- Cuttack, 3. Kuni Bibi, D/o- Late Rasid Khan, At- Majhikhanda, P.O.-Niali, Dist- Cuttack, 4. Rajani Bibi, D/o-Late Rasid Khan, Address- Uttarpradesh

Whereas, the petitioners have instituted the above mentioned Consolidation Case U/s 37(2) of the OCH. & PFL. Act, 1972 against the Hal Khata No.- 315, Plot No.- 867, Area A0.18 dec. of Mouza Badakorkor, P.S.- Govindpur, Dist.- Cuttack. You are hereby summoned to appear in this Court either in person or by a pleader on dt. 24.07. 2025 at about 11 O' clock to answer the same, failing which the remand revision petition will be disposed up in accordance with law.

Given under my hand and the seal of the Court this 07th July, 2025
By the order of 07.07.2025
Sd./- Addl. Sub-Collector, Cuttack Sadar.
Place- Cuttack
Date-07.07.2025 D-1245


Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


Letter No.-1159, dt- 17.06.2025
ମାନ୍ୟବର ଆଡିସନାଲ୍ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଆଡ଼ିସନାଲ୍ ରିଭିଜନ୍ କୋର୍ଟ ନଂ- ୪ଙ୍କ ଅଦାଲତ, ଭୁବନେଶ୍ୱର, ଓ.ଏସ୍.ଏସ୍. କେଶ ନଂ- ୨୫୫/୨୦୨୪
ପ୍ରଶାନ୍ତ କୁମାର ନାୟକ ...ବାଦୀ/ଦରଖାସ୍ତକାରୀ
ବନାମ
ବିକ୍ରମ କେଶରୀ ରାୟ ଓ ଅନ୍ୟମାନେ ପ୍ରତିବାଦୀମାନେ/ଅପରପକ୍ଷ
ପ୍ରାପ୍ତେଷୁ,
୧. ବିକ୍ରମ କେଶରୀ ରାୟ, ପିତା- ୰ଗୋବିନ୍ଦ ଚନ୍ଦ୍ର ରାୟ, ସା/ପୋ: ବଡ଼ହାଟ, ତ୍ରିଲୋଚନପୁର, ଥାନା- ଅଗରପଡ଼ା, ଜିଲ୍ଲା- ଭଦ୍ରକ, ୨. ଉମେଶ ଚନ୍ଦ୍ର ସାମନ୍ତରାୟ, ପିତା- ୰ସର୍ବେଶ୍ୱର ସାମନ୍ତରାୟ, ପୋଷ୍ୟ ପିତା- ୰ଜୋଗେନ୍ଦ୍ରନାଥ ବଡ଼ଜେନା, ସା/ପୋ/ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୩. ପ୍ରସନ୍ନ କୁମାର ସାମନ୍ତରାୟ, ପିତା- ୰ସର୍ବେଶ୍ୱର ସାମନ୍ତରାୟ, ସା/ପୋ/ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୪. ମହେଶ୍ୱର ସାମନ୍ତରାୟ, ପିତା- ମଧୁସୂଦନ ସାମନ୍ତରାୟ, ସା/ପୋ- ଗଡ଼ କସନ୍ଦା, ଥାନା- ରଣପୁର, ଜିଲ୍ଲା- ନୟାଗଡ଼, ...ପ୍ରତିବାଦୀ ନଂ.- ୧ରୁ ୪
ନୋଟିସ୍
ସିପିସି ଅର୍ଡର ନଂ. ୫, ରୁଲ୍ ୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିସନାଲ୍ କମିଶନର, ଆଡିସନାଲ୍ ରିଭିଜନ କୋର୍ଟ ନଂ. ୪, ଭୁବନେଶ୍ୱର ଅଦାଲତରେ ବାଦୀ, ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ଼ ପାଇଁ ଉପଯୁକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୧ ଠାରୁ ୪ଙ୍କ ଠିକଣାରେ ନୋଟିସ୍ ରେଜିଷ୍ଟ୍ରି ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ୍ ବିନା ଜାରି ହୋଇ ଫେରି ଆସିଥିଲା।
ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ. ୧ ଠାରୁ ୪ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି କି ଯେ, ଉପରୋକ୍ତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ୍ ରିଭିଜନ୍ କୋର୍ଟ ନଂ. ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ତା।୧୮।୦୮।୨୦୨୫ରିଖ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।
ତଫସିଲ ବୃତ୍ତି
ଜିଲ୍ଲା- ଖୋର୍ଦ୍ଧା, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ମୌଜା- ଭୁଆସୁଣୀ, ସାବକ ଖାତା ନଂ.- ୧୨୧, ପ୍ଲଟ୍ ନଂ.-୫୬୨ ଏହାର ହାଲ୍ ଖାତା ନଂ.-୬୪୩, ପ୍ଲଟ୍ ନଂ.-୨୫୦୧, ମୋଟ୍ ଏରିଆ- ଏ୧.୩୦୬ଡି. ସ୍ୱଧରୁ ଏରିଆ- ଏ୦.୧୦୦ଡି., ଏହା ସବ୍ ପ୍ଲଟ୍ ନଂ.- A। ଚୌହଦୀ: ଉତ୍ତର- ସବ୍ ପ୍ଲଟ୍ ନଂ.- J, ଦକ୍ଷିଣ- ପ୍ଲଟ୍ ନଂ.- ୫୬୩, ପୂର୍ବ- ସବ୍ ପ୍ଲଟ୍ ନଂ.- B, ରାସ୍ତା, ପଶ୍ଚିମ- ସରକାରୀ ରାସ୍ତା।
ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ. ୧ ରୁ ୪ କିମ୍ବା ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।
ସ୍ୱା./- ଆଡିସନାଲ ରିଭିଜନ୍ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୧୨୩୯

# ସହଭାଗିତାରେ ବ୍ୟବସାୟର ସମ୍ପ୍ରସାରଣ

ଭୁବନେଶ୍ୱର,୧୦।୭
ବର୍ତ୍ତମାନ ସମୟରେ ଗ୍ରାହକ ଅନ୍‌ଲାଇନ କାରବାରକୁ ଅଧିକ ପସନ୍ଦ କରୁଥିଲାବେଳେ ଉପଭୋକ୍ତାଙ୍କ ଚାହିଦା ଅନୁଯାୟୀ କମ୍ପାନୀଗୁଡିକ ମଧ୍ୟ ଅନ୍‌ଲାଇନରେ ବ୍ୟବସାୟ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଫଳରେ ସହଭାଗିତା ମାଧ୍ୟମରେ କମ୍ପାନୀଗୁଡିକ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ପସନ୍ଦ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମିଶୋ ସହ ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଏବଂ କେନଭ୍ୟୁ ଇଣ୍ଡିଆ ସହଭାଗିତା ସ୍ଥାପନ କରିଛନ୍ତି। ସାରା ଭାରତର ଗ୍ରାହକମାନଙ୍କୁ ଦୈନନ୍ଦିନ ସୁସ୍ଥତା, ପାନୀୟ ଏବଂ ବ୍ୟକ୍ତିଗତ ଯତ୍ନ ଉତ୍ପାଦର ଏକ ବିସ୍ତୃତ ଚୟନ ପ୍ରଦାନ କରିବା ପାଇଁ ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଏବଂ କେନଭ୍ୟୁ ଇଣ୍ଡିଆ ମିଶୋ ମଲ୍‌ରେ ଯୋଗଦାନ କରିଛନ୍ତି, ଯାହାକି ଗ୍ରାହକମାନଙ୍କୁ ବ୍ୟକ୍ତିଗତ ଯତ୍ନଠାରୁ ଆରମ୍ଭକରି ସୁସ୍ଥତା ଏବଂ ପାନୀୟ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଦୈନନ୍ଦିନ ଆବଶ୍ୟକ ସାମଗ୍ରୀର ସହଜ ପ୍ରବେଶ ପ୍ରଦାନ କରିବ। ଏହା ମାଧ୍ୟମରେ ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଏବଂ କେନଭ୍ୟୁ ଇଣ୍ଡିଆର ପ୍ରମୁଖ ଉତ୍ପାଦଗୁଡ଼ିକ ବର୍ତ୍ତମାନ ଅନେକ ଲକ୍ଷ ମିଶୋ କ୍ରେତାଙ୍କ ପାଇଁ ସହଜରେ ଉପଲବ୍ଧ ହେବ। ଟାଟା କଞ୍ଜ୍ୟୁମର ପ୍ରଡକ୍ଟ ଏବଂ କେନଭ୍ୟୁ ଇଣ୍ଡିଆ ମିଶୋ ସହ ସେମାନଙ୍କର ସହଭାଗିତାକୁ ଆହୁରି ଘନିଷ୍ଠ କରିବା ସହ ସେମାନେ ଡିଜିଟାଲ-ପ୍ରଥମ ଗ୍ରାହକଙ୍କ ଏକ ଦ୍ରୁତ-ବର୍ଦ୍ଧିଷ୍ଣୁ ଏବଂ ବିବିଧ ଆଧାରରେ ପହଞ୍ଚି ପାରୁଛନ୍ତି।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶରତ ଚନ୍ଦ୍ର ମହାପାତ୍ର
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୬।୦୪।୧୯୪୪
ତିରୋଧାନ: ୦୧।୦୭।୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମେ ଆମକୁ ଛାଡି ଚାଲିଜିବା ଟା ବିଧି ନିର୍ଦ୍ଦିଷ୍ଟ ଥିଲା। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ଉପରେ ସଦା ସର୍ବଦା ଥାଉ। ଶ୍ରୀଜଗନ୍ନାଥ ମହାପ୍ରଭୁ ତୁମର ପବିତ୍ର ଆତ୍ମା କୁ ଶାନ୍ତି ଦିଅନ୍ତୁ।
-:ଶୋକସନ୍ତପ୍ତ:-
ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୧୨୪୭

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୧୦।୭ (ଅଭୟ ଦାଶ)
କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୪୬ (୩୪୫.୮୦) ପଏଣ୍ଟ ହ୍ରାସ ଘଟି ୮୩,୧୯୦ (୮୩,୧୯୦.୨୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୨୧ (୧୨୦.୮୫) ପଏଣ୍ଟ କମି ୨୫,୩୫୫ (୨୫,୩୫୫.୨୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଶକ୍ତି ଖର୍ଚ୍ଚରେ ୩୦% ହ୍ରାସ

ଭୁବନେଶ୍ୱର,୧୦।୭
ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଭିଟ୍ରିଫାଇଡ୍ ଏବଂ ଚମକଦାର ଟାଇଲ୍ସ ଉତ୍ପାଦନକାରୀ ଏକ୍ସଜାରୋ ଟାଇଲ୍ସ ଲିମିଟେଡ୍ ଗୁଜରାଟର ଇଦରର ଗୋରୋଲଠାରେ ଏକ ୫ ମେଗାୱାଟ ଡିସି ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଘୋଷଣା କରିଛି। ଉକ୍ତ ପ୍ରକଳ୍ପରେ ବର୍ତ୍ତମାନ ବାର୍ଷିକ ପ୍ରାୟ ୨୧ ନିୟୁତ ବିଦ୍ୟୁତ୍ ୟୁନିଟ୍ ବ୍ୟବହାର ହେଉଛି। ଫଳରେ ସୌର ଶକ୍ତି ବର୍ତ୍ତମାନ କାର୍ଯ୍ୟକୁ ସମର୍ଥନ କରୁଥିବାରୁ କମ୍ପାନୀ ବାର୍ଷିକ ପ୍ରାୟ ୫.୬୭ କୋଟି ଟଙ୍କା ସଞ୍ଚୟ କରିବ ବୋଲି ଆଶା କରୁଛି, ଯାହାଦ୍ୱାରା ୟୁନିଟ୍‌ରେ ଶକ୍ତି ଖର୍ଚ୍ଚରେ ୩୦% ହ୍ରାସ ଘଟିବ। ଏକ୍ସଜାରୋ ଟାଇଲ୍ସ ଲିମିଟେଡ୍‌ର ଏମ୍‌ଡି ମୁକେଶ କୁମାର ବି ପଟେଲ କହିଛନ୍ତି, ସୌର ପ୍ରକଳ୍ପ ଆମର ବ୍ୟବସାୟିକ କାର୍ଯ୍ୟକୁ ବିଶ୍ୱସ୍ତରୀୟ ସ୍ଥାୟିତା ଲକ୍ଷ୍ୟ ସହିତ ଯୋଡ଼ିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହୋଇଥିଲାବେଳେ ଏହା କେବଳ ଆମର ଖର୍ଚ୍ଚ ଦକ୍ଷତାକୁ ସୁଦୃଢ଼ କରେ ନାହିଁ ବରଂ ସ୍ୱଚ୍ଛ ଶକ୍ତି ଏବଂ ପରିବେଶ ଦାୟିତ୍ୱ ପ୍ରତି ଆମର ପ୍ରତିବଦ୍ଧତାକୁ ମଧ୍ୟ ଦର୍ଶାଏ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଅତୁଳନୀୟ ନୀରଜ

**ଜାଭେଲିନ୍ ଷ୍ଟାର ନୀରଜ ଚୋପ୍ରା ଭାରତ ପାଇ ଯେଉଁ ସଫଳତା ଅର୍ଜନ କରିଛନ୍ତି ତାହା ଅତୁଳନୀୟ। ଅଲିମ୍ପିକ୍ସ ଟାଇଟଲ ହେଉ କି ବିଶ୍ୱ ଚାମ୍ପିୟନଶିପ୍ ସବୁଥିରେ ସ୍ଥିର ପ୍ରଦର୍ଶନ ଦେଇ ସେ ଅନେକ କିଛି ପ୍ରମାଣ କରିଛନ୍ତି। ବହୁ ପ୍ରତୀକ୍ଷିତ ୯୦ ମିଟର ଦୂରତା ଅତିକ୍ରମ କରିବା ପରେ ସେ ସର୍ବଦା ଚର୍ଚ୍ଚାରେ ରହି ଆସିଛନ୍ତି...**





ନୀରଜ ଚୋପ୍ରା

ନୀରଜ ଚୋପ୍ରା ଭାରତର ଗର୍ବ ଓ ଗୌରବ। ଏହା ପଛରେ ଯେଉଁ ସଫଳତା ରହିଛି ତାହା ଅଦ୍ୱିତୀୟ। ଅଲିମ୍ପିକ୍ସ ଟାଇଟଲ ହେଉ କି ରନରଅପ୍ ସଫଳତା ସେସବୁ ନୀରଜଙ୍କର ସ୍ଥିର ପ୍ରଦର୍ଶନର ପ୍ରମାଣ ବହନ କରେ। କ୍ରମାଗତ ୨୪ଟି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ସେ ଯେଉଁ ଚାଲେଞ୍ଜ ରଖିଛନ୍ତି ତାହା ଅଭେଦ୍ୟ ବୋଲି ପ୍ରତିଦ୍ୱନ୍ଦ୍ୱୀମାନେ ସ୍ପଷ୍ଟ ଅଛନ୍ତି। ଜୁଲାଇ ୫ରେ ବେଙ୍ଗାଲୁରୁ ଶ୍ରୀ କାନ୍ତିରେଭା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି 'ନୀରଜ ଚୋପ୍ରା କ୍ଲାସିକ୍'। ଏଠାରେ ମଧ୍ୟ ନୀରଜ ତାଙ୍କ ସଫଳତାର ସ୍ୱାକ୍ଷର ଛାଡ଼ିଥିଲେ। ସେ ୮୬. ୧୮ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ଚାମ୍ପିୟନ ହୋଇଥିଲେ। କେନିଆର ଜୁଲିଅସ ୟେଗୋ ୮୪. ୫୧ ମିଟର ଓ ଶ୍ରୀଲଙ୍କାର ରମେଶ ପଥିରାଗେ ୮୪. ୩୪ ମିଟର ଦୂରକୁ ଫିଙ୍ଗି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେପ୍ଟେମ୍ବରରେ ଜାପାନରେ ଅନୁଷ୍ଠିତ ହେବ ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍। ଏହାକୁ ଲକ୍ଷ୍ୟରେ ରଖି ନୀରଜ ସମ୍ପ୍ରତି ପ୍ରସ୍ତୁତିରେ ଅଛନ୍ତି। ଭାରତରେ ଜାଭେଲିନ୍ କ୍ରୀଡ଼ାର ପ୍ରସାରରେ ନୀରଜଙ୍କ ଅବଦାନ ସମ୍ପର୍କରେ **ଇଭାନ୍ କୁମାର ସାହୁଙ୍କ** ଆଲେଖ୍ୟ...

ହରିୟାଣାର ପାନିପଥ ନିବାସୀ ଅଲିମ୍ପିଆନ୍ ନୀରଜ ଚୋପ୍ରା ଜଣେ ଜାଭେଲିନ୍ ଷ୍ଟାର୍। ତାଙ୍କ ଯୋଗୁ ଜାଭେଲିନ୍ ପରି ଏକ ପ୍ରମୁଖ ଦୌଡ଼କୁଦ କ୍ରୀଡ଼ା ଭାରତରେ ପ୍ରସାର ଲାଭ କରିପାରିଛି। ପୁରୀ ଜିଲା ବ୍ରହ୍ମଗିରିର କିଶୋର ଜେନା ଏହାର ଜଣେ ଉତ୍କୃଷ୍ଟ ନମୁନା। ନୀରଜ ଦୁଇଟି ଲଗାତର ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବାରେ ଭାରତର ପ୍ରଥମ ଆଥ୍ଲେଟ। ତେବେ ୯୦ ମିଟର ଦୂରତା ହାସଲ ୨୭ ବର୍ଷୀୟ ନୀରଜଙ୍କ ପାଇଁ ଏକ ଚାଲେଞ୍ଜ ହୋଇ ରହିଥିଲା। ସେ ୮୯. ୯୪ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ୨୦୨୨ ଷ୍ଟକ୍‌ହୋମ୍ ଡାଇମଣ୍ଡ ଲିଗ୍ ଆଥ୍ଲେଟିକ୍ସ ମିଟ୍‌ରେ ଚାମ୍ପିୟନ ହୋଇଥିଲେ। ଏହା ଥିଲା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ହିମାଚଳ ପ୍ରଦେଶର ହିମାନୀ ମୋର୍ ଜଣେ ପୂର୍ବତନ ଟେନିସ ଖେଳାଳି। ଏବେ ସେ ଟେନିସ କ୍ରୀଡ଼ା ପରିଚାଳିକା ଭୂମିକାରେ ଅବତୀର୍ଣ୍ଣ। ନୀରଜ-ହିମାନୀ ସମ୍ପର୍କ ବହୁ ପୁରୁଣା। ପ୍ରେମୀ ଯୁଗଳ ଚଳିତ ବର୍ଷ ଜାନୁଆରୀ ୧୬ରେ ହିମାଚଳର ଶିମଲାରେ ବିବାହ କଲେ। ହିମାନୀ ନୀରଜଙ୍କ ପରି ଜଣେ ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ପତ୍ନୀ ହେବା ପରେ ଏହା ନୀରଜଙ୍କ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଥିଲା। ଚଳିତ ବର୍ଷ ପ୍ରାରମ୍ଭରେ ନୀରଜ ଚେକ୍ ରିପବ୍ଲିକ୍‌ର ଅଲିମ୍ପିକ୍ ଚାମ୍ପିୟନ୍ ଜାନ୍ ଜାଲେଜ୍‌ନୀଙ୍କୁ ପ୍ରଶିକ୍ଷକ ଭାବେ ନେଇଥିଲେ। ନୂଆ ପ୍ରଶିକ୍ଷକ ସାଙ୍ଗକୁ ନୂଆ ବୈବାହିକ ଜୀବନ ଆରମ୍ଭ ପରେ ନୀରଜ ଏପ୍ରିଲରେ ହିଁ ବର୍ଷର ପ୍ରଥମ ଟାଇଟଲ ହାସଲ କଲେ। ଦକ୍ଷିଣ ଆଫ୍ରିକାର ପୋଟ୍ଚ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟରେ ଚାମ୍ପିୟନ ହେଉ ହେଉ ମେ' ମାସରେ ଦୋହା ଡାଇମଣ୍ଡ ଲିଗ୍ ଚରଣ ଅନୁଷ୍ଠିତ ହେଲା। ଏଠାରେ ନୀରଜ ଓ ଜର୍ମାନୀର ଜୁଲିଆନ ୱେବରଙ୍କ ମଧ୍ୟରେ ମୁଖ୍ୟତଃ ମୁକାବିଲା ହୋଇଥିଲା। ୱେବରଙ୍କୁ ନୀରଜ ହରାଇ ପାରି ନ ଥିଲେ ବି ତାଙ୍କର ବହୁ ପ୍ରତୀକ୍ଷିତ ୯୦ ମିଟର ଦୂରତା ହାସଲ କଲେ। ନୀରଜ ୯୦. ୨୩ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗିଥିଲେ, ମାତ୍ର ୱେବର ୯୧. ୧୭ ମିଟର ହାସଲ କରି ଚାମ୍ପିୟନ୍ ହୋଇଥିଲେ। ବିଶ୍ୱ ୯୦ ମିଟର କ୍ଲବରେ ଥିଲେ ୨୪ ଜଣ ଜାଭେଲିନ୍ ଥ୍ରୋୟର। ନୀରଜ ଏମାନଙ୍କ ସହିତ କାନ୍ଧ ମିଳାଇଛନ୍ତି। ଏସିଆର ୨ ଜଣ ଖେଳାଳି ପାକିସ୍ତାନର ଅର୍ସଦ୍ ନଦୀମ୍ (୯୨. ୯୭ ମି.) ଓ ଚାଇନିଜ୍ ତାଇପେର ଚାଓ ତାଇସୁନ୍ ଗେଙ୍ଗ୍ (୯୧. ୩୬ ମି.) ଏହି କ୍ଲବ୍‌ରେ ଥିଲେ। ଜୁନ୍ ୨୦ରେ ଅନୁଷ୍ଠିତ ହେଲା ପ୍ୟାରିସ ଡାଇମଣ୍ଡ ଲିଗ୍ ପ୍ରତିଯୋଗିତା। ଏଥିରେ ନୀରଜଙ୍କୁ ମିଶାଇ ୯୦ ମି. କ୍ଲବରେ ଥିବା ୫ ଆଥ୍ଲେଟ ଭାଗ ନେଇଥିଲେ। ମାତ୍ର ନୀରଜ ୱେବରଙ୍କ ଉପରେ ଭାରି ପଡ଼ିଥିଲେ। ୮୮.୧୬ ମି. ଦୂରତା ହାସଲ କରି ନୀରଜ ଚାମ୍ପିୟନ ଏବଂ ୮୭. ୮୮ ମି. ସହ ୱେବର ରନରଅପ ହୋଇଥିଲେ। ଚଳିତ ବର୍ଷ ନୀରଜଙ୍କର ଏହା ଦ୍ୱିତୀୟ ଚାମ୍ପିୟନଶିପ୍ ଟାଇଟଲ।

ନୀରଜଙ୍କର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୭ରେ। ଜୁନିୟର ବିଶ୍ୱ ଆଥ୍ଲେଟିକ୍ ଚାମ୍ପିୟନଶିପ୍‌ରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ଜିଣିଥିଲେ। ସେହି ବର୍ଷ ପ୍ରଥମ ଥର ପ୍ୟାରିସ ଡାଇମଣ୍ଡ ଲିଗ୍‌ରେ ଯୋଗ ଦେଇ ୫ମ ସ୍ଥାନରେ ରହିଥିଲେ। ବିଶ୍ୱର ବିଜୟ ହାସଲ ରେକର୍ଡ ନୀରଜଙ୍କ ନାମରେ ଅଛି। ଜୁନିୟର ଓ ସିନିୟର ବିଶ୍ୱ ଚାମ୍ପିୟନ୍ ନୀରଜ କ୍ରମାଗତ ୨୪ ପ୍ରତିଯୋଗିତାରେ ପଦକ ବିଜୟୀ ହୋଇ ଭାରତରେ 'ଗୋଲ୍‌ଡେନ ବୟ' ନାମରେ ପରିଚିତ। ସୁଇଜରଲାଣ୍ଡର ଲୌସାନେ, ଜର୍ମାନୀର ଜୁରିଚ୍ ଓ ପୋଲାଣ୍ଡର ଜାନୁଜ୍ କୁସୋସିନ୍‌ସ୍କି ଆମନ୍ତ୍ରଣୀୟ ଟୁର୍ନାମେଣ୍ଟ ମଧ୍ୟ ନୀରଜଙ୍କର ଏକ ସଫଳ କ୍ଷେତ୍ର। ଜୁଲିଆନଙ୍କୁ ବାଦ୍ ଦେଲେ ଗ୍ରେନେଡାର ଅଣ୍ଡରସନ୍ ପିଟର୍ସ, ବ୍ରାଜିଲର ଲୁଇସ ମୁରାସିଓ ଡି' ସିଲ୍‌ଭା, ଆଡ୍ରିଆନ୍ ମାଇ ଦେରା, କେନିଆର ଜୁଲିୟସ ୟୋଗୋ ଓ ଜର୍ମାନୀର ଥୋମାସ୍ ରୋଲର ହେଉଛନ୍ତି ନୀରଜ ଚୋପ୍ରାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ। ୱାର୍ଲ୍ଡ ଆଥ୍ଲେଟିକ୍ସ ବିଶ୍ୱ ର୍‍ୟାଙ୍କିଙ୍ଗ୍ ତାଲିକାର ୧ ନଂ. ସ୍ଥାନକୁ ଫେରିଛନ୍ତି ସେ। ଗ୍ରେନେଡାର ଅଣ୍ଡରସନ୍ ପିଟର୍ସ, ଜର୍ମାନୀର ୱେବର, ପାକିସ୍ତାନର ଅର୍ସାଦ୍ ନଦୀମ ଓ କେନିଆର ଜାକ୍ୟୁବ୍ ବଦଲେଚ୍ ଯଥାକ୍ରମେ ଦ୍ୱିତୀୟରୁ ୫ମ ସ୍ଥାନରେ ଅଛନ୍ତି।

ହରିୟାଣାର ପାନିପଥ ନିବାସୀ ଏହି ମହାନ୍ ଖେଳାଳି ଜାଭେଲିନ୍ କ୍ରୀଡ଼ାର ଶ୍ରୀବୃଦ୍ଧି କରି ହାସଲ କରିଛନ୍ତି ଅନେକ ଅର୍ଥ ପୁରସ୍କାର ଓ ପ୍ରଶଂସା। ଅର୍ଜୁନ ପୁରସ୍କାର, ଖେଳରତ୍ନ ଓ ପଦ୍ମଶ୍ରୀ ଉପାଧି ଅନ୍ୟତମ। ପାନିପଥସ୍ଥିତ ଡିଏଭି କଲେଜ ଓ ଲଭ୍‌ଲୀ ପ୍ରଫେଶନାଲ ବିଶ୍ୱବିଦ୍ୟାଳୟରେ ପଢ଼ିଥିଲେ। ସାମରିକ କ୍ଷେତ୍ରରେ ପରମ ବିଶିଷ୍ଟ ସେବା ପଦକ ହାସଲ ସହ ଅବୈତନିକ ଲ୍ୟୁଟନାଣ୍ଟ କଲୋନେଲ ପଦବୀରେ ଅଛନ୍ତି। ପ୍ରତିବଦ୍ଧ ନୀରଜ ତାଙ୍କ ୧. ୮୬ ମିଟର ଉଚ୍ଚତା, ୮୬ କେଜି ଓଜନ ଓ ସର୍ବୋପରି ସୌମ୍ୟ ରୂପ ଓ ବିପୁଳ ସଫଳତା ଯୋଗୁ ଆଜି ସାରା ବିଶ୍ୱରେ ପରିଚିତ। ନୀରଜଙ୍କ ଜନପ୍ରିୟ ବ୍ୟକ୍ତିତ୍ୱ ଭାରତର ସୁନାମ ବୃଦ୍ଧି କରିଛି। ଦେଶ, ବିଦେଶରେ ସେ ୨୦ରୁ ଅଧିକ ବ୍ରାଣ୍ଡ ଉତ୍ପାଦ ପାଇଁ ବିଜ୍ଞାପନ ଫିଲ୍ମରେ ଅଭିନୟ କରିଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଓ ପରବର୍ତ୍ତୀ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ରୌପ୍ୟ ପଦକ ଜିତିବା ପରେ ନୀରଜଙ୍କ ଅନ୍ତର୍ଜାତୀୟ ସ୍ତରର ବ୍ୟକ୍ତିତ୍ୱ ବେଶ୍ ଉର୍ଦ୍ଧ୍ୱକୁ ଯାଇଥିଲା।

**ଏନ୍‌ସି କ୍ଲାସିକ୍ ପଦକ ବିଜେତା**
ସ୍ୱର୍ଣ୍ଣ: ନୀରଜ ଚୋପ୍ରା (୮୬.୧୮ ମିଟର)
ରୌପ୍ୟ: ଜୁଲିଅସ ୟେଗୋ (୮୪.୫୧ ମିଟର)
ବ୍ରୋଞ୍ଜ: ରମେଶ ପଥିରାଗେ (୮୪.୩୪ ମିଟର)





ଏନ୍‌ସି କ୍ଲାସିକରେ ପ୍ରଥମ ୩ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ

**ଲିଙ୍ଗ ଯୋଗ୍ୟତା ମାମଲା**

## ସିମେନ୍ୟାଙ୍କୁ ନିରପେକ୍ଷ ଶୁଣାଣି ମିଳି ନାହିଁ: କୋର୍ଟ

**ଜେନେଭା, ୧୦।୭ (ଏପି):** ଦୁଇ ଥରର ଅଲିମ୍ପିକ ଚାମ୍ପିୟନ ରନର କାଷ୍ଟର ସିମେନ୍ୟାଙ୍କୁ ୟୁରୋପିଆନ ମାନବାଧିକାର କୋର୍ଟରେ ଗୁରୁବାର ଟ୍ରାକ୍ ଓ ଫିଲ୍ଡର ଲିଙ୍ଗ ଯୋଗ୍ୟତା ନିୟମ ବିରୋଧରେ ୭ ବର୍ଷ ଧରି ଚାଲିଆସୁଥିବା ମାମଲାରେ ଆଶିଂକ ସଫଳତା ମିଳିଛି। କୋର୍ଟଙ୍କ ୧୭ ଜଣିଆ ଖଣ୍ଡପୀଠ ୧୫-୨ ଭୋଟ ସହ କହିଛନ୍ତି ଯେ ସୁଇଜରଲାଣ୍ଡର ସୁପ୍ରିମକୋର୍ଟରେ



ସେମେନ୍ୟାଙ୍କ ଉପଯୁକ୍ତ ଶୁଣାଣି ଅଧିକାର ଉଲ୍ଲଂଘନ ହୋଇଛି। ଟ୍ରାକ୍ସର ୱାର୍ଲ୍ଡ ଆଥ୍ଲେଟିକ୍ସ ସପକ୍ଷରେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ (କାସ୍) ଦ୍ୱାରା ଦିଆଯାଇଥିବା ରାୟକୁ ସେମେନ୍ୟା ସୁଇଜରଲାଣ୍ଡର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତାଙ୍କ ମାମଲାର ଶୁଣାଣି ଏବେ ଲାଉସାନେସ୍ଥିତ ସ୍ୱିସ୍ ଫେଡେରାଲ କୋର୍ଟରେ ହେବ। ପୁରୁଷ କ୍ରୋମୋଜମ ଢାଞ୍ଚା ଓ ପ୍ରାକୃତିକ ଭାବେ ଉଚ୍ଚ ଟେଷ୍ଟୋଷ୍ଟେରନ ସ୍ତର ଥିବା ଖେଳାଳିଙ୍କୁ ମୁକ୍ତ ଭାବେ ମହିଳା କ୍ରୀଡ଼ାରେ ଭାଗ ନେବାକୁ ଅନୁମତି ଦେବା ପାଇଁ ସେମେନ୍ୟା ଟ୍ରାକ୍ସର ପରିଚାଳନାକାରୀ ସଂସ୍ଥାକୁ କାସ୍‌ରେ ଚ୍ୟାଲେଞ୍ଜ କରିଥିଲେ।

# ଭାରତୀୟ ଦଳରେ କିଟ୍‌ରୁ ସର୍ବାଧିକ ୪୦ ଖେଳାଳି

**ଭୁବନେଶ୍ୱର, ୧୦।୭ (ତପନ ସ୍ୱାଇଁ)**

ଜର୍ମାନୀର ରାଇନ-ରୁହରଠାରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଚଳିତ ମାସ ୧୬ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଘୋଷିତ ୪୦୭ (କ୍ରୀଡ଼ାବିତ୍, କୋଚ୍ ଓ ଅଫିସିଆଲ) ଜଣିଆ ଭାରତୀୟ ଦଳରେ କିଟ୍ ବିଶ୍ୱବିଦ୍ୟାଳୟରୁ ସର୍ବାଧିକ ୪୦ ସ୍ଥାନ ପାଇଛନ୍ତି। ଚଳିତବର୍ଷ ବିଶ୍ୱବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ବିଭିନ୍ନ ସମୟରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ୧୦୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଦେଶର ୪୦୦ ବିଶ୍ୱବିଦ୍ୟାଳୟ ଏହି ଚୟନ ପ୍ରକ୍ରିୟାରେ ସାମିଲ୍ ହୋଇଥିବା ବେଳେ ଶର୍ଟଲିଷ୍ଟ ଅନୁସାରେ ୬୧ଟି ବିଶ୍ୱବିଦ୍ୟାଳୟରୁ ୩ଶହ ଶ୍ରେଷ୍ଠ କ୍ରୀଡ଼ାବିତ୍ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଚୟନ କରାଯାଇଥିଲା। କିଟ୍‌ର ୪୦ ଖେଳାଳି ୭ଟି କ୍ରୀଡ଼ା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତର କୌଣସି ଗୋଟିଏ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏତେ ସଂଖ୍ୟକ ଖେଳାଳି ପ୍ରତିନିଧିତ୍ୱ କରିବା ଏହା ହେଉଛି ପ୍ରଥମ। କିଟ୍ ପଛକୁ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟରୁ ଦ୍ୱିତୀୟ ସର୍ବାଧିକ ୨୮ ଓ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରୁ ୨୨ ଜଣ ଆଥଲେଟ୍ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ପାଇଁ ଦଳରେ କ୍ରୀଡ଼ା ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କୁ ମିଶାଇ



ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା କିଟ୍ ବିଶ୍ୱବିଦ୍ୟାଳୟର ଆଥଲେଟ୍‌ଙ୍କ ସହ ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।

ମୋଟ ୧୦୭ଜଣ ଏହି ଗସ୍ତରେ ସାମିଲ ହୋଇଛନ୍ତି। ସେମାନେ ଖେଳାଳିମାନଙ୍କୁ ବୈଷୟିକ, ଡାକ୍ତରୀ ସେବା ତଥା ଲଜିଷ୍ଟିକ୍ ସହାୟତା ଆଦି ଯୋଗାଇ ଦେବେ। ଭାରତୀୟ ପ୍ରତିନିଧି ଦଳରେ ସାମିଲ ହୋଇଥିବା କ୍ରୀଡ଼ା ଅଧିକାରୀ ଏବଂ ପ୍ରଶିକ୍ଷକଙ୍କ ମଧରେ ରହିଛନ୍ତି ପୂର୍ବତନ ଅଲିମ୍ପିଆନ୍ ଏବଂ ଅର୍ଜୁନ ପୁରସ୍କାର ବିଜେତା ରାହୁଲ ବାନାର୍ଜୀ, ଜାତୀୟ ତୀରନ୍ଦାଜ ପ୍ରଶିକ୍ଷକ ସୁରିନ୍ଦର ସିଂ, ଅନ୍ତର୍ଜାତୀୟ ଆଥ୍ଲେଟିକ୍ସ ପ୍ରଶିକ୍ଷକ ସଞ୍ଜୟ ଗଡ଼ନାୟକ, ଅନ୍ତର୍ଜାତୀୟ ଭଲିବଲ୍ ପ୍ରଶିକ୍ଷକ ଲୋତକ ବିନ୍ଦୁ ଦାଶ ଏବଂ ଅନ୍ତର୍ଜାତୀୟ ଟେନିସ୍ ପ୍ରଶିକ୍ଷକ ଟଡ୍ କ୍ଲାର୍କ ପ୍ରମୁଖ। ଭାରତୀୟ ଦଳରେ ସ୍ଥାନ ପାଇଥିବା କିଟ୍ ବିଶ୍ୱବିଦ୍ୟାଳୟର ଆଥ୍ଲେଟ, କୋଚ୍ ଓ ଅଧିକାରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ଆଥ୍ଲେଟଙ୍କୁ ମନୋବଳ ବଢ଼ାଇଥିଲେ। କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ କ୍ରୀଡ଼ାକୁ ଅଗ୍ରାଧିକାର ସହ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ କିଟ୍ ଓ କିସ୍ କିପରି ଅଗ୍ରଣୀ ଭୂମିକା ନିର୍ବାହ କରି ଆସିଛି ତାହା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବିଶ୍ୱବିଦ୍ୟାଳୟ କୁଳପତି ଶରଣଜିତ ସିଂ, କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତି, ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ ଓ ଆଥଲେଟିକ୍ସ ପ୍ରଶିକ୍ଷକ ସଞ୍ଜୟ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କିଟ୍ ଦଳରେ ଓଡ଼ିଶାର ୯ ଖେଳାଳି ଥିବାବେଳେ ଉତ୍କଳରୁ ପ୍ରତ୍ୟାଶା ରାୟ ଓ ସମ୍ବଲପୁରରୁ ଏହସାସ ହୋତା ଭାଗନେବେ। ପ୍ରକାଶଯୋଗ୍ୟ, ୧୯୫୯ରୁ ଆରମ୍ଭ ହୋଇ ଆସୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ୧୭ରୁ ୨୫ ବର୍ଷର ଖେଳାଳି ପ୍ରତିନିଧିତ୍ୱ କରି ଆସୁଛନ୍ତି। କିଟ୍ ପକ୍ଷରୁ ପ୍ରତିନିଧିତ୍ୱ କରି ଦୂତୀ ଚାନ୍ଦ ଏହି ମହା ମଞ୍ଚରେ ପ୍ରଥମ ଭାରତୀୟ ଆଥଲେଟ୍ ଭାବେ ସ୍ୱର୍ଣ୍ଣ ପଦକ ଜିତି ସମସ୍ତଙ୍କୁ ଗର୍ବିତ କରିଛନ୍ତି। ସେହିପରି ଅମ୍ଲାନ ବୋରଗୋହେନ ଓ ପ୍ରିୟଙ୍କା ପ୍ରମୁଖ ମଧ ପଦକ ହାସଲ କରିଛନ୍ତି।

## ସ୍ୱପ୍ନ ସାକାର ହୋଇଛି

"ଆସନ୍ତା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତୀୟ ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ସର୍ବାଧିକ ୪୦ ଖେଳାଳି ସାମିଲ ହୋଇଛନ୍ତି। ଫଳରେ ମୋ ସ୍ୱପ୍ନ ସାକାର ହୋଇଛି ବୋଲି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରକାଶ କରିଛନ୍ତି। ଅନ୍ୟ ସମସ୍ତ ବିଶ୍ୱବିଦ୍ୟାଳୟ ଅପେକ୍ଷା ବିଶ୍ୱ ମଞ୍ଚରେ ଏଠାରୁ ଅଧିକ ଖେଳାଳି ପ୍ରତିନିଧିତ୍ୱ କରିବା ଗର୍ବର କଥା। ରାଜ୍ୟ ହିସାବରେ ଦେଖିବାକୁ ଗଲେ ପଞ୍ଜାବ (୭୨ ଜଣ) ପଛକୁ ଓଡ଼ିଶାରୁ ଦ୍ୱିତୀୟ ସର୍ବାଧିକ ୪୨ ଖେଳାଳି ଭାଗ ନେବାକୁ ଯାଉଛନ୍ତି। କିଟ୍‌ରୁ ୪୦ ଜଣଙ୍କ ସହିତ ଉତ୍କଳ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳରୁ ଜଣେ ଲେଖାଏ ଖେଳାଳି ରହିଛନ୍ତି। କିଟ୍ ସର୍ବଦା ଶିକ୍ଷା ସହିତ କ୍ରୀଡ଼ାକୁ ସମାନ ଗୁରୁତ୍ୱ ଦେଇ ଆସିଛି। କିଟ୍‌ର କ୍ରୀଡ଼ାବିତ୍ ଯେଭଳି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖେଳିବାର ସୁଯୋଗ ପାଇବା ସହ ସଫଳତା ହାସଲ କରିବେ ସେ ଦିଗରେ ଆମେ ସର୍ବଦା ଯତ୍ନଶୀଳ ରହି ଆସିଛୁ। ଏପରି କି ୨୦୧୯ଠାରୁ ୨୦୨୫ ପର୍ଯ୍ୟନ୍ତ ସମସ୍ତ ଟୁର୍ନାମେଣ୍ଟରେ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ ଏବଂ ପଞ୍ଜୀକରଣ ପାଇଁ ଆବଶ୍ୟକ ଫି' ମଧ କିଟ୍ ପକ୍ଷରୁ ଆଗୁଆ ପଇଠ କରାଯାଇଛି" ବୋଲି ଅଚ୍ୟୁତ ପ୍ରକାଶ କରିଛନ୍ତି। ସମସ୍ତ ପ୍ରତିଯୋଗୀଙ୍କୁ ଅଚ୍ୟୁତ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି।

ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୧/୨୦୨୫ Bhubaneswar, Friday, July 11/ 2025

# ରୁଟ୍ ୯୯*, ଇଂଲଣ୍ଡ ୨୫୧/୪

## ତୃତୀୟ ଟେଷ୍ଟ

**ଲର୍ଡ୍ସ,୧୦।୭**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାରଠାରୁ ତୃତୀୟ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଯାଇଛି। କିମ୍ବଦନ୍ତୀ ଭାରତୀୟ ବ୍ୟାଟର ସଚିନ ତେନ୍ଦୁଲକର ଘଣ୍ଟି ବଜାଇ ମ୍ୟାଚ୍ ଆରମ୍ଭ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପ୍ରଥମ ଦିନ ଖେଳ ଶେଷସୁଦ୍ଧା ୪ ଉଇକେଟ ହରାଇ ୨୫୧ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଜୋ ରୁଟ ୯୯ ଓ ଅଧିନାୟକ ବେନ ଷ୍ଟୋକ୍ସ ୩୯ ରନରେ ଅପରାଜିତ ରହିଛନ୍ତି। ଏହି ମ୍ୟାଚ୍ ଲାଗି ଭାରତୀୟ ଦଳରେ କେବଳ ଗୋଟିଏ ପରିବର୍ତ୍ତନ କରାଯାଇଛି। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ବାଦ୍ ଦିଆଯାଇ ତାଙ୍କ ବଦଳରେ ଯଶପ୍ରୀତ ବୁମରାଙ୍କୁ ସାମିଲ କରାଯାଇଛି।

ଟସ୍ ଜିତି ଇଂଲଣ୍ଡ ଅଧିନାୟକ ଷ୍ଟୋକ୍ସ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଚଳିତ ସିରିଜ୍‌ରେ ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲ ଲଗାତର ତୃତୀୟ ଥର ପାଇଁ ଟସ୍‌ରେ ହାରିଛନ୍ତି। ଅପେକ୍ଷାକୃତ କମ୍ ବାଉନ୍ସ କରୁଥିବା ପିଚ୍‌ରେ ଜ୍ୟାକ କ୍ରଲି ଓ ବେନ ଡକେଟଙ୍କ ଓପନିଂ ଯୋଡ଼ି ଧୈର୍ଯ୍ୟର ସହ ଭାରତୀୟ ପେସ୍ ଆଟାକ୍‌ର ସମ୍ମୁଖୀନ ହୋଇଥିଲେ। ଦୁହେଁ ପ୍ରଥମ ଉଇକେଟ ପାଇଁ ୪୩ ରନ କରିଥିଲେ। ଦୁଇ ଓପନରଙ୍କୁ ନୀତିଶ କୁମାର ରେଡ୍ଡୀ ଗୋଟିଏ ଓଭରରେ ପାଭିଲିଅନ୍ ପଠାଇଥିଲେ। କ୍ରଲି ୧୮ ଓ ଡକେଟ ୨୩ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଓଲି ପୋପ୍ ଓ ରୁଟ୍ ତୃତୀୟ ଉଇକେଟରେ ୧୦୯ ରନ ଯୋଡ଼ିଥିଲେ। ୪ ଚୌକା ସହ ୪୪ ରନ କରି ସେଟ୍ ଜଣାପଡୁଥିବା ପୋପ୍‌ଙ୍କୁ ରବୀନ୍ଦ୍ର ଜାଡେଜା ଆଉଟ୍ କରିଥିଲେ। ସେହିଭଳି ନୂଆ ୱାର୍ଲ୍ଡ ନଂ-୧ ଟେଷ୍ଟ ବ୍ୟାଟର ହ୍ୟାରୀ ବ୍ରୁକ (୧୧)ଙ୍କୁ ବୁମରା କ୍ଲିନ ବୋଲ୍ଡ କରିଥିଲେ। ଏହାପରେ ରୁଟ୍ ଓ ଅଧିନାୟକ ଷ୍ଟୋକ୍ସ ଭ୍ରମଣକାରୀ ବୋଲରଙ୍କୁ ଆଉ କୌଣସି ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଦୁହେଁ ଅବିଭାଜିତ ପଞ୍ଚମ ଉଇକେଟରେ ୭୯ ରନ କରିଛନ୍ତି। ଭାରତ ପକ୍ଷରୁ ନୀତିଶ କୁମାର ରେଡ୍ଡୀ ଦୁଇ ଉଇକେଟ ନେଇଥିବା ବେଳେ ବୁମରା ଓ ଜାଡେଜା ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୮୩ ଓଭରରେ ୨୫୧/୪ (ଜୋ ରୁଟ୍-୯୯*, ବେନ ଷ୍ଟୋକ୍ସ-୩୯*, ଓଲି ପୋପ-୪୪, ବେନ ଡକେଟ-୨୩, ନୀତିଶ କୁମାର ରେଡ୍ଡୀ-୨/୪୬, ରବୀନ୍ଦ୍ର ଜାଡେଜା-୧/୨୬, ଯଶପ୍ରୀତ୍ ବୁମରା-୧/୩୫)।


ଅପରାଜିତ ୯୯ ରନ୍‌ର ଇନିଂସ୍ ଅବସରରେ ଏକ ଶଟ୍ ଖେଳୁଛନ୍ତି ଜୋ ରୁଟ୍।

### ପନ୍ତ ଆହତ

ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତୀୟ ଉଇକେଟକିପର ରିଷଭ ପନ୍ତ ଆହତ ହୋଇଛନ୍ତି। ଇଂଲଣ୍ଡର ପ୍ରଥମ ଇନିଂସର ୩୪ତମ ଓଭରରେ ଯଶପ୍ରୀତ ବୁମରା ବୋଲିଂ କରୁଥିବା ବେଳେ ଲେଗ୍ ସାଇଡ୍‌ରେ ଯାଇଥିବା ଏକ ବଲକୁ ରୋକିବା ପାଇଁ ପନ୍ତ ଡ୍ରାଇଭ ମାରିଥିଲେ। କିନ୍ତୁ ବଲ ତାଙ୍କ ହାତରେ ବାଜିଥିଲା। ଏଥିଯୋଗୁ ପଡ଼ିଆରେ ତାଙ୍କର ଚିକିତ୍ସା କରାଯାଇଥିଲା। ହେଲେ ତାହାର କୌଣସି ସୁଫଳତା ତାଙ୍କୁ ମିଳି ନ ଥିଲା। ବୁମରାଙ୍କ ଓଭର ଶେଷ ହେବା ପରେ ସେ ଫିଲ୍ଡରୁ ଚାଲି ଯାଇଥିଲେ। ପନ୍ତଙ୍କ ବଦଳରେ ଧ୍ରୁବ ଜୁରେଲ ଉଇକେଟକିପିଂ କରିଥିଲେ, ଯିଏକି ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନାହାନ୍ତି।

# ଏମ୍‌ସିସି ମ୍ୟୁଜିୟମରେ ତେନ୍ଦୁଲକରଙ୍କ ପ୍ରତିଛବି

**ଲଣ୍ଡନ,୧୦।୭(ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାର ତୃତୀୟ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ କିମ୍ବଦନ୍ତୀ ଭାରତୀୟ ବ୍ୟାଟର ସଚିନ ତେନ୍ଦୁଲକରଙ୍କ ଏକ ପ୍ରତିଛବି ଲର୍ଡ୍ସସ୍ଥିତ ଏମ୍‌ସିସି ମ୍ୟୁଜିୟମରେ ଉନ୍ମୋଚିତ କରାଯାଇଛି। ୧୮ ବର୍ଷ ତଳେ ନିଆଯାଇଥିବା ଫଟୋରୁ ଷ୍ଟୁଆର୍ଟ ପିଅରସନ ରାଇଟ୍ ଚିତ୍ର କରିଛନ୍ତି। ଏହାକୁ ଏବେ କିଛି ମାସ ପାଇଁ ଏମ୍‌ସିସି ମ୍ୟୁଜିୟମରେ ରଖାଯିବ ଏବଂ ପରେ ଏହାକୁ ପାଭିଲିଅନକୁ ସ୍ଥାନାନ୍ତର କରାଯିବ। ପିଅରସନ ରାଇଟ୍ ପୂର୍ବରୁ କପିଳ ଦେବ, ବିଶନ ସିଂ ବେଦୀ ଓ ଦିଲୀପ ଭେଙ୍ଗସରକାରଙ୍କ ଛବି ଆଙ୍କିଥିଲେ। ଏହି ଅବସରରେ ତେନ୍ଦୁଲକର କହିଛନ୍ତି ଯେ, ଏହା ମୋ ପାଇଁ ବହୁତ ବଡ଼ ସମ୍ମାନ। ୧୯୮୩ରେ ଭାରତ ବିଶ୍ୱକପ୍ ଜିତିଲା ବେଳେ ହିଁ ମୁଁ ଲର୍ଡ୍ସକୁ ପ୍ରଥମ ଥର ଦେଖିଥିଲି। ଆମ ଅଧିନାୟକ କପିଳ ଦେବ ବିଶ୍ୱକପ୍ ଉଠାଉଥିବା ଦେଖିଥିଲି। ସେଠାରୁ ହିଁ ମୋର କ୍ରିକେଟ ଅଭିଯାନ ଆରମ୍ଭ ହୋଇଥିଲା। ଆଜି ମୋ ଛବି ପାଭିଲିଅନରେ ଲାଗିବାକୁ ଯାଉଥିବାରୁ ମୋ ଜୀବନ ପୂରା ହୋଇଥିବା ଅନୁଭବ ହେଉଛି। ଏହା ମୋ ପାଇଁ ଖୁବ୍ ସ୍ୱତନ୍ତ୍ର।

# ଟେନିସ ଖେଳାଳିଙ୍କୁ ହତ୍ୟାକଲେ ବାପା

**ଗୁରୁଗ୍ରାମ,୧୦।୭**

ଟେନିସ ଓ କ୍ରୀଡ଼ା ଜଗତକୁ ସ୍ତବ୍ଧ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ଉଦୀୟମାନ ଜାତୀୟ ସ୍ତରୀୟ ଟେନିସ ଖେଳାଳି ୨୫ ବର୍ଷୀୟା ରାଧିକା ଯାଦବଙ୍କୁ ତାଙ୍କ ବାପା ଗୁଳିକରି ହତ୍ୟା କରିଛନ୍ତି। ଏହି ଘଟଣା ଗୁରୁଗ୍ରାମର ସେକ୍ଟର ୫୭ରେ ଘଟିଛି।

ପୋଲିସ ସୂଚନା ଅନୁଯାୟୀ, ରାଧିକାଙ୍କ ବାପା ଦୀପକ ୫ ରାଉଣ୍ଡ ଗୁଳି ଚଳାଇଥିଲେ। ସେଥିରୁ ୩ଟି ଗୁଳି ରାଧିକାଙ୍କୁ ଲାଗିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ବାପାଙ୍କୁ ଗିରଫ କରିଥିଲା। ତାଙ୍କୁ ପଚରାଉଚରା କରିବାରୁ ସେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ଭାଇ ଦେଇଥିବା ଏତଲା ମୁତାବକ, ରାଧିକା ଏକ ଟେନିସ ଏକାଡେମୀ ଚଳାଉଥିବାରୁ ଦୀପକ ଚିନ୍ତିତ ଥିଲେ। କାରଣ ଝିଅ ରୋଜଗାରରେ ଚଳୁଥିବା ନେଇ ଦୀପକଙ୍କୁ ଗାଁ ଲୋକେ ପରିହାସ କରୁଥିଲେ। ଏଥିଯୋଗୁ ସେ ଏକାଡେମୀକୁ ବନ୍ଦ କରିବା ପାଇଁ ଝିଅକୁ ବାରମ୍ବାର କହିଆସୁଥିଲେ। ହେଲେ ସେ ମନା କରିଥିଲେ। ଘଟଣା ଦିନ ବଚସା ପରେ ସେ ଉତ୍କ୍ଷିପ୍ତ ହୋଇ ଏଭଳି କାଣ୍ଡ ଭିଆଇଥିଲେ।


ରାଧିକା ଯାଦବ (ଫାଇଲ ଫଟୋ)

# ଲିଜେଣ୍ଡ ଲିଗ୍ କ୍ରିକେଟ ଫେରିବ

**ନୂଆଦିଲ୍ଲୀ, ୧୦।୭ (ପି.ଟି.)**

ଅବସରପ୍ରାପ୍ତ ଖେଳାଳିମାନଙ୍କୁ ନେଇ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି୨୦ ଇଭେଣ୍ଟ ଲିଜେଣ୍ଡ ଲିଗ୍ କ୍ରିକେଟ ଫେରିବ। ଏହାର ଚତୁର୍ଥ ସିଜନ ନଭେମ୍ବର ୧୯ରୁ ଡିସେମ୍ବର ୧୩ ପର୍ଯ୍ୟନ୍ତ ଭାରତର ୭ଟି ସହରରେ ଅନୁଷ୍ଠିତ ହେବ। ଲିଗ୍ ଚେୟାରମ୍ୟାନ ବିବେକ ଖୁସାଲାନି ଏକ ପ୍ରେସ୍ ଇସ୍ତାହାର ଜରିଆରେ ସୂଚନା ଦେଇଛନ୍ତି। ଇଭେଣ୍ଟର ଅତୀତ ସିଜନଗୁଡ଼ିକରେ ଶିଖର ଧାୱନ, ସୁରେଶ ରାଇନା, ଆରୋନ୍ ଫିଞ୍ଚ, ମାର୍ଟିନ ଗୁପ୍‌ଟିଲ, ଗୌତମ ଗମ୍ଭୀର, ଖ୍ରୀସ୍ ଗେଲ୍, ହାସିମ୍ ଅମ୍ଲା ଓ ରସ୍ ଟେଲଙ୍କ ଭଳି ଖେଳାଳି ସ୍ଥାନ ପାଇଥିଲେ।

# ଆନିସିମୋଭା-ସ୍ୱିଟେକ ଫାଇନାଲ

## ୱିମ୍ବଲଡନ୍ ଟେନିସ୍

**ଲଣ୍ଡନ,୧୦।୭**

ଟେନିସ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ ଚାମ୍ପିୟନଶିପ୍‌ରେ ଗୁରୁବାର ମହିଳା ସିଙ୍ଗଲ୍ସ ଟାଇଟଲ ମୁକାବିଲା ସ୍ପଷ୍ଟ ହୋଇଯାଇଛି। ଶନିବାର ହେବାକୁ ଥିବା ଫାଇନାଲରେ ୫ ଥରର ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଟାଇଟଲ ଅଧିକାରୀ ଇଗା ସ୍ୱିଟେକ ଓ ୧୩ତମ ସିଡ୍ ଆମାଣ୍ଡା ଆନିସିମୋଭା ପରସ୍ପରକୁ ଭେଟିବେ।

ଅନ୍ୟପକ୍ଷରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ପରାଜୟ ସହ ସେମିଫାଇନାଲରୁ ଅଭିଯାନ ଶେଷ କରିଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ୍‌ରେ ୨୩ ବର୍ଷୀୟ ଆନିସିମୋଭା ୬-୪, ୪-୬, ୬-୪ ସେଟ୍‌ରେ ସାବାଲେଙ୍କାଙ୍କୁ ପରାସ୍ତ କରିଛନ୍ତି। ପ୍ରାୟ ୩ ଘଣ୍ଟା ଧରି ଚାଲିଥିବା ମ୍ୟାଚ୍‌ରେ ଦୁଇ ଖେଳାଳିଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଏହି ବିଜୟ ସହ ଆନିସିମୋଭା କ୍ୟାରିୟରରେ ପ୍ରଥମ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ସ୍ୱିଟେକ ୬-୨, ୬-୦ ସିଧାସଳଖ ସେଟ୍‌ରେ ସୁଇଜରଲାଣ୍ଡର ବେଲିଣ୍ଡା ବେନ୍ସିକଙ୍କୁ ହରାଇଛନ୍ତି। ଏହି ବିଜୟ ସହ ପୂର୍ବତନ ନଂ-୧ ଖେଳାଳି ସ୍ୱିଟେକ ପ୍ରଥମ ଥର ପାଇଁ ୱିମ୍ବଲଡନ ଚାମ୍ପିୟନଶିପ୍ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।


ମ୍ୟାଚ୍ ଜିତିବା ପରେ ଆମାଣ୍ଡା ଆନିସିମୋଭା।

# ଅଣଖେଳୁଆଡ଼ ବ୍ୟବହାର ଲାଗି ୧୫ ଖେଳାଳି ଦଣ୍ଡିତ

**ଲଣ୍ଡନ,୧୦।୭(ଏପି):** ବଡ଼ ପାଟିରେ ଖରାପ ଭାଷାରେ ଗାଳି କରିବା, ର୍ୟାକେଟ୍ ଭାଙ୍ଗିବା ଓ ଅଣଖେଳୁଆଡ଼ ବ୍ୟବହାର ଲାଗି ଚଳିତ ୱିମ୍ବଲଡନ ଚାମ୍ପିୟନଶିପ୍‌ରେ ଟେନିସ ଖେଳାଳିଙ୍କୁ ଜରିମାନା କରାଯାଇଛି। ଅଲ୍ ଇଂଲଣ୍ଡ କ୍ଲବ ପକ୍ଷରୁ ନୂଆ ଜରିମାନା ତାଲିକା ଜାରି କରାଯାଇଛି। ଏଥିରେ ୨୦୨୪ ପୁରୁଷ ଡବଲ୍ସ ଚାମ୍ପିୟନ ହେନରୀ ପାଟେନଙ୍କୁ ଗାଳି କରିବା ଲାଗି ୧୨,୫୦୦ ଡଲାର (୧୦.୪୪ ଲକ୍ଷ) ଜରିମାନା କରାଯାଇଛି, ଯାହାକି ସବୁଠୁ ବଡ଼ ଜରିମାନା। ସେ ଗତ ଜୁନ ୨୯ ତାରିଖରେ ପ୍ରାକ୍ଟିସ ଗ୍ରାଉଣ୍ଡରେ ଜଣେ ଷ୍ଟାଫ୍ ସଦସ୍ୟଙ୍କୁ ଗାଳିଗୁଲଜ କରିଥିଲେ। ସେହିଭଳି ଆମାଣ୍ଡା ଆନିସିମୋଭାଙ୍କୁ ଅଣଖେଳୁଆଡ଼ ବ୍ୟବହାର ଲାଗି ୪୦୦୦ ଡଲାର ଜରିମାନା କରାଯାଇଛି। ସମାନ କାରଣ ପାଇଁ ଫ୍ରେଞ୍ଚ ଡବଲ୍ସ ଖେଳାଳି ଥେଓ ଆରିବେଜଙ୍କୁ ୭,୫୦୦ ଡଲାର ଜରିମାନା କରାଯାଇଛି। ମୋଟ ଉପରେ ୭ ପୁରୁଷ ଓ ୮ ମହିଳା ଖେଳାଳିଙ୍କୁ ଜରିମାନା କରାଯାଇଛି।

# ଭାରତ ଏ' ୬-୦ ଗୋଲ୍‌ରେ ବିଜୟୀ

## ୟୁରୋପିଆନ ଟୁର୍

**ଇଣ୍ଡୋଭେନ୍, ୧୦।୭ (ପି.ଟି.)**

ୟୁରୋପିଆନ ଟୁର୍‌ରେ ଭାରତୀୟ 'ଏ' ପୁରୁଷ ହକି ଦଳ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛି। ସ୍ଥାନୀୟ ହକି କ୍ଲବ ଓରାଞ୍ଜେ-ରୁଡ୍‌ଠାରେ ଖେଳାଯାଇଥିବା ମ୍ୟାଚରେ ଦଳ ୬-୦ ଗୋଲ୍‌ରେ ଆୟର୍ଲାଣ୍ଡକୁ ହରାଇ ଦେଇଛି। ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ମ୍ୟାଚରେ ଭାରତ 'ଏ' ଦଳ ୬-୧ ଗୋଲ୍‌ରେ ବିଜୟ ଲାଭ କରିଥିଲା। ଭାରତ 'ଏ' ପକ୍ଷରୁ ଉତ୍ତମ ସିଂ ପ୍ରଥମ ଗୋଲ ସ୍କୋର କରିଥିଲେ। ଅଧିନାୟକ ସଞ୍ଜୟ ଗୋଲ୍‌ରେ ଦଳ ୨-୦ଗୋଲରେ ଅଗ୍ରଣୀ ଲାଭ କରିଥିଲା। ପରେ ମିଡ୍‌ଫିଲ୍ଡର ମହମ୍ମଦ ରାହିଲ ମୋସିନ ପଛକୁ ପଛ ଦୁଇଟି ଗୋଲ୍ ସ୍କୋର କରିଥିଲେ। ଅମନଦୀପ ଲାକ୍ରା ଓ ବରୁଣ କୁମାର ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଭାରତ 'ଏ' ଏହାର ପରବର୍ତ୍ତୀ ମ୍ୟାଚ ଶନିବାର ଫ୍ରାନ୍ସ ବିପକ୍ଷରେ ଖେଳିବ। ଦଳ ଫ୍ରେଞ୍ଚ୍ ଟିମ୍ ବିପକ୍ଷରେ ଅନୁରୂପ ଭଲ ପ୍ରଦର୍ଶନ କରିବ ବୋଲି କୋଚ୍ ଶିବେନ୍ଦ୍ର ସିଂ ଆଶା ପ୍ରକାଶ କରି କହିଛନ୍ତି। ୟୁରୋପ ଟୁର୍‌ରେ ଥିବା ଭାରତ ଦୁଇ ସପ୍ତାହ ମଧ୍ୟରେ ଆୟର୍ଲାଣ୍ଡ ଓ ଫ୍ରାନ୍ସ ବ୍ୟତୀତ ଇଂଲଣ୍ଡ, ବେଲଜିୟମ ଏବଂ ଆୟୋଜକ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ।


ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତରେ ଭାରତର ମହମ୍ମଦ ରାହିଲ ମୋସିନ।

# ହକି ଇଣ୍ଡିଆର ୩୩ ଜଣିଆ ସମ୍ଭାବ୍ୟ ତାଲିକାରେ ଓଡ଼ିଶାର ୪

**ବେଙ୍ଗାଲୁରୁ, ୧୦।୭ (ପି.ଟି.):** ଜାତୀୟ ପୁରୁଷ ହକି ଦଳର କୋଚିଂ କ୍ୟାମ୍ପ ଜୁଲାଇ ୧୪ରୁ ଅଗଷ୍ଟ ୭ ପର୍ଯ୍ୟନ୍ତ ସ୍ଥାନୀୟ ସାଇ ସେଣ୍ଟରଠାରେ ଅନୁଷ୍ଠିତ ହେବ। ଏଥିପାଇଁ ହକି ଇଣ୍ଡିଆ ତରଫରୁ ଏକ ୩୩ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅମିତ ରୋହିଦାସ, ଅମନଦୀପ ଲାକ୍ରା ଶିଳାନନ୍ଦ ଲାକ୍ରା ଓ ନୀଲମ ସଞ୍ଜୀପ ଖେସ୍। ଆଗକୁ ଦୁଇଟି ବଡ଼ ଅନ୍ତର୍ଜାତୀୟ ଇଭେଣ୍ଟ ଖେଳିବାକୁ ଥିବାରୁ ଏହି କ୍ୟାମ୍ପ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ଦଳ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ। ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ରାଜଗିରିରେ ହିରୋ ଏସିଆ କପ୍ ଖେଳିବ।

# ଇଂଲଣ୍ଡ ବିପକ୍ଷ ଟି୨୦: ଭାରତୀୟ ମହିଳା ଦଳର ପ୍ରଥମ ସିରିଜ ବିଜୟ

**ମାଞ୍ଚେଷ୍ଟର,୧୦।୭(ପି.ଟି.):** ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ତୃତୀୟ ଟି୨୦ ମ୍ୟାଚ୍‌କୁ ଭାରତୀୟ ଦଳ ୩ ଓଭର ପୂର୍ବରୁ ୬ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୩-୧ରେ ଆଗୁଆ ରହିଛି। ଇଂଲଣ୍ଡ ବିପକ୍ଷରେ ଏହା ଭାରତୀୟ ମହିଳା ଦଳର ପ୍ରଥମ ଟି୨୦ ସିରିଜ୍ ବିଜୟ। ଜବରଦସ୍ତ ବୋଲିଂ ପ୍ରଦର୍ଶନ ଲାଗି ରାଧା ଯାଦବଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୧୨୬ ରନ କରିଥିଲା। ଦଳ ପାଇଁ ସୋଫିଆ ଡଙ୍କଲି ୨୨ ଓ ଟାମି ବେଉମଣ୍ଟ ୨୦ ରନ କରିଥିଲେ। ଭାରତ ପକ୍ଷରୁ ରାଧା ଯାଦବ ଓ ଶ୍ରୀ ଚରାନି ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ୧୭ ଓଭରରେ ୪ ଉଇକେଟରେ ୧୨୭ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପକ୍ଷରୁ ସ୍ମୃତି ମନ୍ଧାନା ୩୨, ଶେଫାଳୀ ବର୍ମା ୩୧ ଓ ଅଧିନାୟକ ହରମନପ୍ରୀତ କୌର ୨୬ ରନ କରି ଆଉଟ୍ ହୋଇଥିବା ବେଳେ ଜେମିମା ରୋଡ୍ରିଗୁଏଜ ୨୪ ରନ କରି ଆଉଟ୍ ହୋଇଥିଲେ। ଇଂଲଣ୍ଡ ଲାଗି ଚାର୍ଲଟ ଡିନ, ସୋଫି ଏକଲେଷ୍ଟୋନ ଓ ଇସି ୱଙ୍ଗ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ